R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୪୪
ତିଥି : ଦଶମୀ
୨୬ ଫେବୃଆରୀ ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 144
26 February 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଏନ୍‌ସିଇଆର୍‌ଟି ପାଠ୍ୟ ପୁସ୍ତକରେ ବିଚାର ବିଭାଗୀୟ ଦୁର୍ନୀତି ବିଷୟ

# ସୁପ୍ରିମ୍‌କୋର୍ଟ ଖପ୍ପା, ଆଇନ୍ ତା' କାମ କରିବ

ନୂଆଦିଲ୍ଲୀ, ୨୫ ।୨ : ଏନ୍‌ସିଇଆର୍‌ଟି ପାଠ୍ୟ ପୁସ୍ତକରେ ବିଚାର ବିଭାଗରେ ଦୁର୍ନୀତି ଶୀର୍ଷକ ଏକ ବିଷୟକୁ ନେଇ ସୁପ୍ରିମ୍‌କୋର୍ଟ କ୍ଷୁବ୍ଧ ହୋଇଛନ୍ତି । କୌଣସି ସଂସ୍ଥାକୁ ବଦନାମ କରିବା ଲାଗି ଆମେ ଅନୁମତି ଦେବୁନାହିଁ ବୋଲି କଡା ଭାଷାରେ ସୁପ୍ରିମ୍‌କୋର୍ଟ କହିଛନ୍ତି ।

ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏହି ବିଷୟରେ ଚିନ୍ତା ପ୍ରକଟ କରି ଉଲ୍ଲେଖ କରିଛନ୍ତି ଯେ ନ୍ୟାୟପାଳିକାର ସାଧୁତାକୁ ବଦନାମ କରିବାକୁ କିମ୍ବା ପ୍ରଶ୍ନ ଉଠାଇବାକୁ କାହାକୁ ଅନୁମତି ଦେବୁନାହିଁ। ଏହା ନ୍ୟାୟପାଳିକା ଉପରେ ଜାଣିଶୁଣି ଏବଂ ଗମ୍ଭୀର ଆକ୍ରମଣ ପରି ମନେହେଉଛି । ନ୍ୟାୟପାଳିକା ପ୍ରତିଷ୍ଠାନକୁ ଟାର୍ଗେଟ କରିବାକୁ କାହାକୁ ଅନୁମତି ଦେବୁନାହିଁ।



ଆଇନ୍ ତା'ର କାମ କରିବ ବୋଲି ଉଲ୍ଲେଖ କରିଛନ୍ତି। ଏନ୍‌ସିଇଆର୍‌ଟିର ଅଷ୍ଟମଶ୍ରେଣୀ ସାମାଜିକ ବିଜ୍ଞାନ ପାଠ୍ୟ ପୁସ୍ତକରେ ଏଭଳି ବିଷୟ ରହିଛି । ଏଥିରେ ସମାଜରେ ନ୍ୟାୟପାଳିକା ଭୂମିକା ଶୀର୍ଷକ ଅଧ୍ୟାୟ ମଧ୍ୟରେ ନ୍ୟାୟପାଳିକାରେ ଦୁର୍ନୀତି ଶୀର୍ଷକ ଏକ ବିଭାଗ ରହିଛି । ଏଥିରେ ଅଦାଲତଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ବିବରଣୀ ଦିଆଯିବା ସହ ନ୍ୟାୟପାଳିକାର ବିଭିନ୍ନ ସ୍ତରରେ ହେଉଥିବା ଦୁର୍ନୀତିର ଘଟଣା ରିପୋର୍ଟ କରାଯାଇଛି ।ସୁପ୍ରିମ୍‌କୋର୍ଟ ନିଜଆଡୁ ଏହି ମାମଲାକୁ ଗ୍ରହଣ କରିଛନ୍ତି । ସିଜେଆଇ କହିଛନ୍ତି ଯେ କିଛିଦିନ ଅପେକ୍ଷା କରନ୍ତୁ । ବାର ଏବଂ ଖଣ୍ଡପୀଠ ଗୁଡ଼ିକ ଏହାକୁ ନେଇ ଚିନ୍ତିତ । ହାଇକୋର୍ଟର ଜଜ୍ ମଧ୍ୟ ଏନେଇ ଚିନ୍ତା ପ୍ରକଟ କରିଛନ୍ତି । ଆଇନ୍ ତା' ବାଟରେ କାର୍ଯ୍ୟ କରିବ । ବରିଷ୍ଠ ଆଇନଜୀବୀ କପିଲ ଶିବଲ କହିଛନ୍ତି ଯେ ଏନ୍‌ସିଆର୍‌ଟିରେ ଅଷ୍ଟମଶ୍ରେଣୀ ଛାତ୍ରଙ୍କୁ ବିଚାର ବିଭାଗୀୟ ଦୁର୍ନୀତି ଶିକ୍ଷା ଦେବା ଗଭୀର ଚିନ୍ତାଜନକ ବିଷୟ । ସୋସିଆଲ ମିଡିଆରେ ସେ ଉଲ୍ଲେଖ କରିଛନ୍ତି ଯେ କାହିଁକି ବିଚାର ବିଭାଗୀୟ ଦୁର୍ନୀତି ବିଷୟ ରହିଲା । ରାଜନେତାମାନଙ୍କର ବ୍ୟାପକ ଦୁର୍ନୀତି ସମ୍ପର୍କରେ କ'ଣ ହେଲା । ସେହିଭଳି ସରକାରୀ ଚାକିରିଆ ଓ ତଦନ୍ତକାରୀ ସଂସ୍ଥା କଥା କାହିଁକି ଉଲ୍ଲେଖ କରାଗଲାନାହିଁ। ଆଇନ୍ ମନ୍ତ୍ରଣାଳୟ ପକ୍ଷରୁ କିଛିଦିନ ପୂର୍ବରୁ (୯ ପୃଷ୍ଠାରେ)

- ଅଷ୍ଟମଶ୍ରେଣୀ ସାମାଜିକ ବିଜ୍ଞାନ ବହିରେ ରହିଛି ଅଧ୍ୟାୟ
- ନିଜଆଡୁ ମାମଲା କରି ବର୍ଷିଲେ ସୁପ୍ରିମ୍‌କୋର୍ଟ
- କୌଣସି ସଂସ୍ଥାକୁ ବଦନାମ ଲାଗି ଅନୁମତି ଦେବୁନି

# ଇସ୍ରାଏଲରେ ପ୍ରଧାନମନ୍ତ୍ରୀ ମୋଦୀ

### ବିମାନବନ୍ଦରରେ ନେତାନ୍ୟେହୁଙ୍କ ସ୍ୱାଗତ



ନୂଆଦିଲ୍ଲୀ, ୨୫ ।୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଦିନିଆ ଇସ୍ରାଏଲ ଗସ୍ତରେ ଯାଇ ତେଲ୍ ଅଭିଭ୍‌ରେ ପହଞ୍ଚିଛନ୍ତି । ବିମାନ ବନ୍ଦରରେ ତାଙ୍କୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଓ ତାଙ୍କ ପତ୍ନୀ ସାରା ବିମାନ ବନ୍ଦରରେ ସ୍ୱାଗତ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଛି । ୨୦୧୭ରେ ପ୍ରଧାନମନ୍ତ୍ରୀ ଇସ୍ରାଏଲ ଯାଇଥିଲେ, ଏବେ ୯ ବର୍ଷ ପରେ ଆଉଥରେ ଯାଇଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦୀ ସଂସଦ ସେନେଟ୍‌କୁ ସମ୍ବୋଧନ କରିବା ସହ ଜେରୁସଲାମ ଗସ୍ତ କରବାର ଅଛି । ଏହି ଗସ୍ତ ଦୁଇଦେଶର ସମ୍ବନ୍ଧ ଦୃଷ୍ଟିରୁ ବହୁ ଗୁରୁତ୍ୱପୂର୍ଣ୍ଣ ବିମାନବନ୍ଦରରେ ନେତାନ୍ୟେହୁଙ୍କ ସହ ବୈଠକ ପରେ ପ୍ରଧାନମନ୍ତ୍ରୀ ଇସ୍ରାଏଲ ସଂସଦକୁ ସମ୍ବୋଧିତ କରିବାକୁ କାର୍ଯ୍ୟକ୍ରମ ରହିଛି । ଏହାଛଡା ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ମାନାର୍ଥେ ଆଜି ଏକ ରାତ୍ରୀ ଭୋଜନର ଆୟୋଜନ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି । ଦ୍ୱିପାକ୍ଷିକ ବୈଠକ ସହ ଅନେକ ବାଣିଜ୍ୟିକ କ୍ଷେତ୍ରରେ ଚୁକ୍ତି ହେବାର ସମ୍ଭାବନା ରହିଛି ।

## ମାର୍ଚ୍ଚ ପହିଲାରୁ ପାରଦ ୪୦° ଛୁଇଁବ

ଭୁବନେଶ୍ୱର, ୨୫ ।୨ (ସବ୍ୟୁ): ରାଜ୍ୟରେ ଧୀରେ ଧୀରେ ଦିନର ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ପଶ୍ଚିମା ଝଡ଼ ବର୍ଷା ଯୋଗୁଁ ସାମାନ୍ୟ ବ୍ରେକ ଲାଗିଛି । ହେଲେ ୨ରୁ ୩ ଦିନ ପରେ ପୁଣି ବଢ଼ିବ ସର୍ବୋଚ୍ଚ ତାପମାତ୍ରା । ଆସନ୍ତା ମାର୍ଚ୍ଚରୁ ପାରଦ ଉପରମୁହାଁ ହେବ । ଦିନର ତାପମାତ୍ରା ୪୦ ଡିଗ୍ରୀ ଛୁଇଁପାରେ। ଏଭଳି ଆକଳନ କରିଛନ୍ତି ପାଣିପାଗ ବିଶେଷଜ୍ଞ ।

ପାଣିପାଗ ବିଭାଗର କହିବାନୁସାରେ, ରାଜ୍ୟରେ ତାପମାତ୍ରା ବଢ଼ିବ । ଗ୍ରୀଷ୍ମରୁ ଆଉ ତ୍ରାହି ନାହିଁ । ଏଣିକି ଦିନର ପାରଦ ବୃଦ୍ଧି ପାଇବ । ଆଭ୍ୟନ୍ତରୀଣରୁ ଉପକୂଳ ପର୍ଯ୍ୟନ୍ତ ସବୁଠି ତାତି ବଢ଼ିବା ସହିତ (୯ ପୃଷ୍ଠାରେ)

### ଉତ୍ତରପ୍ରଦେଶ ପ୍ରୟାଗରାଜରେ ଶ୍ରୀଜଗନ୍ନାଥ ମନ୍ଦିର ଉଦ୍‌ଘାଟିତ

# ଆସ୍ଥା, ସଂସ୍କୃତି, ଆଧ୍ୟାତ୍ମିକ ଚେତନାର ପୁନଃଜାଗରଣ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫ ।୨ (ସବ୍ୟୁ) : ଶ୍ରୀ ଜଗନ୍ନାଥ ମନ୍ଦିରର ଉଦ୍‌ଘାଟନ କେବଳ ଏକ ସ୍ଥାପତ୍ୟର ଶୁଭାରମ୍ଭ ନୁହେଁ ମାତ୍ର ଏହା ଆସ୍ଥା, ସଂସ୍କୃତି ଏବଂ ଆଧ୍ୟାତ୍ମିକ ଚେତନାର ପୁନଃଜାଗରଣ ବୋଲି ପ୍ରୟାଗରାଜର ପବିତ୍ର ତ୍ରିବେଣୀ ସଙ୍ଗମ କୂଳରେ ନିର୍ମିତ ଜଗନ୍ନାଥ ମନ୍ଦିର ଉଦଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ।

ଏହି ଅବସରରେ ଗଙ୍ଗା ଆରତୀରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହି ଜଗନ୍ନାଥ ମନ୍ଦିର ଓଡ଼ିଶାର ଭକ୍ତି ପରମ୍ପରା ଓ ତ୍ରିବେଣୀ ସଙ୍ଗମର



ଆଧ୍ୟାତ୍ମିକ ମହିମାକୁ ଏକତ୍ର କରି ଜାତୀୟ ଏକତାର ବାର୍ତ୍ତା ପ୍ରସାର କରିବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ କାମନା କରି ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ପ୍ରୟାଗରାଜରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦ୍ୱାରା ଉତ୍ତର ଓ ପୂର୍ବ ଭାରତ ମଧ୍ୟରେ ଏକ ସୁଦୃଢ଼ ଆଧ୍ୟାତ୍ମିକ ସେତୁ ସୃଷ୍ଟି ହୋଇଛି ।

ସେ କହିଥିଲେ ଯେ ପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଶାର ପରିଚୟ ଓ ଗର୍ବର ପ୍ରତୀକ ହେବା ସହ ସମଗ୍ର ଭାରତର ଆତ୍ମା ସହିତ ଜଡିତ। ଶ୍ରୀଜଗନ୍ନାଥ ସଂସ୍କୃତି ସମାନତା, ସେବା ଓ ସମନ୍ୱୟର ବାର୍ତ୍ତା ଦେଇଥାଏ ଏବଂ (୯ ପୃଷ୍ଠାରେ)

# ଭାରତ-ପାକ୍ ଯୁଦ୍ଧ ବନ୍ଦ କରିଛି : ଟ୍ରମ୍ପ



ନୂଆଦିଲ୍ଲୀ, ୨୫ ।୨ : ଆମେରିକା ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପ ପୁଣି ନୂଆ ବିବାଦ ସୃଷ୍ଟି କରିଛନ୍ତି । ସେ କହିଛନ୍ତି ଯେ ସେ ୮ଟି ଯୁଦ୍ଧ ବନ୍ଦ କରିଛନ୍ତି । ଯେଉଁଥିରେ କି ଗତବର୍ଷ ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନାକୁ ସେ ବନ୍ଦ କରିଥିଲେ । ଯଦି ସେ ଏହା ନ କରିଥାନ୍ତେ ତେବେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହେବାଜ୍ ସରିଫଙ୍କ ସମେତ ପାକିସ୍ତାନର ୩.୫ କୋଟି ଲୋକ ମରିଯାଇଥାନ୍ତେ ବୋଲି ଟ୍ରମ୍ପ କହିଛନ୍ତି ।

### ଯୁଦ୍ଧ ବନ୍ଦ ନ ହୋଇଥିଲେ ପାକ୍ ପ୍ରଧାନମନ୍ତ୍ରୀଙ୍କ ସହ ୩.୫ କୋଟି ଲୋକଙ୍କ ମୃତ୍ୟୁ ହୋଇଥାନ୍ତା

ୟୁଏସ୍ କଂଗ୍ରେସରେ ସମ୍ବୋଧନ କରି କହିଛନ୍ତି ଯେ ଆମେ ଏଥିପାଇଁ ଗର୍ବିତ ଯେ ଆମେ ଆମେରିକୀୟମାନଙ୍କୁ ନିଜ ଦେଶରେ ଓ ବିଦେଶରେ ସୁରକ୍ଷିତ କରିପାରିଛୁ । ମୋ କାର୍ଯ୍ୟକାଳର ପ୍ରଥମ ୧୦ ମାସରେ ୮ ଯୁଦ୍ଧ (୯ ପୃଷ୍ଠାରେ)

## ଆତ୍ମସମର୍ପଣ ପୂର୍ବରୁ କମ୍ରେଡ ଅନ୍ୱେଷକୁ ହତ୍ୟା

ଫୁଲବାଣୀ, ୨୫ ।୨ (ସବ୍ୟୁ): କନ୍ଧମାଳ ଜିଲ୍ଲାରେ କେକେବିଏନ ମାଓ ସଙ୍ଗଠନର ପ୍ରାୟ ୨୫ ଜଣ ମାଓବାଦୀଙ୍କ ସ୍ଥିତି ବର୍ତ୍ତମାନ ସଙ୍ଗୀନ ହୋଇପଡିଛି। ସେମାନେ ଏବେ ନା ସଙ୍ଗଠନରେ ସୁରକ୍ଷିତ ଅଛନ୍ତି ନା ସଙ୍ଗଠନ ଛାଡିଲେ ଜୀବନ ରକ୍ଷା କରି ପାରିବେ । ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଛି ସେମାନଙ୍କ ଭିତରେ ।

କେନ୍ଦ୍ର ସରକାରଙ୍କ ଟାର୍ଗେଟ୍ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ମାଓ ମୁକ୍ତ କରିବା ଥିବା ଯୋଗୁଁ ସୁରକ୍ଷା ବାହିନୀ ପୁରା ଦମ୍‌ରେ କୁମ୍ବିଙ୍ଗ ଅପରେସନ ଓ ଏନକାଉଣ୍ଟର ଚଲାଇଛନ୍ତି । ଫଳରେ ଟପ୍ ମାଓ ନେତା ଗଣେଶ ସମେତ ଅନେକ କ୍ୟାଡରର ନେତା ମୃତ୍ୟୁ ବରଣ (୯ ପୃଷ୍ଠାରେ)

### ହୋର୍ଡିଂ ପଡି ଦୁଇଜଣଙ୍କ ମୃତ୍ୟୁ ଘଟଣା

# ଏନ୍‌ଏଚ୍ ଅବରୋଧ, ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା



ଭୁବନେଶ୍ୱର, ୨୫ ।୨ (ସବ୍ୟୁ) : ହୋର୍ଡିଂ ପଡି ଦୁଇଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ଲକ୍ଷ ଲେଖାଏଁ ଟଙ୍କା ସହାୟତା ଘୋଷଣା କରିଛନ୍ତି ।

ମୃତ୍ୟୁ ହୋଇଥିବା ସଚ୍ଚିଦାନନ୍ଦ ପ୍ରଧାନ, ଟୁନା ଗୌଡଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ବୁଧବାର ପୂର୍ବାହ୍ନରେ ଆଇଗିଣିଆ ଗାଁମୁଣ୍ଡ ତ୍ରିନାଥ ମନ୍ଦିର ପାଖରେ ଜାତୀୟ ରାଜପଥକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ । ରାସ୍ତାରୋକ ହେବାରୁ ଲୋକେ ନାହିଁନଥିବା ହୀନସ୍ତା ଭୋଗିଥିଲେ । ଆଇଗିଣିଆ ଛକର ଦୁଇ ପାଶ୍ୱର୍ ଜାତୀୟ ରାଜପଥରେ ଗାଡି ଦୀର୍ଘ ସମୟ ଧରି ଅଟକି ରହିଥିଲା । ବହୁ ସମୟ ଜାତୀୟ ରାଜପଥରେ ଗାଡି ଚଳାଚଳ ବ୍ୟାହତ ହେବା ସାଙ୍ଗକୁ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ପୋଲିସ ଯେତେ (୯ ପୃଷ୍ଠାରେ)

## ବ୍ରହ୍ମ ତାଳଧ୍ୱଜ ନିର୍ମାଣ ଲାଗି ୧ କୋଟିର ସ୍ୱତନ୍ତ୍ର ଅନୁଦାନ

ଭୁବନେଶ୍ୱର, ୨୫ ।୨ (ସବ୍ୟୁ): କେନ୍ଦ୍ରାପଡ଼ାର ପ୍ରଭୁ ବଳଦେବଜିଉଙ୍କ ପାଇଁ ନିର୍ମାଣ ହେବ ନୂତନ ରଥ । ଏଥିପାଇଁ ରାଜ୍ୟ ସରକାର ଆବଶ୍ୟକୀୟ ପାଣ୍ଠି ଯୋଗାଇ ଦେବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଐତିହାସିକ ରଥର ନିର୍ମାଣ ପାଇଁ ୧ କୋଟି ଟଙ୍କାର ଏକ ବିଶେଷ ଅନୁଦାନ ମଞ୍ଜୁର କରିଛନ୍ତି ।

ବିଗତ କିଛି ବର୍ଷ ଧରି ବ୍ରହ୍ମ ତାଳଧ୍ୱଜ ରଥର ୧୪ଟି ଯାକ ଚକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଯାଇଥିଲା । ଫଳରେ ରଥଯାତ୍ରା ସମୟରେ ଅନେକ ବିଘ୍ନ ସୃଷ୍ଟି ହେଉଥିଲା । (୯ ପୃଷ୍ଠାରେ)

# ଦଳିଦେଲା ହାତୀ : ୩ ମୃତ

ରଣପୁର/କୁହୁଡ଼ି, ୨୫ ।୨ (ସବ୍ୟୁ): ଖୋର୍ଦ୍ଧା ବନଖଣ୍ଡର ପୃଥକ ପୃଥକ ସ୍ଥାନରେ ଦୁଇଟି ଭିନ୍ନଭିନ୍ନ ହାତୀ ଆକ୍ରମଣ କରି ପାଦରେ ଦଳି ଦେବାରୁ ବୁଧବାର ଦିନ ୩ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ହେଲେ ନୟାଗଡ଼ ଜିଲା ରଣପୁର ରେଞ୍ଜ ମୟୂରଝଲିଆ ଗାଁର କାଲୁ ମହାରଣା (୫୮) ଓ ଖୋର୍ଦ୍ଧା ଜିଲା କୁଞ୍ଜୁରୀ ନରମାନବୀ ଗାଁର ବାବୁଲି ପରିଡ଼ା (୪୬) । କାଲୁ ପୁଅ ସହ ମିଶି ସକାଳ ସମୟରେ ନିଜ କାଜୁ ଜଙ୍ଗଲ ସଫା କରିବା ପାଇଁ ସାଇକେଲ ଯୋଗେ ଯାଉଥିଲେ । ମୟୂରଝୋଲିଆ ସ୍ୱାସ୍ଥ୍ୟକେନ୍ଦ୍ର ପାଖରେ ହାତୀ ଆକ୍ରମଣ କରିଥିଲା । ଘଟଣାସ୍ଥଳରୁ ପୁଅ ଦୌଡ଼ି ପଳାଇ ଯାଇଥିବା ବେଳେ ବାପା କାଲୁ ବର୍ତ୍ତି ପାରି ନ ଥିଲେ । ହାତୀ ପ୍ରଥମେ କାଲୁଙ୍କ ସାଇକେଲ ଭାଙ୍ଗି ଦେଇଥିଲା । ପରେ କାଲୁଙ୍କୁ ଦଳି ଚକଟି ମାରିଥିଲା ।

ଅନ୍ୟପକ୍ଷେ ଜଙ୍ଗଲରେ ଦନ୍ତାହାତୀ ବୁଲୁଥିବା ବେଳେ ବାବୁଲିଙ୍କୁ ଘର କଞ୍ଜୁରୀ ନରମାନବୀ ଗାଁର ବାଡ଼ିପଟୁ ଭିଡ଼ି ନେଇ ଦଳି ଦେଇଥିଲା । ପ୍ରକାଶ ଥାଉକି, ଗତ ୧ ମାସ ଭିତରେ ରଣପୁର ବନଖଣ୍ଡ ଅଞ୍ଚଳରେ ହାତୀଙ୍କ ଉତ୍ପାତ ବୃଦ୍ଧି ପାଉଛି । ହାତୀ ଆକ୍ରମଣରେ ୨ ରୁ ୩ ଜଣ ପ୍ରାଣ ହରାଇ ସାରିଲେଣି । ତେବେ ବନ ବିଭାଗର ପଦକ୍ଷେପ ନ ଥିବାରୁ ଗୋଟିଏ ପରେ ଗୋଟିଏ ଜୀବନ ଯାଉଛି । ସେହିପରି ଜଙ୍ଗଲିଆ ରାସ୍ତାରେ ନିଜ ନିଜର ଘରକୁ ଫେରୁଥିଲେ ୩ ବନ୍ଧୁ । ଠିକ ଏତିକି ବେଳେ ଏକ ଦନ୍ତାହାତୀ ଏହି ୩ ଜଣଙ୍କୁ ଆକ୍ରମଣ କରିବା ପାଇଁ ଗୋଡାଇଥିଲା । (୯ ପୃଷ୍ଠାରେ)

### ଭିଜିଲାନ୍ସ ଜାଲରେ ଖଣି ବିଭାଗ ଉପନିର୍ଦ୍ଦେଶକ

# ଘରୁ ନଗଦ ୪ କୋଟି ଜବତ

ଭୁବନେଶ୍ୱର, ୨୫ ।୨ (ସବ୍ୟୁ) : କଟକ ସର୍କଲର ଖଣି ବିଭାଗ ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କ ଘରୁ ଭିଜିଲାନ୍ସ ନଗଦ ୪କୋଟି ୨୭ଲକ୍ଷ ୧୩ ହଜାର ୬୦୦ ଟଙ୍କା ଜବତ କରିଛି । ଟଙ୍କା ଜବତରେ ଏହା ଭିଜିଲାନ୍ସରେ ଇତିହାସ ସୃଷ୍ଟି କରିଛି ବୋଲି ଚଢାଉରେ ସାମିଲ ଥିବା ଅଫିସର ସୂଚନା ଦେଇଛନ୍ତି। ଭୁବନେଶ୍ୱର ଶ୍ରୀବିହାର, କଟକ ଅଫିସ୍ ସମେତ ୫ଟି ସ୍ଥାନରେ ଏକ ସଙ୍ଗେ ଚଢାଉ କରାଯାଇଥିଲା । ଜଣେ କୋଇଲା ବ୍ୟବସାୟୀଙ୍କ ଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡିବା ପରେ ୫ଟି ସ୍ଥାନରେ ଚଢାଉ କରାଗଲା ।

ମଙ୍ଗଳବାର ରାତିରେ ଲାଞ୍ଚ ନେବା ବେଳେ ଧରାପଡ଼ିବା ପରେ ଭୁବନେଶ୍ୱର



ପଟିଆ ଶ୍ରୀବିହାର କ୍ରିଷ୍ଟ ଆପାର୍ଟମେଣ୍ଟରେ ଥିବା ୩୦୨ ନମ୍ବର ଭଡା ଘରେ, ପୈତୃକ ଘର ମଠସାହି, ଭଦ୍ରକ ଏବଂ କଟକ ଅଫିସ୍ ଚାମ୍ବରରେ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଥିଲା । ଟଙ୍କା ଗୁଡିକ ଭୁବନେଶ୍ୱର ଫ୍ଲାଟ୍‌ରେ ଥିବା ଟ୍ରଲିବ୍ୟାଗ୍, ଆଲମିରାରୁ ମିଳିଥିବା ଭିଜିଲାନ୍ସ କହିଛି। ଏଥିସହ ଅଫିସ୍ ଡ୍ରୟାରରୁ ୧.୨୦ଲକ୍ଷ ଟଙ୍କା ମିଳିଲା । ପାହାଲରେ ୨୪ବର୍ଗଫୁଟ ଜମିରେ ଦୁଇ ମହଲା କୋଠା ଠାବ ହୋଇଛି । ଏଥିସହ ୩୦୫.୪୦ ଗ୍ରାମ୍ ସୁନାଗହଣା ମଧ୍ୟ ମିଳିଛି । ୬୦୦ ଗ୍ରାମ୍ ରୂପା ଗହଣା ମଧ୍ୟ (୯ ପୃଷ୍ଠାରେ)

- ୩୦ ହଜାର ଲାଞ୍ଚ ନେବାବେଳେ ଧରାପଡ଼ିଥିଲେ
- ଏତେ ନଗଦ ଟଙ୍କା ଦେଖି ଭିଜିଲାନ୍ସ ତାଜୁବ୍

### ନାବାଳିକା ପ୍ରେମ ପାଗେଳିନୀର ଉନ୍ମୁକ୍ତକାଣ୍ଡ

# ମା', ଭାଇକୁ ହତ୍ୟା : ପ୍ରେମିକ, ନାବାଳିକା ସମେତ ୫ ଗିରଫ

ବୋରିଗୁମ୍ମା, ୨୫ ।୨ (ସବ୍ୟୁ) : ଜଣେ ୧୭ ବର୍ଷୀୟା ନାବାଳିକା ପ୍ରେମ ଓ ପ୍ରେମିକ ପାଇଁ ଏଭଳି ଜଘନ୍ୟ କାଣ୍ଡ ଘଟାଇଛି,ଯାହା ବୋରିଗୁମ୍ମା ସମେତ ସାରା କୋରାପୁଟ ଜିଲ୍ଲାରେ ଚାଂଚଲ୍ୟ ସୃଷ୍ଟି କରିଛି । ନାବାଳିକା ଜଣଙ୍କ କେବଳ ପ୍ରେମକୁ ସଫଳତାର ଶୀର୍ଷ ଦେଶରେ ପହଞ୍ଚାଇବା ପାଇଁ ନିଜ ଜନ୍ମ କରିବା ମାଆ ଓ ସାନ ଭାଇକୁ ଜଘନ୍ୟ ହତ୍ୟା କରିବାରେ ପଛାଇନାହିଁ ।

ବୋରିଗୁମ୍ମା ସହର ଦାସିରି ସାହି ପ୍ରେମ ପାଇଁ ହୋଇଛି ଡବଲ ମର୍ଡର । ନାବାଳିକା ଜଣକ ନିଜ ପ୍ରେମିକ ଓ ପ୍ରେମିକ ଙ୍କ ସାଙ୍ଗ ମାନଙ୍କ ସହ ମିଶି ନିଜ ମାଆ ଓ ସାନ ଭାଇକୁ ହତ୍ୟା କରିଛି । ହତ୍ୟାର ଶିକାର ହୋଇଥିବା ମହିଳାଙ୍କ ନାମ ଅନୁଷ୍କା ପରିଡା(୪୫ ବର୍ଷ) ଓ ପୁଅ ଏହେମ ପରିଡା(୧୩ ବର୍ଷ) ।ଆଜି ବୁଦବାର ଦିନ କୋରାପୁଟ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ବୋରିଗୁମ୍ମା ଏସିଁପିଓ କାର୍ଯ୍ୟାଳୟ ପରିସରରେ ସାମ୍ବାଦିକ ସମ୍ମିଳନୀରେ ବହୁ ଚର୍ଚ୍ଚିତ ଡବଲ ମର୍ଡରର ଖୁଲାସା କରିଛନ୍ତି । ଡବଲ ମର୍ଡର (୯ ପୃଷ୍ଠାରେ)



## ଇତିହାସ

୧୮୫୭- ପଶ୍ଚିମବଙ୍ଗରେ ଇଂରେଜଙ୍କ ବିରୋଧରେ ପ୍ରଥମ ସୈନ୍ୟ ବିଦ୍ରୋହ ।

୧୮୭୩- ଆମେରିକାର ୧୬ତମ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍ ଆମେରିକୀୟ ମୁଦ୍ରା ଅଧିନିୟମ ଉପରେ ସ୍ୱାକ୍ଷର କଲେ ।

୧୮୮୭- ଭାରତର ପ୍ରଥମ ମହିଳା ଡାକ୍ତର ଆନନ୍ଦୀ ଗୋପାଳ ଯୋଶୀଙ୍କ ୨୧ ବର୍ଷ ବୟସରେ ଦେହାନ୍ତ ।

୧୯୭୨- ବିକ୍ରମ ଆର୍ଥ ସାଟେଲାଇଟ୍ ଷ୍ଟେସନ୍‌କୁ ଭାରତର ଚତୁର୍ଥ ରାଷ୍ଟ୍ରପତି ଭି.ଭି. ଗିରି ଦେଶ ଉଦ୍ଦେଶ୍ୟରେ ସମର୍ପଣ କଲେ ।

୧୯୭୫- ଗୁଜରାଟର ଅହମ୍ମଦାବାଦରେ ଦେଶର ପ୍ରଥମ ଗୁଡ଼ି ସଂଗ୍ରହାଳୟ "ଶଙ୍କର କେନ୍ଦ୍ର' ସ୍ଥାପନ କରାଗଲା ।

୧୯୯୫- କପିରାଇଟ୍ ପ୍ରସଙ୍ଗରେ ଚୀନ୍ ତଥା ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଚୁକ୍ତି ।

୧୯୯୯- ପାଞ୍ଚଟି ଗ୍ରାମୀ ଆଓ୍ୱାର୍ଡ଼ ଜିତି ରାପର୍ ତଥା ଗାୟିକା ଲରେନ୍ ହିଲ୍ ନୂଆ ରେକର୍ଡ଼ କଲେ ।

## ଚୁଗୁଲି କଲେ ଦଣ୍ଡ

ଛତିଶଗଡର ଏକ ଗ୍ରାମ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛି । ଗାଁର ସମସ୍ତ ଲୋକ ମିଶି କିଛି ଭିନ୍ନ ଧରଣର ନିୟମ କରିଛନ୍ତି ଯେଉଁ କାରଣରୁ ଏହା ଚର୍ଚ୍ଚାକୁ ଆସିଛି । ସୂଚନା ଅନୁସାରେ ଏଠିକାର ଏକ ଗ୍ରାମରେ ଯଦି ଲୋକମାନେ ଅନ୍ୟ ନାଁରେ ଚୁଗୁଲି କରିବେ ତେବେ ଜରିମାନା ଗଣିବାକୁ ହେବ । କେବଳ ଏତିକି ନୁହେଁ ଏଠିକାର ଲୋକଙ୍କ ପାଇଁ ଆହୁରି ଅନେକ ନିୟମ କରାଯାଇଛି । ଯଦି ଗ୍ରାମର କୌଣସି ସ୍ଥାନରେ ଏକାଠି ହୋଇ ଏତା ନାଁରେ ଚୁଗୁଲି କରୁଛନ୍ତି ତେବେ ୫ହଜାର, ମଦ ବିକ୍ରି କରିଲେ କିମ୍ବା କୌଣସି ସାର୍ବଜନିନ ସ୍ଥାନରେ ମଦ ପିଇଲେ ୧୦ ହଜାର ଜରିମାନା ଦେବାକୁ ହେବ । ସେହିଭଳି ଯଦି କୌଣସି ସାମାଜିକ କାର୍ଯ୍ୟ କିମ୍ବା ଧାର୍ମିକ କାର୍ଯ୍ୟରେ ମଦ୍ୟପାନ କରି ସାମିଲ ହେବେ ତେବେ ୫ ହଜାର ଜରିମାନା ଦେବାକୁ ହେବ । ଆଦାୟ ହୋଇଥିବା ଜରିମାନା ଅର୍ଥକୁ ଗ୍ରାମର ବିକାଶ ପାଇଁ ଉପଯୋଗ କରାଯିବ । ସୋସିଆଲ ମିଡିଆରେ ଏହି ନିୟମକୁ ସମସ୍ତେ ଖୁବ ପ୍ରଶଂସା କରିବାରେ ଲାଗିଛନ୍ତି ।



## ସୋସିଆଲ କୋଟ୍ସ

"ତାମିଲ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଅରବ ଅରବ ଅର୍ଥର ରେଭିନ୍ୟୁ ରହିଛି । ଉତ୍ତର ଭାରତରେ ଥିବା କୌଣସି ଭାଷାର ଇଣ୍ଡଷ୍ଟ୍ରୀ ଆମ ଭଳି ବଡ ନୁହେଁ ।

-ଉଦୟନିଧି ଷ୍ଟାଲିନ୍, ଅଭିନେତା





"ମେରି ଜଙ୍ଗ ଫିଲ୍ମ ସମୟରେ ସୁବାସ ଘାଇଙ୍କ ସହିତ ମୋର ବିବାଦ ହୋଇଥିଲା । ଏହାପରେ ସେ ଅନ୍ୟ ଅଭିନେତ୍ରୀଙ୍କୁ ସାଇନ୍ କରାଇଥିଲେ ।

-ମିନାକ୍ଷୀ ଶେଷାଦ୍ରି, ଅଭିନେତ୍ରୀ

"ରୋହିତ ସେଟ୍ଟିଙ୍କ ସହିତ କାମ କରିବା ଯେପରି ସ୍ୱପ୍ନ ଭଳି । ତାଙ୍କର ଭାଇବ୍ରେଣ୍ଟ୍ ଏନର୍ଜି ମୋତେ ଖୁବ ପସନ୍ଦ ଆସିଥାଏ । ସେ ସେଟ୍‌ରେ ମୋତେ ହିରୋ ଭଳି ଲାଗନ୍ତି ।

-ଅର୍ଜୁନ ଦିବେଦୀ, ଅଭିନେତା



## ଥ୍ରିଏଟର ଯାଗ

ଯଶରାଜ ଫିଲ୍ମସର ବହୁପ୍ରତିକ୍ଷିତ ସ୍ପାଏ ୟୁନିଭର୍ସ ଚଳଚ୍ଚିତ୍ର 'ଆଲ୍‌ଫା'କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି, ଯେଉଁଥିରେ ପ୍ରଯୋଜନା ସଂସ୍ଥା ନେଟଫ୍ଲିକ୍ସର ୨୧୫ କୋଟି ଟଙ୍କାର ଓଟିଟି ଅଫରକୁ ପ୍ରତ୍ୟାଖ୍ୟାନ କରିଥିବା ଜଣାପଡ଼ିଛି । ରିପୋର୍ଟ ଅନୁଯାୟୀ, ୨୦୨୬ରେ ଏହି ଫିଲ୍ମକୁ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି, ଯେଉଁଥିରେ ଆଲିଆ ଭଟ୍ଟ ଏବଂ ଶର୍ବରୀ ୱାଘ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି । ଯଦିଓ ନେଟଫ୍ଲିକ୍ସ ଏହି ଫିଲ୍ମକୁ ସିଧାସଳଖ ଷ୍ଟ୍ରିମିଂ ପ୍ଲାଟଫର୍ମରେ ରିଲିଜ୍ କରିବା ପାଇଁ ମୋଟା ଅଙ୍କର ଡିଲ୍ ପ୍ରସ୍ତାବ ଦେଇଥିଲା, ମାତ୍ର ଯଶରାଜ ଫିଲ୍ମସ ଏହାକୁ ଗୁଜବ ବୋଲି କହିବା ସହ ବଡ଼ ପରଦାର ଅନୁଭୂତିକୁ ଗୁରୁତ୍ୱ ଦେଇ ଅଫରକୁ ଖାରଜ କରିଛି । ଫିଲ୍ମର ମୁଖପାତ୍ର କହିଛନ୍ତି ଯେ 'ଆଲ୍‌ଫା' ସେମାନଙ୍କ ପାଇଁ ଏକ ବଡ଼ ପ୍ରୋଜେକ୍ଟ ଏବଂ ଏହାକୁ ସିଧାସଳଖ ଓଟିଟିରେ ରିଲିଜ୍ କରିବାର କୌଣସି ଯୋଜନା ନାହିଁ । ଶିବ ରାୱେଲଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ବବି ଦେଓଲ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି । ପୂର୍ବରୁ ଏହି ଫିଲ୍ମଟି ଗତ ବର୍ଷ ଡିସେମ୍ବରରେ ରିଲିଜ୍ ହେବାର ଥିଲା, କିନ୍ତୁ ଭିଏଫ୍‌ଏକ୍ସ କାମ ବାକି ଥିବାରୁ ଏହାକୁ ୧୭ ଏପ୍ରିଲ ୨୦୨୬କୁ ଘୁଞ୍ଚାଇ ଦିଆଯାଇଥିଲା । ବର୍ତ୍ତମାନ ଏହାର ରିଲିଜ ଖବର ଆସିବାପରେ ଫ୍ୟାନଙ୍କ ଭିତରେ ଖୁବ ଉତ୍ସାହ ଦେଖିବାକୁ ମିଳିଛି ।



## ଫେରିଲେ ବିଲୁପ୍ତ କଇଁଛ

ପ୍ରାୟ ୧୫୦ ବର୍ଷ ପରେ ଗାଲାପାଗୋସ୍ ଦ୍ୱୀପପୁଞ୍ଜର ଫ୍ଲୋରିଆନା ଦ୍ୱୀପକୁ ବିଶାଳକାୟ କଇଁଛମାନଙ୍କର ପ୍ରତ୍ୟାବର୍ତ୍ତନ ଘଟିଛି । ତେବେ ଏହି ପ୍ରକ୍ରିୟାରେ ନାସାର ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଗତ ଫେବୃଆରୀ ୨୦ ତାରିଖରେ ଗାଲାପାଗୋସ୍ ନ୍ୟାସନାଲ୍ ପାର୍କ ନିର୍ଦ୍ଦେଶାଳୟ



ଏବଂ ଏହାର ସହଯୋଗୀ ସଂସ୍ଥାଗୁଡ଼ିକ ମିଶି ୧୫୮ ଟି ବିଶାଳ କଇଁଛଙ୍କୁ ଏହି ଦ୍ୱୀପରେ ଛାଡ଼ିଛନ୍ତି । ଏହି କଇଁଛ ଗୁଡିକ ୧୮୦୦ ମସିହାର ମଧ୍ୟଭାଗରେ ଅତ୍ୟଧିକ ଶିକାର ଏବଂ ବାହ୍ୟ ପରିବେଶରୁ ଆସିଥିବା ହିଂସ୍ର ପ୍ରାଣୀଙ୍କ ଯୋଗୁଁ ଏଠାରୁ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯାଇଥିଲେ । ଏହି କଇଁଛମାନେ ଦ୍ୱୀପର ପରିବେଶ ସନ୍ତୁଳନ ରକ୍ଷା କରିବା ସହ ବନସ୍ପତିର ବିସ୍ତାରରେ ସାହାଯ୍ୟ କରିଥାଆନ୍ତି । ତେଣୁ ସେମାନଙ୍କ ପ୍ରତ୍ୟାବର୍ତ୍ତନ ଦ୍ୱୀପର ପୁନରୁଦ୍ଧାର ପାଇଁ ଏକ ବଡ଼ ସଫଳତା ଭାବେ ବିବେଚନା କରାଯାଉଛି । ବୈଜ୍ଞାନିକମାନେ ନାସାର ଲ୍ୟାଣ୍ଡସାଟ୍, ଗ୍ଲୋବାଲ୍ ପ୍ରେସିପିଟେସନ୍ ମେଜରମେଣ୍ଟ ଏବଂ ଟେରା ସାଟେଲାଇଟ୍‌ର ଡାଟା ବ୍ୟବହାର କରି କଇଁଛଙ୍କ ପାଇଁ ଉପଯୁକ୍ତ ବାସସ୍ଥାନ, ବର୍ଷା, ତାପମାତ୍ରା ଏବଂ ଭୂଭାଗ ଚିହ୍ନଟ କରିଛନ୍ତି, ଯାହା ଆଗାମୀ ୪୦ ବର୍ଷ ପର୍ଯ୍ୟନ୍ତ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବ ।

## କୋଲେଷ୍ଟ୍ରଲ ବୃଦ୍ଧିର ଲକ୍ଷଣ

**ଉଚ୍ଚ କୋଲେଷ୍ଟ୍ରଲ ଆଜିକାଲି ଏକ ସାଧାରଣ ସମସ୍ୟାରେ ପରିଣତ ହେଲାଣି । ଯେ କୌଣସି ବୟସରେ ବି ଏହି ସମସ୍ୟା ଦେଖିବାକୁ ମିଳୁଛି । ତେବେ ଏହା ବଢିବା ସମୟରେ ଆମ ଶରୀରରେ କିଛି ପରିବର୍ତ୍ତନ ଦେଖିବାକୁ ମିଳିଥାଏ, ଯାହା କୋଲେଷ୍ଟ୍ରଲ ବଢିବାର ଲକ୍ଷଣ ହୋଇପାରେ । ତେବେ ଏହି ସବୁ ଲକ୍ଷଣ କେବଳ କୋଲେଷ୍ଟ୍ରଲ ବଢିବାର ହୋଇନଥାଏ । ତେଣୁ ଲକ୍ଷଣ ଦେଖିଲେ ତୁରନ୍ତ ପରୀକ୍ଷା କରିବାସହିତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।**



**ଓଜନ ବୃଦ୍ଧି:** ଓଜନ ବୃଦ୍ଧି, ବିଶେଷ କରି ପେଟ ପାଖରେ ଚର୍ବି ଜମା ହେବା, ଉଚ୍ଚ କୋଲେଷ୍ଟ୍ରଲର ଏକ ପ୍ରମୁଖ କାରଣ ଏବଂ ସଙ୍କେତ ହୋଇପାରେ । ଯେତେବେଳେ ଆପଣଙ୍କ ଓଜନ ବଢ଼େ, ଶରୀରରେ 'ଖରାପ କୋଲେଷ୍ଟ୍ରଲ'ର ମାତ୍ରା ବଢ଼ିଯାଏ ଏବଂ 'ଭଲ କୋଲେଷ୍ଟ୍ରଲ' କମିଯାଏ । ଓଜନ ବଢ଼ିଲେ ଶରୀର ଚର୍ବିକୁ ସଠିକ୍ ଭାବେ ବ୍ୟବହାର କରିପାରେ ନାହିଁ, ଯାହା ଫଳରେ ରକ୍ତନଳୀରେ କୋଲେଷ୍ଟ୍ରଲ ଜମା ହେବା ସହଜ ହୋଇଥାଏ ।

**ରକ୍ତଚାପ:** ଉଚ୍ଚ କୋଲେଷ୍ଟ୍ରଲ ଏବଂ ଉଚ୍ଚ ରକ୍ତଚାପ ପରସ୍ପର ସହ ଜଡ଼ିତ । କୋଲେଷ୍ଟ୍ରଲ ରକ୍ତନଳୀ କାନ୍ଥରେ ଜମା ହୋଇ ଏହାକୁ ଶକ୍ତ ଓ ସଂକୀର୍ଣ୍ଣ କରିଦିଏ । ଏହି କାରଣରୁ ହୃଦୟକୁ ରକ୍ତ ପମ୍ପ କରିବା ପାଇଁ ଅଧିକ ବଳ ପ୍ରୟୋଗ କରିବାକୁ ପଡ଼େ, ଯାହା ରକ୍ତଚାପ ବଢ଼ାଇଥାଏ । ଯଦି କାହାର କୋଲେଷ୍ଟ୍ରଲ ଏବଂ ବିପି ଉଭୟ ଅଧିକ ରହେ, ତେବେ ହୃଦଘାତ ବା ଷ୍ଟ୍ରୋକ୍ ହେବାର ସମ୍ଭାବନା ବହୁତ ବଢ଼ିଯାଏ ।

**ଆଖିରେ ହଳଦିଆ ଦାଗ:** ଆଖିର ପତା କିମ୍ବା କୋଣରେ ଛୋଟ ଛୋଟ ହଳଦିଆ ରଙ୍ଗର ଦାଗ ଦେଖାଯିବା । ଏହା ସିଧାସଳଖ ଚର୍ମ ତଳେ ଚର୍ବି ଜମା ହେବାର ସଙ୍କେତ ହୋଇଥାଏ ।

**ପାଦ ଏବଂ ହାତରେ ଯନ୍ତ୍ରଣା:** ରକ୍ତନଳୀରେ କୋଲେଷ୍ଟ୍ରଲ ଜମିବା ଯୋଗୁଁ ହାତ-ପାଦକୁ ରକ୍ତ ସଞ୍ଚାଳନ କମିଯାଏ । ଏହା ଫଳରେ ଚାଲିବା ସମୟରେ ଗୋଡ଼ରେ ଯନ୍ତ୍ରଣା ହେବା କିମ୍ବା ହାତ-ପାଦ ଝିମ୍‌ଝିମ୍ ହେବା ଭଳି ସମସ୍ୟା ଦେଖାଦିଏ ।

**ଛାତିରେ ଯନ୍ତ୍ରଣା ଓ ଶ୍ୱାସକ୍ରିୟାରେ କଷ୍ଟ:** ହୃଦୟକୁ ରକ୍ତ ଯୋଗାଉଥିବା ଧମନୀରେ କୋଲେଷ୍ଟ୍ରଲ ଜମିଲେ ଛାତିରେ ଚାପ ଅନୁଭବ ହୁଏ । ସାମାନ୍ୟ କାମ କଲେ ମଧ୍ୟ ନିଶ୍ୱାସ ନେବାରେ କଷ୍ଟ ଅନୁଭବ ହୋଇପାରେ ।

**ବାରମ୍ବାର ଥକ୍କା ଲାଗିବା:** ଶରୀରର ପ୍ରତ୍ୟେକ ଅଙ୍ଗକୁ ପର୍ଯ୍ୟାପ୍ତ ରକ୍ତ ଓ ଅମ୍ଳଜାନ ନ ପହଞ୍ଚିବା କାରଣରୁ ବ୍ୟକ୍ତି ସବୁବେଳେ ଥକ୍କା ଓ ଦୁର୍ବଳ ଅନୁଭବ କରେ ।

## ଫାଲଗୁନ ଶୁକ୍ଳପକ୍ଷ ଦଶମୀ

୨୬.୨.୨୦୨୬, ଗୁରୁବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

**ମେଷ:** ନୂତନ ଆୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭ ସମାଚାର, ମାନସିକ ଅବସାଦ, ଗୃହେ ଉତ୍ସବ, ଦେବକାର୍ଯ୍ୟରେ ଆଗ୍ରହ, ସନ୍ତାନ ସମସ୍ୟା, ବିଶିଷ୍ଟ କାର୍ଯ୍ୟରେ ଲାଭ, ଦାମ୍ପତ୍ୟ ସୁଖ, ଅନୁଷ୍ଠାନରୁ ଲାଭ । ଭରଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା- ଶଙ୍କର ଭଗବାନ ।

**ବୃଷ:** ବ୍ୟୟ ବୃଦ୍ଧି, ଲୋକସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଉତ୍ସବ ପ୍ରତି ଆଗ୍ରହ, ଶାରୀରିକ ସୁସ୍ଥତା, କିଛି କାର୍ଯ୍ୟରେ ଅସନ୍ତୁଷ୍ଟ, ସନ୍ତାନ ସମସ୍ୟା, ପାରିବାରିକ ଖୁସି, ସମ୍ପତ୍ତି ଲାଭ । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ସମ୍ମାନ ଲାଭ, ଗୃହେ ଉତ୍ସବ, ତୀର୍ଥାଟନ, ଲୋକସମ୍ପର୍କ ବୃଦ୍ଧି, ଦ୍ରବ୍ୟ ଲାଭ, ପାରିବାରିକ ଖୁସି, ଶୁଭ ଖବର, ବନ୍ଧୁ ଲାଭ, କର୍ମକ୍ଷେତ୍ରରେ ସମ୍ମାନିତ, ମାନସିକ ଶାନ୍ତି । ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୧୨, ଆରାଧନା- ଶ୍ରୀଗଣେଶ ।

**କର୍କଟ:** କର୍ମେ ଖୁସି, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଅର୍ଥ ସମସ୍ୟା, ପାରିବାରିକ ସହଯୋଗ, କର୍ମ ଆରମ୍ଭ, ସମ୍ପତ୍ତି ବିବାଦ, ବ୍ୟବସାୟିକ ଖୁସି, ଭ୍ରମଣ ସୁଖ, ଶାରୀରିକ ସୁସ୍ଥତା । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୮, ଆରାଧନା- ମା' ଭଗବତୀ ।

**ସିଂହ:** ଶାରୀରିକ ସୁସ୍ଥ, ମାନସିକ ଶାନ୍ତି, ସନ୍ତାନ ଖୁସି, ଗୃହେ ଉତ୍ସବ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ, ଅର୍ଥ ପ୍ରାପ୍ତି, ଭ୍ରାତୃଭଗ୍ନିଙ୍କ ସ୍ନେହ, ଦ୍ରବ୍ୟ ଲାଭ, ସମ୍ପତ୍ତି ଲାଭ, ହଠାତ୍ ଦୂର ଯାତ୍ରା । ପୂର୍ବଫାଲ୍‌ଗୁନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୦, ଆରାଧନା- ଲକ୍ଷ୍ମୀନାରାୟଣ ।

**କନ୍ୟା:** ଅର୍ଥ ଲାଭ, ବନ୍ଧୁଗୃହେ ଯାତ୍ରା, ବିବାଦ ସମାଧାନ, ଉଚ୍ଚ ବ୍ୟକ୍ତିଙ୍କ ସହାୟତା, ଦାମ୍ପତ୍ୟ କଳହ, ସନ୍ତାନ ସମସ୍ୟା, ନୂତନ କାର୍ଯ୍ୟ ଆରମ୍ଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁ ପରାଜିତ, ପରିବହନ କ୍ଷେତ୍ରରେ ସମସ୍ୟା, ଭଲ ଆୟ । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶୀ, ସଂଖ୍ୟା-୬, ଆରାଧନା- ମା' କୋଚିଲାଇ ।

**ତୁଳା:** ଆର୍ଥିକ ସୁଖ, ଶୁଭ ଖବର, ପାରିବାରିକ ଖୁସି, ସନ୍ତାନ ସମସ୍ୟା, ମାନସିକ ଅବଦାସ, ସ୍ୱାସ୍ଥ୍ୟ ସମସ୍ୟା, ବ୍ୟବସାୟିକ ଖୁସି, ବ୍ୟକ୍ତି ସହାୟତା, ଦୂର ଯାତ୍ରା, ଗୃହେ ଉତ୍ସବ, ପିତାମାତାଙ୍କ ଚିନ୍ତା । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

**ବିଛା:** ଦ୍ରବ୍ୟ ଲାଭ, ଶୁଭ କାର୍ଯ୍ୟରେ ଯୋଗଦାନ, ଶତ୍ରୁ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା, ମାନସିକ ଅବସାଦ, ଈଶ୍ୱର ବିଶ୍ୱାସ, ଦାମ୍ପତ୍ୟ ସୁଖ, ସନ୍ତାନ ଖୁସି, ଅର୍ଥ ପ୍ରାପ୍ତି, ସମ୍ପତ୍ତି କନ୍ଦଳ । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ ।

**ଧନୁ:** ପିଲାଙ୍କ କଷ୍ଟ, ଗୃହେ ଉତ୍ସବ, ପାରିବାରିକ ଖୁସି, ଅର୍ଥ ସମସ୍ୟା, ଜମିଜମା ଗଣ୍ଡଗୋଳ, ଦୂର ଯାତ୍ରା, ଭ୍ରାତୃ ସ୍ନେହ, ବ୍ୟବସାୟରେ କଷ୍ଟ, ଲୋକସମ୍ପର୍କ ହାନି, ଶାରୀରିକ ସୁସ୍ଥତା, ମାନସିକ ଅବସାଦ । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ପ୍ରତିକାର- ପିତାମାତାଙ୍କ ସେବା ।

**ମକର:** ସନ୍ତାନ ଖୁସି, ପାରିବାରିକ ବିବାଦ, ବ୍ୟବସାୟରେ ଲାଭ କମ, ଦ୍ରବ୍ୟ ନଷ୍ଟ, ବ୍ୟକ୍ତି ସହାୟତା, ବିଦେଶ ଭ୍ରମଣ, ଶାରୀରିକ ସୁସ୍ଥତା, କଚେରୀ ମାମଲା, ଆୟ କମ । ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୫, ଆରାଧନା- ଗ୍ରାମଦେବତୀ ।

**କୁମ୍ଭ:** କର୍ମେ ଖୁସି, ମାନସିକ ଅବସାଦ, ଦୂର ଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ସାହାଯ୍ୟ, ଉତ୍ସବ ପ୍ରତି ବିମୁଖ, ଶାରୀରିକ ଅସୁସ୍ଥ, ଅର୍ଥ ସମସ୍ୟା, ସନ୍ତାନ ସମସ୍ୟା, ବିଦ୍ୟାରେ ସଫଳତା, ନୂତନ କାର୍ଯ୍ୟ ଆରମ୍ଭ । ସତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୬, ପ୍ରତିକାର- ଗାଈଙ୍କୁ ଖାଇବାକୁ ଦେବା ।

**ମୀନ:** ଅଯଥା କଷ୍ଟ, ନୂତନ ଆଶା ପୂର୍ଣ୍ଣ, ସମ୍ପତ୍ତି ଲାଭ, ଭ୍ରାତୃ କଳହ, ବିଶିଷ୍ଟ ବ୍ୟକ୍ତି ସହାୟତା, ଶାରୀରିକ ସୁସ୍ଥତା, ବ୍ୟବସାୟ ଆରମ୍ଭ, ପରିବହନ କ୍ଷେତ୍ରରେ ସମସ୍ୟା, ଅର୍ଥ ସମସ୍ୟା, ଶତ୍ରୁ ସମସ୍ୟା । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା' ଦକ୍ଷିଣକାଳୀ ।



# ବିଏମ୍‌ସିର ୧୦୫୦ କୋଟି ବଜେଟ୍

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ସ୍ୱତନ୍ତ୍ର ବଜେଟ୍ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ୧୦୫୦ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ ହୋଇଛି ।

ବିଏମସି ମୁଖ୍ୟତଃ କେନ୍ଦ୍ରୀୟ ଅନୁଦାନ ଓ ରାଜ୍ୟ ସରକାରଙ୍କ ଅନୁଦାନ ଉପରେ ନିର୍ଭର କରେ । ପୂର୍ବରୁ ଏଥିପାଇଁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କର କୌଣସି ସର୍ତ୍ତ ନଥିଲା । ମାତ୍ର ଏବେ ସରାକର ଅନୁଦାନ ପାଇଁ ବାର୍ଷିକ ଶତକଡା ୧୨.୭୫ ପ୍ରତିଶତ ଆୟ ବୃଦ୍ଧି ପାଇଁ ସର୍ତ୍ତ ରଖିଛନ୍ତି । ତେଣୁ ବିଏମ୍‌ସିକୁ ସରକାରୀ ଅନୁଦାନ ପାଇଁ ଚଳିତ ଆର୍ଥିକ ବର୍ଷ ଆମକୁ ନିଜସ୍ୱ ଆୟ ବୃଦ୍ଧି କରିବାକୁ ପଡିବ ବୋଲି ବିଏମସି ମେୟର ସୁଲୋଚନା ଦାସ କହିଥିଲେ । ଭୁବନେଶ୍ୱରକୁ ସୁସ୍ଥ, ସମୃଦ୍ଧ, ସ୍ୱଚ୍ଛ, ସବୁଜ, ସୁନ୍ଦର ଏବଂ ପରିବେଶ ଅନୁକୂଳ ସହିତ ସୁଦୃଢ ଭିତ୍ତିଭୂମି ପ୍ରତିଷ୍ଠା କରିବାରେ ଏହି ବଜେଟ୍ ବେଶ୍ ସହାୟ ହେବ । ଏହି ବଜେଟ ୨୦୨୬-୨୭ ଆର୍ଥିକ ବର୍ଷରେ ବିଏମ୍ ସିର ନିଜସ୍ୱ ଆୟ ୩୦୦ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ସରକାରୀ ଅନୁଦାନରୁ ୭୫୦କୋଟି ଟଙ୍କା ମିଳିବାର ଆକଳନ କରାଯାଇଛି । ଏହା ଦ୍ୱାରା ରାସ୍ତାଘାଟ, ଡ୍ରେନ, ସୌନ୍ଦର୍ଯ୍ୟକରଣ, ବର୍ଜ୍ୟ ପରିଚାଳନା ଆଦି ସୁଗମ ହୋଇପାରିବ ବୋଲି ସେ କହିଛନ୍ତି । ରକ୍ଷଣାବେକ୍ଷଣ, ସଫେଇ କାର୍ଯ୍ୟ ଓ ଅନ୍ୟାନ୍ୟ ନାଗରିକ ସେବା ପାଇଁ ଏହି ବଜେଟରେ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସହରର ଭିତ୍ତିଭୂମି ବିକାଶ, ପାର୍କ ଓ ସବୁଜ ପରିବେଶ ସୃଷ୍ଟି ପାଇଁ ମଧ୍ୟ ବଜେଟରେ ଆର୍ଥିକ ବ୍ୟବସ୍ଥା ରହିଛି । କେବଳ ସେତିକି ନୁହେଁ ଡିଜିଟାଲ ସେବାର ସଂପ୍ରସାରଣ, ସଫେଇ ବ୍ୟବସ୍ଥାର ସୁଦୃଢ଼ିକରଣ, ପରିବେଶ ସୁରକ୍ଷା ଓ ସମସ୍ତ ବର୍ଗଙ୍କ ପାଇଁ ଉତ୍ତମ ଧରଣର ବାସୋପଯୋଗୀ ପରିବେଶ ପ୍ରଦାନ କରିବା ପାଇଁ ଏହି ବଜେଟରେ ଗୁରୁତ୍ୱାରୋପ କରାଯାଇଛି । ଏହି ବଜେଟ୍ ସହରର ସ୍ଥାୟୀ ଉନ୍ନତି, ସୁସ୍ଥ ଅର୍ଥନୀତି ଓ ନାଗରିକଙ୍କ ଜୀବନ ଧାରଣମାନ ଉନ୍ନତି କରିବା ପାଇଁ ଏକ ଯୁଗାନ୍ତକାରୀ ମାଇଲଖୁଣ୍ଟ ପ୍ରତିଷ୍ଠା କରିବାରେ ବେଶ ସହାୟକ ହେବ ବୋଲି ସମସ୍ତ ସଦସ୍ୟ ସଦସ୍ୟା କହିଛନ୍ତି ।

| ବଜେଟ୍ ସାରାଂଶ |
|---|
| ନିଜସ୍ୱ ଆୟ ୩୦୦ କୋଟି ଟଙ୍କା |
| କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନ ୭୫୦ କୋଟି ଟଙ୍କା |
| ମୋଟ ଆୟ ୧୦୫୦ କୋଟି ଟଙ୍କା |
| **ବ୍ୟୟ: ପ୍ରଶାସନିକ ସେବା, ପରିମଳ ଓ ଆନୁଷଙ୍ଗିକ ବ୍ୟୟ ବରାଦ** |
| ବିଭିନ୍ନ ଆନୁଷଙ୍ଗିକ ଓ ପ୍ରଶାସନିକ ବ୍ୟୟ ୬୩୯.୪୧ କୋଟି ଟଙ୍କା |
| ଦରମା ଓ ପେନସନ୍ ବାବଦରେ ବ୍ୟୟ ୧୩୨.୧୯ କୋଟି ଟଙ୍କା |
| ପ୍ରଶାସନିକ ବ୍ୟୟ ୩୩.୨୮ କୋଟି ଟଙ୍କା |
| ପରିମଳ ଓ ସଫେଇ ବାବଦରେ ବ୍ୟୟ ୧୮୨.୦୦ କୋଟି ଟଙ୍କା |
| ବାୟୋ ମାଇନିଂ କାର୍ଯ୍ୟ ବାବଦରେ ବ୍ୟୟ ୨୪.୬୧ କୋଟି ଟଙ୍କା |
| **ବଜେଟରେ ଭିତ୍ତିଭୂମିର ବିକାଶ** |
| ନୂତନ ରାସ୍ତା ନିର୍ମାଣ ପାଇଁ ବ୍ୟୟ ୯୦.୦୦ କୋଟି ଟଙ୍କା |
| ନାଳ ଓ ଡ୍ରେନେଜ୍ ବ୍ୟବସ୍ଥା ପାଇଁ ୭୫.୦୦ କୋଟି ଟଙ୍କା |
| ବର୍ଜ୍ୟ ପରିଚାଳନା କେନ୍ଦ୍ର ପାଇଁ ୧୦.୨୮ କୋଟି ଟଙ୍କା |
| ଶ୍ମଶାନ ଉନ୍ନତି ପାଇଁ ୧୫.୭୫ କୋଟି ଟଙ୍କା |

## ଝିଅର ମାଟ୍ରିକ ପରୀକ୍ଷା ପାଇଁ ଆଜୀବନ ସଜା ଭୋଗୁଥିବା କଏଦୀକୁ ହାଇକୋର୍ଟର ଅନ୍ତରୀଣ ଜାମିନ

ଜଗତସିଂହପୁର,(ସବ୍ୟୁ) :ଝିଅର ମାଟ୍ରିକ ପରୀକ୍ଷା ପାଇଁ ଜଣେ ଆଜୀବନ ସଜା ଭୋଗୁଥିବା କଏଦୀଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରି ମହାନତା ଦେଖାଇଛନ୍ତି ମାନ୍ୟବର ଉଚ୍ଚ ନ୍ୟାୟାଳୟ।ଏପରି ଦେଖିବାକୁ ମିଳିଛି ଆଲିପିଙ୍ଗଳ ସ୍ଥିତ ଜଗତସିଂହପୁର ଜିଲ୍ଲା କାରାଗାରରେ ଆଜୀବନ ସଜା ଭୋଗୁଥିବା ଆଲିପିଙ୍ଗଳ ଗ୍ରାମର ଶ୍ରୀନିବାସ ପାତ୍ରଙ୍କ କ୍ଷେତ୍ରରେ।୨୦୧୦ ମସିହାରେ ଶ୍ରୀନିବାସ ଘରୋଇ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହେବା ସହିତ ୩ ବର୍ଷ ହେବ ଜେଲରେ ସଜା କାଟୁଛନ୍ତି । ଚଳିତ ବର୍ଷ ଶ୍ରୀନିବାସଙ୍କ ଝିଅ ମାଟ୍ରିକ ପରୀକ୍ଷା ଦେଉଛି।ଘର ଠାରୁ ୫ କିଲୋମିଟର ଦୂର ବୀଣାପାଣୀ ହାଇସ୍କୁଲରେ ପରୀକ୍ଷା ସେଣ୍ଟର ରହିଛି । ଶ୍ରୀନିବାସ ଜେଲରେ ରହିବା ପରେ ଘରେ ତାଙ୍କର ୭୬ ବର୍ଷୀୟ ବୃଦ୍ଧ ବାପା ସରୋଜ ପାତ୍ର ଓ ୭୦ ବର୍ଷୀୟା ବୃଦ୍ଧା ମାଆ ଚନ୍ଦନା ପାତ୍ରଙ୍କ ନିକଟରେ ଶ୍ରୀନିବାସଙ୍କ ଝିଅ ରହୁଛି । ଚଳିତ ବର୍ଷ ଫେବୃଆରୀ ୧୯ ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ମାଟ୍ରିକ ପରିକ୍ଷା ଚାଲିବା ଓ ପରୀକ୍ଷାକୁ ନେବା ଆଣିବାରେ ଅସୁବିଧାକୁ ଲକ୍ଷ୍ୟ କରି ଶ୍ରୀନିବାସ ହାଇକୋର୍ଟରେ ଝିଅକୁ ପରୀକ୍ଷା ନେବା ଆଣିବା ପାଇଁ ଅନ୍ତରୀଣ ଜାମିନ ପାଇଁ ଆବେଦନ କରିଥିଲେ ଓ ଝିଅର ଆଡମିଟ କାର୍ଡକୁ ମଧ୍ୟ ଅଦାଲତରେ ଦାଖଲ କରିଥିଲେ । ଉକ୍ତ ଆବେଦନକୁ ଭିତ୍ତି କରି ହାଇକୋର୍ଟ ଗତ ଫେବୃଆରୀ ୧୮ ତାରିଖରେ ଜଗତସିଂହପୁର ଥାନାକୁ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ଏକ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜଗତସିଂହପୁର ପୋଲିସ ତଦନ୍ତ କରି ୨୦ତାରିଖରେ ରିପୋର୍ଟ ହାଇକୋର୍ଟରେ ଦାଖଲ କରିଥିଲେ । ହାଇକୋର୍ଟ ଆବେଦନର ସତ୍ୟାସତ୍ୟକୁ ଭିତ୍ତିକରି ୧୦ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି । ଜାମିନ ଅବଧି ପୁରିବା ପରେ ପୁଣି ଥରେ ଶ୍ରୀନିବାସ କୋର୍ଟରେ ଆତ୍ମସମର୍ପଣ କରିବେ ବୋଲି ନିର୍ଦ୍ଦେଶ ରହିଛି । ଏହି ନିର୍ଦ୍ଦେଶ ପାଇବା ପରେ ଗତ ୨୪ ତାରିଖ ସଂଧ୍ୟାରେ ଶ୍ରୀନିବାସ ଜେଲରୁ ବାହାରି ଥିଲେ ଓ ବୁଧବାର ଝିଅକୁ ପରୀକ୍ଷା କେନ୍ଦ୍ରକୁ ନେଇଥିବା ଦେଖାଯାଇଥିଲା । ଜେଲରୁ ବାହାରିବା ପରେ ଶ୍ରୀନିବାସ ବହୁତ ଖୁସି ରହିଥିବା କହିଥିବା ବେଳେ ହାଇକୋର୍ଟର ଏହି ମହାନତା ପାଇଁ କୃତଜ୍ଞତା ଜଣାଇଥିଲ। ମାଟ୍ରିକ ପରୀକ୍ଷା ସମୟରେ ମୁଁ ପାଖରେ ନଥିବାରୁ ମୋର ଏକମାତ୍ର ଝିଅ ମାନସିକ ଚାପରେ ରହୁଥିଲା । ଏବେ ଝିଅ ପାଖରେ ରହିଲେ ଝିଅର ପରୀକ୍ଷା ଭଲ ହେବ ଓ ତାର ଭବିଷ୍ୟତ ପାଇଁ ସେ ବହୁ ଚିନ୍ତିତ ବୋଲି ଶ୍ରୀନିବାସ କହିଥିଲେ ।

## ସୋଆରେ ଏକ ଦିବସୀୟ "ବିକଶିତ ଭାରତ ୟୁଥ ପାର୍ଲିଆମେଣ୍ଟ -୨୦୨୬' କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ) : କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଅନ୍ତର୍ଗତ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଏବଂ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବୁଧବାର ଖୋର୍ଦ୍ଧା ଜିଲ୍ଲା ନିମନ୍ତେ ବିକଶିତ ଭାରତୟୁଥ ପାର୍ଲିଆମେଣ୍ଟ -୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଆଜିର ଯୁବପିଢ଼ିଙ୍କୁ ଭବିଷ୍ୟତର ସର୍ବଶ୍ରେଷ୍ଠ ରାଷ୍ଟ୍ର ନିର୍ମାଣକାରୀ ଭାବେ ଗଢ଼ି ତୋଳିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର "ବିକଶିତ ଭାରତ ୨୦୪୭' ସ୍ୱପ୍ନ ଏକ ମହାନ ପ୍ରୟାସ ବୋଲି ସେ କହିଥିଲେ । ନବୀନ ଭାରତ ଓ ନବୀନ ଓଡ଼ିଶା ଗଠନ କରିବାରେ ଯୁବପିଢ଼ିଙ୍କ ଭୂମିକା ସ୍ୱତନ୍ତ୍ର । ଏହି ବିକଶିତ ଭାରତୟୁଥ ପାର୍ଲିଆମେଂଟ- ୨୦୨୬ରେ ଭାରତୀୟ ଗଣତନ୍ତ୍ରର ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ ପୂର୍ତ୍ତୀରେ ଏହା ଦ୍ୱାରା ସମ୍ବିଧାନରେ ଯେଉଁ ସବୁ ପରିବର୍ତନ ଦେଖାଯାଇଥିଲା ଏବଂ ବର୍ତମାନ ପରିସ୍ଥିତରେ କେଉଁ ସବୁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ସେ ନେଇ ମତ ରଖିଥିଲେ । ଦେଶ ଓ ରାଜ୍ୟକୁ ଶକ୍ତିଶାଳୀ ଓ ବିକଶିତ କରିବାକୁ ହେଲେ ପ୍ରତ୍ୟେକ ଯୁବକଯୁବତୀ ନିଶା ମୁକ୍ତ ହେବା ପାଇଁ ସଂକଳ୍ପବଦ୍ଧ ହେବା ଉଚିତ୍ ବୋଲି ସେ ଆହ୍ୱାନ ଦେଇଥିଲେ । ସମ୍ପ୍ରତି ଏଆଇ ଯୁଗରେ ଏହି ଜ୍ଞାନ କୌଶଳକୁ ସକରାତ୍ମକ ଭାବେ ବ୍ୟବହାର କରିବା ଆବଶ୍ୟକ । ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତୀରେ ସାରା ବିଶ୍ୱରେ ଅର୍ଥନୀତି କ୍ଷେତ୍ରରେ ଭାରତ ୪ର୍ଥ ସ୍ଥାନରେ ପହଂଚିପାରିଛି । ନିଜ ଭିତରେ ସଂକଳ୍ପ ଓ ସ୍ୱପ୍ନ ରଖି ୨୦୪୭ ମସିହାରେ ସାରା ବିଶ୍ୱରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିବା ନିମନ୍ତେ ବର୍ତମାନ ଓ ଭବିଷ୍ୟତର କାର୍ଯ୍ୟକ୍ରମ କ'ଣ ରହିବା ଦରକାର ଏହା ପର୍ଯ୍ୟାଲୋଚନା କରିବା ଉଚିତ୍ ବୋଲି ସେ କହିଥିଲେ । ଆଗାମୀ ଦିନ ମାନଙ୍କରେ ଓଡ଼ିଶାର ସଂସ୍କୃତି ଓ କଳାର ପ୍ରଚାର ପ୍ରସାର କରିବା ସହ ନିଜ ଭିତରେ ନେତୃତ୍ୱ ମନୋଭାବ ନେଇ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନ କରିବା ଦିଗରେ ପ୍ରତିଯୋଗୀମାନଙ୍କୁ ଶ୍ରୀ ସିଂ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍ ଭୁବନେଶ୍ୱରର ଆଂଚଳିକ ନିର୍ଦ୍ଦେଶିକ ସୁଶ୍ରୀ ସରିତା ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଭାରତ ସରକାର ଏହି "ବିକଶିତ ଭାରତୟୁଥ ପାର୍ଲିଆମେଂଟ ୨୦୨୬' ଦ୍ୱାରା ଅନେକ ଯୁବ ପ୍ରତିଭାଙ୍କୁ ଆଗକୁ ବଢ଼ିବାର ସୁଯୋଗ ପ୍ରଦାନ କରିଥିବା ବେଳେ ସେମାନେ ନିଜର ପ୍ରତିଭା, ବିଚାର ଓ ଦାୟିତ୍ୱକୁ ସର୍ବସମ୍ମୁଖରେ ଉପସ୍ଥାପିତ କରିବା ପାଇଁ ଏହି ମଂଚ ବେଶ ସହାୟକ ହୋଇପାରିଛି । ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି "ବିକଶିତ ଭାରତୟୁଥ ପାର୍ଲିଆମେଣ୍ଟ ୨୦୨୬'ର ମୂଳ ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ । ପ୍ରତିଯୋଗୀମାନେ ପୁରସ୍କାର ନିମନ୍ତେ ପ୍ରତିଯୋଗିତାରେ ଅଂଶ ଗ୍ରହଣ ନ କରି ଜ୍ଞାନ ଆହରଣ କରିବା ଜରୁରୀ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ପ୍ରସଙ୍ଗ ଫିଫ୍‌ଟି ଇୟର୍ସ ଅଫ୍ ଏମର୍ଜେନ୍ସି: ଲେସନ୍‌ସ ଫର ଇଣ୍ଡିଆନ୍ ଡେମୋକ୍ରେସି ରହିଥିଲା । ଏହି ପ୍ରସଙ୍ଗରେ ପ୍ରତିଯୋଗୀମାନେ ଇଂରାଜୀ, ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ନିଜର ବକ୍ତୃତା ପ୍ରଦାନ କରିଥିଲେ । ଏଥିରେ ୨୦୦ପ୍ରତିଯୋଗୀ ଭାଗ ନେଇଥିଲେ । ଖୋର୍ଦ୍ଧା ଜିଲ୍ଲାର ମେରାୟୁବା ଭାରତର ଡିଷ୍ଟ୍ରିକ୍ଟ ୟୁଥ ଅଫିସର ତଥା ପ୍ରୋଗ୍ରାମ କୋଅର୍ଡିନେଟର ନିଖିଲ କେ., ଏନ୍‌ଏସ୍‌ଏସ୍ ଭୁବନେଶ୍ୱରରୟୁଥ ଅଫିସର ଏ.ଏସ୍. କବିର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖି ବିକଶିତ ଭାରତ ଏବଂ ୫୦ ବର୍ଷର ଗଣତନ୍ତ୍ର ଉପରେ ଆଧାରିତ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । ଏହି ପ୍ରତିଯୋଗୀମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ସହ ଜାତୀୟସ୍ତରୀୟ ପାର୍ଲାମେଣ୍ଟକୁ ମନୋନୀତ ହେବେ ବୋଲି ଆୟୋଜକ ସୂଚନା ପ୍ରଦାନ କରିଥିଲେ । ଏନ୍‌ଏସଏସ୍‌ର ସଂଯୋଜକ ପ୍ରଫେସର କମଳ ଲୋଚନ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

### ଜାତୀୟ ରାଜପଥ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଉଚ୍ଚସ୍ତରୀୟ ସମୀକ୍ଷା

## ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାରେ ଜାତୀୟ ରାଜପଥ ପ୍ରକଳ୍ପଗୁଡ଼ିକ ଅଗ୍ରଗତି ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଆଜି ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୧୪ଟି ଚାଲୁଥିବା ଜାତୀୟ ରାଜପଥ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା । ଏଥିରେ ୨୧ କିଲୋମିଟର ଦୀର୍ଘ କଟକ-କନ୍ଦରପୁର ରାସ୍ତା, ୧୧୧ କିଲୋମିଟର ଦୀର୍ଘ କ୍ୟାପିଟାଲ ରିଜିୟନ ରିଙ୍ଗ ରୋଡ଼, ମୋହନା-କୋରାପୁଟ ରାସ୍ତା ସମେତ ସମ୍ବଲପୁର, ବୋରିଗୁମ୍ମା, ଜୟପୁର, ଟିଟିଲାଗଡ଼, ଧର୍ମଗଡ଼, ରାଇରଙ୍ଗପୁର, ଫୁଲବାଣୀ, ନବରଙ୍ଗପୁର ଓ ଝାରସୁଗୁଡ଼ା ବାଇପାସ୍ ରାସ୍ତା ନିର୍ମାଣ ସମ୍ପର୍କରେ



ଆଲୋଚନା ହୋଇଥିଲା । ଏଥିସହିତ ଇନ୍ଦ୍ରାବତୀ, ନାଗାବଳୀ ଓ ତେଲ୍ ନଦୀ ଉପରେ ସେତୁ ନିର୍ମାଣ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା ହୋଇଥିଲା । ଏଥିରେ ଜମି ଅଧିଗ୍ରହଣ ଓ କ୍ଷତିପୂରଣ ପ୍ରଦାନ, ଜଙ୍ଗଲ ଜମି ଅଧିଗ୍ରହଣ ନେଇ ଥିବା ଜଟିଳତା ଦୂରୀକରଣ ଓ ବିଦ୍ୟୁତ, ପାନୀୟଜଳ ଓ ଟେଲିକମ୍ ଆଦି ୟୁଟିଲିଟି ସ୍ଥାନାନ୍ତରଣ ନେଇ ଆଲୋଚନା ହୋଇଥିଲା । ବୈଠକରେ ସମୟସୀମା ମଧ୍ୟରେ ଅପେକ୍ଷିତ କାର୍ଯ୍ୟ ସମ୍ପାଦନ କରି ପ୍ରକଳ୍ପ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ଜିଲ୍ଲାପାଳ ଓ ବିଭାଗୀୟ ଅଧୀକାରୀଙ୍କୁ ପୂର୍ତ୍ତ ମନ୍ତ୍ରୀ ହରିଚନ୍ଦନ ଓ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ, ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ,ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଓ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଆଭାସୀ ମାଧ୍ୟମରେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲପାଳ ଓ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ବିସିଟିଙ୍କୁ ସାମାଜିକ ସେବା ରତ୍ନ ସମ୍ମାନ

କଟକ,(ସବ୍ୟୁ): ଅଗ୍ରଣୀ ସାମାଜିକ ସଂଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ,ଓଡ଼ିଶା(ବିସିଟି)କୁ ରକ୍ତଦାନ ମହା ସେବା,ସମାଜସେବା, ପରିବେଶ ସୁରକ୍ଷା,ଆଶ୍ରମ ସେବା,ଖାଦ୍ୟବଣ୍ଟନ,ଚିକିତ୍ସାଳୟରେ ସଫେଇ କାର୍ଯ୍ୟ, ପୂଜ୍ୟପୂଜା,ଶିଶୁ କର୍କଟ ରୋଗୀଙ୍କ ସେବା ଶୁଶ୍ରୁଷା କାର୍ଯ୍ୟ ଆଦି ବହୁବିଧ ଅତି ମାନବୀୟ ଜନ ହିତକର କାର୍ଯ୍ୟ ନେଇ ଅଗ୍ରଣୀ ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେ ପକ୍ଷରୁ ଆୟୋଜିତ ରୌପ୍ୟ ଜୟନ୍ତୀ ପାଳିତ ଅବସରରେ ଦିବ୍ୟାଲୋକ ସନ୍ଧାନେ ସାମାଜିକ ସେବା ରତ୍ନ ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । ଏହି ସମ୍ବର୍ଦ୍ଧନା ଟ୍ରଷ୍ଟ ଅଧ୍ୟକ୍ଷ ମହାନ୍ ରକ୍ତଦାତା ଇଂ.ବିମଳ ଚନ୍ଦ୍ର ଦାସ,ସମ୍ପାଦକ ସମାଜସେବୀ ପ୍ରିନ୍ସ ନନ୍ଦ ଓ ରାଜ୍ୟ ସଂଯୋଜକ ଅଦ୍ୱୈତ ନନ୍ଦ,ତ୍ରିଦଣ୍ଡି ସ୍ୱାମୀ ଭକ୍ତି ଗୌରବ ସଚ୍ଚିଦାନନ୍ଦ ଦାସ



ଦକ୍ଷ ସଂଗଠକ ଇଂ.ସେବକ ଶ୍ରୀକାନ୍ତ ପ୍ରମୁଖ ଉପସ୍ଥିତ ରହି ଗ୍ରହଣ କରିଥିଲେ । ସମ୍ବର୍ଦ୍ଧନା ସଭାରେ ପତ୍ରିକାର ମୁଖ୍ୟ ସମ୍ପାଦକ ଡଃ.ଶରତ କୁମାର ରଥ,ପତ୍ରିକାର ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀ,ସ୍ୱାମୀ ମହାରାଜ, ସାମ୍ବାଦିକ କାନନ ବିହାରୀ ନାୟକ,ସାହିତ୍ୟିକ ରଞ୍ଜନ କୁମାର ଦାସ,ଡକ୍ଟର ଶରତ କୁମାର ବିଶ୍ୱାଳ,ଡାକ୍ତର ଶଙ୍କର ରାମଚନ୍ଦାନି, ଇଂ.ବିପ୍ଳବ ଦାସ,ଇଂ.ରାମଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ତିତିରା ଗାଁରେ ଉପଜିଲ୍ଲାପାଳଙ୍କ ଚଢ଼ାଉ ୫୦୦ ବସ୍ତାରୁ ଉର୍ଦ୍ଧ୍ୱ ବେଆଇନ ଧାନ ଜବତ

ଜଗତସିଂହପୁର, (ସବ୍ୟୁ): ଜଗତସିଂହପୁର ଜିଲା ବାଲିକୁଦା ବ୍ଲକ ତିତିରା ଗାଁରେ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଚାରି ଜଣିଆ ଟିମ ଚଢ଼ାଉ କରି ବେଆଇନ ଭାବରେ ଗଛିତ ଥିବା ୫୦୦ ବସ୍ତା ରୁ ଉର୍ଦ୍ଧ ଧାନ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ଜଣେ ଚୋରା ଧାନ ବ୍ୟସାୟୀ ଅଟକ ରଖାଯାଇଛି। ଚୋରା ଧାନ ବ୍ୟବସାୟୀ ତିତିରା ଗାଁର ରମେଶ ଚନ୍ଦ୍ର ଭୋଳା ସେ ଚାଷୀ ମାନଙ୍କ ଠାରୁ କମ ମୂଲ୍ୟରେ ଧାନ କିଣି ତାକୁ ସ୍ଥାନୀୟ କିଛି ମିଲରଙ୍କ ସମେତ ରାଜ୍ୟ ବାହାରକୁ ଚୋରା ଚାଲାଣ ପାଇଁ ଗଛିତ ରଖିଥିବା ଜଣା ଯାଇଛି। ଆଜି ରାତିରେ ଚୋରା ଚାଲାଣ ହୋଇଥାନ୍ତା ଏହି ଧାନ। ତା ପୂର୍ବରୁ ଖବର ପାଇ ଉପଜିଲାପାଳ ବେଆଇନ ଗଛିତ ଥିବା ଧାନ ଗୋଦାମ ଉପରେ ଚଢ଼ାଉ କରିଥିବା ସହ ଗୋଦାମକୁ ସିଲ କରିଛନ୍ତି। ଏହି ଚଢ଼ାଉରେ ଉପଜିଲ୍ଲାପାଳଙ୍କ ସମେତ ବାଲିକୁଦା ତହସିଲଦାର ବିକାଶ ରଞ୍ଜନ, ଆଡିସନାଲ ତହସିଲଦାର ଓ ଥାନା ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା କାଲି ବିଧିବଦ୍ଧ ଭାବରେ ସମ୍ପୃକ୍ତ ଚୋରା ଧାନ ବ୍ୟବସାୟୀଙ୍କ ବିରୁଦ୍ଧରେ ଏତାଲା ହେବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ କହିଛନ୍ତି।

## ସାଇବର ଠକେଇ ଅଭିଯୋଗରେ ମାମଲା ରୁଜୁ, ତଦନ୍ତ ଆରମ୍ଭ

ପାଣିକୋଇଲି, (ସବ୍ୟୁ) : ଅପରେସନ ସାଇବର କବଚ ରାଜ୍ୟରେ ଆରମ୍ଭ ହୋଇଛି। ସାଇବର ଅପରାଧ ଉପରେ ଲଗାମ ଲଗାଇବାକୁ ଓଡିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଛି ଅପରେସନ କବଚ। ରାଜ୍ୟର ବିଭିନ୍ନ ଅଂଚଳରେ ଥିବା ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଉଛି। କେତେକ ସ୍ଥାନରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ କେତେକ ସ୍ଥାନରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଏହି କ୍ରମରେ ପାଣିକୋଇଲି ପୁଲିସ ବ୍ୟାଙ୍କରୁ ଅଭିଯୋଗ ପାଇ ସାଇବର ଠକେଇ ନେଇ ଏକ ମାମଲା ୬୦/୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଛି । ବିଭିନ୍ନ ସମୟରେ କିଛି ଜମାଖାତାଧାରୀ ସାଇବର ଠକେଇର ଶିକାର ହେଉଥିବା ବେଳେ କିଛି ଜମାଖାତାଧାରୀ ମଧ୍ୟ ଏହି ଠକେଇ କରୁଛନ୍ତି । ଥାନାଅଧିକାରୀ ରଂଜିତ ମହାନ୍ତି ନିଜେ ଏହି ମାମଲାର ତଦନ୍ତ କରୁଛନ୍ତି । ପାଣିକୋଇଲି ସ୍ଥିତ ଭାରତୀୟ ଡିସିବି ୩ଟି ଆକାଉଣ୍ଟ ଫ୍ରିଜ କରାଯିବା ସହ ଜମାଖାତାଧିକାରୀଙ୍କ ନାମରେ ମାମଲା ରୁଜୁ କରାଯାଇଛି। ପାଣିକୋଇଲ ଡିସିବି ଶାଖାର ଜମାଖାତାଧାରୀ ମନୋଜ ଦାଶ, ଲକ୍ଷ୍ମୀଧର ଦାସ, ରବିନ୍ଦ୍ର ବେହେରାଙ୍କ ନାମରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ହୋଇଛି। ଏହି ମାନଙ୍କ ଜମାଖାତାକୁ କେତେ ଟଙ୍କା ଆସିଛି, କେତେ ଟଙ୍କାର ନେଣଦେଣ ହୋଇଛି। କାହା ପାଖକୁ ଟଙ୍କା ପଠାଯାଇଛି, କେତେ ଟଙ୍କା ଗଚ୍ଛିତ ରହିଛି ତାହା ସମ୍ପୂର୍ଣ୍ଣ ବିବରଣୀ ଉପରେ ତଦନ୍ତ ଚାଲିଥିବା ତଦନ୍ତାଧିକାରୀ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି।

### ଓଡ଼ିଶାରେ ପିଏମ୍ ରାହାତ ଯୋଜନା ଆରମ୍ଭ ନେଇ

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, (ସବ୍ୟୁ) : ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବା ଏବଂ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ରୋଡ୍ ଆକ୍ସିଡେଣ୍ଟ ଭିକ୍ଟିମ୍ସ ହସ୍ପିଟାଲାଇଜେସନ ଆଣ୍ଡ ଆସ୍ୟୁର୍ଡ ଟ୍ରିଟମେଣ୍ଟ ( ପିଏମ ରାହାତ ) ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂ, ବାଣିଜ୍ୟ ଓ ପରିବହନ ବିଭାଗ କମିଶନର ତଥା ଶାସନ ସଚିବ ଏନ.ବି. ଏସ୍ ରାଜପୁତ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍, ମିଶନ ନିର୍ଦ୍ଦେଶିକା, ଜାତୀୟ ସ୍ୱାସ୍ଥ୍ୟ ମିଶନ ଡଃ.



- ସଡ଼କ ଦୁର୍ଘଟଣାର ୨୪ ଘଣ୍ଟା ମଧ୍ୟରେ ଚିକିତ୍ସିତ ହେଲେ
- ମିଳିବ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା

ବୃନ୍ଦା ଡି., ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର, ଡିଜିପି(କ୍ରାଇମ ବ୍ରାଞ୍ଚ ) ବିନୟତୋଷ ମିଶ୍ରଙ୍କ ସମେତ ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ପଦାଧିକାରୀ ଏବଂ ରାଜ୍ୟର ସମସ୍ତ ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଏହି ନୂତନ ଯୋଜନାରେ, ସଡ଼କ ଦୁର୍ଘଟଣାର ୨୪ ଘଣ୍ଟା ମଧ୍ୟରେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ୭ ଦିନ ପର୍ଯ୍ୟନ୍ତ କିମ୍ବା ସର୍ବାଧିକ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ । ଏହି ବ୍ୟବସ୍ଥା ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକାରୀ ହେବ ଏବଂ ଏହାର ସମସ୍ତ ଖର୍ଚ୍ଚ ମୋଟର ଭେହିକିଲ ଆକ୍ସିଡେଣ୍ଟ ଫଣ୍ଡରୁ ଭରଣା କରାଯିବ । ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଚିକିତ୍ସାଳୟରେ ପହଞ୍ଚାଇବା ପାଇଁ ଏହାକୁ ୧୧୨ ଜରୁରୀକାଳୀନ ସେବା ସହିତ ସଂଯୋଗ କରାଯାଇଛି, ଯାହାଫଳରେ ଘଟଣାସ୍ଥଳରେ ତୁରନ୍ତ ସହାୟତା ପହଞ୍ଚିପାରିବ । ଏସଏମଏସ ଜରିଆରେ ଜରୁରୀ ସୂଚନା ଏବଂ ଚିକିତ୍ସାଧୀନଙ୍କ ପାଇଁ ହସ୍ପିଟାଲମାନଙ୍କୁ ନିର୍ଦ୍ଧାରିତ ସମୟ ଭିତରେ ଅର୍ଥ ପ୍ରଦାନର ବ୍ୟବସ୍ଥା ରହିଛି । ଏ ସମ୍ପର୍କିତ ସଂସ୍ଥାଗତ ବ୍ୟବସ୍ଥା, ତଦାରଖ ଏବଂ ଅଭିଯୋଗ ଶୁଣାଣି ବ୍ୟବସ୍ଥା ସଂପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଯୋଜନାକୁ ସ୍ୱଚ୍ଛ ଏବଂ ତ୍ୱରାନ୍ୱିତ କରିବା ପାଇଁ ଏକ ସମନ୍ୱିତ ଟେକ୍ନୋଲୋଜି ପ୍ଲାଟଫର୍ମ ବ୍ୟବହାର କରାଯାଉଛି । ପୋଲିସ ବିଭାଗ ପକ୍ଷରୁ ୨୪ ଘଣ୍ଟା ମଧ୍ୟରେ ଇ-ଡିଏଆର (ଇ-ଡିଏଆର) ପୋର୍ଟାଲରେ ଦୁର୍ଘଟଣାର ବିବରଣୀ ଦିଆଯିବ, ଯାହା ଆଧାରରେ ଚିକିତ୍ସାଳୟଗୁଡ଼ିକ ଟ୍ରାନଜାକ୍ସନ ମ୍ୟାନେଜମେଣ୍ଟ ସିଷ୍ଟମ (ଟିଏମଏସ ) ଜରିଆରେ କ୍ଲେମ୍ ପ୍ରକ୍ରିୟା ଆରମ୍ଭ କରିବେ । ଯୋଜନାର ସଫଳ ପରିଚାଳନା ପାଇଁ ଏକ ସୁଦୃଢ଼ ପ୍ରାଶାସନିକ ବ୍ୟବସ୍ଥା ରହିଛି । ଜାତୀୟ ସ୍ତରରେ ସଡକ ପରିବହନ ଓ ରାଜପଥ ମନ୍ତ୍ରାଳୟର ସଚିବ ପରିଚାଳନା କମିଟିର ମୁଖ୍ୟ ଥିବା ବେଳେ ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀ/ପରିବହନ ମନ୍ତ୍ରୀ/ମୁଖ୍ୟ ଶାସନ ସଚିବଙ୍କ ଅଧିନରେ ଜାତୀୟ ସଡକ ସୁରକ୍ଷା ପରିଷଦ କାର୍ଯ୍ୟ କରିବ । ସେହିପରି ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡକ ସୁରକ୍ଷା ସମିତି ଏହାର ତଦାରଖ କରିବେ । ଯଦି କୌଣସି ବ୍ୟକ୍ତି ସେବା ପାଇବାରେ ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ସେମାନେ ଜିଲ୍ଲାସ୍ତରୀୟ ଅଭିଯୋଗ ପ୍ରକୋଷ୍ଠରେ ଆବେଦନ କରିପାରିବେ ଏବଂ ଜିଲ୍ଲାପାଳ ଏହାର ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବେ । ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ପ୍ରତିଦିନ ସଡ଼କ ଦୁର୍ଘଟଣାରେ ପ୍ରାୟ ୧୬ ଜଣ ମୃତ୍ୟୁବରଣ କରୁଛନ୍ତି । ଏଣୁ ଏହି ହାର କମାଇବା ସରକାରଙ୍କ ପ୍ରାଥମିକତା ରହିଛି । "ପିଏମ ରାହାତ' ଯୋଜନାରେ ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ହସ୍ପିଟାଲରେ ପହଁଚାଇ ଅବିଳମ୍ବେ ଚିକିତ୍ସା ଆରମ୍ଭ କଲେ ଏହି ସଂଖ୍ୟା ହ୍ରାସ ପାଇବ । ଏ ସଂପର୍କରେ ସ୍ୱାସ୍ଥ୍ୟ ବିଭାଗ, ପରିବହନ ବିଭାଗ ଏବଂ ପୁଲିସ୍ ପ୍ରଶାସନ ସମେତ ଜିଲ୍ଲାସ୍ତରରେ ପ୍ରସ୍ତୁତି ଓ ସଚେତନତା ସୃଷ୍ଟି ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି ।

## ଦିବ୍ୟ ଜୀବନ ସଂଘ ପକ୍ଷରୁ ଭାଗବତ ସପ୍ତାହ

ଚୌଦ୍ୱାର, (ସ.ବ୍ୟୁ.) : ଚୌଦ୍ୱାର କପାଳେଶ୍ୱର ସ୍ଥିତ ଦିବ୍ୟ ଜୀବନ ସଂଘ ପକ୍ଷରୁ ଶିବାନନ୍ଦ ଆତ୍ମଜ୍ଞାନ ଆଶ୍ରମ ପରିସରରେ ଭାଗବତ ସପ୍ତାହର ଶୁଭାରମ୍ଭ ଅନୁଷ୍ଠିତ ହୋଇଯାଇଛି । ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାମୀ ଭାଗବତ ପ୍ରକାଶାନନ୍ଦ ସରସ୍ୱତୀ ଓ ପାଲା ଗାୟକ ସିଦ୍ଧେଶ୍ୱର ନାୟକ ବକ୍ତା ଭାବେ ଯୋଗ ଦେଇ ଭାଗବତରେ ଆତ୍ମତତ୍ତ୍ୱ, ନାମ ମାହାତ୍ମ୍ୟ ଓ ଯୁଗ ପରିର୍ବନ ବିଷୟରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ ଓ ପ୍ରକାଶ ବଡ଼ଜେନା ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ସଭାପତି ଅଦ୍ୱୈତ କୁମାର ବଳ ସଭା ପରିଚାଳନା କରିଥିଲେ । ଶେଷରେ ବରିଷ୍ଠ ସଦସ୍ୟ ଅଚ୍ୟୁତାନନ୍ଦ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୁଣ୍ୟ ତିଥି ଅବସରରେ ସୃଜନୀର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, (ସବ୍ୟୁ) : ସୃଜନୀ ପରିବାର (ଚେନ୍ନାଇ) ପକ୍ଷରୁ ଗତ ୨୪ ତାରିଖ ମଙ୍ଗଳବାର ସନ୍ଧ୍ୟାରେ ସ୍ୱାଧୀନତା ସଂଗ୍ରାମୀ ତଥା ସାହିତ୍ୟ ସାଧକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୭୪ ତମ ପୁଣ୍ୟ ତିଥି ଅବସରରେ ସମର୍ପିତ ଅନୁପମ ସ୍ମୃତି -ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ବହୁ ଗଣ୍ୟମାନ୍ୟ ବ୍ୟକ୍ତିତ୍ୱ ତଥା ବରେଣ୍ୟ ଅତିଥିଙ୍କ ଉପସ୍ଥିତିରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ,ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ, ଦୈନିକ ସମ୍ବାଦପତ୍ର- "ସମୟ" ର ମୁଖ୍ୟ ସମ୍ପାଦକ ତଥା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୌତ୍ର ଗୁରୁକଲ୍ୟାଣ ମହାପାତ୍ର ବରେଣ୍ୟ ମୁଖ୍ୟ ଅତିଥି ତଥା ବକ୍ତା ରୂପେ ସଭା ମଣ୍ଡନ କରି ନିଜସ୍ୱ ବକ୍ତବ୍ୟ ମାଧ୍ୟମରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଓଡ଼ିଆ ସାହିତ୍ୟର ନବଜାଗରଣରେ କାନ୍ତକବିଙ୍କ ଅବଦାନ ସହ ସାହିତ୍ୟ ପ୍ରତି ଥିବା ପ୍ରତିବଦ୍ଧତା ପ୍ରସଙ୍ଗରେ ଆଲୋକପାତ କରିଥିଲେ । ଜାତୀୟ ଜାଗରଣ ସହ ସ୍ୱାଧୀନତା ପ୍ରତି କାନ୍ତକବିଙ୍କ ସମ୍ପୂର୍ଣ୍ଣ ପରିବାରର ଜଳାଞ୍ଜଳି ପ୍ରସଙ୍ଗରେ ବକ୍ତା ଦୃଷ୍ଟିପାତ କରିଥିଲେ । ପ୍ରମୁଖ ବକ୍ତା ତଥା ଆଲୋଚିକା ରୂପେ ପ୍ରାଧ୍ୟାପିକା ଡ. ହେନେରିତା ମିଶ୍ର କାନ୍ତକବିଙ୍କ ଜୀବନ ଓ ଚିନ୍ତନରେ ଐଶ୍ୱରୀ ଚେତନା ପ୍ରସଙ୍ଗରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସୃଜନୀ ପରିବାରର ଉପଦେଷ୍ଟା ତଥା ସାହିତ୍ୟ ସାଧିକା ଡକ୍ଟର ବାସନ୍ତୀ ମହାନ୍ତି କାନ୍ତକବିଙ୍କ କଥାସାହିତ୍ୟ ଓ କାବ୍ୟ ସମ୍ଭାର ପ୍ରସଙ୍ଗରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ଅଧ୍ୟାପକ ତଥା ସାହିତ୍ୟିକ କୈଳାଶ ଚନ୍ଦ୍ର ସାହାଣୀ କାନ୍ତକବିଙ୍କ କାବ୍ୟ ମାନସରେ ଜାତୀୟ ସଂପ୍ରୀତି ଓ ରହସ୍ୟବାଦ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଡକ୍ଟର କମଳାକୃଷ୍ଣ ତ୍ରିପାଠୀ କାନ୍ତକବି ଲକ୍ଷ୍ମୀକାନ୍ତ ଓ ବ୍ୟାସକବି ଫକୀରମୋହନଙ୍କ ସାରସ୍ୱତ ସୃଷ୍ଟି ରେ ସାମଞ୍ଜସ୍ୟତା ସହ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ବ୍ୟଙ୍ଗ ସମ୍ଭାର ପ୍ରସଙ୍ଗରେ ଆଲୋଚନା କରିଥିଲେ । କାନ୍ତକବିଙ୍କ ସାରସ୍ୱତ ସୃଷ୍ଟି ସମ୍ଭାର ଓ ସମକାଳୀନ ଓଡ଼ିଆ ସାହିତ୍ୟର ଉନ୍ମେଷରେ ସାରସ୍ୱତ ସାଧକ ଲକ୍ଷ୍ମୀକାନ୍ତଙ୍କ ଅବଦାନ ପ୍ରସଙ୍ଗରେ ବକ୍ତା ପ୍ରମୁଖ ତଥା ନିମନ୍ତ୍ରିତ ବୁଦ୍ଧିଜୀବୀ ଶ୍ରୋତା ନିଜସ୍ୱ ଅଭିମତ ସହ ସ୍ମୃତି-ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ଏହି ବିଶେଷ ଅବସରରେ ଆୟୋଜିତ ସଭାରେ ସୃଜନୀ ପରିବାରର ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ଆଇ ଏଫ୍ ଏସ୍ ଆଶୁତୋଷ ସାମନ୍ତସିଂହ, ନାଳନ୍ଦା ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର୍ ଗୋଦାବରୀଶ ମିଶ୍ର, ସଂପାଦକ ଅଶୋକ ସାମନ୍ତ ,କାର୍ଯ୍ୟକ୍ରମ ନିର୍ଦ୍ଦେଶକ ବିଘ୍ନେଶ୍ୱର ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ । ସଭାର ଉପସ୍ଥାପିକା ତଥା ସାହିତ୍ୟିକା ସୁଦ୍ରୁମା ପଣ୍ଡା ସଭା ପରିଚାଳନା କରିଥିଲେ। ପ୍ରସାରଭାରତୀର କଣ୍ଠଶିଳ୍ପୀ ବିଦ୍ୟୁତପ୍ରଭା ପଟ୍ଟନାୟକଙ୍କ କଣ୍ଠରେ କାନ୍ତକବିଙ୍କ ଲିଖିତ ଦେଶାତ୍ମବୋଧ ଗୀତରେ ସଭା ସଂଗୀତମୟ ହୋଇଥିଲା ଏବଂ ଦେଶ ତଥା ବିଦେଶରୁ ବହୁ ମାନ୍ୟଗଣ୍ୟ ବିକ୍ତିତ୍ୱ ସଭାରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ସଡ଼କ ସୁରକ୍ଷା ଓ ମଟର ଯାନ ଆଇନ ସଂପର୍କରେ ସଚେତନତା

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଦୁହୁରିଆ ସ୍ଥିତ ଅର୍କ ଏକାଡେମୀ ରେ ସଡକ ସୁରକ୍ଷା, ସଡକ ଦୁର୍ଘଟଣା ଓ ମଟର ଯାନ ଆଇନ ସଂପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସଡକ ପରିବହନ ଅଧିକାରୀ (ଆରଟିଓ) ଲୋକନାଥ ମେହେର, ଡିଏସପି ଗୋପୀନାଥ ପ୍ରଧାନ, କଲେଜ ଅଧ୍ୟକ୍ଷ ଅଣ୍ଡଜ କୁମାର ପ୍ରଧାନ, ଆଇନଜିବୀ ରମଣୀ ରନ ରାଉତରାୟ, କଲେଜ ସଂପାଦକ ଆଦିତ୍ୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସଡକ ସୁରକ୍ଷା, ମଟର ଯାନ ଦୁର୍ଘଟଣା କିଭଳି ରୋକାଯାଇ ପାରିବ ସେ ସଂପର୍କରେ ଆଲୋଚନା କରିଥିଲେ। ଟ୍ରାଫିକ ନିୟମକୁ ମାନିବା, ମଟର ସାଇକେଲ ଚଲାଇବା ବେଳେ ହେଲମେଟ ପିନ୍ଧିବା, ସିଟ୍ ବେଲ୍ଟ ବାନ୍ଧିବା, ଇତ୍ୟାଦି ଉପରେ ଯୁବ ପିଢିଙ୍କୁ ସଚେତନତା କରା ଯାଇଥିଲା। ସଭା ଶେଷରେ ଶ୍ରୀକାନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମୀକ୍ଷା ବୈଠକ

# ଜୁନ୍ ସୁଦ୍ଧା ୩ ଲକ୍ଷ କୋଟିରୁ ଅଧିକ ପୁଞ୍ଜିନିବେଶର ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ବିଭାଗକୁ ନିର୍ଦ୍ଦେଶ



ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଅଣ୍ଟା ଭିଡ଼ିଛି ଶିଳ୍ପ ବିଭାଗ। ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବିଭାଗୀୟ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଛନ୍ତି। ବୈଠକରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଇଡକୋ ଏବଂ ଇପିକଲର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ ଏବଂ ରାଜ୍ୟ ସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ଦ୍ୱାରା ଅନୁମୋଦିତ ଶିଳ୍ପ ପ୍ରକଳ୍ପଗୁଡ଼ିକର କିପରି ଶୀଘ୍ର ବାସ୍ତବ ରୂପାୟନ କରାଯାଇପାରିବ, ସେନେଇ ବୈଠକରେ ଆଲୋଚନା କରାଯାଇଥିଲା। ସମସ୍ତ ବିଭାଗୀୟ ଅଧିକାରୀ ଏକ ଟିମ୍ ହୋଇ ଏବଂ ସମୟବଦ୍ଧ ଭାବେ କାର୍ଯ୍ୟ କରି ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବାକୁ ଏଥିରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ବିଜେପି ସରକାରକୁ ୨ ବର୍ଷ ପୂର୍ତ୍ତି ତଥା ଜୁନ୍ ୨୦୨୬ ସୁଦ୍ଧା ୩ ଲକ୍ଷ କୋଟିରୁ ଅଧିକ ପୁଞ୍ଜିନିବେଶର ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ପାଇଁ ସେ ଶିଳ୍ପ ବିଭାଗକୁ ଟାର୍ଗେଟ୍ ଦେଇଛନ୍ତି। ଶିଳ୍ପ ମନ୍ତ୍ରୀ କହିଛନ୍ତି ଯେ, ଶିଳ୍ପାୟନ ହିଁ ରାଜ୍ୟର ଅର୍ଥନୈତିକ ପ୍ରଗତିର ମୂଳଦୁଆ। ଏସଏଲଏସଡବ୍ଲ୍ୟୁସିଏ ଏବଂ ଏଚଏଲସିଏ ଦ୍ୱାରା ମୋଟ ୩୯୪ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏଥିରେ ମୋଟ ୮.୧୫ ଲକ୍ଷ କୋଟି ଟଙ୍କା ନିବେଶ ହେଉଥିବା ବେଳେ ୫ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ସମ୍ଭାବନା ରହିଛି। ବର୍ତ୍ତମାନ ସୁଦ୍ଧା ୨.୪ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶରେ ୧୦୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କିମ୍ବା ଉଦଘାଟନ ସରିଛି, ଯାହା ମାଧ୍ୟମରେ ପ୍ରାୟ ୧.୭୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାକୁ ଯାଉଛି। ବାକି ରହିଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟକୁ ତ୍ୱରାନ୍ୱିତ କରି ରାଜ୍ୟର ଯୁବପିଢ଼ିଙ୍କ ପାଇଁ ବ୍ୟାପକ କର୍ମସଂସ୍ଥାନ ସୃଷ୍ଟି କରିବାକୁ ସରକାର ପ୍ରତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

## ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷା ବୈଠକ

# "ମହିଳା ସଶକ୍ତିକରଣ ଓ ଶିଶୁ ସୁରକ୍ଷା ରାଜ୍ୟ ସରକାରଙ୍କ ପ୍ରଥମ ପ୍ରାଥମିକତା": ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପ-ମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ କେନ୍ଦ୍ରମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ ରାଜ୍ୟ ସରକାରଙ୍କ ପ୍ରମୁଖ 'ସୁଭଦ୍ରା' ଯୋଜନାର ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, "ଯେତେବେଳେ ସରକାରୀ ସହାୟତା ସିଧାସଳଖ ମହିଳାଙ୍କ ବ୍ୟାଙ୍କ ଖାତାକୁ ଯାଏ, ତାହା ସେମାନଙ୍କ ଆର୍ଥିକ ସ୍ୱାଧୀନତା ଓ ସଶକ୍ତିକରଣକୁ ସୁନିଶ୍ଚିତ କରିଥାଏ।" ଏଥି ସହ ସେ ଅଙ୍ଗନୱାଡି କେନ୍ଦ୍ର ମାନଙ୍କରେ 'ତିଥି ଭୋଜନ' ଆୟୋଜନ ତଥା ପୋଷଣ ଦିବସ ଅଥବା ପୋଷଣ ସପ୍ତାହ ପାଳନ କରିବା ପାଇଁ ପରାମର୍ଶ ଦେଇଛନ୍ତି । ଓଡ଼ିଶାର ଗ୍ରାମାଞ୍ଚଳରେ ସରକାରଙ୍କର ବିଭିନ୍ନ ଯୋଜନାର ସକରାତ୍ମକ ପ୍ରଭାବ ଦେଖି ସେ ସନ୍ତୋଷ ପ୍ରକାଶ କରିବା ସହ କେନ୍ଦ୍ର-ରାଜ୍ୟ ସମନ୍ୱୟ ମାଧ୍ୟମରେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ମହିଳାଙ୍କ ସାମଗ୍ରିକ ସଶକ୍ତିକରଣ ଓ ଶିଶୁଙ୍କ ସୁରକ୍ଷିତ ଭବିଷ୍ୟତ ରାଜ୍ୟ



ସରକାରଙ୍କ ପ୍ରଥମ ପ୍ରାଥମିକତା। ଆସନ୍ତା ୮ ମାର୍ଚ୍ଚ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରା ଯୋଜନାର ୪ର୍ଥ କିସ୍ତି ଟଙ୍କା ହିତାଧିକାରୀଙ୍କ ଖାତାକୁ ଜମା ହେବାକୁ ଯାଉଥିବାରୁ, ଏହାର ସମୟୋପଯୋଗୀ ଓ ପାରଦର୍ଶୀ ବିତରଣ ପାଇଁ ବିଭାଗ କାମ କରୁଛି। ଏହା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ ଚାଲିଥିବା ଯୋଜନାଗୁଡ଼ିକ ମାଧ୍ୟମରେ ମହିଳା ଓ ଶିଶୁଙ୍କ ଜୀବନମାନ ଉନ୍ନତ କରିବା ଦିଗରେ ଓଡ଼ିଶା ଆଗୁଆ ହେଉଛି ବୋଲି ସେ ମତ ରଖିଥିଲେ । ବୈଠକରେ ପୋଷଣ, ସୁରକ୍ଷା ଓ ଶିକ୍ଷା , ଏହି ତିନି ମୂଳ ମାର୍ଗରେ ଶିଶୁ ଓ ମହିଳାଙ୍କ ବିକାଶ ପାଇଁ ଚାଲିଥିବା କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ବିସ୍ତୃତ ସମୀକ୍ଷା ହୋଇଥିଲା। ମିଶନ ବାତ୍ସଲ୍ୟ, ଆଶୀର୍ବାଦ, ଯଶୋଦା ଏବଂ ବେଟି ବଚାଓ ବେଟି ପଢ଼ାଓ ପରି ଯୋଜନାର ପ୍ରଭାବ ଉପରେ ଅଧିକାରୀମାନେ ତଥ୍ୟ ଉପସ୍ଥାପନ କରିଥିଲେ। ଦୂରଗାମୀ ଓ ଜନଜାତି ଅଞ୍ଚଳରେ କାର୍ଯ୍ୟାନ୍ୱୟନ, କୁପୋଷଣ ଓ ଶିଶୁ ବିବାହ ପରି ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ବିଭାଗର କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦର୍ଶ୍ୱାଲ ଓ ନିର୍ଦ୍ଦେଶିକା ଶ୍ରୀମତୀ ମୋନିଷା ବାନାର୍ଜୀଙ୍କ ସହ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ସମୀକ୍ଷା ବୈଠକ ମାଧ୍ୟମରେ ରାଜ୍ୟରେ ମହିଳା ଓ ଶିଶୁଙ୍କ ସୁସ୍ଥ ଓ ସୁରକ୍ଷିତ ଭବିଷ୍ୟତ ପାଇଁ ନୂତନ ଦିଗ ନିର୍ଦ୍ଦେଶ ମିଳିଛି।

## କଟକର ଐତିହ୍ୟ ସ୍ଥଳୀ ପରିଦର୍ଶନ କଲେ ମଧ୍ୟପ୍ରଦେଶ ଗଣମାଧ୍ୟମ ପ୍ରତିନିଧିଦଳ

# ଓଡ଼ିଶାର ନ୍ୟାୟିକ ବିବର୍ତ୍ତନ ପ୍ରଶଂସନୀୟ ସଂରକ୍ଷଣ ଉଦ୍ୟମକୁ ପ୍ରଶଂସା

କଟକ, (ସ୍ୱପ୍ର): ରାଜ୍ୟର ବିକାଶମୂଳକ କାର୍ଯ୍ୟ, ସମୃଦ୍ଧ ଐତିହ୍ୟ ଏବଂ ସଂସ୍କୃତିର ଅନୁଧ୍ୟାନ ପାଇଁ ଓଡ଼ିଶା ଗସ୍ତରେ ଆସିଥିବା ମଧ୍ୟପ୍ରଦେଶର ଗଣମାଧ୍ୟମ ପ୍ରତିନିଧି ଦଳ ବୁଧବାର କଟକର ଦୁଇ ପ୍ରମୁଖ ଐତିହ୍ୟ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି । ପ୍ରତିନିଧି ଦଳ ପ୍ରଥମେ ଓଡ଼ିଆ ବଜାର ସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଏବଂ ପରେ କଟକର ଐତିହାସିକ ନ୍ୟାୟ ସଂଗ୍ରହାଳୟ (ମ୍ୟୁଜିୟମ ଅଫ ଜଷ୍ଟିସ) ବୁଲି ଦେଖିବା ସହ ଓଡ଼ିଶାର ଇତିହାସ ଓ ନ୍ୟାୟିକ ବିବର୍ତ୍ତନ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ । ପ୍ରତିନିଧି ଦଳ ନେତାଜୀଙ୍କ ଜନ୍ମସ୍ଥାନ ପୈତୃକ ଭବନରେ ପହଞ୍ଚି ମହାନ ସଂଗ୍ରାମୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେଠାରେ ସଂରକ୍ଷିତ ଥିବା ନେତାଜୀଙ୍କ ଶୈଶବର ସ୍ମୃତି, ବ୍ୟକ୍ତିଗତ ବ୍ୟବହୃତ ସାମଗ୍ରୀ, ବିରଳ ଫଟୋଗ୍ରାଫ୍ ଏବଂ ପତ୍ରାବଳୀକୁ ଦେଖି ତାଙ୍କର ସଂଗ୍ରାମମୟ ଜୀବନୀ ସମ୍ପର୍କିତ ତଥ୍ୟ ସଂଗ୍ରହ କରିଥିଲେ । ସେହିପରି ନ୍ୟାୟ ସଂଗ୍ରହାଳୟ ପରିଦର୍ଶନ ସମୟରେ ଓଡ଼ିଶାର ଶତାବ୍ଦୀ ପୁରୁଣା ଆଇନଗତ ଦଲିଲ ଏବଂ ବିଚାର ବିଭାଗୀୟ ଢାଞ୍ଚାର ପରିବର୍ତ୍ତନ ସମ୍ପର୍କରେ ସେମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା । ଓଡ଼ିଶାର ଏହି ମହାନ ଐତିହ୍ୟକୁ ସଠିକ ଭାବେ ସଂରକ୍ଷଣ କରିବାରେ ପ୍ରଶାସନର ଉଦ୍ୟମକୁ ସେମାନେ ବେଶ ପ୍ରଶଂସା କରିଥିଲେ । ଏହି ଅବସରରେ ପ୍ରତିନିଧି ଦଳ ମତ ଦେଇଥିଲେ ଯେ, ଏହି ଗସ୍ତ ଓଡ଼ିଶାର ପ୍ରଗତିଶୀଳ ବୈଷୟିକ ଜ୍ଞାନକୌଶଳ ସହ ଏହାର ଗୌରବମୟ ଅତୀତକୁ ବୁଝିବାରେ ଏକ ସେତୁ ସଦୃଶ ଅଟେ । ଓଡ଼ିଶାର କଳା, ଭାସ୍କର୍ଯ୍ୟ ଏବଂ ସଭ୍ୟତା ସାରା ଭାରତ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ବହନ କରେ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି । ଏହି ପରିଦର୍ଶନ ଦ୍ୱାରା ମଧ୍ୟପ୍ରଦେଶ ଓ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ଆଦାନ ପ୍ରଦାନ ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି ।

## ମାମୁଁ, ମାଇଁଙ୍କ ହେପାଜତରେ ୫ ବର୍ଷର ଶିଶୁ

# ପିତାଙ୍କ ହିବିୟସ କର୍ପସ ମାମଲା ଖାରଜ କଲେ ହାଇକୋର୍ଟ

କଟକ, (ସବ୍ୟୁ): ମାମୁଁ, ମାଇଁଙ୍କ ହେପାଜତରେ ଥିବା ଜଣେ ପାଞ୍ଚ ବର୍ଷର ଶିଶୁର ଅଭିଭାବକତ୍ୱ ସମ୍ପର୍କିତ ଏକ ହେବିୟସ କର୍ପସ ମାମଲାରେ ହାଇକୋର୍ଟ ପିତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି । ହାଇକୋର୍ଟ ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ ସାମ୍ବିଧାନିକ ଧାରା ଅନୁଯାୟୀ ହେବିୟସ କର୍ପସ ଆବେଦନ ସେତେବେଳେ ଗ୍ରହଣ କରାଯାଏ ଯେତେବେଳେ କାହାକୁ ବେଆଇନ ଭାବେ ଅଟକ ରଖାଯାଇଥାଏ । କିନ୍ତୁ ଏହି କ୍ଷେତ୍ରରେ ଶିଶୁଟି ଅଟକ ରଖାଯାଇ ନାହିଁ। ତେଣୁ ଏହି ମାମଲାଟି ଏ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ । ଏହି ପରିପ୍ରେକ୍ଷୀରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଆବେଦନକାରୀ ଶଶିକାନ୍ତ ମାଝୀଙ୍କ ଆବେଦନକୁ ଖାରଜ କରିବା ସହ ମାମଲାର ଅନ୍ତ ଘଟାଇଛନ୍ତି। ଆବେଦନକାରୀ ଶ୍ରୀ ମାଝୀଙ୍କ ପତ୍ନୀଙ୍କ ମୃତ୍ୟୁ ପରେ ତାଙ୍କ ପାଞ୍ଚ ବର୍ଷର ଶିଶୁ ପୁତ୍ର ତାଙ୍କ ସମ୍ପର୍କୀୟଙ୍କ ପାଖରେ ରହୁଥିଲେ। ପରବର୍ତ୍ତୀ ସମୟରେ ସେ ପୁଅକୁ ନିଜ ପାଖକୁ ଆଣିବା ପାଇଁ ଉଦ୍ୟମ କରିଥିଲେ। ତାଙ୍କ ପୁଅକୁ ତାଙ୍କୁ ହସ୍ତାନ୍ତର କରିବାକୁ ସେ ଦାବି କରିଥିଲେ। ଚାଇଲ୍ଡ ୱେଲ୍‌ଫେୟାର କମିଟି (ସିଡବ୍ଲ୍ୟୁସି) ପୂର୍ବରୁ ଏହି ମାମଲାର ବିଚାର କରି ଶିଶୁର ସୁରକ୍ଷା ଓ ଯତ୍ନ ପାଇଁ ମାମୁଁ ଓ ମାଇଁଙ୍କ ପାଖରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଦାଲତ କହିଛନ୍ତି ଯେ ସିଡବ୍ଲ୍ୟୁସିଙ୍କ ନିର୍ଦ୍ଦେଶକ୍ରମେ ଶିଶୁଟି ମାମୁଁ ଓ ମାଇଁଙ୍କ ହେପାଜତରେ ରହିଛନ୍ତି । ତେଣୁ ଏହି ହେପାଜତକୁ ବେଆଇନ କୁହାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି।

## ଓଡ଼ିଶା ବଜେଟ ୨୦୨୬-୨୭

# ସହର ଉପକଣ୍ଠ ରୂପାନ୍ତରଣ ପାଇଁ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟର ବିକାଶ ଯାତ୍ରାକୁ ଏକ ନୂତନ ଦିଗ ଦେବା ପାଇଁ ଓଡ଼ିଶା ସରକାର ଗ୍ରହଣ କରିଛନ୍ତି ଏକ ଐତିହାସିକ ଓ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ। ୨୦୨୬-୨୭ ଆର୍ଥିକ ବର୍ଷର ବଜେଟରେ 'ଗ୍ରାମୀଣ-ସହରୀ ରୂପାନ୍ତରଣ କାର୍ଯ୍ୟକ୍ରମ ପାଇଁ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ଘୋଷଣା କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ଦ୍ରୁତ ଅଭିବୃଦ୍ଧିଶୀଳ ଗ୍ରାମ ପଞ୍ଚାୟତ ଓ ସହର ଉପକଣ୍ଠ ଅଞ୍ଚଳଗୁଡ଼ିକୁ ସୁନିୟନ୍ତ୍ରିତ, ସ୍ଥାୟୀ ଓ ଅନ୍ତର୍ଭୁକ୍ତିମୂଳକ ସହରୀକରଣ ଦିଗକୁ ନେଇଯିବା ଲକ୍ଷ୍ୟ ରଖାଯାଇଛି। ରାଜ୍ୟର ଅର୍ଥନୈତିକ ଗତିଶୀଳତା ସହିତ ଅନେକ ସହର ଉପକଣ୍ଠ ଅଞ୍ଚଳ ସ୍ୱାଭାବିକ ଭାବରେ ସହରୀ କ୍ଲଷ୍ଟରରେ ପରିଣତ ହେଉଛି। ଯଦି ଏହାକୁ ଯୋଜନାବଦ୍ଧ ଭାବେ ପରିଚାଳନା କରାଯାଇନଥାଏ, ତେବେ ଅଣପରିକଳ୍ପିତ ବସତି, ଅପର୍ଯ୍ୟାପ୍ତ ଭିତ୍ତିଭୂମି ଓ ପରିବେଶ ଚାପ ସୃଷ୍ଟି ହେବାର ଆଶଙ୍କା ରହିଥାଏ। ଏହି ପରିପ୍ରେକ୍ଷିତରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୂର୍ବ ପ୍ରସ୍ତୁତି ମୂଳକ ଓ ବୈଜ୍ଞାନିକ ଢାଞ୍ଚାରେ ଏହି କାର୍ଯ୍ୟକ୍ରମ ରୂପାୟଣ ଆରମ୍ଭ ହେବ। ଏହି

**ଦ୍ରୁତ ଅଭିବୃଦ୍ଧିଶୀଳ ସହର ଉପକଣ୍ଠକୁ ମିଳିବ ନୂଆ ରୂପ**

ପଦକ୍ଷେପ କେବଳ ଏକ ପ୍ରଶାସନିକ ଶ୍ରେଣୀଭୁକ୍ତିରେ ସୀମିତ ନୁହେଁନ୍ତ ବରଂ "ପ୍ରଶାସନିକ ପ୍ରସ୍ତୁତି ଓ "ଭିତ୍ତିଭୂମି ସୁଦୃଢ଼ୀକରଣ" ଉପରେ ଏହାର ମୁଖ୍ୟ ଗୁରୁତ୍ୱ। କୌଣସି ଅଞ୍ଚଳକୁ ଆନୁଷ୍ଠାନିକ ଭାବେ ସହର ଘୋଷଣା ପୂର୍ବରୁ ସେଠାରେ ଆବଶ୍ୟକ ସହରୀ ସୁବିଧା ଓ ସେବା ଯୋଗାଣ ସୁନିଶ୍ଚିତ କରାଯିବ। ରୂପାନ୍ତରଣ ଢାଞ୍ଚାର ମୁଖ୍ୟ ଦିଗଗୁଡ଼ିକ ସହର ଉପକଣ୍ଠ ଅଞ୍ଚଳର ସୁନିୟନ୍ତ୍ରିତ ଓ ଶୃଙ୍ଖଳିତ ବିକାଶ, ଯାହା ଅଣପରିକଳ୍ପିତ ସମ୍ପ୍ରସାରଣକୁ ରୋକିବ। ପ୍ରାରମ୍ଭିକ ପର୍ଯ୍ୟାୟରୁ ସହର ଅନୁରୂପ ନାଗରିକ ସୁବିଧାଭୁକ୍ତ ଜଳ ନିଷ୍କାସନ, ବର୍ଜ୍ୟବସ୍ତୁ ପରିଚାଳନା, ଷ୍ଟ୍ରିଟ୍ ଲାଇଟ୍ ଓ ଆଧାରଭୂତ ଭିତ୍ତିଭୂମି। ଜଳବାୟୁ ସହନଶୀଳତାକୁ ଗୁରୁତ୍ୱ ଦେଇ ସନ୍ତୁଳିତ ଓ ନିୟନ୍ତ୍ରିତ ଜମି ବ୍ୟବହାର ଓ ଗ୍ରାମୀଣ ପ୍ରଶାସନରୁ ସହରୀ ପ୍ରଶାସନିକ ବ୍ୟବସ୍ଥାକୁ ସୁଚାରୁ ରୂପାନ୍ତରଣ ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ସକ୍ଷମ କରିବା। ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି "ଓଡ଼ିଶା ଆଜି ସହରୀକରଣର ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ଅଛି। ସହରୀକରଣ ଅନିବାର୍ଯ୍ୟ, କିନ୍ତୁ ଅଣପରିକଳ୍ପିତ ସହରୀକରଣକୁ ନିଶ୍ଚୟ ଏଡ଼ାଯାଇପାରିବ। ୨୦୦ କୋଟି ଟଙ୍କାର ଏହି ପାଣ୍ଠି ସହିତ ଆମେ ପୂର୍ବ ପ୍ରସ୍ତୁତି ମୂଳକ ପଦକ୍ଷେପ ଗ୍ରହଣ କରୁଛୁ। ଆଜିର ଯୋଜନାବଦ୍ଧ ପଦକ୍ଷେପ ଆଗାମୀ ଦିନର ସୁସଂଗଠିତ ଓ ପ୍ରଗତିଶୀଳ ଓଡ଼ିଶାର ଭିତ୍ତି ସୃଷ୍ଟି କରିବ। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କହିଛନ୍ତି "ଆମ ଲକ୍ଷ୍ୟ ହେଉଛି ସହର ଉପକଣ୍ଠ ଅଞ୍ଚଳଗୁଡ଼ିକୁ ବୈଜ୍ଞାନିକ ଓ ଡାଟା-ଭିତ୍ତିକ ଯୋଜନା ମାଧ୍ୟମରେ ସୁନିୟନ୍ତ୍ରିତ ଭାବେ ବିକଶିତ କରିବା। ଭିତ୍ତିଭୂମିର ମାନଦଣ୍ଡ ପୂର୍ବରୁ ନିର୍ଦ୍ଧାରଣ କରି ଆମେ ସୁନିଶ୍ଚିତ କରୁଛୁ ଯେ ବିକାଶ ସ୍ଥାୟୀ, ସମନ୍ୱିତ ଓ ନାଗରିକ-କେନ୍ଦ୍ରିତ ହେବ। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ବୈଷୟିକ ଜ୍ଞାନର ବ୍ୟବହାର ଏବଂ ଯଥାସମୟରେ ନିରୀକ୍ଷଣ ମାଧ୍ୟମରେ ଏହି ରୂପାନ୍ତରଣ କାର୍ଯ୍ୟକ୍ରମକୁ ଗତିଶୀଳ କରାଯିବ। ଏହା ଗ୍ରାମୀଣ ଓ ସହରୀ ସୀମାରେ ଥିବା ବ୍ୟବଧାନକୁ କମେଇବା ସହ ବିଦ୍ୟମାନ ସହରଗୁଡ଼ିକ ଉପରେ ଭିତ୍ତିଭୂମି ଚାପ ହ୍ରାସ କରିବ ଏବଂ ନୂତନ ବିକାଶ କେନ୍ଦ୍ରଗୁଡ଼ିକୁ ଭବିଷ୍ୟତ ପାଇଁ ସୁସଜ୍ଜିତ କରିବ। ଏହି ପଦକ୍ଷେପ ସହ ଓଡ଼ିଶା ନଗର ଯୋଜନା ଓ ପରିଚାଳନାରେ ଏକ ନୂଆ ମାନକ ସ୍ଥାପନ କରିବାକୁ ଅଗ୍ରସର ହୋଇଛି।

# ଚୌଦ୍ୱାରରେ କାହ୍ନୁ ଲେଙ୍କାଙ୍କ ସ୍ମୃତିଚାରଣ ସଭା

ଚୌଦ୍ୱାର, (ସ.ବ୍ୟୁ.) : ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଓଡିଶା ବିକାଶର ଅନ୍ୟତମ ବିନ୍ଧାଣୀ ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ସ୍ମୃତି ଉଦ୍ଦେଶ୍ୟରେ



ଏକ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି । ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଚୌଦ୍ୱାରର ବରିଷ୍ଠ ସମାଜସେବୀ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ବରିଷ୍ଠ କଂଗ୍ରେସ ନେତା କେଶବ ଚନ୍ଦ୍ର ଦଳାଇ, ପ୍ରାକ୍ତନ ନଗରପାଳ ପ୍ରେମ ଚାନ୍ଦ ନାୟକ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଶ୍ରମିକ ପରିବାର ଯୁବକ ସଂଘର ସଭାପତି କୈଳାସ ଚନ୍ଦ୍ର ସାହାଣୀ, ବରିଷ୍ଠ ବିଜେପି ନେତା ଇଂ. ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ, ବିଜେପି ନେତା ବୈରାଗୀ ଚରଣ ପ୍ରଧାନ, ପ୍ରକାଶ ଚନ୍ଦ୍ର ବଡ଼ଜେନା, ପ୍ରଶାନ୍ତ କୁମାର ହୋତା, ବିଷ୍ଣୁ ଚରଣ ପରିଡା, ବାମ ପନ୍ଥୀ ନେତା ଜୟ ସିଂହ, ବଳରାମ ସ୍ୱାଇଁ, କଂଗ୍ରେସ ନେତା ଧୀରେନ୍ଦ୍ର ଚୌଧୁରୀ, ବିଜୟ କୁମାର ବେହେରା, ମାନସ କୁମାର ପରିଡା, ପ୍ରମୁଖ କାହ୍ନୁ ବାବୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ କୁମାର ସାମଲ, ଶ୍ରୀକାନ୍ତ କୁମାର ମହାନ୍ତି, ସୁବାସ ଚନ୍ଦ୍ର ଦଳାଇ, ତୀର୍ଥାନନ୍ଦ ସୁବୁଦ୍ଧି ରାୟ, ଲକ୍ଷ୍ମଣ ରାଉତ, ମନୋରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ତମ୍ଭକାର ତଥା ସାହିତ୍ୟିକ ଦିବ୍ୟଜ୍ୟୋତି ପାଣି ପରିଚାଳନା କରିଥିଲେ । ଯୁବ ନେତା ବିଶ୍ୱ ରଞ୍ଜନ ଜେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭିଜିଲାନ୍ସ ଚଢାଉକୁ ପଥର ଚୋର ଓ କ୍ରସର ମାଲିକଙ୍କ ଖାତିର ନାହିଁ

# କୁଶୁନପୁର ଜଙ୍ଗଲରୁ ଏବେବି ଚାଲିଛି ବ୍ୟାପକ କଳାପଥର ଚୋରି, ବିସ୍ଫୋରଣରେ ଅତିଷ୍ଠ ଅଞ୍ଚଳବାସୀ

ଚଣ୍ଡିଖୋଲ, (ସବ୍ୟୁ) : କଟକ ବନଖଣ୍ଡ ଅଧିନ ଯାଜପୁର ଜିଲ୍ଲା ଡାଳିଯୋଡା ବନାଞ୍ଚଳ ତଥା ଜେନାପୁର ଥାନା ଅନ୍ତର୍ଗତ ବଳରାମପୁର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲର କୁଶୁନପୁରର ନିଷିଦ୍ଧ ପାହାଡରେ ଶକ୍ତିଶାଳୀ ବିସ୍ଫୋରଣ କରି ମାଫିଆମାନେ ଏବେବି ଲୁଟୁଛନ୍ତି ଆଖିବୁଜା କଳାପଥ। ଏହି ଜଙ୍ଗଲ କିଶମ ପାହାଡରୁ ଇତିମଧ୍ୟରେ ଶହେ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କଳାପଥର ଚୋରି ହୋଇଗଲାଣି ଓ ଶତାଧିକ ଏକର ଜଙ୍ଗଲ ନଷ୍ଟ ହୋଇଗଲାଣି। ସ୍ଥାନୀୟ ଜଙ୍ଗଲ ବିଭାଗ ଅଧିକାରୀ ଓ ଜେନାପୁର ଥାନା ପୋଲିସ ସହଯୋଗରେ ଏହି ବ୍ୟାପକ ପଥର ଚୋରି ଚାଲିଛି। ମାଫିଆମାନେ ସଂରକ୍ଷିତ ଜଙ୍ଗଲ ଧ୍ୱଂସକରି ପାହାଡରେ ଶକ୍ତିଶାଳୀ ବିସ୍ଫୋରଣ ଘଟାଇ ଦୈନିକ ଶହଶହ ଟ୍ରିପ ପଥର ଚୋରି କରି ପାଖରେ ଥିବା ଷ୍ଟୋନ କ୍ରସର ଗୁଡିକୁ ଚୋରାଚାଲାଣ କରୁଛନ୍ତି । ଏବେ ଭୋର ୪ଟାରୁ ଦିନ ୧୦ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଦିବାଲୋକରେ ଏହି ପଥର ଲୁଟ ଚାଲିଛି। ଜଙ୍ଗଲ ଅଧିକାରୀ,ଜେନାପୁର ପୋଲିସ,ସ୍ଥାନୀୟ ଷ୍ଟୋନକ୍ରସର ମାଲିକ ଓ ପଥର ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସ୍ଥାନୀୟ ଗ୍ରାମବାସୀ ଓ ପରିବେଶ ପ୍ରେମୀଙ୍କ



ବାରମ୍ବାର ଅଭିଯୋଗ ପରେ ଜଙ୍ଗଲ ବିଭାଗ ସ୍ୱତନ୍ତ୍ର ଭିଜିଲାନ୍ସ ଟିମ ଗତ ଫେବୃଆରୀ ୧୮ ତାରିଖ ଦିନ ଏଠାରେ ମିଳିତ ଚଢାଉ କରିଥିଲା। ଚଢାଉ ବେଳେ ପାହାଡରୁ ପଥର ଚୋରି କରୁଥିବା ୩ଟି ଟ୍ରାକ୍ଟରକୁ ଜବତ କରାଯିବା ସହ ଜଣେ ଟ୍ରାକ୍ଟର ଡ୍ରାଇଭରକୁ ମଧ ଗିରଫ କରାଯାଇଥିଲା। ଏବେ ଗିରଫ ଡ୍ରାଇଭରର ଜେଲରେ ଥିବା ସହିତ ଜବତ ଟ୍ରାକ୍ଟର ଗୁଡିକ ଜଙ୍ଗଲ ବିଭାଗ ହେପାଜତରେ ଅଛି। ହେଲେ ପଥର ମାଫିଆମାନେ ଭିଜିଲାନ୍ସ ଚଢାଉକୁ ଖାତିର ନକରି ଏବେ ବି ପୂର୍ବପରି କୁଶୁନପୁର ସଂରକ୍ଷିତ ଜଙ୍ଗଲ ଓ ନିଷିଦ୍ଧ ପାହାଡରୁ କଳାପଥର ଚୋରି କରି ଚାଲିଛନ୍ତି। ବିଶେଷକରି କୁଶୁନପୁର ସଂରକ୍ଷିତ ଜଙ୍ଗଲ ଓ ପାହାଡ ପାଦେଶରେ ଥିବା ୨୦ରୁ ଉର୍ଦ୍ଧ୍ୱ ଷ୍ଟୋନକ୍ରସର ମାଲିକ ସିଧାସଳଖ ପଥର ଚୋରଙ୍କ ସହିତ ସାମିଲ ହୋଇ ଏପରି ବେଆଇନ କାରବାରକୁ ପ୍ରୋତ୍ସାହିତ କରିବା ସହ ନିଜ ନିଜ କ୍ରସରରେ ଏଠାରୁ ଚୋରି ହେଉଥିବା ପଥରକୁ କଞ୍ଚାମାଲ ଭାବେ ବ୍ୟବହାର କରୁଛନ୍ତି। ପଥର ଚୋରଙ୍କ ଉତ୍ପାତରେ ବଳରାମପୁର ଓ କୁଶୁନପୁର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ(ପିଆରଏଫ)ର ଶହେ ଏକରରୁ ଉର୍ଦ୍ଧ୍ୱ ଜଙ୍ଗଲ ଓ ନିଷିଦ୍ଧ ପାହାଡ ନଷ୍ଟଭ୍ରଷ୍ଟ ହୋଇଗଲାଣି। ଉକ୍ତ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ (ପିଆରଏଫ) ରୁ ଶତାଧିକ କୋଟି ଟଙ୍କାର ପଥର ଚୋରି କରି ନିଆଯାଇଥିବା ବେଳେ ମାଫିଆଙ୍କ ଶକ୍ତିଶାଳୀ ବିସ୍ଫୋରଣରେ ସମଗ୍ର ଜଙ୍ଗଲ ଓ ପାହାଡ ଅଞ୍ଚଳ ଖିନ୍‌ଭିନ ହୋଇ ଯାଇଛି । ଏହି ସଂରକ୍ଷିତ ଜଙ୍ଗଲରେ ବହୁ ଜଙ୍ଗଲି ଜୀବଜନ୍ତୁ ବର୍ଷବର୍ଷ ଧରି ରହି ଆସୁଛନ୍ତି। ପଥର ମାଫିଆମାନେ ଜଙ୍ଗଲ ଓ ପାହାଡରେ ଶକ୍ତିଶାଳୀ ଡେନାମାଇଟ ବିସ୍ଫୋରଣ କରି କଳାପଥର ଚୋରି କରିବା ଯୋଗୁଁ ଏବେ ବ୍ୟାପକ ଜଙ୍ଗଲ ଧ୍ୱଂସ ହେବାରେ ଲାଗିଛି। ଯେଉଁଥି ପାଇଁ ଏଠାରେ ରହୁଥିବା ଜଙ୍ଗଲି ଜୀବଜନ୍ତୁଙ୍କ ଜୀବନ ଦୁର୍ବିସହ ହୋଇପଡିଛି। ପଥର ମାଫିଆଙ୍କ ଉତ୍ପାତ ଯୋଗୁଁ ଏବେ ଉକ୍ତ ଜଙ୍ଗଲରୁ ବହୁ ଦୁର୍ଲଭ ଜୀବଜନ୍ତୁ ବିଲୁପ୍ତ ହୋଇଯାଉଥିଲା ବେଳେ ଅନ୍ୟକିଛି ଜୀବଜନ୍ତୁ ରାହା ନପାଇ ଜନବସତି ମୁହାଁ ହୋଇଛନ୍ତି। ତେବେ ଜଙ୍ଗଲ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ବିଭାଗୀୟ ଭିଜିଲାନ୍ସ ଅଧିକାରୀ ମାନେ ଏଠାରୁ କୋଟିକୋଟି ଟଙ୍କାର କଳାପଥର ଚୋରି ଓ ଜଙ୍ଗଲ ଧ୍ୱଂସ ହେବା ନେଇ ଅବଗତ ଥିଲେ ମଧ୍ୟ ତାହାକୁ ରୋକିବା ପାଇଁ କୌଣସି ସ୍ଥାୟୀ ପ୍ରତିକାର କରୁନାହାନ୍ତି। କେବଳ ଧର୍ମକୁ ଆଖିଠାର ମାରିବା ନିତିରେ ବର୍ଷେ ଛମାସରେ ଥରେ ଚଢାଉକରି ନିଜ ଦାୟିତ୍ୱ ସାରିବା ଘଟଣାକୁ ବୁଦ୍ଧିଜୀବୀ ଓ ପରିବେଶ ପ୍ରେମୀ ମାନେ ନାପସନ୍ଦ କରିଛନ୍ତି। ଏଠାରୁ ବ୍ୟାପକ ପଥରେ ଚୋରି ଓ ଜଙ୍ଗଲ ଧ୍ୱଂସ ହେବା ନେଇ ଓଡିଶା ହାଇକୋର୍ଟ ଉଦବେଗ ପ୍ରକାଶକରି ଏଠାରୁ ପଥର ଚୋରିକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଗତ ୨୦୨୫ ମେ ମାସରେ ଯାଜପୁର ଜିଲ୍ଲାପାଳ,କଟକ ଡିଏଫଓ ଏବଂ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅଦ୍ୟାବଧି କୋର୍ଟଙ୍କ ଏହି ଆଦେଶ ଅନୁପାଳନ ହୋଇନଥିବା ଦେଖାଯାଉଛି। ସରକାର ଏହି କୋଟିକୋଟି ଟଙ୍କାର ପଥରଚୋରିକୁ ରୋକିବା ସହିତ ଏଠାର ଦୁର୍ଲଭ ଜୀବଜନ୍ତୁ ଓ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଓ ପାହାଡର ସୁରକ୍ଷା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ନାବାଳିକାଙ୍କୁ ବଳତ୍କାର ଉଦ୍ୟମ, ଆସାମୀକୁ ୧୦ବର୍ଷ ଜେଲ୍, ୪୫ହଜାର ଜରିମାନା

କଟକ, (ସବ୍ୟୁ): କଟକର ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଅଭିଯୁକ୍ତ ବି. କାର୍ତ୍ତିକକୁ କଟକ ପାଷ୍ଟଟ୍ରକ୍-୨ ଅଦାଲତ ୧୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଆସାମୀ ଉପରେ ୪୫ହଜାର ଜରିମାନା କରାଯାଇଛି। ଜରିମାନା ଅନାଦାୟ ଆସାମୀ ଅଧିକ ୨ବର୍ଷ ତିନି ମାସ ଜେଲ୍‌ଦଣ୍ଡ ଭୋଗିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି। ମାମଲାରୁ ଜଣାଯାଇଛି ଯେ, ପଟ୍ଟାପୋଲ ଅଞ୍ଚଳର ଜଣେ ନାବାଳିକା ପରିବାର ସହ ଶୋଇଥିଲାବେଳେ ଅଭିଯୁକ୍ତ ବି. କାର୍ତ୍ତିକ ତାଙ୍କ ଘରକୁ ପଶିଯାଇଥିଲା । ନାବାଳିକା ଜଣକ ଶୋଇଥିବା ଅବସ୍ଥାରେ ଅଭିଯୁକ୍ତ ତାଙ୍କୁ ବଳତ୍କାର ଉଦ୍ୟମ କରିଥିଲା । ନାବାଳିକା ଜଣକ ଚିତ୍କାର କରିବାରୁ ପରିବାର ଲୋକେ ଉଠି ଯାଇଥିଲେ। ଅଭିଯୁକ୍ତ ଧରି ପୁଲିସ୍‌କୁ ଦିଆଯାଇଥିଲା। ଏହି ଘଟଣା ୨୦୨୫ ଜୁଲାଇ ୨୪ତାରିଖ ଦିନ ଘଟିଥିଲା । ମାମଲାର ଶୁଣାଣି କଟକ ଆଡ୍‌ହକ୍ ଅତିରିକ୍ତ ଜିଲ୍ଲାଜଜ୍ ତଥା ଫାଷ୍ଟଟ୍ରାକ କୋର୍ଟ ଦ୍ୱିତୀୟରେ ହୋଇଥିଲା। ଏହାର ବିଚାରପତି ସବିତା ଦାଶ ବିଭିନ୍ନ ସାକ୍ଷୀ ଏବଂ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ବି. କାର୍ତ୍ତିକକୁ ଏହି ଘଟଣା ପାଇଁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏଥିସହ ପୀଡ଼ିତାଙ୍କୁ ଆଇନ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରିବାକୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପିପି ମିହିର ଶେଖର ସାହୁ ପରିଚନା କରୁଥିଲେ ।

# ଅର୍ଥ ଅଭାବ, ପିତାମାତାଙ୍କ ଚିକିତ୍ସା ପାଇଁ ପୁଅର ଆକୁଳ ନିବେଦନ


ଛତ୍ରପୁର, (ସବ୍ୟୁ): ସାର ଆଜ୍ଞା ଓ ବାବୁ ମୋ ପିତା ମାତାଙ୍କୁ ଭଲ କରିଦିଅନ୍ତୁ । ମୁଁ ତାଙ୍କ ବିନା ବଞ୍ଚିପାରିବିନି । ମୋ ପାଖରେ ଟଙ୍କା ପଇସା ଘୋର ଅଭାବ ମୁଁ କେମିତି ତାଙ୍କର ଉତ୍ତମ ଚିକିତ୍ସା କରିବି । ଏପରି ଦୁଃଖରେ ଭାଙ୍ଗିପଡ଼ିଛନ୍ତି ପୁଅ ତଥା ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ଚିକଲଖଣ୍ଡି ପଞ୍ଚାୟତର ପୁରୁଣାପାଟଣା ଗ୍ରାମର ରାମ ନାୟକ । ସେ ଜଣେ ନିହାତି ଗରୀବ ଏବଂ ଅନୁସୂଚିତ ଜାତି ସମ୍ପ୍ରଦାୟ ଅଟନ୍ତି । ତାଙ୍କର ପିତା ରାଜୁ ନାୟକ (୫୬) ଏବଂ ମାତା ତମାଲ ନାୟକ (୪୫)ଙ୍କର ଲିଭର ସମସ୍ୟା ସହ କିଡନୀ ରୋଗରେ ପୀଡ଼ିତ ଥିବା ନେଇ ଜିଲ୍ଲାପ୍ରଶାସନ ନିକଟରେ ସରକାରୀ ସହାୟତା ପ୍ରଦାନ ନିମନ୍ତେ ଦରଖାସ୍ତ ଦେଇ ନିବେଦନ କରିଛନ୍ତି । ଏନେଇ ପ୍ରଶାସନ ପକ୍ଷରୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ରେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ଭର୍ତ୍ତି କରି ଚିକିତ୍ସା ଜାରି ରହିଛି । ରେଡକ୍ରସ ପାଣ୍ଠିର ସାହାର୍ଯ୍ୟ ମିଳିଛି । ସେପଟେ ଏହାର ଖବର ପାଇ ଆଜି ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦେବାଶିଷ ମିଶ୍ର, ବରିଷ୍ଠ ସମାଜସେବୀ ଭାଗିରଥି ବେହେରା,ୟୁଥମାସ ସେବା ସଂଘର ଅଧ୍ୟକ୍ଷ ବନମାଳୀ ନେପାକ, ସମ୍ପାଦକ ସୟଦ ମୁକ୍ତାର, ତ୍ରିଲୋଚନ ବେହେରା, ବି. ଗୋପାଳ ସ୍ୱାମୀ, ମାଙ୍ଗଲେଶ୍ୱର ରାଓଙ୍କ ସହ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ମାନେ ଚିକିତ୍ସାଳୟରେ ପହଂଚି କିଡ଼ନୀ ରୋଗରେ ଆକ୍ରାନ୍ତ ଉଭୟ ସ୍ୱାମୀ ଓ ସ୍ତ୍ରୀ ଙ୍କୁ ଭେଟି ତାଙ୍କର ସ୍ୱାସ୍ଥ୍ୟ ଆରୋଗ୍ୟ କାମନା କରିବା ସହିତ କିଛି ଆର୍ଥିକ ସାହାର୍ଯ୍ୟ କରିଛନ୍ତି । ଏହାସହ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଉଚିତ ସ୍ୱାସ୍ଥ୍ୟ ସେବା ସହିତ ଆର୍ଥିକ ସାହାର୍ଯ୍ୟ କରିବା ନିମନ୍ତେ ଅନୁରୋଧ କରିଛନ୍ତି ।

ପ୍ରକାଶ ଥାଉକି, ଛତ୍ରପୁର ବ୍ଲକ ଅନ୍ତର୍ଗତ ଚିକଲଖଣ୍ଡି ପଞ୍ଚାୟତର ପୁରୁଣାପାଟଣା ଗ୍ରାମର ଏହି ଗରିବ ପରିବାରର ବୋଝ ମୁଣ୍ଡାଇ ଦୁଃଖରେ ଭାଙ୍ଗିପଡ଼ିଛି ପୁଅ ରାମ ନାୟକ । ଅଭାବ ଅନାଟନ ମଧ୍ୟରେ ରହି ଦିନ କାଟୁଥିବା ରାମ ନାୟକ ୨୬ ବର୍ଷ ହୋଇଥିଲେ, ମଧ୍ୟ ବିଭିନ୍ନ ଯାନିଯାତ୍ରା ପର୍ବପର୍ବାଣୀମାନଙ୍କରେ ନିଜକୁ ଷ୍ଟେଚୁ କରି ଗୋଲଡେନ ବୟେ ରାମ ନାମରେ କ୍ଷୁଦ୍ର କଳାକାର ଭାବରେ ଜଣାଶୁଣା । ଲୋକମାନେ ସେହି ଷ୍ଟାଚ୍ୟୁ ଦେଖି ଖୁସିରେ କିଛି କିଛି ଅର୍ଥ ଦେଇଥାନ୍ତି । ତେବେ ଯାହା ବି ରୋଜଗାର ହୁଏ, ତାହା ସଞ୍ଚୟ କରି ନିଜ ପିତା ରାଜୁ ନାୟକ ଓ ମାଆ ତମାଲ ନାୟକଙ୍କ ଚିକିତ୍ସା କରୁଛନ୍ତି । ତାଙ୍କର ପିତାମାତା ଲିଭର୍ ଓ କିଡନୀ ରୋଗରେ ପୀଡିତ ହୋଇ ବ୍ରହ୍ମପୁର ବଡ଼ ମେଡିକାଲ ଅନେକ ଥର ଚିକିତ୍ସା ହୋଇ ଆସିଛନ୍ତି । ଅନ୍ୟପଟେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଙ୍କ ଚିକିତ୍ସା ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଚାଲିଛି । ରେଡକ୍ରସ ପାଣ୍ଠିର ସାହାର୍ଯ୍ୟ ମିଳିଛି । ଏହା ସହିତ ଚିକଲ ଖଣ୍ଡି ସରପଞ୍ଚ ଭଗବାନ ବେହେରା ଏବଂ ପଂଚାୟତୟର କିଛି ବ୍ୟକ୍ତି ଭେଟି କିଛି ସହାୟତା ମଧ୍ୟ କରିଥିବା ସୂଚନା ମିଳିଛି ।

# ଅବ୍ୟବସ୍ଥାରେ ବାଲିପଦର ସ୍ୱାସ୍ଥ୍ୟକେନ୍ଦ୍ର, ସାଧାରଣରେ ବଢୁଛି ଅସନ୍ତୋଷ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ବାଲିପଦର ଗ୍ରାମସ୍ଥ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ସଂପ୍ରତିକ ପରିସ୍ଥିତି ଅତି ଖରାପ । ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରୁ ରୋଗୀ ଆବଶ୍ୟକୀୟ ସଠିକ୍ ସେବା ପାଇପାରୁନାହାନ୍ତି । ଏଥି ସହ ସ୍ୱାସ୍ଥ୍ୟକେନ୍ଦ୍ରର ବାହ୍ୟ ପରିବେଶ ମଧ୍ୟ ଅସ୍ୱାସ୍ଥ୍ୟକର ଅଟେ । ସାମାନ୍ୟ ବର୍ଷାରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଜଳାର୍ଣ୍ଣବ ହୋଇପଡୁଥିବା ଫଳରେ ରୋଗୀଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି ।

ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବାଲିପଦର ସମେତ ଆଖପାଖ ଅଞ୍ଚଳର ଅଧିବାସୀ ନିର୍ଭର କରୁଥିବା ବେଳେ ଦିନ ୧୨ଟା ପରେ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ରହୁଥିବାରୁ ରୋଗୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି । ଏଠାକାର ପ୍ରସୂତି ବିଭାଗକୁ ଉଠାଇ ଦିଆଯାଇଥିବାରୁ ଆସନ୍ନ ପ୍ରସବା ମହିଳାମାନେ ବ୍ରହ୍ମପୁର ଉପରେ ନିର୍ଭର କରିବାକୁ ପଡୁଛି । ପୂର୍ବରୁ ଥିବା ଜଣେ ଷ୍ଟାଫ୍ ନର୍ସଙ୍କ ଅବସର ଗ୍ରହଣ ପରେ ଆଉ କେହି ନଥିବାରୁ ଲୋକେ ହଟହଟା ହେଉଛନ୍ତି ।



ଛଅ ଶଯ୍ୟା ବିଶିଷ୍ଟ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୀର୍ଘ ଦିନ ହେଲା ଜଣେ ଫାର୍ମାସିଷ୍ଟ ଚଳାଇ ଆସୁଥିବା ବେଳେ ଯେଉଁ ଡାକ୍ତର ନିଯୁକ୍ତ ହେଉଛନ୍ତି ସେ ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେସନରେ ଚାଲିଯାଉଥିବା ଅଭିଯୋଗ ହେଉଛି। ସମ୍ପ୍ରତି ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଚାରି ଜଣ କର୍ମଚାରୀ ରହିଥିବା ବେଳେ ଛଅ ଜଣ କର୍ମଚାରୀଙ୍କ ଅଭାବ ରହିଛି ।

ଅନ୍ୟପକ୍ଷରେ ଅପରାହ୍ନ ଏବଂ ସନ୍ଧ୍ୟା ସମୟରେ ସିକ୍ୟୁରିଟି ଗାର୍ଡ ଓ ନାଇଟ୍ ୱାଚରଙ୍କ ବ୍ୟତୀତ ଅନ୍ୟ କାହାରି ଦେଖା ମିଳୁନଥିବାରୁ ସାଧାରଣରେ ପ୍ରବଳ ଅସନ୍ତୋଷ ଦେଖାଦେଉଛି । ତେଣୁ, ନାହିଁ ନାହିଁରେ ଚାଲିଥିବା ବାଲିପଦର ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସାମ୍ପ୍ରତିକ ଅବ୍ୟବସ୍ଥାର ଦୂରୀକରଣ ଦିଗରେ ଯଥାଶୀଘ୍ର କୌଣସି ଦୃଢ଼ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାଷା ବିଜ୍ଞାନ ବିଭାଗର କର୍ମଶାଳା ଉଦ୍‌ଯାପିତ

ଗୋପାଳପୁର, (ସବ୍ୟୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଭାଷା ବିଜ୍ଞାନ ବିଭାଗର ତିନି ଦିନିଆ କର୍ମଶାଳା ଆଜି ଉଦଯାପିତ ହୋଇଛି । କର୍ମଶାଳାର ଆବାହକ ତଥା ବିଭାଗୀୟ ମୁଖ୍ୟ ଡ଼.ବୋବିତା ସରାଙ୍ଗଥେମଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସ୍କୃତି ବିଶ୍ୱବିଦ୍ୟାଳୟର ଭାଷା ବିଜ୍ଞାନ ବିଭାଗର ଡ଼.କୈଳାଦ ବୋଉ ଦାଇମାଇ, ଉକ୍ରଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ରମେଶ ଚନ୍ଦ୍ର ମଲ୍ଲିକ, କୋରାପୁଟ ଓଏଟିଏସର ଅତିଥି ଅଧ୍ୟାପକ ଡ଼.ରାଜେନ୍ଦ୍ର ପାଢ଼ୀ ଯୋଗ ଦେଇ ବିଭିନ୍ନ ଭାଷାକୁ ସଂରକ୍ଷଣ କିଭଳି କରାଯିବ । ଭାଷାର ଅନୁବାଦ କରିବା ତାହାସହ ଭାଷାକୋଷ ପ୍ରସ୍ତୁତି କରିବା, ବୋଣ୍ଡା, କନ୍ଧ ଓ ସୌରା ଜନଜାତିର ଧାର୍ମିକ ବିଶ୍ୱାସ, ବିବାହ ପରମ୍ପରା ଆଦି ଉପରେ ଆଲୋକପାତ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ, ସଂସ୍କୃତି ବିଶ୍ୱବିଦ୍ୟାଳୟ,କିସ ବିଶ୍ୱବିଦ୍ୟାଳୟ, ସୋଆ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଭାଷା ବିଜ୍ଞାନ ଓ ଓଡ଼ିଆ ବିଭାଗର ବହୁ ଛାତ୍ରଛାତ୍ରୀ, ଗବେଷକ, ଗବେଷିକା ଯୋଗ ଦେଇଥିଲେ । ଏହି ଅବସରରେ ୪୦ ଜଣ ଗବେଷକ, ଗବେଷିକାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି ।

# ମୟୂରଭଞ୍ଜରେ ଇସ୍ପାତ କାରଖାନା ଓ ବେକାରୀଙ୍କୁ ନିଯୁକ୍ତି ଦାବିରେ ଏଆଇଡିଓ୍ୱାଇଓ ପକ୍ଷରୁ ଯୁବ ବିକ୍ଷୋଭ




ବାରିପଦା, (ସବ୍ୟୁ) : ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ୟୁଥ୍ ଅର୍ଗାନାଇଜେସନ (ଏଆଇଡିଓ୍ୱାଇଓ) ମୟୂରଭଞ୍ଜ ଜିଲ୍ଲା ପକ୍ଷରୁ ଆଜି ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ଯୁବ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସମସ୍ତ ବେକରଙ୍କୁ କର୍ମ ନିଯୁଛି ନଚେତ୍ ନିଯୁକ୍ତି ପର୍ଯ୍ୟନ୍ତ ବେକାରୀ ଭତ୍ତା, ମୟୂରଭଞ୍ଜ ଜିଲ୍ଲାରେ ସରକାରୀ ଉଦ୍ୟୋଗରେ ଇସ୍ପାତ କାରଖାନା ପ୍ରତିଷ୍ଠା, ବୁଢ଼ାମରା-ଚାକୁଳିଆ, ବାଙ୍ଗିରିପୋଷି-ଗୋରୁମହିଷାଣୀ, ବାଦାମପାହାଡ-କେନ୍ଦୁଝର ରେଳ ସଂଯୋଗ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଭିନ୍ନ ବିଭାଗରେ ଖାଲିପଡିଥିବା ପଦବି ଗୁଡ଼ିକ ଯୁଧକାଳୀନ ଭିତ୍ତିରେ ପୂରଣ କରିବା, ନିଯୁକ୍ତି ଓ ପରୀକ୍ଷାରେ ହେଉଥିବା ଦୁର୍ନୀତି ଓ ଭ୍ରଷ୍ଟାଚାର ବନ୍ଦ କରିବା, ନୂତନ ମଟରଯାନ ପ୍ରଦୂଷଣ ଆଇନ କରି ସାଧାରଣ ଲୋକଙ୍କ ଠାରୁ ଫାଇନ ଆଦାୟ ବନ୍ଦ କରିବା, ମଦ-ମାଦକ ଦ୍ରବ୍ୟ ଓ ଅଶ୍ଳିଳତାର ପ୍ରସାର ବନ୍ଦ କରିବା, ଶିଶୁକନ୍ୟା ଓ ମହିଳା ମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଆଦି ଦାବି ସମ୍ବଳିତ ଏକ ସ୍ମାରକ ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଏହି ଉପଲକ୍ଷେ ଛଉପଡ଼ିଆ ଠାରୁ ଜିଲ୍ଲାପାଳ ଅଫିସ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିଲା । ସେଠାରେ ବାମନଘାଟି ସଭାପତି ମନୋଜ ମହାନ୍ତଙ୍କ ସଭାପତିତ୍ୟରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା ।

ଜିଲ୍ଲାର ବିଭିନ୍ନ ସ୍ଥାନରୁ ଯୁବ ନେତୃବୃନ୍ଦ ବାରିପଦାରୁ ପୀତାମ୍ବର ନାଏକ, ଯଶିପୁରରୁ ସୁଶାନ୍ତ ମୁର୍ମୁ, ବିଶୋଇରୁ ଗୋବିନ୍ଦ ଦାସ, କପ୍ତିପଦାରୁ ସୋମା ସମୁରାଏ, କରଞ୍ଜିଆରୁ ଲଳିତ ମହାନ୍ତ ଏବଂ ସଂଗଠନର ରାଜ୍ୟ କୋଷାଧ୍ୟକ୍ଷ ଚୈତନ୍ୟ ମହାରଣା ଯୁବ ସମସ୍ୟା ଓ ସମାଜର ସମସ୍ୟା ନେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏନେଇ ଜିଲ୍ଲାର ସତାଧିକ ଯୁବକ ଯୁବତୀ ଅଂଶଗ୍ରହଣ କରିଥିବାବେଳେ ଆଗାମୀ ଦିନରେ ଆହୁରି ଶକ୍ତିଶାଳୀ ଯୁବ ଅନ୍ଦୋଳନ ପାଇଁ ଆହ୍ୱାନ ଦିଆଯାଇଥିଲା ।

# ନବବିବାହିତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

ଭଂଜନଗର, (ସବ୍ୟୁ): ବନ୍ଦ ଘର ଭିତରୁ ନବବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର । ଗାଙ୍ଗପୁର ଥାନା ଅନ୍ତର୍ଗତ ଗୁଣ୍ଡପଲ୍ଲବା ଗାଁରେ ଘଟିଛି ଏଭଳି ଘଟଣା । ମୃତ ମହିଳା ଜଣକ ରଶ୍ମିତା ଗୌଡ (୨୪) । ବୁଧବାର ପୂର୍ବାହ୍ନରେ ବନ୍ଦ ଘର ଭିତରୁ ଫେନ୍‌ରେ ମୃତଦେହ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ତେବେ ଏନେଇ ବାପଘର ପକ୍ଷରୁ ଥାନାରେ ହତ୍ୟା ଅଭିଯୋଗ କରାଯାଇଛି । ଘଟଣା ପ୍ରକାରେ ସୋରଡ଼ା ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମର ସ୍ୱର୍ଗତ ଚିନ୍ତାମଣି ଗୌଡ ଙ୍କ ଝିଅ ରଶ୍ମିତା ଗୌଡ । ବର୍ଷକ ପୂର୍ବରୁ ଗୁଣ୍ଡପଲ୍ଲବା ଗାଁରେ ପୁନିଆ ଗୌଡଙ୍କ ପୁଅ ଜିତେନ୍ଦ୍ର ଗୌଡକୁ ବୈଦିକ ରୀତିରେ ବିବାହ କରିଥିଲେ । ଅଭିଯୋଗ ପ୍ରକାରେ, ପରବର୍ତ୍ତୀ ସମୟରେ ଶଶୁର ଘର ପକ୍ଷରୁ ରଶ୍ମିତାଙ୍କୁ ମାନସିକ ଏବଂ ଶାରୀରିକ ନିର୍ଯାତନା ଦିଆଯାଉଥିଲା । ଏହାସହ ଅଧିକ ଯୌତୁକ ଆଣିବା ପାଇଁ କୁହାଯାଇଥିଲା । ବୁଧବାର ପୂର୍ବାହ୍ନରେ ରଶ୍ମିତା ରହୁଥିବା କୋଠରୀ ବନ୍ଦ ଥିବା ବେଳେ, ପରବର୍ତ୍ତୀ ସମୟରେ କବାଟ ଭାଙ୍ଗି ଦେଖିବା ବେଳକୁ ତାଙ୍କର ମୃତଦେହ ଫ୍ୟାନ୍‌ରେ ଝୁଲୁଥିଲା । ଖବର ପାଇ ଗାଙ୍ଗପୁର ଥାନାଧିକାରୀ ବନବିହାରୀ ପ୍ରଧାନ ଏବଂ ଷ୍ଟାଫ୍ ଘଟଣା ସ୍ଥଳରେ ପହଞ୍ଚିଥିଲେ । ମୃତଦେହକୁ ଉଦ୍ଧାର କରିଥିଲେ । ରଶ୍ମିତା ଆତ୍ମହତ୍ୟା କରିଥିବା ନେଇ, ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ମୃତ ରଶ୍ମିତାଙ୍କ ଭାଇ ଶିବାନନ୍ଦ ଗୌଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତିଯେ ତାଙ୍କ ଭଉଣୀକୁ ତଣ୍ଟି ଚିପି ହତ୍ୟା କରାଯାଇଛି । ଘଟଣା ସ୍ଥଳରୁ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଯାଇଛି । ମୃତ ରଶ୍ମିତା ୩ ମାସର ଗର୍ଭବତୀ ଥିବା କୁହାଯାଇଛି । ଏନେଇ ଗାଙ୍ଗପୁର ଥାନା କେଶ୍ ନମ୍ବର ୮୬/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ପୋଲିସ ।

# ହେମନ୍ତ ଶାହା ହେଲେ ମାରଓ୍ୱାଡିୟୁଥ ଫୋରମର ଅର୍ନ୍ତଜାତୀୟ ଭାଇସ ଚେୟାରମ୍ୟାନ



ବାରିପଦା, (ସବ୍ୟୁ) : ଦେଶର ଅଗ୍ରଣୀ ଜନସେବା ସଂଗଠନ ଅଖିଳ ଭାରତୀୟ ମାରଓ୍ୱାଡିଯୁବା ମଞ୍ଚର ପୂର୍ବତନ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ହେମନ୍ତ ସାହା ମାରଓ୍ୱାଡି ୟୁଥ ଫୋରମ ଆର୍ନ୍ତଜାତୀୟ ଫୋରମର ଭାଇସଚେୟାରମେନ ଭାବେ ନିଯୁକ୍ତି ହୋଇଛନ୍ତି । ଶ୍ରୀ ସାହାଙ୍କୁ ଏହି ଦାୟିତ୍ୱ ସଂଗଠନର ଜାତୀୟ ସଭାପତି ସୁରେଶ ଜେନ୍ ଦାୟିତ୍ୱ ପ୍ରଦାନ କରିଛନ୍ତି । ଏହି ନିଯୁକ୍ତି ସହ ହେମନ୍ତ ସାହା ଓଡ଼ିଶା, ଝାରଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଦିଲ୍ଲୀ ଓ ରାଜସ୍ଥାନ ସମେତ ସମଗ୍ର ଦେଶରେ ମଞ୍ଚ ପରିବାରରେ ଖୁସିର ଲହରି ଖେଳିଯାଇଛି ।

ଶ୍ରୀ ସାହା ବିଦେଶରେ ଅନେକ ଆନ୍ତର୍ଜାତୀୟ ଶାଖା ପୂର୍ବରୁ ଖୋଲି ସାରିଛନ୍ତି ଯେପରିକି ଦୁବାଇ, ଆବୁଧାବି, ମାଲେସିଆ, ଥାଇଲାଣ୍ଡ, ଲଣ୍ଡନ, ସିଙ୍ଗାପୁର, ନେପାଳର କାଠମାଣ୍ଡୁ ଭଳି ଅନେକ ଶାଖା । ଏହି ନିଯୁକ୍ତି ଉପରେ ଅନେକ ରାଜ୍ୟର ସଭାପତି ଏବଂ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଏବଂ ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷମାନେ ଅଭିନନ୍ଦନ ଜଣାଇଛନ୍ତି । ଦେଶ ବାହାରେ ପ୍ଲାଟଫର୍ମର ସେବା ପ୍ରକଳ୍ପ ପ୍ରତିଷ୍ଠା କରିବା, ଭାରତୀୟ ସଂସ୍କୃତି, କଳା, ଅଣସଂରକ୍ଷିତ ଜମି, ଖାଦ୍ୟ ଏବଂ ପାନୀୟ ଜଳ ସହିତ ଜଡ଼ିତ ରହିବା ପାଇଁ ନିରନ୍ତର ପ୍ରୟାସ କରିବେ ବୋଲି ଶ୍ରୀ ସାହା ମତପ୍ରକାଶ କରିଛନ୍ତି । ଭାରତ ବାହାରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ସହ ସମ୍ପର୍କ ସ୍ଥାପନ କରି ଭାରତର କଳା ଓ ସଂସ୍କୃତିକୁ ବିଦେଶରେ କିପରି ଉଚ୍ଚସ୍ଥାନ ପ୍ରାପ୍ତ ହୋଇପାରିବ ସେଥି ନିମନ୍ତେ ପ୍ରୟାସ ଜାରି ରହିବ ବୋଲି ଆଶ୍ୱାସନା ଦେଇଛନ୍ତି । ପ୍ରକାଶଥାଉ କି ଯେ, ଶ୍ରୀ ସାହା ପୂର୍ବରୁ ଅମୃତ ଧାରାର ରାଷ୍ଟ୍ରୀୟ ସଂଯୋଜକ ଭାବରେ ଭାରତରେ ୩୦୦୦ରୁ ଉର୍ଦ୍ଧ୍ୱ ଅମୃତ ଧାରା ପ୍ରକଳ୍ପ ସ୍ଥାପିତ କରିସାରିଛନ୍ତି ।

# ଭଞ୍ଜସେନା ଠିକାଦାର ଶାଖାର ନୂତନ କର୍ମକର୍ତ୍ତା ମନୋନୀତ

ବାରିପଦା, (ସବ୍ୟୁ) : ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅନୁମୋଦନ କ୍ରମେ ଭଞ୍ଜସେନା ଠିକାଦାର ଶାଖାର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ସଭାପତି ଶୁଭେନ୍ଦୁ ସାହୁ, କାର୍ଯକାରୀ ସଭାପତି ସୁଜିତ୍ ପ୍ରଧାନ, ଜିଲ୍ଲା ମୁଖ୍ୟ ସଂଯୋଜକ ତଥା ମୁଖପାତ୍ର ପ୍ରଭାସ ମହାନ୍ତ, ଉପସଭାପତି ଦିବ୍ୟକାନ୍ତ ଖୁଣ୍ଟିଆ, ସପନ ପଣ୍ଡା, ଯଶୋବନ୍ତ ସାହୁ, ଶମ୍ଭୁନାଥ ମହାକୁଡ, କପିଳ ଖଣ୍ଡେଲଓ୍ୱାଲ, ଜୟନ୍ତ କୁମାର ବେହେରା, ରୁପକ କୁମାର ମହାନ୍ତି, ଅଙ୍କଜ ମହାପାତ୍ର, ସାଧାରଣ ସମ୍ପାଦକ ରାକେଶ ମହାନ୍ତି, ସଂଗଠନ ସମ୍ପାଦକ ଏସ.କେ ରାଜାଖାନ୍, ନଳିନୀକାନ୍ତ ମଣ୍ଡଳ, ସମ୍ପାଦକ ଲକ୍ଷ୍ମୀନାରାୟଣ ଦାସ, ପ୍ରଦୀପ୍ତ ଗନ୍ତାୟତ, ମାଇକେଲ ମହାନ୍ତ, ଦଇପାନ ବେହେରା, ଦୀପକ ସୁର୍, ଅମିତ କୁମାର, ବାମନଘାଟି ଉପଖଣ୍ଡ ସଂଯୋଜକ ଅଞ୍ଜନ ବରାଳ, ପାଞ୍ଚପିଢ ଉପଖଣ୍ଡ ସଂଯୋଜକ ଦକ୍ଷିଣା ମହାନ୍ତ, କପ୍ତିପଦା ଉପଖଣ୍ଡ ସଂଯୋଜକ ରାଜ୍‌କିରଣ ରାଉତ ଓ ବାରିପଦା ଉପଖଣ୍ଡ ସଂଯୋଜକ ଅତନୁ ତରେଇ ପ୍ରମୁଖ ମନୋନୀତ ହୋଇଥିବା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

## ବ୍ରହ୍ମପୁର ମହାନଗର ନିଗମ ପ୍ରଥମ ବୈଠକ

# ବିଭିନ୍ନ ସମସ୍ୟା ନେଇ ଆଲୋଚନା

ବ୍ରହ୍ମପୁର, (ସବ୍ୟୁ): ମହାନଗର ନିଗମ କମିଶନର ପ୍ରଥାମେଶ ରାଜସିର୍କେ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମେୟର ସଂଘମିତ୍ରା ଦଳେଇ, ଡେପୁଟୀ କମିଶନର କଲ୍ୟାଣୀ ସଂଘମିତ୍ରା ସମେତ ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ । ଉକ୍ତ ବୈଠକରେ ଭେଣ୍ଡି ଜୋନ ଦୋକାନ ଗୃହ ଦରଖାସ୍ତ ଆହ୍ୱାନକରୀ ଲଟେରୀ ବାହାର କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିବା ଜଣାପଡିଛି । ବ୍ରହ୍ମପୁର ମହାନଗର ଅଞ୍ଚଳରେ ୯୭୦ ଦୋକାନ ଗୃହ ଭଡା ପୈଠ କରିନାହାଁନ୍ତି, ତେଣୁ ପ୍ରତି ଷ୍ଟଲ ରେୟୁନିକ କୋଡ ଇନଷ୍ଟଲ କରାଯିବା ପାଇଁ ସ୍ଥିର କରାଯାଇଛି । କେବଳ ରାସ୍ତା ଘାଟ ଓ ଡ୍ରେନ୍ ନିର୍ମାଣରେ ସୀମିତ ରହୁଛି । ଆଖି ଦୃଶିଆ କୌଣସି ପ୍ରକାର ଏପର୍ଯ୍ୟନ୍ତ ବିକାଶ ହୋଇନାହିଁ ବୋଲି ଦାବୀ କଲେ ସୁରେନ୍ଦ୍ର ମହାରଣା । ସିଓ ମାନେ ଅଞ୍ଚଳରେ ବାର୍ଦ୍ଧକ୍ୟ ଭତ୍ତା ହେଉ ଅବା ରାସନ୍ କାର୍ଡର ଅନୁସନ୍ଧାନ କରୁଛନ୍ତି କିନ୍ତୁ କର୍ପୋରେଟରଙ୍କୁ ଖାତିର କରିନାହାନ୍ତି ବୋଲି କିଶୋର ପାତ୍ର ବୈଠକରେ ଅଭିଯୋଗ କରିଛନ୍ତି । ପୋଖରି ଭିତରେ ବିଦ୍ୟୁତ ପୋଲ୍ ଦୀର୍ଘ ଦିନ ହେବ ଅଭିଯୋଗ ପରେ ଉଚ୍ଛେଦ କରାଯାଉ ନାହିଁ ବୋଲି କର୍ପୋରେଟର ବନିତା ସାହୁ ଦାବୀ କରିଥିଲେ । ଓଡ଼ିଆ ଅସ୍ମିତାରେ ଯେଉଁ ସବୁ ଜିଲ୍ଲା ବା ସହରର ଅପଭ୍ରଂଶ ନାମ ଗୁଡିକ ସଂଶୋଧନ ପାଇଁ ରାଜ୍ୟ ସରକାର ତାଲିକା ତିଆରି କରିଥିଲେ ସେଥିରେ ବ୍ରହ୍ମପୁରର ନାମ ନାହିଁ ।

ଇଂରାଜୀରେ ଯେଉଁ ଲେଖା ବରହମପୁରକୁ ବ୍ରହ୍ମପୁର କରିବା ପାଇଁ ଏକ ରିଜୋଲିସନ୍ ପାସ୍ କରି ସରକାରଙ୍କୁ ଦିଆଯାଉ ଦାବୀ କଲେ କର୍ପୋରେଟର ପ୍ରଦୀପ ଶତପଥୀ । ବାର୍ଦ୍ଧକ୍ୟ ଓ ବିକଳାଙ୍ଗ ଭତ୍ତା ପ୍ରଦାନରେ ଏକ ଘରୋଇ ବ୍ୟାଙ୍କର କାର୍ଯ୍ୟ ସନ୍ତୋଷ ଜନକ ନୁହେଁ ତେଣୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ସମସ୍ୟାର ସମାଧାନ କିପରି ହୋଇପାରିବ ସେନେଇ ଆଲଚନା କରାଯିବ । ଆଗକୁ ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ସହରରେ ପାନୀୟ ଜଳ ସମସ୍ୟା ଥିବା ଅଞ୍ଚଳରେ ତୁରନ୍ତ ନିରାକରଣ କରିବା ନିମନ୍ତେ ଓ୍ୱାଟକୋକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ବ୍ରହ୍ମପୁର ବିଏମସି କମିସନର ପ୍ରଥମେଶ ରାଜଶିକେ ।

# ସମ୍ବର୍ଦ୍ଧିତ ହେଲେ ବିଶିଷ୍ଟ ଅଭିନେତା ଚିନ୍ମୟ ଦାସ ପଟ୍ଟନାୟକ

ବାରିପଦା, (ସବ୍ୟୁ) : ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପରେ ଓଡିଶାର ପ୍ରତିଷ୍ଠିତ ନାଟ୍ୟସଂସ୍ଥା "ଶତାବ୍ଦୀର କଳାକାରର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ୨୮ତମ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ବିଶିଷ୍ଟ ଅଭିନେତା, ନାଟ୍ୟକାର, ନିର୍ଦ୍ଦେଶକ ଓ ସଂଗଠକ ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ଉପଢୌକନ, ମାନପତ୍ର, ଟ୍ରଫି ଓ ୫ହଜାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ "ରବୀନ୍ଦ୍ର ସମ୍ମାନରେ ସମ୍ମାନିତ କରାଯାଇଛି। ପ୍ରକାଶ ଥାଉକି ମଞ୍ଚ ନାଟକ, ବେତାର, ଟେଲିଭିଜନ ଓ ଚଳଚ୍ଚିତ୍ର ଜଗତକୁ ଉଲ୍ଲେଖନୀୟ ଅବଦାନ ସହ ଜଣେ ବଳିଷ୍ଠ ନାଟ୍ୟ ସଂଗଠକ ଭାବେ ସେ ନିଜକୁ ସୁପ୍ରତିଷ୍ଠିତ କରିପାରିଛନ୍ତି।




ମୟୂରଭଞ୍ଜ ଜିଲ୍ଲାର ବାରିପଦା ବାସିନ୍ଦା ଶ୍ରୀ ଦାସ ପଟ୍ଟନାୟକଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ପ୍ରଶଂସା ଓ ଅଭିନନ୍ଦନର ସୁଅ ଛୁଟିଛି ଓ ମାନ୍ୟବର ବିଧାୟକ ବାବୁ ସିଂ, ଅଭିନେତା ତଥା ବିଧାୟକ ଆକାଶ ଦାସନାୟକ, ସମାଜସେବୀ ଜଗନ୍ନାଥ ପ୍ରଧାନ, ସମ୍ବାଦ ଓ କନକ ଟିଭିର ମୁଖ୍ୟ ତନୟା ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଡଃ ଗୌରହରି ଦାସ, ଲେଖକ ଶଙ୍କର ତ୍ରିପାଠୀ, ନିର୍ଦ୍ଦେଶକ ତଥା ସଂସ୍ଥାର ସାଧାରଣ ସମ୍ପାଦକ ଧୀର ମଲ୍ଲିକଙ୍କ ଗହଣରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା ।

# ଗଞ୍ଜାମ ପୋଲିସ ଜିଲ୍ଲା ହାବିଲଦାର ଓ କନଷ୍ଟେବଲ ସଂଘ ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ଛତ୍ରପୁର, (ସବ୍ୟୁ) : ଗଞ୍ଜାମ ପୋଲିସ ଜିଲ୍ଲା ହାବିଲଦାର ଓ କନଷ୍ଟେବଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ମାନଙ୍କ ଶପଥ ଗ୍ରହଣ ସମାରୋହ ସହିତ ସର୍ବସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି ।

ଗଂଜାମ ପୋଲିସ ଜିଲ୍ଲାର ଅତିରିକ୍ତ ଏସପି ତଥା ନିର୍ବାଚନ ଅଧିକାରୀ ରବିକାନ୍ତ ସୁନା ସଂଘର ନବ ନିର୍ବାଚିତ ସଭାପତି ଗୋରାଚାନ୍ଦ ତ୍ରିପାଠୀ, ଉପ ସଭାପତି ଜି. ଗଣେଷ ରାଓ, ସମ୍ପାଦକ ସୁବାସ ଚନ୍ଦ୍ର ସେଠୀ, ଯୁଗ୍ମ ସମ୍ପାଦକ -୧ ବି. ହେମନ୍ତ କୁମାର, ଯୁଗ୍ମ ସମ୍ପାଦକ- ୨ ସନ୍ତୋଷ କୁମାର ନାୟକ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀ, କାର୍ଯ୍ୟକାରିଣୀ ସଭ୍ୟ ମନୋଜ କୁମାର ରଥ, ଏସ୍. ପ୍ରହ୍ଲାଦ ରେଡ୍ଡୀ, ଦିଲ୍ଲୀପ କୁମାର ଶବର, ତପନ କୁମାର ନାୟକ ଓ ସଭ୍ୟା ମନସ୍ୱିନୀ ନାୟକଙ୍କୁ ଶପଥ ପାଠ କରାଇଥିଲେ । ବୈଠକରେ ସମସ୍ତ ସଭ୍ୟଙ୍କ ସହମତି ଅନୁସାରେ ଉମାଶଙ୍କର ବେହେରାଙ୍କୁ କେନ୍ଦ୍ରୀୟ କାର୍ଯ୍ୟକାରିଣୀ କମିଟି ସଭ୍ୟ ଭାବେ ମନୋନୀତ କରାଗଲା । ପରେ ନବନିର୍ବାଚିତ ସଭାପତି ଗୋରାଚାନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସର୍ବସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ସଂଘର ସମ୍ପାଦକ ସୁବାଷ ଚନ୍ଦ୍ର ସେଠି ବିବରଣୀ ପାଠ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଗଞ୍ଜାମ ପୋଲିସ ଜିଲ୍ଲା ବହୁ ପୁରାତନ ଜିଲ୍ଲା । ବର୍ତ୍ତମାନ ଏଠାରେ ୨୬ ଟି ଥାନା, ୭ ଟି ଫାଣ୍ଡି ଓ ୧୪ ଟି କୋର୍ଟ ଅବସ୍ଥାପିତ ହୋଇଅଛି ।

ବିଭିନ୍ନ ଆଇନ ଶୃଙ୍ଖଳା, ଭିଆଇପି ଓ ଭିଭିଆଇପି ମାନଙ୍କ ଗସ୍ତ ଏବଂ କୋର୍ଟରୁ ମୁଦଲା ଚାଲାଣ ନିମନ୍ତେ ଫୋର୍ସ ମୃତୟନ ବେଳେ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଏଣୁ ଜିଲ୍ଲାରେ କନଷ୍ଟେବଲ ସଂଖ୍ୟା କୁ ବୃଦ୍ଧି କରିବା, ଛତ୍ରପୁର ସ୍ଥିତ ରିଜର୍ଭ ଅଫିସ୍‌ରେ ଆଉ ଏକ ବାଇକ ଷ୍ଟାଣ୍ଡର ବ୍ୟବସ୍ଥା କରିବା, ପୁରୁଣା ପୋଲିସ୍ ଲାଇନ ଓ ନୁଆଁ ପୋଲିସ୍ ଲାଇନର ସମସ୍ତ ସରକାରୀ ବାସଗୃହ ଗୁଡିକ ମରାମତି ସହ ନୂତନ କ୍ୱାର୍ଟର ନିର୍ମାଣ କରିବା ଏବଂ ପାନୀୟ ଜଳର ସୁବ୍ୟବସ୍ଥା ସକାଶେ ଏକ ସ୍ମାରକ ପତ୍ର ସଂଘ ପକ୍ଷରୁ ଉକ୍ତ ବୈଠକରେ ଗଂଜାମ ଏସପିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଏସପିଙ୍କୁ ପ୍ରଦାନ କରାଯାଇଛି । ଏହି ବୈଠକରେ ସଂଘର ବହୁ ସଭ୍ୟ ଏବଂ ଅନ୍ୟାନ୍ୟ ଜିଲ୍ଲାର ବହୁ କର୍ମକର୍ତା ମାନେ ଯୋଗ ଦେଇଥିଲେ ।

# ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିନିଧିମଣ୍ଡଳୀଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ

ବ୍ରହ୍ମପୁର, (ସବ୍ୟୁ): ଯୁକ୍ତରାଷ୍ଟ୍ର ଆମେରିକାରୟୁଏସଏଫଡିଏର ଏକ ପ୍ରତିନିଧି ମଣ୍ଡଳୀ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ଚିଙ୍ଗୁଡ଼ି ଯାଆଁଳ ଉତ୍ପାଦନ କେନ୍ଦ୍ର ଓ ଖାରିଜଳ ଚାଷରେ ଅନୁସରିତ ମାନଦଣ୍ଡର ମୂଲ୍ୟାଙ୍କନ କରିବା ସହିତ ସଠିକ ମାନଦଣ୍ଡ ଅନୁସରଣ କରିଥିବା ହେତୁ ଏହାର ଉଚ୍ଚ ପ୍ରଶଂସା କରିଛନ୍ତି । ପ୍ରତିନିଧି ମଣ୍ଡଳୀ ପ୍ରଥମେ ଗୋପାଳପୁର ସ୍ଥିତ ଓସିଆନିକ୍ ଚିଙ୍ଗୁଡ଼ି ଯାଆଁଳ ଉତ୍ପାଦନ କେନ୍ଦ୍ରକୁ ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ ସମୟରେ ସିଏଏ, ଏମପିଇଡିଏ, ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଅଧିକାରୀ ଓ ଉପଖଣ୍ଡସ୍ତରୀୟ କମିଟି (ଏସଡିଏଲସି) ର ସଦସ୍ୟମାନେ ଉପସ୍ଥିତ ଥିଲେ ।

ୟୁ ଏ ସ ଏ ଫ ଡି ଏ ର ପ୍ରତିନିଧିମାନେ ଖାଦ୍ୟ ପରିଚାଳନା, ଉତ୍ପାଦନ ଓ ବିକ୍ରୟ ସମ୍ବନ୍ଧୀୟ ରେକର୍ଡ ସହିତ ଅନ୍ୟାନ୍ୟ ଦସ୍ତାବିଜର ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କରିଥିଲେ । ଯାଆଁଳ ଉତ୍ପାଦନ କେନ୍ଦ୍ରର ବିଭିନ୍ନ ଉପକେନ୍ଦ୍ର ପରିଦର୍ଶନ କରି ସମୁଦ୍ରଜଳ ଆରୋହଣ ପ୍ରଣାଳୀ,ୟୁଭି ଓ ଓଜୋନ୍ ଫିଲେଫ୍ରସନ୍ ପ୍ରକ୍ରିୟା, ପରୀକ୍ଷାଗାର କଲCର ପ୍ରଣାଳୀ ଓ ଚିକିତ୍ସା ପ୍ରୋଟୋକଲ୍ ସମ୍ପର୍କରେ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ । ସିଏଏର ପ୍ରତିନିଧି ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କ ସହ ନୀତିନିୟମ ଅନୁସରଣ, ଜଳବାୟୁ ଓ ପରିବେଶ ସୁରକ୍ଷା ବ୍ୟବସ୍ଥା ଓ ଗୁଣବତ୍ତା ନିଶ୍ଚିତକରଣ ମାନଦଣ୍ଡ ଆଦି ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଏହାପରେ ସେମାନେ ସିଏଏ ଓ ଏମପିଇଡିଏ ପଂଜିକୃତ ଉତ୍ପାଦକ ପ୍ରିୟତୋଷ ପ୍ରଧାନଙ୍କ ଦୁଇ ହେକ୍‌ଟର ଜମିରେ ପରିବ୍ୟାପ୍ତ ଖାରିଜଳ ଚିଙ୍ଗୁଡ଼ି ଚାଷ କେନ୍ଦ୍ରର ପରିଦର୍ଶନ କରିଥିଲେ । ସେମାନେ ଯାଆଁଳ କ୍ରୟ, ଇନପୁଟ୍ ସପ୍ଳିଡି ଓ ପଞ୍ଜିକରଣ ସମ୍ବନ୍ଧୀୟ ଦସ୍ତାବିଜ ଅନୁଧ୍ୟାନ କରିବା ସହିତ ସ୍ୟାମ୍ପଲିଙ୍ଗ୍, ରପ୍ତାନି ପ୍ରକ୍ରିୟା ଓ ଟ୍ରେସେବିଲିଟି ପ୍ରଣାଳୀ ସମ୍ପର୍କରେ ଚାଷୀ ଓ ବିଭାଗୀୟ ଅଧିକାରୀମାନଙ୍କ ଠାରୁ ଅବଗତ ହୋଇଥିଲେ । ୟୁଏସଏଫଡିଏ ପ୍ରତିନିଧିମଣ୍ଡଳୀ ଉପଖଣ୍ଡସ୍ତରୀୟ କମିଟିର ସଦସ୍ୟମାନଙ୍କ ସହ ଅନୁଷ୍ଠିତ ବୈଠକରେ ବ୍ରାକିଶ୍ ଜଳ ଚାଷର ପ୍ରସ୍ତାବଗୁଡ଼ିକୁ ଅନୁଧ୍ୟାନ କରିବା ସହିତ କୋଷ୍ଟାଲ୍ ଆକ୍ୱାକଲଚର ଅଥରିଟିଙ୍କୁ ସୁପାରିଶ କରିବାରେ ଏସଡିଏଲସିର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ ନୀତିନିୟମର ଅନୁପାଳନ, ପାରଦର୍ଶିତା ଓ ବ୍ୟବସ୍ଥାଗତ ପ୍ରଗତି ନେଇ ପ୍ରତିନିଧିମଣ୍ଡଳୀ ସନ୍ତୋଷ ବ୍ୟକ୍ତ କରିବା ସହିତ ଗଞ୍ଜାମ ଜିଲ୍ଲାରେ ବ୍ରାକିଶ୍ ଜଳ ଚାଷରେ ହୋଇଥିବା ସମୟୋଚିତ ଉନ୍ନତିର ଉଚ୍ଚପ୍ରଶଂସା କରିଥିଲେ । ଭାରତ ସରକାରଙ୍କ ପାଖରେ ୟୁଏସଏଫଡିଏଙ୍କ ସକାରାତ୍ମକ ରିପୋର୍ଟ ଗଂଜାମର ବ୍ୟବସାୟ ଓ ରପ୍ତାନି ସୁଯୋଗ ବୃଦ୍ଧି କରିବା ସହିତ ଜିଲ୍ଲାର ଜଳଚାଷ ଆହୁରି ସୁଦୃଢ଼ କରିବ ବୋଲି ସ୍ଥାନୀୟ ଅଧିକାରୀମାନେ ଆଶାବ୍ୟକ୍ତ କରିଛନ୍ତି ।

ଏହି ପରିଦର୍ଶନ ସମୟରେ ଲିଲିଆନ୍ ହୁ, ଜାକେରି ମିଲର୍, ଆଣ୍ଟୋନି ରିଜPଲା, କାରେନ୍ ସ୍ୱାଜନ୍, ପଙ୍କଜା ପଣ୍ଡା, ଡା. ଶଙ୍କର ରାଓ, ଏ. ରମେଶ ଓ ଏ. ଆନନ୍ଦ ରାଜାଙ୍କ ସମେତ ଡିଏଫଓ, ଗଞ୍ଜାମ ଭରତ ଭୂଷଣ ସାହୁ, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଗଞ୍ଜାମ ତହସିଲଦାର ସୁକାନ୍ତ କୁମାର ମିଶ୍ର, ଏସିଏଫ, ବ୍ରହ୍ମପୁର, ଜିଲ୍ଲା କୃଷି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମାନସିକ ସ୍ୱାସ୍ଥ୍ୟ ଶିବିର

ରାଜନଗର ,(ସବ୍ୟୁ) : କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ଲକ ସ୍ତରୀୟ ମାନସିକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମୀ ରଞ୍ଜନ ମହାନ୍ତି , ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସଚିଦାନନ୍ଦ ନାୟକଙ୍କ ସହିତ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଗୋଟିଏ ଟିମ ମାନସିକ ସୁସ୍ଥ ରୋଗୀମାନଙ୍କର ଚିକିତ୍ସା କରିଥିଲେ । ଉକ୍ତ ଶିବିରରେ ୫୪ ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇ ମାଗଣାରେ ଔଷଦ ବଣ୍ଟନ କରାଯାଇଥିଲା । ଏହି ଶିବିରକୁ ବିପିଏମ ଶ୍ରୀକାନ୍ତ ଦାସ , ଚନ୍ଦ୍ର ଶେଖର ମଲ୍ଲିକ , ନିର୍ମଳ କୁମାର ଦାଶ , ଯୀଶୁଖ୍ରୀଷ୍ଟ ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

## କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ଟିମ ଦୁଷ୍କର୍ମ ପୀଡିତା ପରିବାରକୁ ଭେଟିଲେ



ରାଜକନିକା ,(ସବ୍ୟୁ) : ରାଜକନିକା ଥାନା ଅଧୀନ ଓଲାଭର ଅଞ୍ଚଳର ସପ୍ତମ ଶ୍ରେଣୀ ଛାତ୍ରୀ ଦୁଷ୍କର୍ମ ଘଟଣାରେ ଗତକାଲି ରାଜ୍ୟ କଂଗ୍ରେସ ଦଳର ଏକ ଫ୍ୟାକ୍ଟ ଟିମ ପୀଡ଼ିତାଙ୍କ ଘରକୁ ଯାଇ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ବେଳେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ପକ୍ଷରୁ ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ଆଳି ବିଧାୟକ ପ୍ରାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା, କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ର ପ୍ରାକ୍ତନ ସଭା ନେତ୍ରୀ ତଥା ବିଜେପି ନେତ୍ରୀ ଗୀତାଞ୍ଜଳି ସେଠି, ବିଜେପି ଜିଲ୍ଲା ସମ୍ପାଦିକା ଝିଲ୍ଲୀ ଦାସ, ଉପସଭାପତି ଶ୍ରୀଧର ପ୍ରଧାନ, ଓ ତାଙ୍କ ନେତୃ ମଣ୍ଡଳୀ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ରାଜ୍ୟ ସରକାରଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚ ତଦନ୍ତ କରି ଦୁଷ୍କର୍ମ ଭଳି ଜଗନ୍ୟ କାଣ୍ଡରେ ଆଉ କିଏ ସାମିଲ ଅଛି ସେ ସମସ୍ତ ଦୋଷୀଙ୍କୁ ଧରିବା ପାଇଁ ଦାବି କରିଛି । ଏହି ଅବସରରେ ରାଜକନିକା ସଦରରେ ଥିବା ବିଜେପି କାର୍ଯ୍ୟାଳୟ ରେ ଏକ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାର ବଜେଟ ରେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଗୁରୁତ୍ୱ ଦେଇ କେନ୍ଦ୍ରାପଡ଼ା ରେ ଏକ ଉଡ଼ାଜାହାଜ କାରଖାନା ଓ ଏକ ବିଶ୍ୱ ବିଦ୍ୟାଳୟ ହେବା କଥା ଘୋଷଣା କରିଥିବାରୁ ସରକାର ଙ୍କୁ କୃତଜ୍ଞତା ଜଣାଇଛନ୍ତ । ଅନ୍ୟମାନଙ୍କ ମଧ୍ୟରେ ନଳିନୀ କାନ୍ତ ସ୍ୱାଇଁ, ଅନୁରାଧା ସାମଲ,ପ୍ରକାଶ ନାୟକ, ଦିଲ୍ଲୀପ ପରିଡା ସଚିନ ମଲ୍ଲିକ, ପ୍ରୀତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ପୋଲିସର ଅପରେସନ ସାଇବର କବଚ: ଜଣେ ଗିରଫ

### ୬୯୧ ଆକାଉଣ୍ଟରୁ ୩୦୫ ତଦନ୍ତ ,ଜିଲ୍ଲାରେ ୬.୨ କୋଟି ଟଙ୍କାର ସାଇବର ଠକେଇ



ଜଗତସିଂହପୁର,(ସବ୍ୟୁ) :ସାଇବର ଅପରାଧକୁ ରୋକିବା ପାଇଁ ରାଜ୍ୟ ପୋଲିସ ପ୍ରଶାସନର ସାଇବର କବଚ ଅଭିଯାନକୁ ନେଇ ଜଗତସିଂହପୁର ପୋଲିସକୁ ବଡ ସଫଳତା ମିଳିଛି ।ଜିଲ୍ଲାର ବିଭିନ୍ନ ଲୋକଙ୍କୁ ଠକେଇର ଶିକାର କରୁଥିବା ଜଣେ ସାଇବର ଠକକୁ ବିରିଡି ପୋଲିସ ଗିରଫ କରିଛି ।ସଂପୃକ୍ତ ସାଇବର ଠକ ଜଣକ ହେଲେ ତାଙ୍କଣା ବାରାହାପୁର ଗ୍ରାମର ସେକ ଅମିର ବକ୍ସଙ୍କ ପୁଅ ରୁବେଲ ବକ୍ସ (୪୩) । ରୁବେଲଙ୍କ ନିକଟରୁ ୟୁକୋ ବ୍ୟାଙ୍କର ୫ଟି,ଇଣ୍ଡିଆନ ବ୍ୟାଙ୍କର ୩ଟି,କାନାରା ବ୍ୟାଙ୍କର ୩ଟି , ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ୧ଟି କରି ମୋଟ ୧୨ଟି ପାସ ବୁକ ଜବତ କରାଯାଇଥିବା ବେଳେ ୟୁକୋ ବ୍ୟାଙ୍କର ୨ଟି ଏଟିଏମ ଏବଂ ଏୟାର ଟେଲ ଓ ଭୋଡା ୮ଟି ସିମକାର୍ଡ ଜବତ କରାଯାଇଛି ।ଜଗତସିଂହପୁର ଏସପି ଅଙ୍କିତ କୁମାର ବର୍ମାଙ୍କ ନିର୍ଦ୍ଦେଶରେ ଓ କ୍ରାଇମବ୍ରାଞ୍ଚର ତଥ୍ୟ ଅନୁସାରେ ବିରିଡି ପୋଲିସ ପକ୍ଷରୁ ସାଇବର ଫ୍ରଡକୁ ନେଇ ବିଭିନ୍ନ ବ୍ୟାଙ୍କର ଆକାଉଣ୍ଟର ଅନଲାଇନ ନେଣଦେଣ ଉପରେ ତଦନ୍ତ କରିଥିଲା ।ବିରିଡି ଥାନା ହାଜିପୁର ସ୍ଥିତ ୟୁକୋ ବ୍ୟାଙ୍କ ଶାଖାରେ ବହୁତ ଗୁଡିଏ ଆକାଉଣ୍ଟ ଖୋଲାଯାଇଥିବା ବେଳେ ସେଥିରେ ୟୁପିଆଇ ସମ୍ବନ୍ଧିତ ସାଇବର ଫ୍ରଡ ବାବଦରେ ବହୁ ତଥ୍ୟ ଜାତୀୟ ସାଇବର କ୍ରାଇମ ପୋଟାର୍ଲରୁ ସୂଚନା ମିଳିଥିଲା ।ପ୍ରାଥମିକ ତଦନ୍ତରୁ ସେକ ରୁବେଲ ବକ୍ସ ନାମକ ଜଣେ ଯୁବକ ବିରିଡି ଅଞ୍ଚଳରେ ବହୁ ଫ୍ରଡ ଆକାଉଣ୍ଟ ଖୋଲି କଳ୍ପନା ଭୋଇ,ପ୍ରମୋଦ ଭୋଇ,ସୀମା ଭୋଇ ଆଦି ଅନେକ ନାମରେ ଆକାଉଣ୍ଟକୁ ଅପରେଟ କରୁଥିଲା ।ଉକ୍ତ ଆକାଉଣ୍ଟ ଗୁଡିକୁ ତଦନ୍ତ କରିବା ପରେ ସେହି ଆକାଉଣ୍ଟ ଗୁଡିକୁ ରାଜ୍ୟ ବାହାରରୁ ବହୁ ଟଙ୍କା ତୁରନ୍ତ ଆସିବା ଓ ଉଠାଣ ଆଦି ନେଣଦେଣର ସୂଚନା ପୋଲିସ ପାଇଥିଲା ।ପୋଲିସ ସଂପୃକ୍ତ ଯୁବକକୁ ବିରିଡି ଥାନାକୁ ଆଣି ପଚରାଉଚରା ପରେ ଘଟଣାର ସତ୍ୟାସତ୍ୟ ପଦାକୁ ଆସିଥିଲା ।ବର୍ତ୍ତମାନ ସୁଦ୍ଧା ପୋଲିସ ୪୨୧୦୦ ଟଙ୍କାର ଫ୍ରଡ ଟଙ୍କାକୁ ପୋଲିସ ଠାବ କରିଛି ।ବର୍ତ୍ତମାନ ସୁଦ୍ଧା ୨୫ଟି ଫେକ ଆକାଉଣ୍ଟ ଠାବ କରାଯାଇଥିବା ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଏସପି ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି ।ଫେବୃଆରୀ ୧୩ ରୁ ୨୭ ଫେବୃଆରୀ ପର୍ଯ୍ୟନ୍ତ ରହିଥିବା ଅପରେସନ ସାଇବର କବଚ ମାଧ୍ୟମରେ ଜଗତସିଂହପୁର ଜିଲ୍ଲାରେ ୨୪ ଫେବୃଆରୀ ସୁଦ୍ଧା ମୋଟ ୬୯୧ଟି ବ୍ୟାଙ୍କ ଆକାଉଣ୍ଟ ଠାବ କରାଯାଇଥିବା ବେଳେ ସେଥିରୁ ୩୦୫ ଆକାଉଣ୍ଟ ତଦନ୍ତ କରାଯାଇଛି ।୧୩ଟି ସାଇବର କେଶ ରେଜିଷ୍ଟ୍ରେସନ କରାଯାଇଥିବା ବେଳେ ୨୫ ଜଣଙ୍କୁ ନୋଟିସ କରାଯାଇଛି ।ପ୍ରାଥମିକ ତଦନ୍ତରୁ ୨୦ଟି ମ୍ୟୁଲ ଆକାଉଣ୍ଟ ଠାବ କରାଯାଇଥିବା ବେଳେ ୬୫ଲକ୍ଷ ୫୧ ହଜାର ୧୬୮ ଟଙ୍କା ଠକ ଟଙ୍କା ରହିଥିବା ଜଣାଯାଇଛି ।ଜିଲ୍ଲାର ସମସ୍ତ ସାଇବର ଠକେଇର ହିସାବକୁ ଦେଖିଲେ ମୋଟ ୬.୨ କୋଟି ଟଙ୍କାର ଠକେଇ ହୋଇଥିବା ଜଗତସିଂହପୁର ଏସପି କହିଛନ୍ତି।ଏହି ସାମ୍ବାଦିକ ସମ୍ମିଳନୀରେ ସଦର ଏସଡିପିଓ ଆଜିଙ୍କୀୟ ମାନେ,ବିରିଡି ଥାନା ଅଧିକାରୀ ସୁଜାତା ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଧର୍ମଶାଳା ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ

ଧର୍ମଶାଳା,( ସବ୍ୟୁ) : ଧର୍ମଶାଳା ଥାନାରେ ନୂତନ ଆଇଆଇସି ଭାବେ ଚିନ୍ମୟୀ କୁମାରି ସାହୁ ଯୋଗଦାନ କରିଛନ୍ତି । ନୂତନ ଭାବେ ଥାନାରେ ଯୋଗଦେଇଥିବା ଅଧିକାରୀଣୀଙ୍କୁ ପୂର୍ବତନ ଆଇଆଇସି ରମାକାନ୍ତ ନାୟକ ସମେତ ଥାନାର ଏସଆଇ, ଏଏସଆଇ ଓ କର୍ମଚାରୀମାନେ ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ । ଏଥିସହ ପୂର୍ବତନ ଥାନା ଅଧିକାରୀ ନୂତନ ଅଧିକାରିଣୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଶ୍ରୀମତୀ ସାହୁ ପୂର୍ବରୁ କୁଆଖିଆ ଥାନାରେ ଥାନା ଅଧିକାରିଣୀ ଭାବେ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରି କିଛି ଦିନ ତଳେ ବରୀ ଥାନାକୁ ବଦଳି ହୋଇଥିଲେ । ଏବେ ତାଙ୍କର ଧର୍ମଶାଳା ଥାନାକୁ ହଠାତ ବଦଳି ହେବା ସମସ୍ତଙ୍କୁ ବିସ୍ମିତ କରିଛି । ଧର୍ମଶାଳା ଥାନାରେ ପ୍ରଥମ ଥର ଭାବେ ଜଣେ ମହିଳା ଅଧିକାରୀଣୀ ଯୋଗଦେଇଥିବା ବେଳେ ତାଙ୍କଜ ପାଇଁ ଏଟାରେ ଅନେକ ଗୁଡିଏ ଚ୍ୟାଲେଞ୍ଜ ରହିଛି । ଧର୍ମଶାଳା ଏକ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶିଳ ଅଂଚଳ ଭାବେ ବେଶ ଜଣାଶୁଣା । ସଦାସର୍ବଦା କିଛି ନା କିଛି ଘଟଣା ଏହି ଅଂଚଳରେ ଘଟୁଥିବା ଦେଖିବାକୁ ମିଳିଛି । ଏକ ସମ୍ବେଦନଶିଳ ଥାନାରେ ଯୋଗଦେଇଥିବା ଚିନ୍ମୟୀ ସାହୁଙ୍କ ଆଗରେ ରହିଥିବା ଚ୍ୟାଲେଞ୍ଜକୁ କେତେଦୁର ମୁକାବିଲା କରିପାରୁଛନ୍ତି ତାହା ସମୟ କହିବ ।

## ନିଯୁକ୍ତି ମେଳା ୧୧୬୮ ପଞ୍ଜିକୃତ

କେନ୍ଦ୍ରାପଡ଼ା,( ସବ୍ୟୁ): ଆଜି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରଶାସନ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ନିଯୁକ୍ତି ମେଳାରେ ବିଧାୟକ ମହାକାଳପଡ଼ା ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିଯୁକ୍ତି ମେଳାକୁ ଉଦଘାଟନ କରିଥିଲେ । ଅନ୍ୟଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଅଧ୍ୟକ୍ଷା ସରିତା ସାହୁ,ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ଜିଲ୍ଲାପାଳ ରଘୁରାମ ଆର ଆୟର, ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରିଣୀ ଇନ୍ଦିରା ମଲ୍ଲୀକ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ନିଯୁକ୍ତିମେଳାର ଆଭିମୁଖ୍ୟ କହିଥିଲେ । ଏହି ନିଯୁକ୍ତି ମେଳାରେ ୫୩ ଟି ଘରୋଇ ସଂସ୍ଥା, ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସଂସ୍ଥା ଯୋଗ ଦେଇଥିଲେ । କେନ୍ଦ୍ରାପଡ଼ା ଜିଲ୍ଲାର ଚାକିରୀ ଏନ୍ୱେଷଣରେ ଥିବା ୫ମ ,୩ ପାସ କରିଥିବା ଯୋଗ୍ୟତାଧାରୀ ୧୮ ରୁ ୩୫ ବର୍ଷ ବୟସ ସୀମା ଅର୍ନ୍ତଭୁକ୍ତ ୧୧୬୮ ଜଣ ନିଯୁକ୍ତି ଆଶାୟୀ ମେଳାରେ ଯୋଗଦେଇଥିଲେ ।

## ମା' ବାରଦେଈଙ୍କ ପୀଠରେ ଧନୁଯାତ୍ରା ଉଦ୍‌ଯାପିତ



ନାଉଗାଁ ,(ସବୁ): ନାଉଗାଁ ବ୍ଲକ ଅନ୍ତର୍ଗତ ତେଣ୍ଟୋଇ ସ୍ଥିତ ମା' ବାରଦେଈଙ୍କ ପୀଠରେ ଅନୁଷ୍ଠିତ ଚତୁର୍ଥ ବାର୍ଷିକ ଧନୁଯାତ୍ରାର ଉଦଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରାର ପାଞ୍ଚମ ତଥା ଶେଷ ଦୀନ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସମାଜସେବୀ ନିରଞ୍ଜନ ନାୟକ ଯୋଗଦାନ କରିଥିବା ବେଳେ ଏହି ଉଦଯାପିତ ସଂଧାରେ ଓଡିଶା ସରକାର ଏବଂ ଭାରତ ସରକାରଙ୍କ ବିଭିନ୍ନ ବିଭାଗରେ ଚାକିରି କରୀ ଅବସର ଗ୍ରହଣ କରିଥିବା ବହୁ ମାନ୍ୟଗନ୍ୟ ବ୍ୟକ୍ତିଙ୍କୁ ଦରବାରରେ ମହାରାଜ କଂସଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପରେପରେ କଂସଙ୍କ ଦରବାର ଆରମ୍ଭ ହୋଇ ଅକ୍ରୁର ଗୋପପୁରରେ ପ୍ରବେଶ ଓ କୃଷ୍ଣ ବଳରାମଙ୍କୁ ଧରି ମଥୁରା ଗମନ, ଗୋପୀମାନଙ୍କ ମଥୁରାରେ ଦହିବିକା, ଶିବଧନୁଭଗ୍ନ ସହ କଂସ ବଦ୍ଧ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯାହାକୁ ଦେଖିବା ପାଇଁ ଏଠାରେ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିବା ବେଳେ ସାନ୍ତି ସୁଖଳା ରକ୍ଷା ପାଇଁ ନାଉଗାଁ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏହି ଉତ୍ସବକୁ ଧନୁଯାତ୍ରା ଆୟୋଜକ କମିଟିର ସଭାପତି ଗୈତମ କୁମାର ସାହୁ, ସମ୍ପାଦକ ପଶୁରାମ ବିଶ୍ୱାଳ, ରବିନ୍ଦ୍ର କୁମାର ଲେଙ୍କା, ରୋହିତ କୁମାର ବିଶ୍ୱାଳ ସରୋଜ କୁମାର ଲେଙ୍କା,ଅନନ୍ତ ଚରଣ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଦିଲିପ ପଟ୍ଟନାୟକ, ବିଶ୍ୱଜିତ ବିଶ୍ୱାଳ, ବେଣୁଧର ବିଶ୍ୱାଳ, ଅକ୍ଷୟ କୁମାର ବିଶ୍ୱାଳ,ରଞ୍ଜନ କୁମାର ବିଶ୍ୱାଳ,ନିରଞ୍ଜନ ସାହୁ, ପ୍ରକାଶ କୁମାର ବିଶ୍ୱାଳ ଓ ବିଜୟ କୁମାର ବିଶ୍ୱାଳ ସମେତ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଏହି ଧନୁଯାତ୍ରାକୁ ସାନ୍ତି ସୁଖଳା ସହିତ ପରିଚାଳନା କରିଥିଲେ।

## ପହଙ୍ଗାରେ ନୂତନ ପାଠ୍ୟକ୍ରମ ରୂପରେଖ ସମ୍ପର୍କରେ ପ୍ରଶିକ୍ଷଣ

କୁଆଖିଆ ,(ସବ୍ୟୁ) :ରସୁଲପୁର ବ୍ଲକ ଅନ୍ତର୍ଗତ ପହଙ୍ଗା ସ୍ଥିତ ପଂଚାୟତ ଉଚ୍ଚ ବିଦ୍ୟାଳୟ, ପହଙ୍ଗା ପରିସରରେ ପଞ୍ଚ ଦିବଶୀୟ ଓଡିଶା ପାଠ୍ୟକ୍ରମ ରୂପରେଖ ପ୍ରଶିକ୍ଷଣ ଆରମ୍ଭ ହୋଇଛି । ଏହି ପ୍ରଶିକ୍ଷଣକୁ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ଘଡେଇ ଉଦଘାଟନ କରିଥିଲେ । ଏଥିରେ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ,ଏ ବି ଇ ଓ, ତଥା ବି ଆର ସି ଅରୁଣ କୁମାର ସେଠ ଯୋଗ ଦେଇ ନୂତନ ପାଠ୍ୟକ୍ରମ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଗୃହରେ କିପରି ପଢ଼ାଯିବ ଆମ ପରମ୍ପରା, ଗୀତା, ଉପନିଷଦ, ମହାପୁରୁଷ ଙ୍କ ଜୀବନୀରୁ ପିଲାମାନେ କିପରି ଶିକ୍ଷା ପାଇବିକଶିତ ହେବେ ସେ ସମ୍ପର୍କ ରେ କହିଥିଲେ । ସି ଆର ସି ସି ମଦନ ମୋହନ ବେହେରାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଶିବିରରେବିଭିନ୍ନ କ୍ଲଷ୍ଟରରର ୧୦୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେଉଛନ୍ତି । ଆର ପି ସମ୍ବଳ ଶିକ୍ଷକ ପ୍ରଶାନ୍ତ ଗୁଇଁ, ମିତ୍ରଭାନୁ ନାୟକ, ଦିବାକର ସାହୁ ଯୋଗ ଦେଇ ପ୍ରଥମ ଶ୍ରେଣୀ ରୁ ଅଷ୍ଟମ ଶ୍ରେଣୀ ନୂତନ ପାଠ୍ୟ କିପରି ପଢ଼ା ଯିବ ଏବଂ ଶାରୀରିକ, ବୃତ୍ତି ଗତ, ସଂସ୍କୃତି ଶିକ୍ଷା କିପରି ସର୍ବ ଜନାଦୃତ ହୋଇ ପାରିବ ଏଥି ସହ କିପରି ଛାତ୍ର ଛାତ୍ରୀ ସେସବୁ କୁ ସହଜରେ ଗ୍ରହଣ କରିବେ ସେ ଉପରେ ଆଲୋଚନା ହୋଇଥିଲା । ଶିବିରକୁ ପ୍ରଧାନ ଶିକ୍ଷକ ବିଜୟ କୁମାର ଭଦ୍ର, ଧୀରେନ୍ଦ୍ର ସାହୁ, ଶ୍ରୀକାନ୍ତ ରଥ, ପହଙ୍ଗା ସ୍କୁଲ ର ବାସୁଦେବ ଦାସ, ଦେବାଶିଷ ନାୟକ, ଅଜୟ ମଲ୍ଲିକ, ହେମନ୍ତ କୁମାର ସାହୁ ପରିଚାଳନା ରେ ସହଯୋଗ କରିଥିଲେ ।

### ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପଟ୍ଟାମୁଣ୍ଡାଇ କଲେଜରେ ପ୍ରସ୍ତୁତି ଆରମ୍ଭ

## ପୁରାତନ ଛାତ୍ରଛାତ୍ରୀ ପରିଷଦ ଗଠିତ

ପଟ୍ଟାମୁଣ୍ଡାଇ,(ସବ୍ୟୁ): ପଟ୍ଟାମୁଣ୍ଡାଇ ଅଞ୍ଚଳର ଗୌରବମୟ ଇତିହାସର ମୂକସାକ୍ଷୀ ପଟ୍ଟାମୁଣ୍ଡାଇ କଲେଜର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ପଟ୍ଟାମୁଣ୍ଡାଇ କଲେଜର ୫୦ବର୍ଷ ପୂର୍ତ୍ତି ଉତ୍ସବକୁ ମନୋରମ ଓ ଉଦାହରଣୀୟ କରିବା ପାଇଁ କଲେଜ କର୍ମଚାରୀ ପରିଷଦ ବୈଠକରେ ନୀତିଗତ ନିଷ୍ପତ୍ତି ନିଆ ଯାଇଛି । ଆସନ୍ତା ଏପ୍ରିଲ ୩ ୪ ୫ ତାରିଖ ୩ ଦିନ ଧରି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହେବାର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି । ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ସଫଳ ରୂପାୟନ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି । ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ସବୁମତେ ସଫଳ କରିବା ପାଇଁ କଲେଜର ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବୈଠକ ଆଜି କଲେଜ ଅଡ଼ି ଟୋରିୟମରେ ଅନୁଷ୍ଠିତ ହୋଇ ପୁରାତନ ଛାତ୍ରଛାତ୍ରୀ ପରିଷଦ ଗଠନ କରାଯାଇଛି । ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ପ୍ରାଧ୍ୟାପକ ସର୍ବେଶ୍ୱର ସାହୁ, ପ୍ରାଧ୍ୟାପକ ଅମୀୟ ଦାସ,କଲେଜ ଛାତ୍ର ସଂସଦ ପୂର୍ବତନ ସଭାପତି ରଶ୍ମି ରଞ୍ଜନ ପ୍ରଧାନ (ଲିଟୁ ) ପୁରାତନ ଛାତ୍ର ତଥା ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧକ୍ଷ ନିଶିକାନ୍ତ ପ୍ରଧାନ ବିଶ୍ୱ ରଞ୍ଜନ ପାତ୍ର,ଓକିଲ ସଂଘ ପୂର୍ବତନ ସଭାପତି ତପନ ମିଶ୍ର, ଗାଳ୍ପିକ ପ୍ରଦୀପ ନାୟକ ଆଡ଼ଭୋକେଟ ପ୍ରମୋଦ ସାହୁ, ପ୍ରମୁଖ ଯୋଗ ଦେଇଥିଲେ । ବୈଠକର ନିଷ୍ପତ୍ତି ଅନୁଯାୟୀ ପୁରାତନ ଛାତ୍ରଛାତ୍ରୀ ପରିଷଦ ଗଠନ କରାଯାଇଥିଲା । ସଭାପତି – ରଶ୍ମି ରଞ୍ଜନ, ପ୍ରଧାନ ଉପସଭାପତି – ବିଶ୍ୱ ରଞ୍ଜନ ପାତ୍ର, ସମ୍ପାଦକ – ନିଶିକାନ୍ତ ପ୍ରଧାନ, ଯୁଗ୍ମ ସମ୍ପାଦକ – ରାଜେନ୍ଦ୍ର ଦାଶ କୋଷାଧକ୍ଷ – ଶୁଭଦୀପ ଗୁପ୍ତାଙ୍କୁ ମନୋନୀତ କରାଯାଇଥିବା ବେଳେ ତପନ ମିଶ୍ର, ରୁଦ୍ରପ୍ରସନ୍ନ ପାତ୍ର, ରବୀନ୍ଦ୍ର ବିଶ୍ୱାଳ ଓ ନଟବର ସେଠୀଙ୍କୁ ନେଇ ୪ଜଣିଆ ଉପଦେଷ୍ଟାମଣ୍ଡଳୀ ଓ ଅନ୍ତର୍ଯ୍ୟାମୀ ବେଜ, ସୁଶାନ୍ତ ଦାଶ, ରମେଶ ଦେ ଅନିଲ ଚୌଧୁରୀଙ୍କୁ ନେଇ ୪ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି ।

## ଶ୍ରୀରାମ, ହନୁମାନ ଓ ଶନିଦେବଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ

କୋରେଇ,(ସବ୍ୟୁ) :ବୈତରଣୀରୋଡ ସ୍ଥିତ ବରୁଣ୍ଡେଇ ବଜାର ମଧ୍ୟରେ ଥିବା ଶ୍ରୀରାମ, ହନୁମାନ ଓ ସନିଦେବଙ୍କ ମନ୍ଦିରର ରତ୍ନ ମୁଦ ଉତ୍ସବ ଅନୁଷ୍ଠିତ ହୋଇଛି । ତିନିଦିନ ଧରି ଚାଲିଥିବା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଆଜି ତିନି ମନ୍ଦିରର ରତ୍ନମୁଦ କାର୍ଯ୍ୟ ସମାପନ ହୋଇଛି । ଏହି ରତ୍ନମୁଦ କାର୍ଯ୍ୟକ୍ରମରେ ଧାନ, ମୁଦ୍ରା, ସୁନା, ରୁପା ଓ ବିଭିନ୍ନ ଧାତବ ପଦାର୍ଥ ଦ୍ୱାରା ରତ୍ନମୁଦ କରାଯାଇଥିଲା । ବହୁ ଶ୍ରଦ୍ଧାଳୁ ଉପସ୍ଥିତ ହୋଇ ବିଭିନ୍ନ ଧାତବ ପଦାର୍ଥ ସହିତ ଧାନ ଓ ଟଙ୍କା ମାନ ଦାନ କରିଥିଲେ । ପୂଜକ ଲକ୍ଷ୍ମୀଧର ଶତପଥି ,ଶ୍ୟାମ ସୁନ୍ଦର ଶତପଥି, କାଳନ୍ଦି ଶତପଥି,କ୍ଷେତ୍ରବାସୀ ମିଶ୍ର, ପ୍ରସନ୍ନ ଦାସ, ପ୍ରବୀଣ ଦାଶ ପୂଜା ପରିଚାଳନା କରିଥିଲେ । ନବୀନ ଗୁପ୍ତା ଓ ଅଲିଭା ଗୁପ୍ତା ଶସ୍ତ୍ରିକ ପୂଜା କାର୍ଯ୍ୟ ନିର୍ବାହ କରିଥିଲେ ।

## ପଣ୍ଡିତ ଦିବ୍ୟ ସୁନ୍ଦରଙ୍କ ବ୍ୟକ୍ତିତ୍ୱ ଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ

କୁଆଁପାଳ,(ସବ୍ୟୁ) :ଆଧ୍ୟାତ୍ମିକ ଚେତନାର ଉତରଣ କ୍ଷେତ୍ରରେ ଏବଂ ଓଡିଆ ଅସ୍ମିତାର ପୂଜାରୀ ଭାବେ ଜୀବନ ବ୍ୟାପୀ ସାଧନା ଜାରୀ ରଖିଥିଲେ ପଣ୍ଡିତ ଦିବ୍ୟ ସୁନ୍ଦର ଆଚାର୍ଯ୍ୟ । ସେ ଏକାଧାରାରେ ଜଣେ ବିଶିଷ୍ଟ ସାହିତ୍ୟିକ ,ଅଧ୍ୟାପକ ,ପ୍ରବାଚକ ଓ ସନାତନ ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ଦୀର୍ଘ ଚାରି ଦଶନ୍ଧୀ ଧରି ନିଜକୁ ସମର୍ପିତ କରି ଆସିଥିବା ଏହି ଯଶସ୍ୱୀ ପୁରୁଷଙ୍କ ଦ୍ୱାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ମାହାଙ୍ଗା ବ୍ଲକ ଅରିଲୋ ଶାସନ ଠାରେ ଆୟୋଜିତ ସ୍ୱର୍ଗତ ଆଚାର୍ଯ୍ୟଙ୍କ ସ୍ମୃତି ଚାରଣ ସଭାକୁ ଗଣକବି ବୈଷ୍ଣବ ପାଣି ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ସାହିତ୍ୟିକ ଅଖିଳେଶ ପଦ ମହାନ୍ତି ସଂଚାଳନ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାବିତ ରତ୍ନାକର ମହାନ୍ତି,ଶିକ୍ଷାବିତ ବ୍ରହ୍ମାନନ୍ଦ ରାଉତ,ପ୍ରାକ୍ତନ ପ୍ରଧାନଶିକ୍ଷକ ନିଗମାନନ୍ଦ କର,ଡଃ ଭାବଗ୍ରାହୀ ରାଉତ,ପ୍ରାକ୍ତନ ପ୍ରାଧ୍ୟାପକ ଅଜୟ ଚନ୍ଦ୍ର ସାହୁ,କବି ଡଃ ନାରାୟଣ ମୁଦୁଲି,ନାଟ୍ୟକାର କିଶୋର ଚନ୍ଦ୍ର ଦାଶ,ପ୍ରଧାନଶିକ୍ଷକ ପ୍ରତାପ କିଶୋର ନାୟକ,ଆଧ୍ୟାତ୍ମିକ ପ୍ରବକ୍ତା କାମିନୀ କାନ୍ତ ମହାନ୍ତି ,ମଂଚ ଅଭିନେତା ସୁବାଷ ଚନ୍ଦ୍ର ବେହେରା,ଶିକ୍ଷକ ଧନେଶ୍ୱର ପ୍ରଧାନ,ଶିକ୍ଷାବିତ ଅଲେଖ ଚନ୍ଦ୍ର ଦାସ,ସାମାଜିକ କର୍ମୀ ପ୍ରଶାନ୍ତ ପଟ୍ଟନାୟକ,କୃଷ୍ଣଚନ୍ଦ୍ର ବାରିକ,ଜଳଧର ପରିଡା,ରାଜୀବ ଷଡଙ୍ଗୀ ,ଈଶ୍ୱର ଆଚାର୍ଯ୍ୟ ,କିଶୋର ଆଚାର୍ଯ୍ୟ,ଶିକ୍ଷକ ହୃଷିକେଶ ବେହେରା,ରଞ୍ଜୁଲତା ରାଉତ ପ୍ରମୁଖ ପଣ୍ଡିତ ଦିବ୍ୟସୁନ୍ଦରଙ୍କ କିର୍ତୀ ଓ କୃତୀ ମୂଲ୍ୟାୟନ କରିବା ସହିତ ଏହି ଅମୃତମୟ ପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣି ହେବାକୁ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ । କବି ଅର୍ଜ୍ଜୁନୀ ବେହାରୀ,ଗଣେଶ ଚନ୍ଦ୍ର ବେହାରୀ,ହେମନ୍ତ ରାଉତ,ରମେଶ କର,କଳିଙ୍ଗ ମହାନ୍ତି,ଚନ୍ଦ୍ରଭାନୁ ଆଚାର୍ଯ୍ୟ,ଶୁକଦେବ ସ୍ୱାଇଁ,ଗୋକୁଳ ଚନ୍ଦ୍ର ଆଚାର୍ଯ୍ୟ ,ଜନ୍ମେଜୟ ଆଚାର୍ଯ୍ୟ,ବ୍ରଜବନ୍ଧୁ ପଲେଇ,ମାଗୁଣି ଚରଣ ସାମଲ,ସୁଶାନ୍ତ ନନ୍ଦ,ଶିଶିର ଆଚାର୍ଯ୍ୟ ପ୍ରମୁଖଙ୍କ ସମତେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିତ ସ୍ୱର୍ଗତ ଆଚାର୍ଯ୍ୟଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ଦେଇଥିଲେ ।

## ଆଦିବାସୀ ନାବାଳିକା ଦୁଷ୍କର୍ମ ଉଦ୍ୟମ ଘଟଣା


### ବ୍ଲକ କଂଗ୍ରେସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି



ରଘୁନାଥପୁର,(ସବ୍ୟୁ) :ଗତ ରବିବାର ଦିନ ରଘୁନାଥପୁର ଥାନା ଅଞ୍ଚଳର ଜନୈକା ଆଦିବାସୀ ନାବାଳିକା ଘରେ ଏକୁଟିଆ ଥିବା ବେଳେ ପୀଡିତାଙ୍କ ଗ୍ରାମର ଗୁନା ପଲେଇଙ୍କ ପୁଅ ମଡିଆ ପଲେଇ( ୬୧) ଦୁଷ୍କର୍ମ ଉଦ୍ୟମ କରିଥିବା କଥା ପୀଡିତାର ବାପା ଓ ମା ଙ୍କ ଥାନାରେ ଅଭିଯୋଗ ପରେ ରଘୁନାଥପୁର ଥାନା ପୋଲିସ ୪୯/୨୦୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି । ଏହି ଘଟଣାରେ ପୋଲିସ ପକ୍ଷରୁ ଆସାମୀକୁ ଗିରଫ କରିବା ପାଇଁ ବାରମ୍ବାର ପ୍ରୟାସ ଜାରି ରହିଥିବା ବେଳେ ଫେରାର ଥିବାରୁ ଆସାମୀକୁ ଗିରଫ କରିବାରେ ପୋଲିସ ଅସଫଳ ରହିଛି । ତେବେ ଏହା ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପିଡିତା ଓ ତାର ପରିବାର ପ୍ରତି ମୂହୁର୍ତ୍ତରେ ଭୟରେ ରହୁଥିବା ବେଳେ କଂଗ୍ରେସ ନେତା ହିମାଂଶୁ ମଲ୍ଲିକଙ୍କ ନେତୃତ୍ୱରେ ଆଜି ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ତ୍ରୀଲୋଚନ ମହାରଣା, ପ୍ରତ୍ୟୁଷ ନାୟକ, ଶିବ ପ୍ରସାଦ ସାହୁ, ପ୍ରଭାତ ରାଉତ, ହରେକୃଷ୍ଣ ଖଟୁଆ, ବସନ୍ତ ସ୍ୱାଇଁ, ତରଣୀ ସେନ ମହାପାତ୍ର, ଶ୍ୟାମ ସିଂ, ପ୍ରଶାନ୍ତ ବେହେରା ପ୍ରମୁଖ ପିଡିତାଙ୍କ ଘରେ ପହଞ୍ଚି ଘଟଣାର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ଫେରିଛନ୍ତି । ଏଭଳି ଘଟଣାରେ ରାଜ୍ୟ ସରକାରଙ୍କ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତି କଂଗ୍ରେସ କର୍ମୀ ମାନେ ସ୍ୱର ଉତ୍ତୋଳନ କରିଛନ୍ତି । ଆସାମୀକୁ ତୁରନ୍ତ ଗିରଫ କରିବା ପାଇଁ କଂଗ୍ରେସ ନେତା ଶ୍ରୀ ମଲ୍ଲିକ ଥାନା ଆଇଆଇସିଙ୍କ ଯୋଗାଯୋଗ ପରେ ଆସାମୀକୁ ତୁରନ୍ତ ଗିରଫ କରାଯିବ ବୋଲି ଆଇଆଇସି ପ୍ରତିଶ୍ରୁତି ଦେଇଛନ୍ତି । ନଚେତ୍ ଆଗାମୀ ଦିନରେ ଏହି ଘଟଣାରେ ରଘୁନାଥପୁର ବ୍ଲକ କଂଗ୍ରେସ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବ ବୋଲି ଚେତାବନୀ ଦିଆଯାଇଛି । ଅପରପକ୍ଷେ ଆସାମୀକୁ ଆଗୁଆ ଜାମିନରେ ଆଣି ଘଟଣାକୁ ଚପାଇ ଦେବାକୁ ତାଙ୍କ ପରିବାର ଓ ନିକଟ ସଂପର୍କିୟଙ୍କ ଦ୍ୱାରା ଜୋରଦାର ଉଦ୍ୟମ କରା ଯାଉଥିବା ଅଞ୍ଚଳରେ ଆଲୋଚନା ହେଉଛି ।

## ଚାରି ମହଲା ଘରତଳୁ ଯୁବତୀଙ୍କ ଶବ ମିଳିବା ଘଟଣା

## ପରିବାର ଆଣିଲେ ଅପହରଣ, ଗଣଦୁଷ୍କର୍ମ ଓ ହତ୍ୟା ଅଭିଯୋଗ



ପାରାଦୀପ, ( ଜି ପ୍ର ): ତାରେଣୀଗଡ଼ା ସମ୍ଭୁ ଖୁଣ୍ଟିଆଙ୍କ ଚାରି ମାହଲା ଘର ତଳୁ ଅର୍ଦ୍ଧ ଉଲଗ୍ନ ଯୁବତୀଙ୍କ ଶବ ମିଳିବା ଘଟଣା ନେଲା ଭିନ୍ନ ମୋଡ । ଯୁବତୀଙ୍କ ପରିଚୟ ମିଳିଥିବା ଓ ସେ ର୍ତିତୋଲ ଥାନା ଅଞ୍ଚଳର ବୋଲି ଜଣା ପଡିଥିବା ବେଳେ ପରିବାର ପକ୍ଷରୁ ଆଜି ସକାଳୁ ଆସି ପାରାଦୀପ ପୋର୍ଟ ମେଡିକାଲରେ ଥିବା ଶବାଗାରରେ ମୃତ ଭଉଣୀଙ୍କୁ ଚିହ୍ନଟ କରିଛନ୍ତି ତାଙ୍କ ଭାଇ ଓ ସମ୍ପର୍କୀୟ ପରିବାର ପକ୍ଷରୁ କିଡନାପ ପରେ ଗଣ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗ କରାଯିବ ପରେ ଆରମ୍ଭ ହୋଇଛି ତନାଘନା । ତିନି ଦିନ ଧରି ଅଟକ ଥିବା ବିହାର ଯୁବକକୁ ନେଇ ଚାରି ମାହଲା କୋଠା ଭିତରେ ପୋଲିସ ଆରମ୍ଭ କରିଛି ତଦନ୍ତ । ତିର୍ତ୍ତୋଲ ଥାନା ଅଞ୍ଚଳର ଯୁବତୀ ଜଣଙ୍କ ହୋଇଥିବା ବେଳେ ସେ ଗତ ରବିବାର ସକାଳ ୧୦ ଘଟିକା ଠାରୁ ସାରଳା ମନ୍ଦିର ଯାଉଛି କହି ଘରୁ ଆସିଥିବା ଓ ସନ୍ଧ୍ୟା ସମୟରେ ସୋମନାଥ ଓଝା ନାମକ ଜଣେ ଯୁବକ ଯୁବତୀଙ୍କ ଭାଇଙ୍କୁ ରାହାମା ରେ ତୋ ଭଉଣୀ ରହିଲା ତାକୁ ଆସି ନେଇଯା ବୋଲି ଧମକ ପୁର୍ଣ ଭାବେ କହିଥିଲେ । ଏହାର କିଛି ସମୟ ପରେ ଯୁବତୀ ଓ ସୋମନାଥଙ୍କ ମୋବାଇଲ ଅଫ ଦେଖାଇବା ପରେ ଭଉଣୀ ବହୁ ଖୋଜାଖୋଜି କରି ଶେଷରେ ତିର୍ତ୍ତୋଲ ଥାନାରେ ନିଖୋଜ ରିପୋର୍ଟ ଦେଇଥିଲେ ତାଙ୍କ ଭାଇ । ତିର୍ତ୍ତୋଲ ଥାନାରେ ଭଉଣୀ ନିଖୋଜ କଥା ଅଭିଯୋଗ କରାଯାଇଥିବା ବେଳେ ଏପଟେ ପାରାଦୀପରୁ ମିଳିଲା ମୃତଦେହ ଯାହାକୁ ନେଇ ତାଙ୍କୁ କିଡନାପ କରାଯାଇ ଗଣ ଦୁଷ୍କର୍ମ କରାଯିବା ପରେ ହତ୍ୟା କରାଯାଇଥିବା ତାଙ୍କ ଭାଇ ଅଭିଯୋଗ କରିଛନ୍ତି । ଅନ୍ୟପଟେ ତାରେଣୀଗଡ଼ା ଉକ୍ତ କୋଠାରେ ଥିବା ୬ଜଣ ଭଡାଟିଆକୁ ପୋଲିସ ଆଣିଥିବା ବେଳେ ଜୈନିକ ବିହାର ଅଞ୍ଚଳର ଯୁବକ ତାକୁ ଏହି କୋଠାକୁ ଆଣି ଆସିଥିବା ସିସିଟିଭିରୁ ପୋଲିସ ପ୍ରମାଣ ପାଇବା ପରେ ତାକୁ ନେଇ ଆଜି ଅପରାହ୍ଣରେ ଉକ୍ତ କୋଠାକୁ ଯାଇ ତଦନ୍ତ ଆରମ୍ଭ କରିଛି । ଏଭଳି କାଣ୍ଡ ଘଟାଇଥିବ ତାହାର ଖିଅ ପୋଲିସ ଖୋଜୁଥିବା ବେଳେ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପାରାଦୀପ ଓ ତିର୍ତ୍ତୋଲ ପୋଲିସ ଉଭୟ ଆସି ପାରାଦୀପରେ ତଦନ୍ତ କରିବାରେ ବ୍ୟସ୍ତ ଅଛନ୍ତି । ଏପର୍ଯ୍ୟନ୍ତ ବ୍ୟବଚ୍ଛେଦ ରୋପୋର୍ଟ ଆସି ନଥିବା ବେଳେ ପୋଲିସକୁ ଅଟକ ଥିବା ଭଡାଟିଆମାନଙ୍କ ଠାରୁ ଅନେକ ତଥ୍ୟ ମିଳିଛି ବୋଲି ଶୁଣିବାକୁ ମିଳିଛି । ତାଙ୍କ ଭାଇଙ୍କୁ ଧମକ ପୁର୍ଣ ଫୋନ କଲ କରିଥିବା ସୋମନାଥ ଓଝା କିଏ ଓ ତାଙ୍କର ଯୁବତୀଙ୍କ ସହ ସମ୍ପର୍କ କଣ ସେଦିଗକୁ ପୋଲିସ ତଦନ୍ତ ଆରମ୍ଭ କରୁଥିବା ବେଳେ ଯୁବତୀ ଉକ୍ତ ବିହାରୀ ଯୁବକଙ୍କ ସହ ରାହାମାରୁ ନିଜ ଘରକୁ ନଯାଇ ପାରାଦୀପ କଣ ପାଇଁ ଆସିଲେ କି ତାଙ୍କୁ ଅଣାଗଲା ତାହା ସ୍ପଷ୍ଟ ହୋଇ ପାରିନାହିଁ । ଯୁବତୀଙ୍କୁ ବିହାର ଯୁବକ ବାଟରେ ନଛାଡି ନିଜ ଭଡା ଘରକୁ କଣ ପାଇଁ ନେଲେ ତାହା ଘଟଣାକୁ ଆହୁରି ରହସ୍ୟାବୃତ୍ତ କରିଛି । ଏକ କମ୍ପାନୀରେ କାର୍ଯ୍ୟ କରିବାପାଇଁ ମାତ୍ର ଅଳ୍ପଦିନ ହେବ ଅଟକ ଥିବା ଯୁବକ ମାନେ ପାରାଦୀପ ଆସିଥିବା ଓ ଘର ମାଲିକ ସେମାନଙ୍କୁ ବିନା ରେଂଟ ଏଗ୍ରିମେଣ୍ଟରେ ରଖିଥିବା ମଧ୍ୟ ଜଣାପଡିଛି । ଅନ୍ୟପଟେ ଯୁବତୀଙ୍କ ମୋବାଇଲ ବନ୍ଦ ଥିବା ଅବସ୍ଥାରେ ଉକ୍ତ ଚାରି ମହଲାର ଏକ ରୋଷେଇ ଘର ତାଜା ଉପରୁ ପୋଲିସ ଠାବ କରିଥିବା ବେଳେ ଯୁବତୀଙ୍କୁ ହତ୍ୟା ପରେ ତାଙ୍କ ମୋବାଇଲ ସେଠାରେ ଲୁଚା ଯାଇଥିବା ଓ ତାଙ୍କ ପ୍ୟାଣ୍ଟ ଏକ ଘର ଭିତରେ ଥିବା ବେଳେ ପୋଲିସ ତାକୁ ଜବତ କରିଛି । ସବୁଠାରୁ ବଡ କଥା ହେଉଛି ଉକ୍ତ କୋଠାର ଅନେକ ସିସିଟିଭିରୁ ତାର କଢ଼ାଯାଇଥିବା ଓ ଏସବୁ ଘଟଣା ମାଲିକଙ୍କ ଜାଣତରେ ହୋଇଥିବା ମଧ୍ୟ ଆଲୋଚନା ହେଲାଣି । ଯୁବତୀ କୁଜଙ୍ଗ କଲେଜରୁ ଯୁକ୍ତ ୩ ପାସ କରିଥିବା ଓ ଏକ ସରଳ ଶିକ୍ଷିତ ଯୁବତୀ ସନ୍ଧ୍ୟାରେ ରାହାମାରେ ଥିବାବେଳେ ତାଙ୍କୁ ଏକ ଅପରିଚିତ ବିହାର ଯୁବକ କିଭଳି ପାରାଦୀପ ପର୍ଯ୍ୟନ୍ତ ଆଣିଲା ଓ ସେ ଉଲଗ୍ନ ହେଲେ କିପରି ଏବଂ ତାଙ୍କ ମୋବାଇଲ ,ପ୍ୟାଣ୍ଟ ଅନ୍ତବସ୍ତ୍ର କଣ ପାଇଁ ଲୁଚାଯାଇଥିଲା ଏହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସୋମନାଥକୁ ପୋଲିସ ଭୁବନେଶ୍ୱରରୁ ପାରାଦୀପ ଆଣୁଥିବା ବେଳେ ଆସନ୍ତାକାଲି ସବୁ ଘଟଣାର ପରଦା ଉଠିବ ବୋଲି କୁହାଯାଉଛି ।

## ମଣ୍ଡଳସ୍ତରୀୟ କୃଷକ ଉପଦେଷ୍ଟା କମିଟିର ସାଧାରଣ ବୈଠକ

ମହାକାଳପଡ଼ା ,(ସବ୍ୟୁ ):ବୁଧବାର ମଣ୍ଡଳ ସ୍ତରୀୟ କୃଷକ ଉପଦେଷ୍ଟା କମିଟିର (ବିଏଫଏସି )ସାଧାରଣ ବୈଠକ କୃଷି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ କୃଷି ଅଧିକାରୀ ପ୍ରଦୋଷ କୁମାର ବେହରାଙ୍କ ସଭାପତିତ୍ୱ ରେ ଆୟୋଜିତ ବୈଠକରେ ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି,ମଣ୍ଡଳ ପ୍ରାଣୀଚିକିତ୍ସାଧିକାରୀ ମନୋଜ କୁମାର ଦାସ, ଭିଏସ ଅଭିଷେକ ମିଶ୍ର,ଏଏଚଓ ସୌରଭ ମହାପାତ୍ର,ଜେଏଫଟିଏ ମଧୁସ୍ମିତା ନାୟକ ମଂଚାସୀନ ଥିଲେ । ଏତଦ ବ୍ୟତୀତ ବ୍ଲକ କୃଷି ପରିଦର୍ଶକ ରଞ୍ଜନ ରାଉତରାୟ ଓ ଦାୟିତ୍ୱ ନ୍ୟସ୍ତ ବିଟିଏମ ସଂଗ୍ରାମ କେଶରୀ ଖୁଣ୍ଟିଆ ଓ ଗ୍ରାମ୍ୟ କୃଷି କର୍ମଚାରୀ ମାନେ ସହଯୋଗୀ ବୈଠକ ରେ ଉପସ୍ଥିତ ଥିଲେ । ନବ ଗଠିତ ବିଏଫଏସିର ମନୋନୀତ ୨୫ ଜଣ ସଭ୍ୟ /ସଭ୍ୟା ଉପସ୍ଥିତ ହୋଇ ପ୍ରଥମ ସାଧାରଣ ବୈଠକ ରେ ବିଏଫଏସି ଅଧ୍ୟକ୍ଷ ଚୟନ କରିଛନ୍ତି । ସର୍ବସମ୍ମତି କ୍ରମେ ହିମାଂଶୁ ଶେଖର ପ୍ରଧାନ ବିଏଫଏସି ର ଅଧ୍ୟକ୍ଷ ଚୟନ ପରେ ସଭା କାର୍ଯ୍ୟ ବରାନ୍ୱିତ ହୋଇଥିଲା । ପଞ୍ଚମ ବିଏଫଏସି ର କାର୍ଯ୍ୟକାଳ ଶେଷ ହେବା ର ବର୍ଷାଧିକ ପରେ ନୂତନ ବିଏଫଏସି ଗଠିତ ହେବାରୁ ଅତ୍ୟାଧୁନିକ ପ୍ରଣାଳୀରେ କୃଷି କାର୍ଯ୍ୟ ନେଇ ଅଗ୍ରଣୀ ଚାଷୀମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି । ଆଗାମୀ ଦିନରେ ବ୍ଲକ ଅଞ୍ଚଳ ର କୃଷକ କୃଷି କୌଶଳ ପରିଚାଳନା ପରିଷଦ (ଆତ୍ମା ) ତରଫରୁ ତାଲିମ ଗ୍ରହଣର ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ସ୍ପଷ୍ଟ ହୋଇଛି । ବ୍ଲକ ଅଞ୍ଚଳର କୃଷକମାନଙ୍କ ପାଇଁ ସଠିକ ଭାବେ କାର୍ଯ୍ୟ କରି କୃଷି କ୍ଷେତ୍ର ରେ ବୈପ୍ଳବିକ ପରିବର୍ତ୍ତନ ଆଣିବେ ବୋଲି ଅଧ୍ୟକ୍ଷ ଶ୍ରୀ ପ୍ରଧାନ ଗଣ ମାଧ୍ୟମକୁ କହିଛନ୍ତି ।

# ବୋଲଗଡ ବ୍ଲକ ଗାଡ଼ି ଭଙ୍ଗାରୁଜା: ୨୭ ଜଣଙ୍କ ଆତ୍ମସମର୍ପଣ

ବୋଲଗଡ଼, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବୋଲଗ ବ୍ଲକରେ ଗତ ୧ମାସ ଧରି ବିଡିଓ ଓ ଜନପ୍ରତିନିଧିଙ୍କ ମଧ୍ୟରେ ବିବାଦ ଲାଗି ରହିଛି । ଏହାର ବିସ୍ଫୋରକ ପରିସ୍ଥିତି ଦେଖିବାକୁ ମିଳିଥିଲା ଚଳିତ ମାସ ୧୮ ତାରିଖ ଦିନ । ବ୍ଲକ ସମ୍ମୁଖରେ ୯ଦିନ ଧରି ଅହୋରାତ୍ର ଗଣଧାରଣ ଦିଆଯାଇଥିଲା । ୧୮ତାରିଖ ଦିନ ଜିଲ୍ଲା ପ୍ରଶାସନ ଏହି ଆନ୍ଦୋଳନକୁ ଅଣଦେଖା କରିବାରୁ ବାଧହୋଇ ବିଜେଡି ଦଳର ଶତାଧିକ କର୍ମୀ ବ୍ଲକ ଅଫିସରେ ଧସେଇ ପଶି ବିଡିଓଙ୍କ ସରକାରୀ ଗାଡ଼ି ଭଙ୍ଗାରୁଜା କରିବା ସହିତ ବିଡିଓଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା, ଧମକଦବୋ ଏବଂ ମାନସିକ ସ୍ତରରେ ତାଙ୍କୁ କାର୍ଯ୍ୟ କରାଇ ନଦେବାର ପରିସ୍ଥିତି ସୃଷ୍ଟି କରିଥିଲେ ।

ଏହାକୁ ନେଇ ଘଟଣାଦିନ ବିଡିଓ ବୋଲଗଡ଼ ଥାନାରେ ୩୧ଜଣଙ୍କ ନାମରେ ସିସିଟିଭି ଫୁଟେଜକୁ ଆଧାରକରି ଏତଲା ଦିଆଯାଇଥିଲା । କେସ ନଂ ୬୭/୨୬ରେ ୧୧ଟି ଦଫାରେ ଏତଲାକୁ ଭିତିକରି ବୋଲଗଡ଼ ଥାନା ପୋଲିସ ଏବଂ ଖୋର୍ଦ୍ଧା ଏସଡିପିଓଙ୍କ ନେତୃତ୍ୱରେ ଏକ ଟିମ ଧାରଣାସ୍ଥଳରୁ ୧୩ଜଣ ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲାପରିଷଦଙ୍କୁ ରାତାରାତି ଉଠାଇନେଇ ସେମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡିବା ସହିତ ଆନ୍ଦୋଳନସ୍ଥଳରେ ଥିବା ଟେଣ୍ଟକୁ ଅପସାରଣ କରାଯାଇ ଆନ୍ଦୋଳନର ପରିସମାପ୍ତି ଘଟାଇଥିଲା । ଏହାପରେ ଆକ୍ସମୋଟରେ ଆସିଥିଲା ବୋଲଗ ଥାନା ପୋଲିସ । ବିଭିନ୍ନ ଦିନରେ ଏହି ଭଙ୍ଗାରୁଜା ଘଟଣାରେ ସପୃକ୍ତ ଥିବା ୪ଜଣଙ୍କୁ ଗିରଫ କରାଯାଇ ଖୋରଧା କୋର୍ଟକୁ ଚାଲାଣ କରାଯାଇଥିଲା । ଯାହାଫଳରେ ଆନ୍ଦୋଳନକାରୀ ଜନପ୍ରତିନିଧିମାନଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଥିଲା । ଏଥିରେ ସଂପୃକ୍ତ ଥିବା ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟା ସୁନନ୍ଦିତା ସାହୁ, ମାଣିବନ୍ଧ ସରପଞ୍ଚ ସୁନନ୍ଦିତା ବରାଳ, ସାଗରଗୁଆଁ ସରପଞ୍ଚ ରମାମଣୀ ଦେଇ, ଅସରଳା ସରପଞ୍ଚ ଶୁଭଲକ୍ଷ୍ମୀ ସୁନ୍ଦରାୟ, ଗୋଡିଆପଲ୍ଲୀ ସମିତିସଭ୍ୟ ରଞ୍ଜନ କୁମାର ପଣ୍ଡା ,ବେଗୁନିଆ ବ୍ଲକର ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ଓରଫ ବାବାଜୀ,ପୂର୍ବତନ ସମିତିସଭ୍ୟ ବୀର ଦାସ, ଗୋଲକ ରାଉତରାୟ, ବଂଶୀଧର ସାହୁ ଓରଫ ଟିଟୁଆ, ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ବେହେରା ଓରଫ ଅନନ୍ତଙ୍କ ସମେତ ୨୭ଜଣ ବିଜେଡି ଦଳର ନେତା ଓ କର୍ମୀ ୨୫ତାରିଖ ସନ୍ଧ୍ୟାରେ ବୋଲଗ ଥାନାରେ ପହଞ୍ଚି ଆତ୍ମ ସମର୍ପଣ କରିଥିଲେ ।

ଏହି ଘଟଣାର ତଦନ୍ତକାରୀ ଅଧିକାରୀ ଥିବା ବୋଲଗଡ଼ ଥାନା ଅଧିକାରୀ ସୁକାନ୍ତ ଦଳାଇ ସେମାନଙ୍କୁ ବେଲ ପ୍ରଦାନ କରିଥିଲେ । ଆଗାମୀ ଦିନରେ କୌଣସି ବିଶୃଙ୍ଖଳା ନକରିବା ପାଇଁ ସେମାନଙ୍କୁ ତାଗିଦ କରି ଛାଡି ଦିଆଯାଇଛି ।

# କଣ୍ଟାପଡ଼ା ବ୍ଲକ ବିଡିଓଙ୍କ କାର୍ଯ୍ୟଶୈଳୀ ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ: ବିଜେଡି



ଭୁବନେଶ୍ୱର, (ସବ୍ୟୁ): କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ ବିଡିଓଙ୍କ ଅଗଣତାନ୍ତ୍ରିକ କାର୍ଯ୍ୟକୁ ବିରୋଧ କରି ଦୀର୍ଘ ୮ ଦିନ ହେଲା ବ୍ଲକ ସମ୍ମୁଖରେ ସର୍ବଦଳୀୟ ଅହୋରାତ୍ର ଗଣଧାରଣା ଜାରି ରହିଛି । ବିଜୁ ଜନତା ଦଳର ସଭାପତିଙ୍କ ନିର୍ଦ୍ଦେଶରେ ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ଦିନ ଧାରଣା ସ୍ଥଳରେ ପହଞ୍ଚିଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି, ମୁଖପାତ୍ର ନାରାୟଣ ଜେନା, ରୀତାଞ୍ଜଳି ପ୍ରଧାନ ପ୍ରମୁଖ ଯୋଗଦେଇ ସମର୍ଥନ ଜଣାଇଥିଲେ।

ଧାରଣା ସ୍ଥଳରେ ୧୪ଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନଙ୍କ ସହିତ ଭାରତୀୟ ଜନତା ପାର୍ଟିର ନିର୍ବାଚିତ ଜିଲ୍ଲାପରିଷଦ ସଦସ୍ୟା କ୍ରିଷ୍ଟାରାଣୀ ବେହେରା, ବିଜେପି ସମର୍ଥିତ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଜିନା ଭୋଇ, ଉପାଧ୍ୟକ୍ଷ ଜିତେନ୍ଦ୍ର ବରାଳ ଓ ବିଜେଡିର ଜିଲ୍ଲାପରିଷଦ ସଦସ୍ୟ ପୀୟୁଷ ମିଶ୍ର, ବିଜେଡି ସମର୍ଥିତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟମାନଙ୍କ ସହିତ ପ୍ରଦୀପ୍ତ ମୋହନ କାନୁନଗୋ, ନ୍ୟାୟବ୍ରତ ରାଉତ ପ୍ରମୁଖ ଏହି ଧାରଣାରେ ଦୀର୍ଘ ୮ ଦିନ ହେଲା ବସି ରହିଛନ୍ତି ।

ବିଡିଓ ପଞ୍ଚାୟତ ସମିତି ଅଧୀନରେ ଯାଉଥିବା ସମସ୍ତ ଉନ୍ନୟନମୂଳକ କାମକୁ ପଞ୍ଚାୟତ ପ୍ରତିନିଧିମାନଙ୍କୁ ନ ପଚାରି ମନମୁଖୀ ଭାବେ କାର୍ଯ୍ୟ କରୁଛନ୍ତି, ଏପରିକି ପଞ୍ଚାୟତ ସମିତିର ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କୁ ମଧ୍ୟ ଅଣଦେଖା କରୁଛନ୍ତି । ପଞ୍ଚାୟତ ସମିତିରେ ଯେଉଁ ସଂକଳ୍ପ ପାରିତ ହେଉଛି, ତାକୁ ମଧ୍ୟ ବିଡିଓ ମହୋଦୟା ଅଣଦେଖା କରୁଛନ୍ତି । ଯାହାଦ୍ୱାରା କଣ୍ଟାପଡ଼ା ବ୍ଲକରେ ବାର୍ଦ୍ଧକ୍ୟ ଭତ୍ତା, ଅନ୍ତ୍ୟୋଦୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କୃଷି ସମ୍ବନ୍ଧୀୟ କାର୍ଯ୍ୟରେ ବିଡିଓ ମହୋଦୟା ଜନପ୍ରତିନିଧିମାନଙ୍କୁ ଅଣଦେଖା କରି ମନମୁଖୀ କାର୍ଯ୍ୟ କରୁଛନ୍ତି । ଯାହା ଫଳରେ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଲେନିନ ମହାନ୍ତି କହିଥିଲେ, ଜିଲ୍ଲା ପ୍ରଶାସନ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଲୋକପ୍ରତିନିଧିମାନଙ୍କ ସହିତ ଆଲୋଚନା କରନ୍ତୁ । ଏଥିସହିତ କଣ୍ଟାପଡ଼ା ବ୍ଲକରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟକୁ ଆଗେଇ ନେବାକୁ ଶ୍ରୀ ମହାନ୍ତି ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ । ଯଦି ଏଥିରେ ଜିଲ୍ଲା ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରନ୍ତି, ତେବେ ବିଜୁ ଜନତା ଦଳ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ତୀବ୍ରତର କରିବ ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

କାକଟପୁର, (ସବ୍ୟୁ): କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ର ପୂର୍ବତନ ସହକାରୀ ଶିକ୍ଷକ ତଥା ଜଣେ ଜଣାଶୁଣା ଆଦର୍ଶ ଶିକ୍ଷକ ଛାତ୍ରବତ୍ସଳ ବ୍ୟକ୍ତିତ୍ୱ ହରିହର ସାହୁ(୭୬)ଙ୍କର ନିଜ ବାସ ଭବନରେ ପରଲୋକ ହୋଇଯାଇଛି । କିଛି ଦିନ ଧରି ସେ କିଡନୀ ଜନିତ ରୋଗରେ ପୀଡ଼ିତ ଥିଲେ ।ଅଶୀ ଦଶକରୁ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ଶ୍ରୀ ସାହୁ ଜଣେ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବେ ବେଶ ପରିଚିତ ଥିଲେ। ଅବସର ଗ୍ରହଣ କରିବା ପରେ ମଧ୍ୟ ଶିକ୍ଷା ପ୍ରତି ତାଙ୍କର ଆଗ୍ରହ କମି ନଥିଲା। ସେ ନିଜ ବାସଭବନରେ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ ପଢ଼ାଉଥିଲେ।ଶିକ୍ଷକତାରୁ ଅବସର ନେବା ପରେ ସେ ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ ଆଧ୍ୟାତ୍ମିକ ଓ ଧର୍ମାନୁଷ୍ଠାନ ସହ ସକ୍ରିୟ ଭାବେ ଜଡ଼ିତ ରହିଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ, ଶ୍ରୀକାନ୍ତ କୁମାର ସ୍ୱାଇଁ, ସହକାରୀ ଶିକ୍ଷକ ପ୍ରତାପ କୁମାର ରାଉତ ଅବସର ପ୍ରାପ୍ତ ଶିକ୍ଷକ ପୀତବାସ ଦୀକ୍ଷିତ ପ୍ରମୁଖ ଶୋକ ବ୍ୟକ୍ତ କରିଥିଲେ । ବହୁ ପୁରାତନ ଛାତ୍ର, ସହକର୍ମୀ ଓ ଆତ୍ମୀୟ ସ୍ୱଜନ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ଦୁଇ ପୁତ୍ର ହିମାଦ୍ରୀ ଓ ହିମାଂଶୁ ମୁଖାଗ୍ନି ଦେଇଥିଲେ ।

# ଉପକାରାଗାରରେ ବିଚାରାଧୀନ ମହିଳା କଏଦୀଙ୍କ ଆତ୍ମହତ୍ୟା

ନିମାପଡା, (ସବ୍ୟୁ): ନିଜ ଅଢେଇ ବର୍ଷର ଝିଅକୁ ମାରି ନିମାପଡା ଉପକାରାଗାରରେ ବନ୍ଦୀ ଥିବା ଜଣେ ବିଚାରଧିନ ମହିଳା କଏଦୀ ଗାଧୁଆ ଘର ଭିତର ଫ୍ୟାନରେ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡଛି । ମୃତା ମହିଳା କଏଦୀ ଜଣକ ହେଲେ ଡେଲାଙ୍ଗ ଥାନା ଷଡଙ୍ଗେଇ ଉତରଡା ଗ୍ରାମର ସୁବାଷ ବରାଳଙ୍କ ପତ୍ନୀ ମଧୁସ୍ମିତା ବରାଳ(୨୮) । ପ୍ରକାଶ ଯେ, ମଧୁସ୍ମିତାଙ୍କ ଗୋଟିଏ ପୁଅ ଓ ଝିଅ ରହିଥିଲା । ପାରିବାରିକ କଳହକୁ ନେଇ ମଧୁସ୍ମିତା ନିଜର ଅଢେଇ ବର୍ଷର ଝିଅକୁ ପୋଖରୀରେ ପକାଇ ଜୀବନରୁ ମାରିଦେବା ସହିତ ପୁଅକୁ ମାରିବା ପାଇଁ ଉଦ୍ୟମ କରିଥିଲେ । ଏସଂପର୍କରେ ଡେଲାଙ୍ଗ ଥାନାରେ ଅଭିଯୋଗ ହେବାରୁ ପୁଲିସ ମାମଲା ରୁଜୁ କରି ମଧୁସ୍ମିତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

ଜାମିନ ନାମଞ୍ଜୁର ହେବାରୁ ମଧୁସ୍ମିତା ଗତ ୨୦୨୫ ମସିହା ଡିସେମ୍ବର ୬ ତାରିଖରୁ ନିମାପଡା ଉପକାରାଗାର ମହିଳା ୱାର୍ଡରେ ବିଚାରଧିନ କଏଦୀ ଭାବେ ରହିଆସୁଥିଲେ । ଉକ୍ତ ୱାର୍ଡରେ ମଧୁସ୍ମିତାଙ୍କ ସମେତ ୩ ଜଣ ମହିଳା କଏଦୀ ରହୁଥିଲେ । ସୋମବାର ଅପରାହ୍ନ ୩ ଟା ସମୟରେ ମଧୁସ୍ମିତା ଝାଡା ଯିବାକୁ କହିବାରୁ ମହିଳା ୱାର୍ଡର ତାଙ୍କୁ ପାଖରେ ଥିବା ଗାଧୁଆ ଘରକୁ ଛାଡିଥିଲେ । ତେବେ ସେ ଫେରିବାରେ ବିଳମ୍ବ କରିବାରୁ ଦେଖିବାରେ ଗାଧୁଆ ଘରେ ଲାଗିଥିବା ଫ୍ୟାନରେ ମଧୁସ୍ମିତା ପିନ୍ଧିଥିବା ନିଜ ଲୁଗା ବେକରେ ଲଗାଇ ଝୁଲି ରହିଛନ୍ତି । ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ତେବେ ଡାକ୍ତର ମଧୁସ୍ମିତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ଏସଂପର୍କରେ ଉପକାରାଗାର ଅଧିକ୍ଷିକ ସୁଶାନ୍ତ କୁମାର ରାଉତ ନିମାପଡା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିବା ସହିତ ଶବକୁ ବ୍ୟବଚ୍ଛେଦ ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି । ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ରେ ଶବ ରଖିବା ପାଇଁ ଥଣ୍ଡା ଫ୍ରିଜର ବ୍ୟବସ୍ଥା ନଥିବାରୁ ମଧୁସ୍ମିତାଙ୍କ ଶବକୁ ଚାରିଛକରୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଜେଲରେ ରହିବା ବେଳେ ମଧୁସ୍ମିତାଙ୍କ ମାନସିକ ସ୍ଥିତି ସେତେ ଠିକ ରହୁନଥିବା ଜେଲ ପକ୍ଷରୁ କୁହାଯାଇଛି । ତେବେ ଜେଲରେ ଏତେ ସୁରକ୍ଷା ଭିତରେ କିଭଳି ମଧୁସ୍ମିତା ଆତ୍ମହତ୍ୟା କଲେ ତାହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ପ୍ରକୃତ ସତ୍ୟ ଜଣାପଡିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

# ବନାଖଣ୍ଡି ଗ୍ରାମରୁ ୩୫ ଛେଳି ଚୋରି

କୋଣାର୍କ, (ସବ୍ୟୁ) : କୋଣାର୍କ ଥାନା ଅଧିନସ୍ଥ ବନାଖଣ୍ଡି ଗ୍ରାମପଞ୍ଚାୟତର ବନାଖଣ୍ଡି ଗ୍ରାମର ଲକ୍ଷ୍ମୀଧର ମଲ୍ଲିକଙ୍କ ଗୁହାଳ ଘରୁ ମଙ୍ଗଳବାର ବିଳମ୍ବିତ ରାତିରେ ଦୃବର୍ତ୍ତ ମାନେ ୩୫ ଗୋଟି ଛେଳି ଚୋରି ହୋଇଥିବା ନେଇ ବୁଧବାର ପୂର୍ବାହରେ, କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବରରୁ ପ୍ରକାଶ ଯେ ବନାଖଣ୍ଡି ଗ୍ରାମପଞ୍ଚାୟତର ବନାଖଣ୍ଡି ଗ୍ରାମର ଅନୁସୂଚିତ ଜାତି ସଂପ୍ରଦାୟର ଲକ୍ଷ୍ମୀଧର ମଲ୍ଲିକ ଛେଳି ପାଳନ କରି ପରିବାର ପ୍ରତିପୋଷଣ କରୁଥିଲେ। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଲକ୍ଷ୍ମୀଧର ମଲ୍ଲିକ ସପରିବାର ଘରେ ଶୋଇଥିବା ବେଳେ ଘର ପଛପଟେ ତାଲା ପକାଇ ଗୁହାଳ ଘରେ ଥିବା ୩୫ ଗୋଟି ଛେଳି ଦୃବର୍ତ୍ତମାନେ ନେଇ ଯାଇଥିବା ବୁଧବାର ପୂର୍ବାହ୍ନ ସମୟରେ ଲକ୍ଷ୍ମୀଧର ମଲ୍ଲିକ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି କୋଣାର୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଏହି ଘଟଣା ସଂପର୍କରେ ସବିଶେଷ ବିବରଣୀ ନିମନ୍ତେ ରାସ୍ତା ପାର୍ଶ୍ୱରେ ଥିବା ସିସିଟିଭି କ୍ୟାମେରା ଫୁଟେଜ ଆଧାରରେ ତଦନ୍ତ ଜୋରଦାର କରାଯିବ ବୋଲି କୋଣାର୍କ ଥାନା ଅଧିକାରୀ ଶ୍ରୀ ପଢିଆରୀ ପ୍ରକାଶ କରିଛନ୍ତି ।

# କାଳବୈଶାଖୀ ପ୍ରଭାବ: ୪୦ ଏକର ମକ୍କା ଫସଲ ନଷ୍ଟ



ବାଙ୍କୀ, (ସବ୍ୟୁ): ମଙ୍ଗଳ ବାର ଅପରାହ୍ନରେ କାଳ ବୈଶାଖୀ ପ୍ରଭାବରେ ବର୍ଷା ସାଂଗକୁ ପ୍ରବଳ ପବନ ବହିବା ଯୋଗୁ ମକ୍କା ଗଛ ସବୁ ଭାଙ୍ଗି ତଳେ ପଡ଼ିଛି। ବାଙ୍କୀ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ଗ୍ରାମ ପଞ୍ଚାୟତ ରେ ଗୋଟିଏ ସ୍ଥାନରେ ୪୦ ଏକର ଜମିରେ ମକ୍କା ଫସଲ କରିଥିଲେ ଚାଷୀ।

ମିଠା ମକ୍କା ବିକ୍ରୀ କରି ଭଲ ଦି ପଇସା ରୋଜଗାର କରିବା ଆଶାରେ ଚାଷୀ ଥିବା ବେଳେ କାଳ ବୈଶାଖୀ ସବୁ ଉଜାଡି ଦେଇଛି। କିଏ ଆଉ ଆଠ ଦିନ ପରେ ତ କିଏ ଚାରି ଦିନ ପରେ ମକା ତୋଳି ଥାଆନ୍ତା। ଏବେ ସବୁ ଗଲା। ତଳେ ପଡି ହଳଦିଆ ରଙ୍ଗର ହୋଇ ଗଲାଣି। ବର୍ତ୍ତମାନ ବଜାର ରେ ମିଠା ମକ୍କା ର ଚାହିଦା ଥିବାରୁ ଜମି ପାଖରେ ଚାଷୀ ବେପାରୀ ଙ୍କୁ ବିକ୍ରୀ କରି ଭଲ ଦି ପଇସା ରୋଜଗାର କରିବା ପାଇଁ ଉଦ୍ୟମ କରୁଥିବା ବେଳେ ଚାଷୀ ଆଜି ହତାଶ ହୋଇ ପଡ଼ିଛନ୍ତି।

ଅଦିନିଆ ବର୍ଷା ଓ କାଳ ବୈଶାଖୀ ପ୍ରଭାବ ରେ ନଷ୍ଟ ହୋଇ ଥିବା ମକ୍କା ଫସଲ ଜମି କୁ କୃଷି ବିଭାଗ ପହଞ୍ଚି ତଦନ୍ତ କରି କିଛି କିଛି ସହାୟତା ପ୍ରଦାନ କରିବା ପାଇଁ ଚାଷୀ ମାନେ ଦାବୀ କରିଛନ୍ତି। ବ୍ରହ୍ମପୁରା ଗ୍ରାମର ଚାଷୀ ପ୍ରସନ୍ନ କୁମାର ନାୟକ, ଧରଣୀ ଧର ବେହେରା, ରମେଶ ବେହେରା, ଦେବରାଜ ବେହେରା, ନିର୍ମଳ କାନୁନଗୋ, ଲିକୁ ନାୟକ, ଗଣେଶ୍ୱର ମହାନ୍ତି, ପବିତ୍ର ପରିଡା, ଶିବୁନା ପରିଡା, ଶ୍ରୀ ମତି ଝିଲି ବେହେରା, ମାମୀ ବେହେରା ଶ୍ରୀ ମତି ପ୍ରଭା ରାଉତ, ରିପୁନ ସାହୁ, ଓ ଗନ୍ଧର୍ବ ହାତୀଙ୍କର ଏକର ଏକର ଜମିରେ ଭାଙ୍ଗି ପଡ଼ିଛି ମକା ଗଛ। ବାଙ୍କୀ ଉପ ଜିଲ୍ଲାପାଳ ଓ ସହକାରୀ ଜିଲ୍ଲା କୃଷି ଅଧିକାରୀଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିବେ ବୋଲି ଚାଷୀମାନେ ସୂଚନା ଦେଇଛନ୍ତି।

# ନୂତନ ପାଠ୍ୟପୁସ୍ତକ ପ୍ରଶିକ୍ଷଣ ଶିବିର

ନିରାକାରପୁର,(ସବ୍ୟୁ) : ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାମେଶ୍ୱର ପରିସରରେ ଜାତୀୟ ଶିକ୍ଷାନୀତି-୨୦୨୦ ଏବଂ ଓଡିଶା ବିଦ୍ୟାଳୟ ପାଠ୍ୟକ୍ରମ ରୂପରେଖ ବିଦ୍ୟାଳୟ ଶିକ୍ଷା ୨୦୨୫ ଅନୁଯାୟୀ ୧ମ ଶ୍ରେଣୀ ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ ଓ ଶିକ୍ଷାଦାନ ସମ୍ପର୍କିତ ୪ର୍ଥ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଜାତୀୟ ଶିକ୍ଷାନୀତି ୨୦୨୦ ର ମୁଖ୍ୟ ଲକ୍ଷ୍ୟ ହେଉଛି ଭଲ ମଣିଷ ତିଆରି କରିବା । ତେଣୁ ଏହି ଦିଗରେ ଆଉ ଏକ ପାଦ ଆଗକୁ ଯାଇ ନୂତନ ପାଠ୍ୟକ୍ରମ ରୂପରେଖ ଭାରତୀୟ ଜ୍ଞାନ ପରମ୍ପରା, ଭାବଧାରା, ପ୍ରାଚୀନ ଶିକ୍ଷା ବ୍ୟବସ୍ଥା, ଗୁରୁକୁଳ ବୈଶିଷ୍ଟ୍ୟ, ନୂତନ ଦକ୍ଷତା ଭିତିକ ଶିକ୍ଷଣ, ପଞ୍ଚକୋଷ ଭିତ୍ତିକ ସମଗ୍ର ବିକାଶ, ପଞ୍ଚପଦୀ ଶିକ୍ଷଣ ଇତ୍ୟାଦି ଉପରେ ପର୍ଯ୍ୟବେଶିତ ଯାହା ଶିକ୍ଷାର୍ଥୀ ମାନଙ୍କୁ ଭବିଷ୍ୟତରେ ଭଲ ମଣିଷ ପରି ମଣିଷଟିଏ ଗଢିତୋଳିବାରେ ସାହାଯ୍ୟ କରିବ । ୫ଦିନ ବ୍ୟାପୀ ଚାଲିଥିବା ଏହି ପ୍ରଶିକ୍ଷଣ ଶିବିର ରେ ପ୍ରମୁଖ ସମ୍ବଳ ଶିକ୍ଷକ ଭାବେ ପ୍ରଶାନ୍ତ ମହାପାତ୍ର, ନୀଳାଦ୍ରି କୁମାର ସିଂହ, ବିଜୟ କୁମାର ସେଠୀ ଓ ସମରେଶୁ ବେହେରା କାର୍ଯ୍ୟକରିଥିବା ବେଳେ ସହକାରୀ ଦାୟିତ୍ୱ ରାମେଶ୍ୱର ସିଆରସିସି ସୁଶାନ୍ତ କୁମାର ମଲ୍ଲିକଙ୍କ ସହିତ ବ୍ଲକର ବିଭିନ୍ନ କ୍ଲଷ୍ଟର ରୁ ୮୨ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ଟାଙ୍ଗି ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ସଭାରେ ବିଶିଷ୍ଟ ସାହିତ୍ୟିକ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦିବ୍ୟସିଂହ ତ୍ରିପାଠୀ, ସହ ଗୋଷ୍ଠୀ ଶିକ୍ଷାଧିକାରୀ ଟାଙ୍ଗି ସଞ୍ଜୁଲତା ବେହେରା, ବ୍ୟଙ୍ଗ କବି ଅମ୍ଳାନ ପ୍ରହରାଜ, ସମସ୍ତ ସମ୍ବଳ ଶିକ୍ଷକ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ପ୍ରଶିକ୍ଷଣ ରୁ ଗ୍ରହଣ କରିଥିବା ସମସ୍ତ ପାଠ୍ୟକ୍ରମକୁ ବିଦ୍ୟାଳୟ ସ୍ତରରେ ଶତପ୍ରତିଶତ କାର୍ଯ୍ୟକାରୀ କରାଇବା ପାଇଁ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଅତିଥିମାନଙ୍କ ଦ୍ୱାରା ସମସ୍ତ ପ୍ରଶିକ୍ଷାର୍ଥୀ ଙ୍କୁ ପ୍ରଶିକ୍ଷଣ ର ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା ଉଦଯାପନୀ ସଭାକୁ ସମ୍ବଳ ଶିକ୍ଷକ ନୀଳାଦ୍ରି କୁମାର ସିଂହ ସଂଯୋଜନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସୁଦର୍ଶନ ସାହୁ, ସୁଶାନ୍ତ କୁମାର ସ୍ୱାଇଁ, ମାଳତୀ ଦେଈ, ସତ୍ୟନାରାୟଣ ବ୍ରହ୍ମା ମହାପାତ୍ର, ପଞ୍ଚାନନ ଭୁଜବଳ, ତପନ ହାଲଦାର,ନରେନ୍ଦ୍ର ପାଇକରାୟ, ମମତା ବାହିନୀପତି ଇତ୍ୟାଦି ସହଯୋଗ କରିଥିଲେ ।

# ବେଗୁନିଆ ମାଇନର କେନାଲ କଂକ୍ରିଟ ୱାଲ କାର୍ଯ୍ୟ ନିମ୍ନମାନର



ଗୋପ, (ସବ୍ୟୁ) : ଗୋପ ଜଳସମ୍ପଦ ବିଭାଗ ଅଧୀନ ରେ ଥିବା ବେଗୁନିଆ ଡ଼ିଷ୍ଟ୍ରିବ୍ୟୁଟରୀ କେନାଲ ହନ୍ତସରା ସ୍କୁଲ ନିକଟରେ କେନାଲ ପରିସରରେ କଂକ୍ରିଟ ୱାଲ ଓ ଟପ ୱାଲ କାର୍ଯ୍ୟ ନିମ୍ନମାନର ହେଉଥିବା ସ୍ଥାନୀୟ ଅଞ୍ଚଳର ଚାଷୀ ମାନଙ୍କ ମହଲରେ ଅଭିଯୋଗ ହେଇଛି।ତେବେ ବିଭାଗୀୟ ଯନ୍ତ୍ରୀମାନଙ୍କ ଅଦୁର ଦର୍ଶିତା ପାଇଁ ୨ ସହରୁ ଉର୍ଦ୍ଧ୍ୱ ଫଳନ୍ତି ନଡ଼ିଆ ଗଛ କଟା ଯିବା। କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଚାଷୀମାନେ ଅଭିଯୋଗ କରିଛନ୍ତି । ସରକାର ଙ୍କ ନୀତିନିୟମ ଅନୁସାରେ ସଠିକ ଢଙ୍ଗରେ କାର୍ଯ୍ୟ ହେଉନଥିବା ବେଳେ ଅତି ନିମ୍ନମାନର ସିମେଣ୍ଟ ଓ ଲୋକାଲ ରଡ଼ରେ କାର୍ଯ୍ୟ କରି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିବା ପାଇଁ ମସୁଧା କରିଥିବା ଜଣାପଡିଛି। ବେଗୁନିଆ ଡ଼ିଷ୍ଟ୍ରିବ୍ୟୁଟରୀ କେନାଲ ସୁରକ୍ଷା ଓ ସଦୃଢ଼ି କରଣ ନିମନ୍ତେ ରାଜ୍ୟ ସରକାର ପ୍ରାୟ ୭୩ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଅର୍ଥ ମଞ୍ଜୁର ହେବା ପରେ ଆରମ୍ଭ ହୋଉଛି କାର୍ଯ୍ୟ, ହନ୍ତସରା କେନାଲ ଭିତରେ କଂକ୍ରିଟ ୱାଲ ହେବା ପରେ ତଳ ମୁଣ୍ଡରେ ଚାଷୀଙ୍କ ନିକଟରେ ଚାଷ ପାଇଁ ପାଣି ପହଁଚି ପାରିବ ବୋଲି ଏହି କାର୍ଯ୍ୟ କରାଯାଉଥିବା ବେଳେ କାର୍ଯ୍ୟ ସଠିକ ଢଙ୍ଗରେ ହେଉ ନଥିବାରୁ ଚାଷୀଙ୍କ ନିକଟରେ ଖରାଦିନେ ପାଣି ପହଁଚିବା ନେଇ ଉଠିଛି ପ୍ରଶ୍ନବାଚୀ।

କାର୍ଯ୍ୟରେ ବ୍ୟବହୃତ ହେଉଥିବା ସିମେଣ୍ଟ ଓ ରଡ଼ ନିମ୍ନମାନର ରଡ଼ ଗୁଡ଼ିକ ଲୋକାଲ ଓ କମ ଦାମର ବୋଲି କିଛି ଯୁବକ ଅଭିଯୋଗ ଆଣି କାର୍ଯ୍ୟ ବନ୍ଦ କରିଥିଲେ। କାର୍ଯ୍ୟାଦେଶରେ ଯେଉଁ ରଡ଼ ଲାଗିବା ପାଇଁ ନିୟମ ରହିଛି ଠିକାଦାର ସେଇ ରଡ଼ ଲଗାଉ ନାହାନ୍ତି ବୋଲି ବାରମ୍ବାର ଅଭିଯୋଗ ହେଉଥିଲେ ସୁଦ୍ଧା ଶୁଣିବା ପାଇଁ କେହି ନାହିଁ, ୱାଲ କାର୍ଯ୍ୟ ସମୟରେ ଯେତିକି ରଡ଼ ଲାଗିବା କଥା ଜେଉଁ ଅନୁସାରେ ଲାଗିବା କଥା ଲାଗୁନାହିଁ, କାର୍ଯ୍ୟର ସ୍ଥାୟୀତ୍ୱ କୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଏଭଳି ନିମ୍ନ ମାନର କାର୍ଯ୍ୟ କେତେ ଦିନ ଯିବ ବୋଲି ଆଲୋଚନା ହେଉଛି, ତୁରନ୍ତ ଉଚ୍ଚ ସ୍ତରୀୟ ତଦନ୍ତ ସହ ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହେଉଛି, ଏ ସମ୍ପର୍କରେ ଦାୟୀତ୍ୱରେ ଥିବା ଜଳସମ୍ପଦ ଯନ୍ତ୍ରୀ କହିଛନ୍ତି ଯଦି ସେଭଳି କାର୍ଯ୍ୟ ହେଉଥାଏ ତାହାଲେ ତଦନ୍ତ ହେବ ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ

ବାରଙ୍ଗ (ସବ୍ୟୁ) ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନରଣପୁର ଗ୍ରାମ ନିକଟରେ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି ଦୁର୍ବୃତ୍ତ। ବାଇକରେ କଟୁରୀ ନେଇ ଆସିଲେ ଆଉ ହାଣି ପଳାଇ ଯାଉଥିବା ବେଳେ ସ୍ଥାନୀୟ ଲୋକମାନଙ୍କ ହାତରେ ଧରାପଡିଲେ। ପ୍ରକାଶ ଯେ ବୁଧବାର ସନ୍ଧ୍ୟାରେ ରେ ନରଣପୁର ଗ୍ରାମ ନିକଟରେ ଜଣେ ଯୁବକଙ୍କୁ ଦୁଇଜଣ ଯୁବକ ପଇଡ଼ କଟା କଟୁରୀରେ ଗୋଡାଇ ଗୋଡାଇ ହାଣିଛନ୍ତି। ଯୁବକ ଜଣଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସାପାଇଁ କଟକ ବଡ ଡାକ୍ତରଖାନାକୁ ପଠାଯାଇଛି। ଗୁରୁତର ଯୁବକ ଜଣକ ହେଲେ ନୟାଗଡ଼ ସିଧାମୂଳା ଅଂଚଳର ମନୋରଞ୍ଜନ ଦାସ(୩୦) ।

ତାଙ୍କୁ ଆକ୍ରମଣ କରିଥିବା ଦୁଇଭାଇ କୁଳ ଓ ନୀଳ ସେହି ପାଖ ଗ୍ରାମର ବୋଲି ସୂଚନା ମିଳିଛି। ନୟାଗଡ଼ ସିଧାମୂଳା ଗ୍ରାମରୁ ଏକ ବରଯାତ୍ରୀ ଶୋଭାଯାତ୍ରା ବାହାରି କଟକ ଶିଖରପୁର ଅଞ୍ଚଳକୁ ଆସିଥିଲା। ସେହି ଶୋଭାଯାତ୍ରାରେ ମନୋରଂଜନ ଓ ଆକ୍ରମଣକାରୀ ଦୁଇ ଭାଇ ମଧ୍ୟ ଆସିଥିଲେ। କୌଣସି କାରଣରୁ ମନୋରଞ୍ଜନ ସେଠାରୁ ବାରଙ୍ଗ ନରଣପୁରସ୍ଥିତ ନିଜ ସମ୍ପର୍କୀୟ ମାମୁଁ ଘରକୁ ଆସୁଥିଲେ। ତେବେ ପୂର୍ବ ଶତ୍ରୁତା ଥିବା କୁଳ ଓ ନୀଳ ଦୁଇଭାଇ ମନୋରଞ୍ଜନଙ୍କୁ ବାଇକରେ ପିଛାକରି ଆସିଥିଲେ। ମନୋରଞ୍ଜନ ନରଣପୁର ନିକଟସ୍ଥ ସଂପର୍କୀୟଙ୍କ ଘର ନିକଟରେ ପହଞ୍ଚିବା ମାତ୍ରେ ଦୁଇଭାଇ କୁଳ ଓ ନୀଳ ଏକ ପଇଡ଼ କଟା କଟୁରୀରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଯୁବକ ଜଣକ ନିଜକୁ ବଞ୍ଚାଇବାକୁ ଉଦ୍ୟମ କରିଥିବା ବେଳେ କଟୁରୀଟି ତାଙ୍କ ଛାତିରେ ବାଜି ଗଭୀର ଆଘାତ ଲାଗିବାରୁ ସେ ଗୁରୁତର ହୋଇଥିଲେ।

ସ୍ଥାନୀୟ ଲୋକେ ଦୁଇ ଭାଇଙ୍କୁ କାବୁ କରି ବାରଙ୍ଗ ପୋଲିସକୁ ଡାକି ଦେଇଥିଲେ। ପୋଲିସ ଦୁଇ ଭାଇଙ୍କୁ ଥାନାକୁ ଆଣି ଅଟକ ରଖିଛି। ଅନ୍ୟପଟେ ଗୁରୁତର ଯୁବକଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନା ପଠାଇଛି। ପୁଲିସ ଦୁଇ ଭାଇଙ୍କର ଗୋଟିଏ ବାଇକ ଓ ଏକ ସ୍କୁଟର ସମେତ କଟୁରୀ ଜବତ କରି ତଦନ୍ତ ଆରମ୍ଭ କରିଛି ।

# କୃଷି ବୈଜ୍ଞାନିକ ଡା. ଦେବବ୍ରତ ପାଣିଗ୍ରାହୀ ସମ୍ବର୍ଦ୍ଧିତ

ଫୁଲନଖରା, (ସବ୍ୟୁ) : ଅଲ ଓଡିଶା ରିଟାୟାର୍ଡ ଏମ୍ପ୍ଲୟୀଜ ଆସୋସିଏସନ୍ସ ପକ୍ଷରୁ କୃଷି କ୍ଷେତ୍ରରେ ବୈଜ୍ଞାନିକ, ଶିକ୍ଷକ ଓ ଏକ୍ସଟେନ୍ସନ କର୍ମୀ ଭାବେ ଉଲ୍ଲେଖନୀୟ ଅବଦାନ ସହିତ ପରିବେଶ ସୁରକ୍ଷା, କୃଷି ଉନ୍ନୟନ ଓ ଓଡ଼ିଆ ସାହିତ୍ୟର ପ୍ରଚାର-ପ୍ରସାରରେ ଦୀର୍ଘଦିନ ଧରି କାର୍ଯ୍ୟରତ ଥିବା ଡକ୍ଟର ଦେବବ୍ରତ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରିଟାୟାର୍ଡ ଗଭର୍ଣ୍ଣମେଣ୍ଟ ଏମ୍ପ୍ଲୟୀଜ ଆସୋସିଏସନ ଦ୍ୱାରା ଆୟୋଜିତ ଏହି ସମ୍ମାନ ସମାରୋହରେ ପୂର୍ବତନ ପୁଲିସ କମିଶନର ଡ଼ଃ ସତ୍ୟଜିତ ମହାନ୍ତି, ପୂର୍ବତନ ଓଡିଶା ବିଧାନସଭା ସଚିବ ଦାଶରଥୀ ଶତପଥୀ ଓ ଡିଜି ସୂରଯମଣି ତ୍ରିପାଠୀ ଉପସ୍ଥିତ ଥିଲେ। ଅତିଥିମାନେ ସମ୍ମାନିତ ବ୍ୟକ୍ତିଙ୍କର କୃଷି ଗବେଷଣା, ଶିକ୍ଷାଦାନ ଓ ଗ୍ରାମ୍ୟ ଉନ୍ନୟନ କ୍ଷେତ୍ରରେ ସ୍ମରଣୀୟ ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଅତିଥିବୃନ୍ଦ କହିଥିଲେ ଯେ, ପରିବେଶ ସୁରକ୍ଷା ଓ ସସ୍ଥାୟୀ କୃଷି ପ୍ରଣାଳୀ ପ୍ରଚାରରେ ତାଙ୍କ ଉଦ୍ୟମ ସମାଜ ପାଇଁ ପ୍ରେରଣାଦାୟକ। ସମାଜ ସେବା ଓ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ତାଙ୍କ ନିଷ୍ଠା ଏକ ଉଦାହରଣ ସୃଷ୍ଟି କରିଛି ବୋଲି ସେମାନେ ମତ ପ୍ରକାଶ କରିଥିଲେ। ସମ୍ମାନିତ ବ୍ୟକ୍ତି ଏହି ସମ୍ମାନ ପାଇଁ ସଂଗଠନ ଓ ସଭ୍ୟମାନଙ୍କୁ କୃତଜ୍ଞତା ଜଣାଇ ଆଗାମୀ ଦିନରେ ମଧ୍ୟ କୃଷି, ପରିବେଶ ଓ ସମାଜ ସେବା କ୍ଷେତ୍ରରେ ତାଙ୍କ କାର୍ଯ୍ୟ ଜାରି ରଖିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସଂଘର ଅନ୍ୟାନ୍ୟ ପଦାଧିକାରୀ ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଭାଗ୍ୟଧର ବିଜେଡି ବ୍ଲକ, ଧନୁର୍ଦ୍ଧର ନଗର ସଭାପତି

ନିମାପଡା, (ସବ୍ୟୁ): ନିମାପଡା ବ୍ଲକ ଓ ଏନ୍‌ଏସି ପାଇଁ ବିଜେଡିର ନୂତନ ସଭାପତିଙ୍କ ନାଁ ଘୋଷଣା ହୋଇଛି । ବ୍ଲକ ସଭାପତି ଭାବେ ଭାଗ୍ୟଧର ଖଟୋଇ ଓ ନଗର ସଭାପତି ଭାବେ କାଉନସିଲର ଧନୁର୍ଦ୍ଧର ଦାସ ନିଯୁକ୍ତ ହୋଇଛନ୍ତି । ଆଗକୁ ଆସୁଛି ତ୍ରିସ୍ତରୀୟ ପଞ୍ଚାୟତ ଓ ଏନ୍‌ଏସି ନିର୍ବାଚନ । ନବ ନିଯୁକ୍ତ ୨ ସଭାପତି ନିମାପଡା ବ୍ଲକ ଓ ଏନ୍‌ଏସିରେ ଦଳର ସଂଗଠନ କିଭଳି ଅଧିକ ମଜବୁତ ହେବ ସେଥିପାଇଁ କାମ କରିବେ ବୋଲି କହିଛନ୍ତି । ଏହି ପଦବୀରେ ନିଯୁକ୍ତି ମିଳିବା ପରେ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ,ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ ପ୍ରମୁଖଙ୍କୁ ସେମାନେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଓଡ଼ିଆ ବିଶ୍ୱବିଦ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ ପାଳିତ




ସାକ୍ଷୀଗୋପାଳ , (ସବ୍ୟୁ): ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ ପ୍ରାଙ୍ଗଣରେ 'ବିଶ୍ୱ ମାତୃଭାଷା ଦିବସ' ବେଶ ଧୁମ ଧାମରେ ପାଳିତ ହୋଇଯାଇଛି। ଐତିହ୍ୟ ସମ୍ପନ୍ନ ସତ୍ୟବାଦୀ ବନବିଦ୍ୟାଳୟଠାରେ ପ୍ରତିଷ୍ଠିତ ସ୍ୱତନ୍ତ୍ର ଭାଷାଭିତ୍ତିକ ଓଡ଼ିଆ ବିଶ୍ୱବିଦ୍ୟାଳୟ ଓଡ଼ିଶାର ତଥା ପ୍ରତ୍ୟେକ ଓଡ଼ିଆଙ୍କ ଗୌରବର ପ୍ରତୀକ। ଆଜି ଅନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ବକ୍ତୃତାମାଳାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମଞ୍ଚ ସଞ୍ଚାଳନ କରିଥିଲେ ଡକ୍ଟର ଶର୍ମିଷ୍ଠା ମହାପାତ୍ର। ଉକ୍ତ ଆଲୋଚନାଚକ୍ରରେ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ନିଜ ବକ୍ତବ୍ୟରେ କୁଳପତି ପ୍ରଫେସର ପାଣିଗ୍ରାହୀ ଛାତ୍ରଛାତ୍ରୀଙ୍କୁ ସର୍ବଦା ନିଜ ମାତୃଭାଷାର ସମୃଦ୍ଧି ପାଇଁ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡକ୍ଟର ପ୍ରଦ୍ୟୁମ୍ନ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

କୁଳସଚିବ ରଶ୍ମିରେଖା ଦାସ ଛାତ୍ରଛାତ୍ରୀମାନଙ୍କୁ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଓଡ଼ିଆ ଭାଷାର ଉନ୍ନତି ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏବଂ ମାତୃଭାଷା ଉପରେ ସ୍ୱରଚିତ ଏକ କବିତା ପାଠ କରି ଶୁଣାଇଥିଲେ। ବିଶ୍ୱ ମାତୃଭାଷା ଦିବସରେ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ। ଭାଷା ଏକ ଜାତିର ପରିଚୟ। ପ୍ରଫେସର ତ୍ରିପାଠୀ ମାତୃଭାଷା ଓଡ଼ିଆର ଲିଖନ ଅନୁବିଧି ସଂପର୍କରେ ଦୀର୍ଘଭାଷଣ ପ୍ରଦାନ କରିଥିଲେ। ପରେ ପ୍ରଫେସର ତ୍ରିପାଠୀ ଛାତ୍ରଛାତ୍ରୀମାନଙ୍କର ବ୍ୟାକରଣ ସଂପର୍କୀତ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ ସହିତ ସମସ୍ତ ସଂଶୟ ଦୂର କରିଥିଲେ ।

କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ବିଶ୍ୱବିଦ୍ୟାଳୟ ତଥା ଶିକ୍ଷାନୁଷ୍ଠାନ ମାନଙ୍କରେ ଏଭଳି ଦିବସ ପାଳନ କରିବାର ମହନୀୟ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଏକଦିବସୀୟ ଆଲୋଚନା ସଭାରେ ଡକ୍ଟର ଲିପିକା ନାୟକ, ଡକ୍ଟର ରାଧାଗୋବିନ୍ଦ କୁଇଲା, ଡ. ଜୟନ୍ତ ପରିଡ଼ା, ଡ. ସସ୍ମିତା ଜେନା, ଡ. ମୋନାଲି ଚ୍ୟାଙ୍ଗ, ଡ. ଶୁଭସ୍ମିତା ନାୟକ ପ୍ରମୁଖ ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀଗଣ ସାମିଲ ହୋଇଥିଲେ। ପରିଶେଷରେ ଅଧ୍ୟାପିକା ଡକ୍ଟର ଶର୍ମିଷ୍ଠା ମହାପାତ୍ର ସମସ୍ତଙ୍କ ଆନ୍ତରିକ ସହଯୋଗ ଓ ଉପସ୍ଥିତି ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ପରମାନନ୍ଦ କଲେଜ ଆତ୍ମରକ୍ଷା କୌଶଳ ଶିବିର




ବୋଲଗଡ଼,(ସବ୍ୟୁ): ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଛାତ୍ରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣର ୧୦ଦିନ ବ୍ୟାପି ଚାଲୁ ରହିଥିବା ଶିବିରର ଉଦଯାପିତ ହୋଇଯାଇଛି । ଏହି ଶିବିରରେ ୨ଜଣ ପ୍ରଶିକ୍ଷିକା ଶିବିରକୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଯୁକ୍ତ-୩ର ୧ମବର୍ଷ କଳା ଓ ବିଜ୍ଞାନ ବିଭାଗର ୧ଶହ ୫୦ରୁ ଉର୍ଦ୍ଧ ଛାତ୍ରୀ ଏଥିରେ ଅଂଶ ଗ୍ରହଣ କରି ପ୍ରଶିକ୍ଷଣ ନେଉଥିଲେ।

ଉଦଯାପନୀ ଉତ୍ସବରେ ବୋଲଗଡ଼ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ଃ ଅନୁସୂୟା ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ଛାତ୍ରୀ ମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଗାୟତ୍ରୀ ପଟ୍ଟନାୟକ ଉପସ୍ଥିତ ରହି ଆତ୍ମରକ୍ଷା କୌଶଳର ଉପକାରିତା ସମ୍ପର୍କରେ ବିଶଦ ଭାବେ ବୁଝାଇଥିଲେ। ଆତ୍ମରକ୍ଷା କୌଶଳ ଶିବିରର ସଂଯୋଜିକା ରାଜନୀତି ବିଜ୍ଞାନ ଅଧ୍ୟାପିକା ଲିପିକା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମକୁ ସଫଳତା ର ସହ ସଂଯୋଜନା କରି ଥିଲେ। ସହ-ସଂଯୋଜିକା ଅଧ୍ୟାପିକା ଛବିରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**(ଶ୍ରୀମଦ୍ଭଗବଦ୍ ଗୀତା ୨/୪୫)**
**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ତ୍ରୈଗୁଣ୍ୟବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭବାର୍ଜ୍ଜୁନ।**
**ନିର୍ଦ୍ୱନ୍ଦ୍ୱୋ ନିତ୍ୟସତ୍ତ୍ୱସ୍ଥୋ ନିର୍ଯୋଗକ୍ଷେମ ଆତ୍ମବାନ୍ ॥ ୪୫ ॥**

(ଯଦି କହ, ସ୍ୱର୍ଗାଦି ଯେବେ ସର୍ବୋତ୍କୃଷ୍ଟ ଫଳ ନୁହେଁ ? ତେବେ ବେଦସବୁ ସ୍ୱର୍ଗାଦିସାଧକ କର୍ମସବୁର ବିଧାନ କଲେ କାହିଁକି ? ତାହାର ଉତ୍ତରରେ କହୁଛନ୍ତି)- ହେ ଅର୍ଜ୍ଜୁନ ! ଏହି କର୍ମକାଣ୍ଡରୂପ ବେଦସବୁ ତ୍ରିଗୁଣମୟ (ସକାମକଫଳ-ପ୍ରଦାୟକ) ଅତଏବ ତୁମ କର୍ମଫଳରେ ନିସ୍ପୃହ ହୁଅ, ତୁମେ ସୁଖଦୁଃଖ, ଶୀତୋଷ୍ଣ ପ୍ରଭୃତି ଦ୍ୱନ୍ଦ୍ୱଶୂନ୍ୟ ହୁଅ, ସର୍ବଦା ଧୈର୍ଯ୍ୟଶାଳୀ ଅର୍ଥାତ୍ ତତ୍ତ୍ୱସମ୍ପନ୍ନ ହୁଅ, ଯୋଗକ୍ଷେମଶୂନ୍ୟ ହୁଅ, (ଅପ୍ରାପ୍ତ ବସ୍ତୁପ୍ରାପ୍ତିର ନାମ ଯୋଗ, ପ୍ରାପ୍ତବସ୍ତୁର ଭକ୍ଷଣର ନାମ କ୍ଷେମ ଏ ଉଭୟରେ ଯତ୍ନହୀନ ହୁଅ)ଏବଂ ଆସକ୍ତିଶୂନ୍ୟ ହୁଅ ॥ ୪୫॥

# ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ

ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପ୍ରାୟ ବର୍ଷକ ମଧ୍ୟରେ ନିର୍ମିତ ହୋଇ କାର୍ଯ୍ୟକ୍ଷମ ହେବ ବୋଲି ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ବିଧାନସଭାରେ ଉପସ୍ଥାପନ କରିବା ବେଳେ ପ୍ରକାଶ କରିଛନ୍ତି । ଦୀର୍ଘ ପ୍ରାୟ ପଚାଶ ବର୍ଷ ଧରି ଖୋର୍ଦ୍ଧା ଓ ବଲାଙ୍ଗୀର ମଧ୍ୟରେ ରେଳପଥ ନିର୍ମିତ ହେବ ବୋଲି ହୋଇ ପାରୁ ନଥିଲା । ଆମେ ଶୁଣି ଆସୁଥିଲୁ କେବଳ ।

ଅତୀତରେ ରେଳ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ପଚାରୁ ଥିଲେ,ସେମାନେ ରାଜ୍ୟ ସରକାରଙ୍କ ଦୋଷ ଦେଇ ଆସୁଥିଲେ । ଏଥିପାଇଁ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ କରି ପାରୁ ନଥିବାରୁ ଏହି ରେଳପଥର କାର୍ଯ୍ୟ ଆଗେଇ ପାରୁ ନାହିଁ ବୋଲି କୁହା ଯାଉଥିଲା । ରାଜ୍ୟ ସରକାରଙ୍କୁ ଯେତେବେଳେ ଏ ବିଷୟରେ ପଚାରା ଯାଉଥିଲା ସେତେବେଳେ ସେମାନେ ରେଳବାଇ ଉପରେ ଦୋଷ ଦେଉଥିଲେ ଏବଂ ରେଳ ବଜେଟରେ ଏଥିପାଇଁ ଟଙ୍କା ମଞ୍ଜୁର ହୋଇନାହିଁ ବୋଲି କହୁଥିଲେ ।

ଦୁଃଖ ହୁଏ, ଅତୀତରେ ଓଡ଼ିଶାର ସାଂସଦମାନେ ଏହି ରେଳପଥକୁ ତ୍ୱରାନ୍ୱିତ କରାଯିବା ଦିଗରେ ଆଗ୍ରହ ପ୍ରକାଶ କରି ନଥିଲେ । ଓଡ଼ିଶାର ଅନେକ ସାଂସଦ ରେଳବାଇ ଯଦି କେଉଁଠି ପାସେଞ୍ଜର ହଲ୍ଟ କରି ଦେଲା ତ ଖୁସି ହେଉଥିଲେ । ଏପରିକି ଦ୍ରୁତଗତିରେ ଯାଉଥିବା କେତେକ ଟ୍ରେନର ବିଭିନ୍ନ ଷ୍ଟେସନରେ ରହଣୀ ପାଇଁ ଆମର ସାଂସଦ ଓ ବିଧାୟକମାନେ ମଧ୍ୟ ଦାବି କରି ଆସୁଥିଲେ । ଓଡ଼ିଶାରୁ ରେଳବାଇ ଅଧିକ ରାଜସ୍ୱ ପାଇ ଆସୁଥିଲା, ମାତ୍ର ରେଳପଥ ବା ରେଳଗାଡ଼ିର ବିକାଶ ପ୍ରତି ଧ୍ୟାନ ଦିଆ ଯାଉ ନଥିଲା ।

ଓଡ଼ିଶାରୁ ଦୁଇଜଣ ରେଳ ମନ୍ତ୍ରୀ ଥିଲେ । ଭକ୍ତଚରଣ ଦାସ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ସରକାରରେ ଅଳ୍ପଦିନ ପାଇଁ ରେଳ ମନ୍ତ୍ରୀ ଥିଲେ । ମାତ୍ର କଟକ ଓ ଭୁବନେଶ୍ୱର ରେଳ ଷ୍ଟେସନ ମାନଙ୍କରେ ପ୍ରଥମ ଥର କରି କମ୍ପ୍ୟୁଟର ଜରିଆରେ ଟିକେଟ ବିକ୍ରୟ ବ୍ୟବସ୍ଥା ତାଙ୍କର ସ୍ୱଳ୍ପକାଳୀନ ସରକାର ଥିବାବେଳେ ସେ କରି ପାରିଥିଲେ । ସେହିପରି ନରସିଂହ ରାଓ ପ୍ରଧାନମନ୍ତ୍ରୀ ଥିବାବେଳେ, ନିକଟରେ ସ୍ୱର୍ଗାରୋହଣ କରିଥିବା କାହ୍ନୁଚରଣ ଲେଙ୍କା ମଧ୍ୟ ରେଳ ବିଭାଗର ରାଷ୍ଟ୍ରମନ୍ତ୍ରୀ ଥିଲେ । ଏହି ବିଭାଗର କ୍ୟାବିନେଟ ମନ୍ତ୍ରୀ ଥିଲେ କର୍ଣ୍ଣାଟକ ରାଜ୍ୟର ସି.କେ. ଜାଫର ସରିଫ । ଯେଉଁ ଦିନ ରେଳମନ୍ତ୍ରୀ ଭାବେ ଶେଷ ଦିନ ପାଇଁ କାହ୍ନୁବାବୁ କାର୍ଯ୍ୟ କରିଥିଲେ, ସେହି ଦିନ ଭୁବନେଶ୍ୱର-ନୂଆଦିଲ୍ଲୀ ମଧ୍ୟରେ ସର୍ବାଧିକ ଦ୍ରୁତଗାମୀ ରାଜଧାନୀ ଏକ୍ସପ୍ରେସ ଟ୍ରେନଟିର ଚଳାଚଳ ସେ କରାଇଥିଲେ । ଉଲ୍ଲେଖନୀୟ ଯେ କୋଲକାତା ଓ ନୂଆଦିଲ୍ଲୀ ମଧ୍ୟରେ ଭାରତରେ ପ୍ରଥମ ସର୍ବାଧିକ ଦ୍ରୁତଗାମୀ ଟ୍ରେନ 'ରାଜଧାନୀ ଏକ୍ସପ୍ରେସ' ଚାଲିଥିଲା । ଏହା ପରେ ଦ୍ୱିତୀୟ ରାଜଧାନୀ ଏକ୍ସପ୍ରେସ ଭୁବନେଶ୍ୱର ଓ ନୂଆଦିଲ୍ଲୀ ମଧ୍ୟରେ ଚଳାଚଳ କରିଥିଲା । ଏହି ଟ୍ରେନ ଉଭୟ ରାଜ୍ୟ ଓ ରାଷ୍ଟ୍ର ମଧ୍ୟରେ ସପ୍ତାହକୁ ଥରେ ମାତ୍ର ଚାଲୁଥିଲା । ଏବେ ଏହି ରାଜଧାନୀ ଏକ୍ସପ୍ରେସ ପ୍ରତିଦିନ ଚଳାଚଳ କରୁଛି । ଏହାକୁ ତେଜାସ ଏକ୍ସପ୍ରେସ କୁହାଯାଉଛି ।

**ଅତୀତରେ ରେଳ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ପଚାରୁ ଥିଲେ,ସେମାନେ ରାଜ୍ୟ ସରକାରଙ୍କ ଦୋଷ ଦେଇ ଆସୁଥିଲେ । ଏଥିପାଇଁ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ କରି ପାରୁ ନଥିବାରୁ ଏହି ରେଳପଥର କାର୍ଯ୍ୟ ଆଗେଇ ପାରୁ ନାହିଁ ବୋଲି କୁହା ଯାଉଥିଲା । ରାଜ୍ୟ ସରକାରଙ୍କୁ ଯେତେବେଳେ ଏ ବିଷୟରେ ପଚାରା ଯାଉଥିଲା ସେତେବେଳେ ସେମାନେ ରେଳବାଇ ଉପରେ ଦୋଷ ଦେଉଥିଲେ ଏବଂ ରେଳ ବଜେଟରେ ଏଥିପାଇଁ ଟଙ୍କା ମଞ୍ଜୁର ହୋଇନାହିଁ ବୋଲି କହୁଥିଲେ ।**

ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ହୋଇ ଯାଇଥିବା ଅଶ୍ୱିନୀ ବୈଷ୍ଣବ ଏବେ ଭାରତର ରେଳମନ୍ତ୍ରୀ । ଓଡ଼ିଶାରେ ଏବେ ଅତ୍ୟାଧୁନିକ ବନ୍ଦେ ଭାରତ ଓ ଅନ୍ୟାନ୍ୟ ଟ୍ରେନଗୁଡ଼ିକ ଚାଲିଲାଣି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱତନ୍ତ୍ର ଦୃଷ୍ଟି ଏବେ ଓଡ଼ିଶା ଉପରେ । ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବଜେଟ ଭାଷଣରେ କହିଛନ୍ତି ଯେ ଏହି ଖୋର୍ଦ୍ଧାରୋଡ଼ ବଲାଙ୍ଗୀର ମଧ୍ୟରେ ରେଳପଥ ନିର୍ମାଣର କାର୍ଯ୍ୟ ଏହି ଡିସେମ୍ବର ସୁଦ୍ଧା କିମ୍ବା କିଛି ଦିନ ବିଳମ୍ବରେ ସରିଯିବ । ଏହା ପରେ ଉଭୟ ଅଞ୍ଚଳ ମଧ୍ୟରେ ଟ୍ରେନ ଚଳାଚଳ ଆରମ୍ଭ ହେବ ।

ବିଗତ କଂଗ୍ରେସ ଓ ବିଜେଡି ଶାସନ କାଳରେ ରେଳ ବଜେଟରେ ଓଡ଼ିଶା ପାଇଁ ବିଧାନସଭାର ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ବିଧାୟକମାନଙ୍କୁ ନେଇ ଗଢ଼ା ଯାଉଥିଲା । କମିଟି ସ୍ମାରକପତ୍ରଟିଏ ବଜେଟ ପୂର୍ବରୁ ରେଳମନ୍ତ୍ରୀଙ୍କୁ ଦେଉଥିଲେ । ସେ ସବୁ ସ୍ମାରକ ପତ୍ରରେ ଯେଉଁ ପରିମାଣ ଦେବାକୁ ଅନୁରୋଧ କରା ଯାଉଥିଲା, କେନ୍ଦ୍ର ସରକାର ତାହାକୁ ବିଚାର ନ କରି ବଜେଟରେ ଅଳ୍ପ କିଛି ପରିମାଣର ବ୍ୟୟବରାଦ କରାଉଥିଲେ । ଏବେ ସ୍ୱତନ୍ତ୍ର ଭାବେ ରେଳ ବଜେଟ ନାହିଁ । କିନ୍ତୁ କେନ୍ଦ୍ର ସରକାର ଏବେ ବହୁ ପରିମାଣର ଅର୍ଥ ଓଡ଼ିଶାରେ ରେଳବାଇର ବିକାଶ ପାଇଁ ଦେଉଥିବା ଆନନ୍ଦର ବିଷୟ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଗ୍ରୀନ୍‌ଲାଣ୍ଡ ବରଫରେ ଲକ୍ଷ ଲକ୍ଷ ବର୍ଷର ଇତିହାସ



**ଡା. ରାଜ କିଶୋର ପଣ୍ଡା**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରୀନଲାଣ୍ଡକୁ ଆମେରିକାର ଅଂଶ ଏବଂ ଏହାକୁ କଳେବଳେ କୌଶଳେ ଅଧିକାର କରିବା ପାଇଁ ଯେବେଠାରୁ ଘୋଷଣା କଲେଣି, ସେହି ସମୟରୁ ବିଶ୍ୱ ରାଜନୀତିର ଦୃଶ୍ୟପଟରେ ଗ୍ରୀନଲାଣ୍ଡକୁ ନେଇ ବ୍ୟାପକ ବିତର୍କ ଚାଲିଛି । ଆମେରିକାର ଉଦ୍ୟମକୁ ପ୍ରତିହତ କରିବା ପାଇଁ ବିଗତ କିଛି ଦିନ ଧରି ୟୁରୋପୀୟ ସଂଘର ବିଭିନ୍ନ ଦେଶ ଗ୍ରୀନ୍‌ଲାଣ୍ଡକୁ କ୍ଷୁଦ୍ର କ୍ଷୁଦ୍ର ସୈନ୍ୟବାହିନୀ ମଧ୍ୟ ପଠାଉଛନ୍ତି । ଏହା ମଧ୍ୟରେ ଟ୍ରମ୍ପ ଆମେରିକାର ଏକ ନୂଆ ମାନଚିତ୍ର ପ୍ରକାଶ କରି କାନାଡ଼ା ଓ ଗ୍ରୀନ୍‌ଲାଣ୍ଡକୁ ଆମେରିକାର ଅଂଶବିଶେଷ ବୋଲି ମତବ୍ୟକ୍ତ କରିଛନ୍ତି । ସେ ମଧ୍ୟ କହିଛନ୍ତି କି, ଗ୍ରୀନ୍‌ଲାଣ୍ଡକୁ ଅଧିକାର କରିବା, ଆମେରିକା ପକ୍ଷରେ ବର୍ତ୍ତମାନ ଅବଶ୍ୟମ୍ଭାବୀ ହୋଇପଡ଼ିଛି । କାରଣ ତଦ୍ୱାରା ଏସୀୟ ମହାଶକ୍ତି ରୁଷ୍ ଏବଂ ଚାଇନାକୁ ମୁକାବିଲା କରାଯାଇପାରିବ । ରୁଷିଆ, ଯିଏ କି ଏପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ନୀରବ ରହିଆସୁଥିଲା, ବର୍ତ୍ତମାନ ସେ ମଧ୍ୟ ନିଜର ପ୍ରତିକ୍ରିୟା ରଖିଛି ।

ଗଣମାଧ୍ୟମରେ ବିବୃତି ରଖି ରୁଷିଆର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭ୍‌ରୋଭ୍ କହିଛନ୍ତି କି, ଗ୍ରୀନ୍‌ଲାଣ୍ଡ ବିଷୟ ଆମେରିକା ଓ ଡେନ୍‌ମାର୍କର ଆଭ୍ୟନ୍ତରୀଣ ମାମଲା। ଦୁଇଦେଶ ଏହାକୁ ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ କରନ୍ତୁ । କିନ୍ତୁ ଭବିଷ୍ୟତରେ ଯଦି ଆମେରିକା, ଗ୍ରୀନ୍‌ଲାଣ୍ଡ ଭୂମିରେ କୌଣସି ସାମରିକ କାର୍ଯ୍ୟକଳାପ ରୁଷ୍ ବିରୋଧରେ କରେ, ତେବେ ରୁଷ୍ ମଧ୍ୟ ଏହାର ପ୍ରତି ଜବାବ୍ ଦେବାକୁ ପଛାଇବ ନାହିଁ। ତେଣୁ ଗ୍ରୀନ୍‌ଲାଣ୍ଡକୁ ନେଇ କୌଣସି ସମୟରେ ମଧ୍ୟ ପୃଥିବୀରେ ଏକ ମହାସମର ସଂଘଟିତ ହୋଇ ଯାଇପାରେ । ତେବେ ଆମେ ଆଲୋଚନା କରିବା ଗ୍ରୀନ୍‌ଲାଣ୍ଡକୁ ଭୌଗୋଳିକ ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ।

ଉତ୍ତର ଆଟ୍‌ଲାଣ୍ଟିକ ଏବଂ ଆର୍କଟିକ ମହାସାଗର ମଧ୍ୟରେ ଅବସ୍ଥିତ ଏହି ଦ୍ୱୀପର କ୍ଷେତ୍ରଫଳ ପ୍ରାୟ ଏକୋଇଶି ଲକ୍ଷ ବର୍ଗ କିଲୋମିଟର ଅଟେ ଯାହାକି ଭାରତର ଦୁଇ ତୃତୀୟାଂଶ । କିନ୍ତୁ ଜନସଂଖ୍ୟା ଏହାର କେବଳ ମାତ୍ର ଅଠାବନ ହଜାର । ଗୋଟିଏ ପଟେ ବୃହତ୍ ଭୂଭାଗ ଓ ଅନ୍ୟପଟେ ଜନବିରଳତା ଏହାକୁ ବିଭିନ୍ନ ବୈଜ୍ଞାନିକ ଗବେଷଣା ପ୍ରକ୍ରିୟା ନିମନ୍ତେ ଏକ ପ୍ରକୃଷ୍ଟ କ୍ଷେତ୍ରରେ ପରିଣତ କରିଛି କାରଣ ଏଠାରେ ମାନବୀୟ ହସ୍ତକ୍ଷେପ କମ୍ ସାଙ୍ଗକୁ ବିଭିନ୍ନ ପ୍ରାକୃତିକ ପ୍ରକ୍ରିୟା ମଧ୍ୟ ନିରବଚ୍ଛିନ୍ନ ଭାବରେ ଅଧ୍ୟୟନ କରିହୁଏ ।

ଏଠାରେ ଥିବା ବରଫର କ୍ଷେତ୍ରଫଳ ପ୍ରାୟ ସତର ଲକ୍ଷ ବର୍ଗ କିଲୋମିଟର ଏବଂ ଏହାର ମୋଟେଇ ହାରାହାରି ଦୁଇ କିଲୋ ମିଟର । ବୈଜ୍ଞାନିକମାନେ ହିସାବ କରି ଜଣାଇଛନ୍ତି କି ଯଦି ସମଗ୍ର ଗ୍ରୀନ୍‌ଲାଣ୍ଡର ବରଫକୁ ତରଳାଇ ଦିଆଯାଏ, ତାହାହେଲେ ବିଶ୍ୱର ସମୁଦ୍ର ସ୍ତର ହାରାହାରି ସାତ ମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇବ । ତେଣୁ ଏହି କାରଣ ହେତୁ ଜଳବାୟୁ ପରିବର୍ତ୍ତନର ଅଧ୍ୟୟନ ଓ ଗବେଷଣାରେ ଗ୍ରୀନ୍‌ଲାଣ୍ଡ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ।



ନବେ ଦଶକରୁ ପ୍ରତିବର୍ଷ ହାରାହାରି ଏଠାରେ ତିନିଶହ ବିଲିଅନ ଟନ୍ ବରଫ ତରଳୁଛି । କେବଳ ୨୦୧୯ରେ ହିଁ ଏଠାରେ ପାଞ୍ଚଶହ ବିଲିଅନ ଟନ୍ ବରଫ ତରଳିଛି ଯାହାକି, ବର୍ତ୍ତମାନ ପର୍ଯ୍ୟନ୍ତ ସର୍ବାଧିକ । ଏହି ତରଳୀକରଣ ପ୍ରକ୍ରିୟାଦ୍ୱାରା ସମଗ୍ର ବିଶ୍ୱବ୍ୟାପୀ ସମୁଦ୍ରକୂଳୀୟ ସହର, ଦ୍ୱୀପ ଏବଂ ସାମୁଦ୍ରିକ ପରିବେଶ ଆଦି ବିପଜ୍ଜନକ ଅବସ୍ଥାରେ ରହିଛି ।

ଅନ୍ୟ ଗୋଟିଏ ବିଶେଷ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆମେ ଏଠାରେ ଆଲୋଚନା କରିବା ତାହା ହେଉଛି ଆଇସ୍ କୋର୍ ଡ୍ରିଲିଙ୍ଗ୍ । ଗ୍ରୀନ୍‌ଲାଣ୍ଡରେ କରାଯାଉଥିବା ଏହି ବିଶେଷ ପ୍ରକ୍ରିୟାଟିର ପୃଥିବୀର ଜଳବାୟୁର ଇତିହାସ ଅନୁସନ୍ଧାନ କାର୍ଯ୍ୟରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି । ଲକ୍ଷ ଲକ୍ଷ ବର୍ଷ ତଳେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଓ ମିଥେନ୍‌ର ପରିମାଣ କେତେ ଥିଲା ଏବଂ ତତ୍କାଳୀନ ସମୟରେ ତାପମାତ୍ରାର ପରିବର୍ତ୍ତନର ହାର ପ୍ରଭୃତି ଏହି ପ୍ରକ୍ରିୟାରୁ ଜାଣିହେଉଛି । କେତୋଟି ଆଇସ୍ କୋରର ରେକର୍ଡ଼ ଏକଲକ୍ଷ କୋଡ଼ିଏ ହଜାର ବର୍ଷ ତଳର ବୋଲି ମଧ୍ୟ କୁହାଯାଉଛି ।

ଭୂତତ୍ତ୍ୱ ଏବଂ ଖଣିଜ ବିଜ୍ଞାନ ଦୃଷ୍ଟିରୁ ମଧ୍ୟ ଗ୍ରୀନ୍‌ଲାଣ୍ଡର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଠାରେ 'ରେଆର୍ ଆର୍ଥ ଏଲିମେଣ୍ଟ' (ବିରଳ ମୃତ୍ତିକା)ର ଏକ ବୃହତ୍ ଭଣ୍ଡାର ଥିବାର ସୂଚନା ମିଳୁଛି, ଯାହାକି ବୈଦ୍ୟୁତିକ ଯାନବାହନ ଓ ଅକ୍ଷୟ ଶକ୍ତିର ଉତ୍ପାଦନରେ ବ୍ୟବହୃତ ହୋଇଥାଏ । ବୈଜ୍ଞାନିକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଏଠାରେ ୟୁରାନିୟମ୍, ଜିଙ୍କ୍, ନିକେଲ୍ ଓ ତମ୍ବା ମଧ୍ୟ ଯଥେଷ୍ଟ ପରିମାଣରେ ଅଛି । କିନ୍ତୁ ଏଗୁଡ଼ିକ ମୋଟା ବରଫର ଆସ୍ତରଣ ତଳେ ରହିଛି । ଉପରୋକ୍ତ ଖଣିଜ ଦ୍ରବ୍ୟକୁ ଉତ୍ତୋଳନ କରିବାରେ କିଛି ସମସ୍ୟାମାନ ରହିଛି, ଯେପରିକି ଭିତ୍ତିଭୂମିର ଅଭାବ, ବ୍ୟୟବହୁଳତା, ଜଳବାୟୁର ଅନିଶ୍ଚିତତା ଓ ପାରିବେଶିକ ଦୁର୍ଘଟଣା (ଭୂସ୍ଖଳନ ଇତ୍ୟାଦି)। ତେଣୁ ଏହି କାରଣରୁ ବ୍ୟବସାୟିକ ଦୃଷ୍ଟିକୋଣରୁ ଏଠାରେ ଏପର୍ଯ୍ୟନ୍ତ ଖଣିଜଦ୍ରବ୍ୟର ଉତ୍ତୋଳନ କରାଯାଇ ପାରିନାହିଁ।

**ଭୂତତ୍ତ୍ୱ ଏବଂ ଖଣିଜ ବିଜ୍ଞାନ ଦୃଷ୍ଟିରୁ ମଧ୍ୟ ଗ୍ରୀନ୍‌ଲ୍ୟାଣ୍ଡର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଠାରେ 'ରେଆର୍ ଆର୍ଥ ଏଲିମେଣ୍ଟ' (ବିରଳ ମୃତ୍ତିକା)ର ଏକ ବୃହତ୍ ଭଣ୍ଡାର ଥିବାର ସୂଚନା ମିଳୁଛି, ଯାହାକି ବୈଦ୍ୟୁତିକ ଯାନବାହନ ଓ ଅକ୍ଷୟ ଶକ୍ତିର ଉତ୍ପାଦନରେ ବ୍ୟବହୃତ ହୋଇଥାଏ । ବୈଜ୍ଞାନିକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଏଠାରେ ୟୁରାନିୟମ୍, ଜିଙ୍କ୍, ନିକେଲ୍ ଓ ତମ୍ବା ମଧ୍ୟ ଯଥେଷ୍ଟ ପରିମାଣରେ ଅଛି । କିନ୍ତୁ ଏଗୁଡ଼ିକ ମୋଟା ବରଫର ଆସ୍ତରଣ ତଳେ ରହିଛି ।**

**ଏବେ ଆସିବା ସାମୁଦ୍ରିକ ବିଜ୍ଞାନକୁ । ଗ୍ରୀନ୍‌ଲାଣ୍ଡରୁ ବାହାରୁଥିବା ଥଣ୍ଡା, ମିଠା ପାଣି ଆଟ୍‌ଲାଣ୍ଟିକ୍ ମହାସାଗରରେ ଥର୍ମୋହାଲାଇନ୍ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ । ଥର୍ମୋ ଅର୍ଥ ଉତ୍ତାପ, ହାଲାଇନ ଅର୍ଥ ଲବଣ ଅଂଶ ତେଣୁ, ଉତ୍ତାପ ଏବଂ ଲବଣ ଯୋଗୁଁ ବିଶ୍ୱବ୍ୟାପୀ ସାମୁଦ୍ରିକ ଜଳର ଗତି ଓ ସାନ୍ଦ୍ରତା ନିର୍ଣ୍ଣୟକୁ କୁହାଯାଇଥାଏ ଥର୍ମୋହାଲାଇନ୍ । ଏହାକୁ ମହାସାଗରୀୟ କନ୍‌ଭେୟାର ବେଲ୍ଟ ମଧ୍ୟ କୁହାଯାଇଥାଏ ।**

ଏହି ପ୍ରକ୍ରିୟାଟି ୟୁରୋପ ଏବଂ ଉତ୍ତର ଆମେରିକାର ଜଳବାୟୁକୁ ସନ୍ତୁଳିତ କରି ରଖିବାରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଏଥିରେ ବିଷୁବ ଅଞ୍ଚଳରୁ ତାପମାତ୍ରା ଜଳ ଯୋଗେ ଯାଇ ଆର୍କଟିକ୍ ଅଞ୍ଚଳରେ ଶୀତଳୀକରଣ ହୋଇଥାଏ ଏବଂ ବରଫରେ ପରିଣତ ହୋଇଥାଏ କିନ୍ତୁ ବିଶ୍ୱର ବର୍ଦ୍ଧିଷ୍ଣୁ ତାପମାତ୍ରା ହେତୁ ଗ୍ରୀନ୍‌ଲାଣ୍ଡରେ ନିରନ୍ତର ଭାବରେ ବରଫର ତରଳୀକରଣ ପ୍ରକ୍ରିୟା ଜାରି ରହିଛି ଓ ଏହାଦ୍ୱାରା ଥର୍ମୋହାଲାଇନ୍ ପ୍ରଣାଳୀ ବାଧାପ୍ରାପ୍ତ ହେଉଛି । **ଯଦି ଏହିପରି ଭାବରେ ବରଫ ତରଳିବା ପ୍ରକ୍ରିୟା ଜାରି ରହେ, ତେବେ ଥର୍ମୋହାଲାଇନ୍ ପ୍ରଣାଳୀ ୨୧୦୦ ମସିହା ସୁଦ୍ଧା ତିରିଶ ପ୍ରତିଶତ ଦୁର୍ବଳ ହୋଇ ପଡ଼ିବ ବୋଲି ବୈଜ୍ଞାନିକମାନେ ସତର୍କବାଣୀ ଶୁଣାଇଛନ୍ତି ।**

ଜୀବଜଗତ ଦୃଷ୍ଟିରୁ ଦେଖିଲେ ଗ୍ରୀନ୍‌ଲାଣ୍ଡରେ ଧଳା ଭାଲୁ, ସିଲ୍ ମାଛ, ୱାଲ୍‌ରସ୍ ଏବଂ ପେଙ୍ଗୁଇନ୍ ଆଦି ଦେଖିବାକୁ ମିଳନ୍ତି । ସାମୁଦ୍ରିକ ଶୈବାଳ ମଧ୍ୟ ଏଠାରେ ପ୍ରଚୁର ପରିମାଣରେ ଅଛନ୍ତି । ଜଳବାୟୁ ପରିବର୍ତ୍ତନ, ତାପମାତ୍ରା ବୃଦ୍ଧି ଓ ବରଫ ତରଳିବାଦ୍ୱାରା ସାମୁଦ୍ରିକ ଶୈବାଳ ଓ ଉପରୋକ୍ତ ଜନ୍ତୁମାନଙ୍କର ଜୀବନଚକ୍ର ଓ ଖାଦ୍ୟଶୃଙ୍ଖଳ ମଧ୍ୟ ପ୍ରଭାବିତ ହେଉଛି ।

**ସର୍ବଶେଷରେ ଆସିବା ଗ୍ରୀନ୍‌ଲାଣ୍ଡର ମାନବ ସମ୍ବଳକୁ । ଶତାବ୍ଦୀ ଶତାବ୍ଦୀ ଧରି ଏଠାରେ ବାସ କରୁଛନ୍ତି ଇନୁଇଟ୍ ଜନଜାତି । ବରଫ, ଜଳବାୟୁ ଏବଂ ସମୁଦ୍ରରେ ଦେଖାଦେଉଥିବା ସୂକ୍ଷ୍ମ ପରିବର୍ତ୍ତନକୁ ଆଧାର କରି ଏମାନେ ଏଠାରେ ଜୀବନ ନିର୍ବାହ କରି ଆସୁଛନ୍ତି । ତେଣୁ ସାମ୍ପ୍ରତିକ ସମୟରେ ଗ୍ରୀନ୍‌ଲାଣ୍ଡରେ ହେଉଥିବା ବୈଜ୍ଞାନିକ ଗବେଷଣାର ଅବିଚ୍ଛେଦ୍ୟ ଅଂଶ ପାଳଟିଛନ୍ତି ଏହି ଇନୁଇଟ୍ ଜନଜାତି । କାରଣ ଏମାନଙ୍କର ସହଯୋଗଦ୍ୱାରା ହିଁ ଆମେ ସେଠାକାର ପ୍ରାକୃତିକ ରହସ୍ୟ ଉପରୁ ପରଦା ଉଠାଇ ପାରିବା ।**

ପରିଶେଷରେ ଭୌଗୋଳିକ ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ଗ୍ରୀନ୍‌ଲ୍ୟାଣ୍ଡକୁ ଧରାପୃଷ୍ଠର ପରୀକ୍ଷାଗାର କହିଲେ ଅତ୍ୟୁକ୍ତି ହେବ ନାହିଁ । **ଏହାର ବରଫରେ ହିଁ ଲେଖାଅଛି ଆମ ପୃଥିବୀର ଲକ୍ଷ ଲକ୍ଷ ବର୍ଷ ତଳର ଇତିହାସ । ତେଣୁ ଏହାର ସଂରକ୍ଷଣ ନିତାନ୍ତ ଜରୁରୀ ।**

ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋ- ୮୧୪୪୦୪୨୯୯୭

# ସାନ୍ତାଳମାନଙ୍କ ଦ୍ୱିତୀୟ ପ୍ରମୁଖ ପୂଜା ବାହାବଙ୍ଗା



**ଦଶରଥ ହେମ୍ବ୍ରମ୍**

ମାନବ ସଭ୍ୟତାର ଇତିହାସ ଯେତିକି ପୁରୁଣା, ଆଦିବାସୀ ସାନ୍ତାଳମାନଙ୍କର ଭାଷା, ସାହିତ୍ୟ, ସଂସ୍କୃତି, ଇତିହାସ ଓ ପରମ୍ପରା ମଧ୍ୟ ସେତିକି ପ୍ରାଚୀନ । ଏହା କେବଳ ନିର୍ଦ୍ଦିଷ୍ଟ ପରିସୀମା ମଧ୍ୟରେ ସୀମିତ ନୁହେଁ, ବରଂ ପ୍ରକୃତି ସହ ମଣିଷର ନିବିଡ଼ ସମ୍ପର୍କର ଏକ ଜୀବନ୍ତ ଦସ୍ତାବିଜ ଏବଂ ଅବିଚ୍ଛେଦ୍ୟ ଅଙ୍ଗ । ସାନ୍ତାଳୀ ସଂସ୍କୃତିର ସବୁଠାରୁ ବଡ଼ ବିଶେଷତ୍ୱ ହେଲା 'ପ୍ରକୃତି ପୂଜା' । ଯେତେବେଳେ ସମଗ୍ର ବିଶ୍ୱ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟା ସହ ଲଢୁଛି, ସେତେବେଳେ ଆଦିବାସୀ ସାନ୍ତାଳ ସମାଜ ଆମକୁ ମନେ ପକାଇ ଦିଅନ୍ତି ଯେ, ଜଙ୍ଗଲ, ପାହାଡ଼, ଝରଣା ଏବଂ ନଦୀ କେବଳ ସମ୍ବଳ ନୁହେଁ, ବରଂ ଏହା ଆମର ମୂଲ୍ୟବାନ ଜୀବନ ଅଟେ ।

ଏହି ଚାରୋଟି ଶବ୍ଦ କେବଳ ସ୍ଲୋଗାନ ନୁହେଁ, ଏହା ସାନ୍ତାଳଙ୍କ ଜୀବନର ଆଧାର ଓ ସୁରକ୍ଷା କରିବା ତାଙ୍କର ମୌଳିକ କର୍ତ୍ତବ୍ୟ । ତେଣୁ ସେମାନେ ହେଉଛନ୍ତି 'ପ୍ରକୃତି ପୂଜକ', 'ଆକୃତି' ବା ମୂର୍ତ୍ତି ପୂଜକ ନୁହନ୍ତି । ସେମାନଙ୍କର ଆସ୍ଥା, ଅସ୍ତିତ୍ୱ, ସଂସ୍କୃତି, ପରମ୍ପରା ଏବଂ ରୀତିନୀତି ସମ୍ପୂର୍ଣ୍ଣ ଅଲଗା ହୋଇଥିବାରୁ ସୂର୍ଯ୍ୟ, ଚନ୍ଦ୍ର, ଆକାଶ, ବଣ, ଜଙ୍ଗଲ, ପାହାଡ଼, ନଦୀ, ଝରଣା, ପଥର ଓ ବୃକ୍ଷକୁ ସେମାନେ ଦେବତା ମାନି ସେମାନଙ୍କୁ ପୂଜା କରନ୍ତି ।

ପ୍ରକୃତି ସହ ଜଡ଼ିତ ଆଦିବାସୀ ସାନ୍ତାଳଙ୍କ ପବିତ୍ର 'ବାହାବଙ୍ଗା' ହେଉଛି ସୁଖ, ଶାନ୍ତି ଓ ସମୃଦ୍ଧିର ମହାପୂଜା । ବାରମାସ ତେର ପରବ ମଧ୍ୟରୁ ବାହାବଙ୍ଗା ହେଉଛି ଅନ୍ୟତମ । ଏହା ସାନ୍ତାଳୀ ସଂସ୍କୃତି ଅନୁସାରେ ଦ୍ୱିତୀୟ ପ୍ରମୁଖ ପୂଜା ପର୍ବ ବୋଲି ଗଣନା କରାଯାଏ । କିନ୍ତୁ ବାହାବଙ୍ଗା (ଫୁଲପୂଜା) ନ ହେବା ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ପାଇଁ ଗାଁରେ ଫୁଲଫଳର ବ୍ୟବହାର ବାରଣ କରାଯାଇଥାଏ । ତେଣୁ ପରମ୍ପରା ଅନୁସାରେ ଫଗୁଣ ମାସରେ ଫୁଟୁଥିବା ନୂଆ ଫୁଲଫଳକୁ ଜାହିରା ଥାନ ଅର୍ଥାତ ସାନ୍ତାଳମାନଙ୍କର ଧର୍ମ ପୂଜାପୀଠ ନିକଟକୁ ଆଣିଥାନ୍ତି। ପୂଜା ସାମଗ୍ରୀ ମଧ୍ୟରେ କଅଁଳ ଶାଳଫୁଲ ଏବଂ ମହୁଲ ଫୁଲକୁ ମୁଖ୍ୟ ସାମଗ୍ରୀ ଭାବେ ନିଆ ଯାଇଥାଏ ।

**ପ୍ରାଚୀନ କାଳରୁ ଚାଲି ଆସୁଥିବା ଏହି ବଙ୍ଗାରେ କଅଁଳ ଶାଳଫୁଲ ଏବଂ ମହୁଲ ଫୁଲକୁ ଦେବାଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥାଏ । ପୁରୋହିତ ନାଏକେବାବା ସମସ୍ତ ଗ୍ରାମବାସୀଙ୍କ ମଙ୍ଗଳ ପାଇଁ ଦେବତାମାନଙ୍କୁ ପ୍ରାର୍ଥନା କରନ୍ତି । ପୂଜା ଶେଷରେ ନାୟକେବାବା ଓ ଦେବୀ ଦେବତାଙ୍କଠାରେ ଅର୍ପଣ କରାଯାଇଥିବା ଶାଳ ଓ ମହୁଲ ଫୁଲକୁ ଆଶୀର୍ବାଦ ସ୍ୱରୂପ ଗ୍ରହଣ କରିଥାନ୍ତି । ପରେ ପୁରୁଷମାନେ କାନରେ ଓ ମହିଳାମାନେ ମୁଣ୍ଡରେ ଶାଳଫୁଲ ଖୋସି ଗୀତନାଚରେ ମସଗୁଲ ହୋଇଥାନ୍ତି ।**

ଏହି ଅବସରରେ ପୂଜାରୀ ନାୟକେବାବାଙ୍କୁ ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ଧର୍ମପୀଠ ଜାହିରାକୁ ପାଛୋଟି ନେଇଥାନ୍ତି । ତେବେ ତିଥି ଅନୁସାରେ ଏହି ବାହାବଙ୍ଗା ଫଗୁଣ ମାସର ଶୁକ୍ଳପକ୍ଷଠାରୁ ଆରମ୍ଭ କରି ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ମହାପୂଜା ପାଳନ ହୋଇଥାଏ ।

ପ୍ରାଚୀନ କାଳରୁ ଚାଲି ଆସୁଥିବା ଏହି ବଙ୍ଗାରେ କଅଁଳ ଶାଳଫୁଲ ଏବଂ ମହୁଲ ଫୁଲକୁ ଦେବାଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥାଏ । ପୁରୋହିତ ନାଏକେବାବା ସମସ୍ତ ଗ୍ରାମବାସୀଙ୍କ ମଙ୍ଗଳ ପାଇଁ ଦେବତାମାନଙ୍କୁ ପ୍ରାର୍ଥନା କରନ୍ତି । ପୂଜା ଶେଷରେ ନାୟକେବାବା ଓ ଦେବୀ ଦେବତାଙ୍କଠାରେ ଅର୍ପଣ କରାଯାଇଥିବା ଶାଳ ଓ ମହୁଲ ଫୁଲକୁ ଆଶୀର୍ବାଦ ସ୍ୱରୂପ ଗ୍ରହଣ କରିଥାନ୍ତି । ପରେ ପୁରୁଷମାନେ କାନରେ ଓ ମହିଳାମାନେ ମୁଣ୍ଡରେ ଶାଳଫୁଲ ଖୋସି ଗୀତନାଚରେ ମସଗୁଲ ହୋଇଥାନ୍ତି ।

ଜାହିରାରେ ପୂଜା କଲେ ମାନସିକ ପୂରଣ ହୁଏ ବୋଲି ବିଶ୍ୱାସ ରହିଥିବାରୁ ଶ୍ରଦ୍ଧାଳୁ ଭିଡ଼ ଲାଗିଥାଏ । ଏହାଦ୍ୱାରା ସୁଖ, ଶାନ୍ତି ଓ ଯଶ ପ୍ରାପ୍ତି ହୋଇଥାଏ ବୋଲି ଏମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି ଏବଂ ଅଞ୍ଚଳର ବିକାଶ ପାଇଁ ପ୍ରକୃତି ସହ ଜଡ଼ିତ ଆଦିବାସୀ ସାନ୍ତାଳଙ୍କ ଏହି ପର୍ବ ଯୁଗ ଯୁଗ ଧରି ପାଳନ ହୋଇ ଆସୁଛି । ବାହାବାଙ୍ଗାର ଶେଷ ଦିନରେ ଅର୍ଥାତ 'ଆଗ୍‌ରାଳା' ଦିବସ ପ୍ରଥା ରହିଛି । ଏହି ଦିନରେ ଗୃହ ଦେବତାଙ୍କୁ ପୂଜାର୍ପଣ କରି ସେମାନେ ଆଶୀର୍ବାଦ ଓ ଶୁଭପ୍ରାପ୍ତି ପାଇଥାନ୍ତି । ବନ୍ଧୁବାନ୍ଧବ ନିମନ୍ତ୍ରିତ ହୋଇ ଆସିଥାନ୍ତି ।

ସମସ୍ତଙ୍କ ଘରେ ଭୋଜିଭାତର ଉତ୍ସବ ଦେଖିବାକୁ ମିଳିଥାଏ । ଆନନ୍ଦ ଓ ଉଲ୍ଲାସରେ ଏହି ଦିନ ବିତିଯାଏ । କିନ୍ତୁ ଏହି ଦିନରେ ପ୍ରଥା ଓ ପରମ୍ପରା ଅନୁସାରେ ଗ୍ରାମବାସୀମାନେ ବଣଜଙ୍ଗଲକୁ ଶିକାର କରିବାକୁ ଯାଆନ୍ତି । ପକ୍ଷୀ ହେଉ କିମ୍ବା ଯେ କୌଣସି ଜୀବଟିଏ ହେଉ ଶୀକାର କରି ଆଣିଲେ ତାହା ଶୁଭ ବୋଲି ବିବେଚନା କରାଯାଏ । ସନ୍ଧ୍ୟା ସମୟରେ ପୁରୋହିତଙ୍କ ଘରେ 'ଆଗ୍‌ରାଳା' ମାଙ୍ଗଳିକ କାର୍ଯ୍ୟବିଧି ଅନୁସାରେ ସମ୍ପନ୍ନ ହୁଏ । ଏହି କାର୍ଯ୍ୟ ସାରିବା ପରେ ଉପବାସରେ ରହିଥିବା ପୁରୋହିତଙ୍କୁ ମୁକ୍ତ କରିବା ପାଇଁ ପ୍ରଥମେ ତାଙ୍କ ଘରେ ଉପ-ପୁରୋହିତଙ୍କ ସମେତ ଅନ୍ୟମାନେ ହାଣ୍ଡିଆ ପିଇବାର ବ୍ୟବସ୍ଥା କେଉଁ କାଳରୁ ରହିଆସିଛି । ପ୍ରତ୍ୟେକ ସାନ୍ତାଳ ଗାଁକୁ ସୁନ୍ଦର ଓ ସରସ କରିବା ପାଇଁ ନୃତ୍ୟ-ଗୀତର ଆସର ଜମିଥାଏ, ସେମାନଙ୍କର ବିଶ୍ୱାସ ଯେ ମାଦଳ ଶବ୍ଦ ଶୁଣିଲେ ସ୍ୱର୍ଗରୁ ଦେବତାମାନେ ଓହ୍ଲାଇ ଆସନ୍ତି ।

ଏହା ଦ୍ୱାରା ଭଲ ବୃଷ୍ଟିପାତ ହେବ, ବର୍ଷସାରା ଶୁଭଦାୟକ ହେବ ଏବଂ ଭଲ ଅମଳ ହେବ । ତେଣୁ ନାଚିବା ଲାଗି ପୁଅମାନେ ମାଦଳ ଓ ନାଗରା ବଜାଇଥାନ୍ତି । ବାଦ୍ୟର ତାଳେ ତାଳେ ଝିଅମାନେ ନାଚିଥାନ୍ତି ଲମ୍ବା ସମୟ ଧରି । ଗାଁରେ ଏହି ମହାପୂଜାକୁ ସରସ ସୁନ୍ଦର କରିବା ଲାଗି ଘରଗୁଡ଼ିକୁ ସାଜସଜ୍ଜା କରାଯାଇଥାଏ । ଗ୍ରାମବାସୀମାନେ ଗୀତ ଗାଇ ଗାଇ 'ବାହାବଙ୍ଗା'କୁ ଉଲ୍ଲାସରେ ବିଦାୟ ଦେଇଥାନ୍ତି ।

**ବାଲେଶ୍ୱର,**
**ମୋ -୯୩୩୭୪୦୪୨୫୪**

# ନିଜ ପାଇଁ ଆଦର୍ଶ ଖୋଜିବା

**ମନୋଜ କୁମାର ବେହେରା**

ଆପଣଙ୍କୁ ନିଜ ପାଇଁ ଗୋଟିଏ ଆଦର୍ଶ ଖୋଜିବାର ଆବଶ୍ୟକତା ଅଛି । ଏହି ଆଦର୍ଶ ହୋଇପାରେ ନିଜର ବୃତ୍ତିରେ ଉତ୍କୃଷ୍ଟତା ପ୍ରାପ୍ତ କରିବା, କୌଣସି ରାଜନୈତିକ ବିଚାର, କୌଣସି ଆର୍ଥିକ ପ୍ରଣାଳୀ ଯେମିତି ଆପଣ ଆଗକୁ ବଢିବାକୁ ଚାହାନ୍ତି କିମ୍ବା ସାମାଜିକ ମୂଲ୍ୟର ପାଳନ କରିବା କିମ୍ବା ନୈତିକତା ଏବଂ ଚରିତ୍ରରେ ଅଟଳ ରହିବା । ଏହି ଆଦର୍ଶର ପ୍ରତି ଆମେ ଅଟଳ ଆଉ ପ୍ରତିବଦ୍ଧ ରହିବା ଦରକାର । କୌଣସି ପରିସ୍ଥିତିରେ ନିଜର ସିଦ୍ଧାନ୍ତରେ ପଛକୁ ନହଟିବା । ଯଦି ଆବଶ୍ୟକ ପଡିବ, ତା'ହେଲେ ତ୍ୟାଗ କିମ୍ବା ବଳିଦାନ ଦେବା ପାଇଁ ମଧ୍ୟ ତତ୍ପର ରହିବା ।

ଥରେ ଯେତେବେଳେ ଆମେ ନିଜର ଅଦର୍ଶ ଖୋଜି ନେଇଥାଉଁ, ଆଉ ଆମ ଭିତରେ ଶ୍ରେଷ୍ଠତମ ଗୁଣ ପ୍ରକଟ ହେବାକୁ ଲାଗିଥାଏ । ଯେପର୍ଯ୍ୟନ୍ତ ଏହା ମିଳେ ନାହିଁ, ଆମେ କେବଳ ଉପର ସ୍ତର ଦକ୍ଷତା ହିଁ ପ୍ରାପ୍ତ କରିଥାଉଁ କିନ୍ତୁ ଆମେ ନିଜର ପ୍ରକୃତ ଶ୍ରେଷ୍ଠ ସ୍ୱରୂପର ଅନୁଭବ କରିପାରି ନଥାଉ ।

ବିନା ଆଦର୍ଶରେ ଆମର ଜୀବନ ଲକ୍ଷ୍ୟହୀନ ପ୍ରତୀତ ହୋଇଥାଏ । ବେଳେ ବେଳେ ଏମିତି ବି ଅଭ୍ୟାସ ହୋଇଥାଏ କି ଜୀବନ ବ୍ୟର୍ଥ ଅଟେ । ସ୍ୱାମୀ ଚିନ୍ମୟାନନ୍ଦ ଜୋର୍ ଦେଇଥାନ୍ତି କି ଆମକୁ ଉଚ୍ଚତମ ଆଦର୍ଶ ଖୋଜିବା ଦରକାର ।

ଏହା ସେବା, ନ୍ୟାୟ, ଆତ୍ମ-ବିଶ୍ୱାସ ଅଥବା ଆତ୍ମାନୁଭୂତି କିଛି ବି ହୋଇପାରେ । କିନ୍ତୁ ଆମର ପାଖରେ କୌଣସି ପ୍ରେରଣା ସ୍ରୋତ ହେବା ଦରକାର, ଯିଏ ଆମକୁ ଆମର ସର୍ବୋତ୍ତମ ସ୍ୱରୂପ ଆଡକୁ ନେଇଯିବ ।

ଆମର ପୂର୍ଣ୍ଣ ପ୍ରକାରର ପ୍ରାପ୍ତିରେ ସହାୟକ ହେବ ତଥା ମାନବସେବାର ଦିଶାରେ ପ୍ରେରିତ କରିବ । ଭାବନ୍ତୁ ଖେଳକୁଦ ଦଳର ଗୋଟିଏ ଖେଳାଳୀ, ଯଦି ତାହାର ଉଦ୍ଦେଶ୍ୟ କେବଳ ମିତ୍ରଙ୍କ ସହିତ ସମୟ ବିତେଇବା ତଥା ମନୋରଞ୍ଜନ କରିବାକୁ ହେବ, ତା'ହେଲେ ସେ ନିଜର ପୂର୍ଣ୍ଣକ୍ଷମତା ପର୍ଯ୍ୟନ୍ତ ପହଞ୍ଚି ପାରିବନି । ସ୍ୱାମୀ ଚିନ୍ମୟାନନ୍ଦ କୁହନ୍ତି, ସମସ୍ତଙ୍କର ଅସ୍ତିତ୍ୱ ଅଛି, ମାତ୍ର କିଛି ଲୋକ ଅଛନ୍ତି, ଯେଉଁମାନେ ଜୀଅଁନ୍ତି । ଜୀଇଁବା ପାଇଁ ଆପଣଙ୍କର ଗୋଟିଏ ଆଦର୍ଶ ଥିବା ଜରୁରୀ ।

**ପ୍ଲଟ ନମ୍ବର-୨୧୭/ପି,**
**ବାୟାବାବା ମଠ ଲେନ୍,ୟୁନିଟ୍-୯(ଫ୍ଲାଟ),**
**ଭୁବନେଶ୍ୱର, ମୋ-୭୯୭୮୮୩୦୬୧୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସୁପ୍ରିମକୋର୍ଟ...

କୁହାଯାଇଥିଲା ଯେ ସିଜେଆଇଙ୍କ କାର୍ଯ୍ୟାଳୟ ୭୫୨୮ ଅଭିଯୋଗ ସୁପ୍ରିମକୋର୍ଟ ଓ ହାଇକୋର୍ଟ ଜଜ୍‌ମାନଙ୍କ ବିରୋଧରେ ୨୦୧୬ ରୁ ୨୦୨୫ ମଧ୍ୟରେ ପାଇଛନ୍ତି । କେନ୍ଦ୍ର ଆଇନ୍ ମନ୍ତ୍ରୀ ସଂସଦରେ ଏକ ପ୍ରଶ୍ନର ଉତ୍ତରରେ ଏହା କହିଥିଲେ । ତେବେ ଏହି ପୁସ୍ତକର ଅଧ୍ୟାୟରେ ଉଲ୍ଲେଖ ରହିଛି ଯେ ସୁପ୍ରିମକୋର୍ଟରେ ୮୧ ହଜାର, ହାଇକୋର୍ଟରେ ୬ ଲକ୍ଷ ୪୦ ହଜାର ଏବଂ ଅଧସ୍ତନ ଅଦାଲତରେ ୪ କୋଟି ୭୦ ଲକ୍ଷ ମାମଲା ପଡ଼ିରହିଛି । କିପରି ନ୍ୟାୟପାଳିକା ସରକାରଙ୍କ ଦ୍ୱାରା ପ୍ରଭାବିତ ହେଉଛି ଆଇନଜ୍ଞ ରଦ୍ଦ କରିଥିଲେ, ସେ ସମ୍ପର୍କରେ ଉଲ୍ଲେଖ କରାଯାଇଛି । ନ୍ୟାୟପାଳିକାର ଅଭ୍ୟନ୍ତରୀଣ ଉତ୍ତରଦାୟିତ୍ୱ ବ୍ୟବସ୍ଥାକୁ ମଧ୍ୟ ବ୍ୟାଖ୍ୟା କରାଯାଇଛି । ସାର୍ବଜନିକ ଅଭିଯୋଗର ସମାଧାନ ଏବଂ ମନିଟରିଂ ସିଷ୍ଟମ ମାଧ୍ୟମରେ ଅଭିଯୋଗ ଗ୍ରହଣ ପାଇଁ ଥିବା ପ୍ରକ୍ରିୟା ରୂପରେଖ ପ୍ରଦାନ କରେ । ପୁସ୍ତକରେ ଗୁରୁତର ମାମଲାରେ ବିଚାରପତିଙ୍କୁ ବହିଷ୍କାର କରିବା, ସାମ୍ବିଧାନିକ ନିୟମ ଓ ସଂସଦ କିପରି ମହାଅଭିଯୋଗ ପ୍ରସ୍ତାବ ପାରିତ କରି ଜଣେ ବିଚାରପତିଙ୍କୁ ବହିଷ୍କାର କରିପାରିବ ତାହା ବର୍ଣ୍ଣନା କରାଯାଇଛି । ପୁସ୍ତକଟି ନିର୍ବାଚନୀ ବଣ୍ଡ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନ୍ ସମ୍ପର୍କରେ ଉଲ୍ଲେଖ କରାଯାଇଛି । ୨୦୧୮ ରେ ସରକାର ରାଜନୈତିକ ଦଳ ଲାଗି ପାଣ୍ଠି ସଂଗ୍ରହ କରିବା ଲାଗି ନିର୍ବାଚନୀ ବଣ୍ଡ ପ୍ରଚଳନ କରିଥିଲେ । ଯାହାଦ୍ୱାରା ବ୍ୟକ୍ତିବିଶେଷ ଏବଂ ବ୍ୟବସାୟ ସଂସ୍ଥାଗୁଡ଼ିକୁ ଗୁପ୍ତ ଭାବରେ ଟଙ୍କା ଦାନ କରିବାକୁ ଅନୁମତି ଦିଆଯାଇଥିଲା । ମାତ୍ର ସୁପ୍ରିମକୋର୍ଟ ଏହାକୁ ଖାରଜ କରି ଅସମ୍ବିଧାନିକ କହିବା ସହ ରାଜନୈତିକ ଦଳଗୁଡ଼ିକୁ କିଏ ପାଣ୍ଠି ଦେଉଛି ତାହା ଜାଣିବା ଭୋଟରଙ୍କ ଅଧିକାର ଅଛି ବୋଲି କହିଥିଲେ । ସେହିଭଳି ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନ୍ ସମ୍ପର୍କରେ ଉଲ୍ଲେଖ କରାଯାଇଛି । କିଛିବର୍ଷ ପରେ ଏହି ଧାରାରେ ଯୋଡ଼ାଯାଇଥିଲା ଯେ ଇଣ୍ଟରନେଟ୍ କିମ୍ବା ସୋସିଆଲ ମିଡିଆରେ ପୋଷ୍ଟ କରିବା ଲୋକଙ୍କ ପାଇଁ ଜେଲ୍ ଦଣ୍ଡ ହୋଇପାରେ । ମାତ୍ର ୨୦୧୫ରେ ସୁପ୍ରିମକୋର୍ଟ ଏହାକୁ ଅସମ୍ବିଧାନିକ ଘୋଷଣା କରି ରଦ୍ଦ କରିଥିଲେ । ପୁସ୍ତକରେ ମଧ୍ୟ ପୂର୍ବତନ ସିଜେଆଇ ବିଆର ଗାଭାଇଙ୍କ କଥା ଉଦ୍ଧୃତ କରାଯାଇଛି । ଜୁଲାଇ ୨୦୨୫ରେ ଜଷ୍ଟିସ୍ ଗାଭାଇ କହିଥିଲେ ଯେ ନ୍ୟାୟ ପାଳିକା ଭିତରେ ଦୁର୍ନୀତି ଏବଂ ଭୁଲ କାର୍ଯ୍ୟ ଜନସାଧାରଣଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଏ ।

## ଆସ୍ଥା...

ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧେ ବୋଲି ସେ ଉଲ୍ଲେଖ କରିଥିଲେ । ମନ୍ଦିର ପ୍ରତିଷ୍ଠାରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ଉଦ୍ୟମକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ମନ୍ଦିର ଭକ୍ତି, ସଂସ୍କୃତି ଓ ଦେଶପ୍ରେମର ସଙ୍ଗମ ସୃଷ୍ଟି କରିଛି । ସେ ପ୍ରକୃତି ସଂରକ୍ଷଣ, ଗଙ୍ଗା ସ୍ୱଚ୍ଛତା ଓ ମାନବ ସେବା କ୍ଷେତ୍ରରେ ସ୍ୱାମୀଜୀଙ୍କ ଅବଦାନକୁ ସ୍ମରଣ କରିଥିଲେ ।

ସେ ଆହୁରି କହିଥିଲେ ଯେ ପ୍ରାଚୀନକାଳରୁ ପ୍ରୟାଗରାଜ ଋଷି ଓ ମୁନିମାନଙ୍କ ତପୋଭୂମି ଭାବେ ପରିଚିତ ଓ ଏଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଭାରତର ଅଖଣ୍ଡ ସାଂସ୍କୃତିକ ଏକତାର ଜୀବନ୍ତ ପ୍ରମାଣ । ସେ ଆଶା ପ୍ରକାଶ କରିଥିଲେ ଯେ ଏହି ମନ୍ଦିର ଆଗାମୀ ଦିନରେ ଭକ୍ତମାନଙ୍କ ପାଇଁ ଆଧ୍ୟାତ୍ମିକ ପ୍ରେରଣାର କେନ୍ଦ୍ର ହେବା ସହିତ ମାନବତା, ସେବା ଓ ଶାନ୍ତିର ସନ୍ଦେଶ ପ୍ରସାର କରିବ ।

ଏହି ଅବସରରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ, ଉତ୍ତର ପ୍ରଦେଶର ଜଳ୍ ଶକ୍ତି ମନ୍ତ୍ରୀ ସ୍ୱତନ୍ତ୍ର ଦେବ୍ ସିଂହ, ଓଡ଼ିଶାର ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଏବଂ ଶହ ଶହ ସାଧୁ ସନ୍ଥ ଯୋଗ ଦେଇଥିଲେ ।

## ଭାରତ-ପାକ୍...

ବନ୍ଦ କରିଛି । ପାକିସ୍ତାନ ଓ ଭାରତ ଆଣବିକ ଯୁଦ୍ଧ ଆଡକୁ ମୁହାଁଇଥିଲେ । ଏହା ହୋଇଥିଲେ ୩.୫ କୋଟି ଲୋକ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ମୃତ୍ୟୁବରଣ କରିଥାନ୍ତେ । ତାଙ୍କ ପ୍ରଶାସନ ଏବେ ନବମ ଯୁଦ୍ଧକୁ ବନ୍ଦ କରିବା ପାଇଁ ଉଦ୍ୟମ କରୁଛି । ଋଷ୍ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ହତ୍ୟା ଓ ଉଚ୍ଛେଦକୁ ବନ୍ଦ କରିବାକୁ ପଡ଼ିବ । ଟ୍ରମ୍ପ କହିଛନ୍ତି ଇସ୍ରାଏଲ ଏବଂ ହମାସ, ଇସ୍ରାଏଲ ଏବଂ ଇରାନ୍, ଇଜିପ୍ଟ ଓ ଇଥିଓପିଆ, ଭାରତ-ପାକିସ୍ତାନ, ସର୍ବିଆ ଏବଂ କସୋଭ, ରୁଆଣ୍ଡା ଏବଂ କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ, ଆର୍ମେନିଆ ଏବଂ ଆଜରବୈଜାନ, କାମ୍ବୋଡିଆ ଏବଂ ଥାଇଲାଣ୍ଡ ଯୁଦ୍ଧକୁ ମଧ୍ୟ ସେ ବନ୍ଦ କରିଥିବାର ଶ୍ରେୟ ନେଇଛନ୍ତି ।

## ଏନ୍‌ଏଚ୍...

ବୁଝାସୁଝା କରିଥିଲେ ମଧ୍ୟ ସେମାନେ କିଛି ଶୁଣିନଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା ଜାଣିବା ପରେ ରାସ୍ତାରୋକରୁ ହଟିଥିଲେ ।

ଗାଡି ଚଳାଚଳ ସ୍ୱାଭାବିକ ହେବା ପାଇଁ ପ୍ରାୟ ୩/୪ଘଣ୍ଟା ସମୟ ଲାଗିଥିଲା । ଯେଉଁ ହୋର୍ଡିଂ ଦୁଇଜଣ ଓ କ୍ୟାବିନ ଗୁଡିକ ଉପରେ ଭୁଶୁଡି ପଡିଲା ସେ ହୋର୍ଡିଂ ବେଆଇନ ଥିବା ବିଏମ୍‌ସି କହିଛି । ଯଦି ବେଆଇନ ଥିଲା ତେବେ ତାକୁ ବିଏମ୍‌ସି ହଟାଇ ନଥିଲା କାହିଁକି ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି ।

## ଘରୁ...

ମିଳିଥିବା ଭିଜିଲାନ୍ସ କହିଛି । ବ୍ୟାଙ୍କ ଜମା, ଓ ଅନ୍ୟ କୌଣସି ସ୍ଥାନରେ ବିନିଯୋଗ, ବୀମାରାଶି ଓ ଡିପୋଜିଟ୍ ପ୍ରଭୃତିର ସଠିକ୍ ପରିମାଣ ମିଳିପାରି ନାହିଁ କାରଣ ଚଢାଉ ଜାରି ରହିଛି ।

ଦେବବ୍ରତ ମହାନ୍ତି ୮ ହଜାର ଟଙ୍କାରେ ଚାକିରି ଜୀବନ ଆରମ୍ଭ କରିଥିଲେ । ୧୯୬୮ ମସିହା ମେ' ୭ ତାରିଖରେ ଜନ୍ମ ହୋଇଥିବା ବେଳେ ୨୦୦୪ ମସିହା ଅଗଷ୍ଟ ୯ ତାରିଖରେ ଜୁନିଅର ମାଇନିଂ ଅଫିସର ଭାବେ ବଲାଙ୍ଗୀରରେ ଯୋଗ ଦେଇଥିଲେ । ସେହି ପଦବୀରେ ସେ ବାରିପଦାକୁ ବଦଳି ହୋଇଥିଲେ ୨୦୦୬ ମସିହାରେ । ସେଠାରେ ୨୦୦୮ ମସିହା ପର୍ଯ୍ୟନ୍ତ କାମ କରିବା ପରେ ବ୍ରହ୍ମପୁରକୁ ବଦଳି ହୋଇଥିଲା । ବ୍ରହ୍ମପୁରରେ ୨୦୦୯ରୁ ୨୦୧୧ ମସିହା ପର୍ଯ୍ୟନ୍ତ ସେହି ପଦବୀରେ ଥାଇ କାମ କରିଥିଲେ । ୨୦୧୧ ମସିହାରୁ ୨୦୧୪ ମସିହା ପର୍ଯ୍ୟନ୍ତ କଟକରେ କାମ କରିଥିଲେ । ଖଣି ବିଭାଗ ବିଭାଗ ମୁଖ୍ୟାଳୟ ଭୁବନେଶ୍ୱରକୁ ୨୦୧୪ ମସିହାରେ ଆସି ୨୦୧୮ ମସିହା ପର୍ଯ୍ୟନ୍ତ କାମ କରିଥିଲେ । ଏହାପରେ ୨୦୧୮ ମାର୍ଚ୍ଚ ମାସରେ ତାଙ୍କର ଆସିଷ୍ଟାଣ୍ଟ ମାଇନିଂ ଅଫିସର ପଦବୀକୁ ପ୍ରମୋସନ ହୋଇଥିଲା । ସମ୍ବଲପୁରରେ ସେ ୨୦୨୨ ଏପ୍ରିଲରୁ ୨୦୨୫ ଡିସେମ୍ବର ପର୍ଯ୍ୟନ୍ତ କାମ କରିବା ପରେ ଫୁଲବାଣୀ ଖଣି ଅଞ୍ଚଳକୁ ତାଙ୍କର ବଦଳି ହୋଇଥିଲା । ପରେ ବୌଦ୍ଧ ଏବଂ ନୟାଗଡକୁ ମଧ୍ୟ ତାଙ୍କ ବଦଳି ହୋଇଥିଲା । ୨୦୨୬ ଜାନୁଆରୀ ୭ ତାରିଖରେ ଦେବବ୍ରତ କଟକ ଖଣି ସର୍କଲରେ ଡେପୁଟି ଡାଇରେକ୍ଟର ଭାବେ ଯୋଗ ଦେଇଥିଲେ । ତାଙ୍କ ଅଧୀନରେ କଟକ ଓ କେନ୍ଦ୍ରାପଡା ଜିଲ୍ଲା ଥିବା ସୂଚନା ମିଳିଛି । ନଗଦ ଟଙ୍କା, ଘରବାରି ପରେ ଅନ୍ୟ ଜମା ଓ ବୀମାରାଶି ଜଣାପଡ଼ିବ ଚଢାଉ ଶେଷ ହେଲେ ବୋଲି ସୂଚନା ମିଳିଛି ।

## ତାଳଧ୍ୱଜ...

ରଥ ଟଣା ହେବା ବେଳେ ଏହା ବାରମ୍ବାର ବ୍ରହ୍ମ କଡ଼ ଖାଇ ଅଟକି ଯାଉଥିଲା, ଯାହାଦ୍ୱାରା ମହାପ୍ରଭୁଙ୍କ ରଥ ନିର୍ଦ୍ଧାରିତ ସମୟରେ ମାଉସୀ ମାଆ ମନ୍ଦିରରେ ପହଞ୍ଚି ପାରୁନଥିଲା । ଏହି କାରଣରୁ ରଥ ଚକଡ଼ାରେ ଲାଗିବା ପାଇଁ ପ୍ରାୟତଃ ଏକ କିମ୍ବା ଦୁଇ ଦିନ ବିଳମ୍ବ ହେଉଥିଲା ଏବଂ ବାହୁଡ଼ା ଯାତ୍ରା ସମୟରେ ମଧ୍ୟ ସମାନ ସମସ୍ୟା ପରିଲକ୍ଷିତ ହେଉଥିଲା ।

କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ବଳଦେବ ଜୀଉଙ୍କ ନୂତନ ବ୍ରହ୍ମ ତାଳଧ୍ୱଜ ରଥର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର ହୋଇଛି । ଏଥିନେଇ ଆଇନ, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖି କହିଛନ୍ତି, ବିଗତ କିଛିଦିନ ଧରି ରଥର ୧୪ଟି ଚକର ଅବସ୍ଥା ଠିକ୍ ନଥିବାରୁ ରଥ ଚାଳନାରେ ବିଭିନ୍ନ ପ୍ରକାରର ବିଘ୍ନ ସୃଷ୍ଟି ହେଉଥିଲା । ଫଳସ୍ୱରୂପ ରଥ ମାଉସୀ ମା'ଙ୍କ ମନ୍ଦିରରେ ନିର୍ଦ୍ଧାରିତ ସମୟରେ ପହଞ୍ଚି ପାରୁନଥିଲା । ପାଖାପାଖି ଦୁଇଦିନ ବଳମ୍ବ ହେଉଥିଲା । ଏହାକୁ ଦୃଷ୍ଟିରେ ରଖି ପ୍ରଭୁ ବଳଦେବ ଜୀଉଙ୍କ ନୂତନ ରଥ ନିର୍ମାଣରେ ଯେପରି କୌଣସି ଅସୁବିଧା ସୃଷ୍ଟି ନହୁଏ, ସେଥିପାଇଁ ରାଜ୍ୟ ସରକାର ୧ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଛନ୍ତି । ଏଥିନେଇ ବିଧି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ପ୍ରକାଶ ପାଇଛି । ବଳଦେବ ଜୀଉ ମନ୍ଦିରର ସମସ୍ତ ରୀତିନୀତି ଓ ପରମ୍ପରାର ସୁରକ୍ଷା ନେଇ ରାଜ୍ୟ ସରକାର ପ୍ରତିବଦ୍ଧ ରହିଛନ୍ତି । ଏହି ଅନୁଦାନ ବଳଦେବ ଜୀଉଙ୍କ ପୀଠକୁ ଆସୁଥିବା ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ତଥା ରାଜ୍ୟବାସୀଙ୍କ ପାଇଁ ଏକ ଆନନ୍ଦର ବିଷୟ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ।

## ମାଆ...

ଘଟଣାରେ ଜୈନିକ ନାବାଳିକା ,ପ୍ରେମିକ ଓ ପ୍ରେମିକର ତିନି ଜଣ ସାଙ୍ଗ ମିଶି କିଭଳି ଭାବେ ହତ୍ୟା କରିଥିଲେ ସେ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ ।ଅଭିଯୁକ୍ତମାନେ ହେଲା ନାବାଳିକା ର ପ୍ରେମିକ ପି.ଆଦି ନାରାୟଣ ରାଓ(୨୧ ବର୍ଷ) ଘର ଦାସିରି ସାହି ବୋରିଗୁମ୍ମା ଓ ଅନ୍ୟ ତିନି ଜଣ ହେଲେ ପ୍ରୀତ ନାୟକ (୧୯ ବର୍ଷ),ଦାସିରି ସାହି ବୋରିଗୁମ୍ମା, ଆଦି ନାରାୟଣ ପାଣିଗ୍ରାହୀ(୧୯ ବର୍ଷ) ଘର ବିଜାପୁର ଗ୍ରାମ ଓ ଜଗନ୍ନାଥ ଯାନୀ(୨୦ ବର୍ଷ) ନିଜ ଘର କମତା ହୋଇଥିବା ବେଳେ ସେ ବୋରିଗୁମ୍ମା ହାଟପଦାରେ ରହିଆସୁଥିଲେ । ପ୍ରକାଶ ଥାଉକି ଗତ ୨୦ ତାରିଖରେ ମୃତ ମହିଳାଙ୍କ ଭାଇ ସତ୍ୟବାନ ପାତ୍ର ନିଜ ଭଉଣୀ ଓ ଭଣଜା ନିଖୋଜ ନେଇ ବୋରିଗୁମ୍ମା ଥାନାରେ ଲିଖିତ ଭାବେ ଜଣାଇଥିଲେ ।ନିଖୋଜ ମାମଲା ର ଠିକ ଦୁଇ ଦିନ ପରେ କୋଟପାଡ଼ ଥାନା ଅନ୍ତର୍ଗତ ଅଣ୍ଡରାମୁଣ୍ଡା କେନାଲରୁ ପୁଅ ର ମୃତ ଦେହ ଉଦ୍ଧାର ହୋଇଥିବା ବେଳେ ଗତକାଲି ମଙ୍ଗଳବାର ସକାଳେ ମାଆ ଅନୁଷ୍କା ପରିଡାଙ୍କ ମୃତ ଦେହ ଜୟନ୍ତୀଗିରି କେନାଲରୁ ମିଳିଥିଲା ।କୋରାପୁଟରୁ ସାଇଁଟିଂଫିକ ଟିମ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଛନ୍ତି ।ମାଆ ଓ ପୁଅ ଙ୍କ ମୃତ ଦେହ କୋରାପୁଟ ମେଡ଼ିକାଲ କଲେଜରେ ରଖାଯାଇଛି ।ପରବର୍ତ୍ତୀ ସମୟରେ ଦୁହେଁ ଙ୍କ ମୃତ ପରିବାରଙ୍କ ସମ୍ମୁଖରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛନ୍ତି ।ଅନ୍ୟପଟେ ପୋଲିସ ସାମ୍ବାଦିକ ସମ୍ମିଳନୀରେ ମାଆ ଓ ପୁଅ କୁ କିଭଳି ଭାବେ ହତ୍ୟା ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଛନ୍ତି ।ଗତ ୧୮ ତାରିଖ ରାତିରେ ଦାସିରି ସାହି ଅନୁଷ୍କା ପରିଡା ଓ ତାଙ୍କ ପୁଅ ଏହେମ ପରିଡା ଶୋଇଥିବା ବେଳେ ବିଳମ୍ବିତ ରାତିରେ(ପ୍ରାୟ ରାତି ୧ )ଟା ନାବାଳିକା ,ତାର ପ୍ରେମିକ ପି.ଆଦି ନାରାୟଣ, ଆଦି ନାରାୟଣ ପାଣିଗ୍ରାହୀ ଓ ଜଗନ୍ନାଥ ଯାନୀ ମିଶି ପ୍ରଥମେ ମାଆ କୁ ଛୁରୀ ରେ ତଣ୍ଟି କାଟିବା ସହ ଶରୀର ର ବିଭିନ୍ନ ସ୍ଥାନରେ ଛୁରୀ ଭୁସିଥିଲେ ପରେ ଶୋଇଥିବା କୁ ପୁଅ କୁ ଶରୀର ର ବିଭିନ୍ନ ସ୍ଥାନରେ ଛୁରୀ ଭୂସୀ ହତ୍ୟା କଲା ପରେ ଏକ ସ୍କୁଟିରେ ପ୍ରଥମେ ପୁଅ ମୃତ ଦେହ କୁ ଜୟନ୍ତୀଗିରି କେନାଲରେ ଫିଙ୍ଗି ଥିଲେ ।ପରେ ମାଆ ର ମୃତ ଦେହ କୁ ପୁଣି ସ୍କୁଟିରେ ଆଣି କେନାଲରେ ପକାଇଥିଲେ । ଏଭଳି ଜଘନ୍ୟ ହତ୍ୟାକାଣ୍ଡ ବୋରିଗୁମ୍ମା ଅଞ୍ଚଳରେ ପ୍ରଥମ ଘଟଣା ହୋଇଥିବା ବେଳେ ନାବାଳିକାର ସାହସ ନେଇ ସ୍ଥାନୀୟ ଅଞ୍ଚଳ ରେ ଚର୍ଚ୍ଚା ହେଉଛି । ପୋଲିସ ପାଞ୍ଚ ଅଭିଯୁକ୍ତ ନାମରେ ହତ୍ୟା ମାମଲା କେସ ନମ୍ବର-୪୫/୨୬ ଦଫା-୧୦୩(୧),୩୩୮/୩(୫) ରୁଜୁ କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଏସଡ଼ିପିଓ ସତ୍ୟବ୍ରତ ଲେଙ୍କା ଓ ଥାନା ଆଇଆଇସି ରାମାନନ୍ଦ ସାହୁ ଉପସ୍ଥିତ ଥିଲେ ।

## ଦଳିଦେଲା...

ଜୀବନ ବଞ୍ଚାଇବା ୩ ବନ୍ଧୁ ଯିଏ ଯୁଆଡେ ପାରିଲା ସିଆଡେ ଧାଇଁଲେ , ହେଲେ ଜଣେ କିନ୍ତୁ ହାତୀ ଆକ୍ରମଣରୁ ବର୍ତ୍ତି ପାରିନଥିଲା । ଶେଷରେ ହାତୀ ପାଦରେ ଜଣଙ୍କର ଜୀବନ ଗଲା । ମୃତ ବ୍ୟକ୍ତି ଜଣକ ନରମାନବୀ ଗାଁର ବାବୁଲି ପରିଡ଼ା । ଟାଙ୍ଗୀ ବନ ବିଭାଗର ରଣ୍ଡା ଜଙ୍ଗଲରେ ଘଟିଛି ଏଭଳି ଦୁଃଖଦ ଘଟଣା । ଅନ୍ୟ ୨ ଜଣ ଅଳ୍ପକେ ହାତୀ ଆକ୍ରମଣରୁ ବର୍ତ୍ତି ଯାଇଛନ୍ତି । ମୃତ ବ୍ୟକ୍ତି ବାବୁଲି ପରିଡ଼ା ନିଜ ଝିଅକୁ ମାଟ୍ରିକ ପରୀକ୍ଷା ଦେବା ପାଇଁ ଅନ୍ୟତ୍ର ନେବା ପାଇଁ ଘରକୁ ଫେରୁଥିଲେ । ଏପଟେ ବନ ବିଭାଗ ପକ୍ଷରୁ ହାତୀ ଘଉଡାଇବା କାର୍ଯ୍ୟ ଠିକ ଭାବରେ ସମ୍ପାଦନ କରାଯାଉ ନଥିବା କାରଣରୁ ଜଣଙ୍କର ଜୀବନ ଯାଇଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ହାତୀ ଆକ୍ରମଣରେ ମୃତ ବ୍ୟକ୍ତିଙ୍କ ପରିବାରକୁ ସମସ୍ତ ସରକାରୀ ଅନୁକମ୍ପା ଯୋଗାଇ ଦିଆଯିବ ବୋଲି ଟାଙ୍ଗୀ ବନ ବିଭାଗ ପକ୍ଷରୁ କୁହାଯାଇଛି ।

## ମାର୍ଚ୍ଚ...

ଝାଞ୍ଜି ମାଡ଼ ହେବ । ଦିନ ସହିତ ରାତିର ତାପମାତ୍ରା ବି ବଢ଼ିବ । ମାର୍ଚ୍ଚ ମାସ ପହିଲାରୁ ବହୁ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତାଠାରୁ ଅଧିକ ବଢ଼ିପାରେ ।

## ଆତ୍ମସମର୍ପଣ...

କରିଛନ୍ତି । ଏଥିପାଇଁ ଅଧିକାଂଶ ପୁରୁଷ ଓ ମହିଳା ମାଓବାଦୀ ଆତ୍ମସମର୍ପଣ କରି ସରକାରଙ୍କ ଦ୍ୱାରା ରହିଥିବା ସମସ୍ତ ମାଓ ଥଇଥାନ ଯୋଜନାର ଲାଭ ନେଇ ସମାଜର ମୁଖ୍ୟ ସ୍ରୋତକୁ ଫେରିଛନ୍ତି । ଏହିଭଳି ସ୍ଥିତିରେ ସଂଗଠନରେ ଥିବା ଅଧିକାଂଶ ମାଓବାଦୀ ଆତ୍ମସମର୍ପଣର ରାସ୍ତା ଆପଣେଇବା ପାଇଁ ମନସ୍ଥ କରୁଛନ୍ତି । ହେଲେ ବର୍ତ୍ତମାନ ସ୍ଥିତିରେ ସେମାନଙ୍କ ପାଇଁ ସେହି ରାସ୍ତା ମଧ୍ୟ କଠିନ ହୋଇପଡିଛି । ଗତ ଜାନୁୟାରୀ ମାସ ୨୮ ତାରିଖରେ କନ୍ଧମାଳରେ ସକ୍ରିୟ ଥିବା ୨୫ ଜଣିଆ ମାଓବାଦୀଙ୍କ ମଧ୍ୟରୁ କମ୍ରେଡ ଅନ୍ୱେଷ (୩୧) (ପ୍ଲାଟୁନ କମାଣ୍ଡର) ସଙ୍ଗଠନ ଦୁର୍ବଳ ହେବା ଓ ତୁହାକୁ ତୁହା କୁମ୍ବିଙ୍ଗ ଅପରେସନ ଯୋଗୁଁ ଆତ୍ମ ସମର୍ପଣ କରିବା ପାଇଁ ମାଓ ନେତା ଶୁକ୍ରୁ ଆଗରେ ଇଚ୍ଛା ପ୍ରକାଶ କରିଥିଲେ । ହେଲେ ଗତ ଜାନୁଆରୀ ମାସ ୨୯ ତାରିଖରେ ମାଓନେତା ଶୁକ୍ରୁ ଓ ଶୀଲା ଏବଂ ଆଉ ଦୁଇଜଣ ମାଓବାଦୀ ମିଶି ଅନ୍ୱେଷକୁ ହତ୍ୟା କରିବା ପରେ ତାର ମୃତ ଦେହକୁ ପୋତି ଦେଇଥିଲେ । ଆଜି କନ୍ଧମାଳ ଏସପି ହରିଶ ବିଶି ଗଣମାଧ୍ୟମକୁ ଏହି ସୁଚନା ଦେଇଛନ୍ତି । ଖବର ପାଇ ପୋଲିସ୍ ଅନ୍ୱେଷର ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇ ଏହି ସଂକ୍ରାନ୍ତରେ ଏକ ମାମଲା ୫୮/୨୦୨୬ ରୁଜୁ କରି ତଦନ୍ତ ଚଳାଇ ଥିବା କହିଛନ୍ତି ଏସପି ହରିଶ ବିଶି । ହେଲେ ବର୍ତ୍ତମାନ୍ ଦୋ ଛକିରେ ମାଓବାଦୀ, ଏଣେ ରହିଲେ ମଲେ ତେଣେ ରହିଲେ ମଲେ ଭଳି ସ୍ଥିତି ଉପୁଜିଛି । ତେବେ ପୋଲିସ ପକ୍ଷରୁ ସେମାନେ କିପରି ଆତ୍ମ ସମର୍ପଣ କରି ସମସ୍ତ ସରକାରୀ ସୁବିଧା ନେଇ ସମାଜର ମୁଖ୍ୟ ସ୍ରୋତକୁ ଫେରି ଆସିବା ଦିଗରେ ସହାୟକ ହେବ ସେ ଦିଗରେ ପ୍ରଚେଷ୍ଟା ଜାରି ରହିଛି ବୋଲି କହିଛନ୍ତି କନ୍ଧମାଳ ଏସପି ହରିଶ ବିଶି ।

# ଗାଡ଼ି ଅଟକାଇ ଆକ୍ରମଣ ସହ ଟଙ୍କା ଆଦାୟ : ଜଣେ ଗିରଫ

ବନ୍ତ,(ସବ୍ୟୁ): ମଙ୍ଗଳବାର ବନ୍ତ ଥାନା ଅଧିନ ବନ୍ତ କେନାଲ ରୋଡସ୍ଥିତ ଆଇଟିଆଇ ଛକ ନିକଟରେ ଜଣେ ବ୍ୟକ୍ତି ଭଦ୍ରକୟୁକୋ ବୟାଙ୍କର ପ୍ରଶିକ୍ଷକ ଓ ଶିକ୍ଷକଙ୍କ ଗାଡିକୁ ଅଟକାଇ ଆକ୍ରମଣ କରିବା ସହ ଜବରଦସ୍ତ ଟଙ୍କା ଆଦାୟ କରିବା ଘଟଣାରେ ପୋଲିସ ଜଣକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣକ ଟିଲୋ ଭାରତୀ ମଠ ଗ୍ରାମର ସନ୍ତୋଷ ରାଉତ(୪୦) ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ, ମଙ୍ଗଳବାର ଅପରାହ୍ନ ୪ଟା ୩୦ ବେଳେ ଭଦ୍ରକୟୁକୋ ବୟାଙ୍କର ୫ ଜଣ ପ୍ରଶିକ୍ଷକ ଓ ଶିକ୍ଷକ ତପନ କୁମାର ଦୋରା ଗାଡି ନଂ-ଓଡି-୦୨ବି-୬୬୭୪ ଯୋଗେ ଏଲ.ଏମ୍.ଭି ଡ୍ରାଇଭିଂ ପ୍ରଶିକ୍ଷଣ ପାଇଁ ବନ୍ତ ବଜାର କେନାଲ ରୋଡ ନିକଟରେ ଯାଉଥିଲେ। ସେହି ସମୟରେ ଟିଲୋ ଭାରତୀ ମଠ ଗ୍ରାମର ସନ୍ତୋଷ ରାଉତ ଏକ ମୋଟର ସାଇକେଲରେ ଆସି ତାଙ୍କୁ ଅକଟାଇବା ସହିତ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିୟୁକୋ ବୟାଙ୍କରୁ ଋଣ ଦାବୀ କରିଥିଲେ। ସେମାନେ କେବଳ ପ୍ରଶିକ୍ଷକ ବୋଲି କହିବା ପରେ ଅଭିଯୁକ୍ତ ଜଣକ ଆକ୍ରମଣ କରି ଗାଡି ଉପରକୁ ପଥର ମାଡ କରିଥିଲେ। ଏହି ଘଟଣାରେ ପ୍ରଶିକ୍ଷକ ରଞ୍ଜିତ କୁମାର ବେହେରାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଆହତଙ୍କୁ ଚିକିତ୍ସା ପାଇଁ ଯିବାକୁ ଅନୁମତି ମାଗିବାରୁ ଅଭିଯୁକ୍ତ ଜୋର ଜବରଦସ୍ତରେ ୫ ହଜାର ଟଙ୍କା ଦାବୀ କରିଥିଲେ। ପରିସ୍ଥିତି ଗମ୍ଭୀର ହେବାରୁ ଶିକ୍ଷକୟୁପିଆଇ ମାଧ୍ୟମରେ ଦିଆଯାଇଥିବା ନମ୍ବରକୁ ୫ ହଜାର ଟଙ୍କା ପଠାଇଥିଲେ। ରାତି ୧୦ଟାରେ ଉକ୍ତ ଘଟଣା ସମ୍ପର୍କରେ ଭଦ୍ରକୟୁକୋ ବୟାଙ୍କର ଆରଏସଇଟି. ଆଇ ନିର୍ଦ୍ଦେଶକ ପାର୍ଥ ସାରଥୀ ମହାପାତ୍ର ଥାନାରେ ଅଭିଯୋଗ କରିଥିଲେ। ବନ୍ତ ଥାନାରେ କେସ ନଂ-୭୧/୨୬ ମୂଳେ ମାମଲା ରୁଜୁ କରାଯାଇ ତଦନ୍ତ ପୂର୍ବକ ରାତି ୧୧ଟା ୩୦ରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ତାଠାରୁ ୫ହଜାର ଟଙ୍କା ଜବତ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଅପରପକ୍ଷେ ବନ୍ତ ପୋଲିସ ସଦା ସର୍ବଦା ଆଇନ ଓ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପ୍ରତିବଦ୍ଧ ଥିବା ବେଳେ ଅବୈଧ କାର୍ଯ୍ୟରେ ଲିପ୍ତ ଥିବା ଲୋକଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ପୋଲିସ ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି ।

# ଉଚ୍ଛେଦ ପ୍ରକ୍ରିୟାକୁ ନେଇ ଅସନ୍ତୋଷ ଝାଡ଼ିଲେ ସରପଞ୍ଚ

ମୋରଡା ,(ସବ୍ୟୁ )- ମୋରଡା ବ୍ଲକ ପଳାସମୁଣ୍ଡଳୀ ପଞ୍ଚାୟତ ଅଧୀନ ଖୁରୁଣ୍ଟିଆ ଗ୍ରାମର ବିଭିନ୍ନ ସରକାରୀ ଜାଗା,ପତିତ, ଦେବତ୍ତର ଜାଗା ଆଦି ଦୀର୍ଘ ବର୍ଷ ଧରି ସାଧାରଣ ଲୋକଙ୍କ ଦ୍ୱାରା ଜବରଦଖଲରେ ଥିବା ହେତୁ ଉଚ୍ଛେଦ ନିମନ୍ତେ ସରପଞ୍ଚ ଲାଲମହନ ସିଂ ମୋରଡା ତହସିଲଦାରଙ୍କୁ ଅବଗତ କରାଇଥିଲେ । ପ୍ରଥମ ପର୍ଯ୍ୟାୟର ଉଚ୍ଛେଦ କାର୍ଯ୍ୟ ପୂର୍ବରୁ ସରପଞ୍ଚଙ୍କୁ ପ୍ରଶାସନ ଜଣାଇଥିଲେ ସୂଚନା ଦିଆହୋଇଥିଲା କିନ୍ତୁ ଫେବୃୟାରୀ ୨୪ରେ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ଉଚ୍ଛେଦ କାର୍ଯ୍ୟ ସମ୍ପର୍କରେ ସରପଞ୍ଚଙ୍କୁ ପ୍ରଶାସନ ତରଫରୁ କୌଣସି ସୂଚନା ଦିଆ ଯାଇନଥିଲା ଲେ କେତେ ଜଣ ନିର୍ଦ୍ଦିଷ୍ଟ ଲୋକଙ୍କୁ ଖୁସି କରାଇବା ନିମନ୍ତେ ପ୍ରଶାସନ ଉଚ୍ଛେଦ ପ୍ରକ୍ରିୟାରେ ଏପଟ ସେପଟ କରିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସରପଞ୍ଚ ସିଂ । ରାସ୍ତା ଏବଂ ଶିବ ମନ୍ଦିର ଚାରି ପାଖରେ ଥିବା ସମସ୍ତ ସରକାରୀ ଜାଗା ସଠିକ ଭାବେ ମାପ ହୋଇନାଥିବା ପୂର୍ବରୁ ଚିହ୍ନଟ ହୋଇଥିବା ଜାଗାକୁ ଉଚ୍ଛେଦ ନକରି ଅନ୍ୟତ୍ର ଉଚ୍ଛେଦ କରିବାଦ୍ୱାରା ସରପଞ୍ଚ ସମେତ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ ଅଛନ୍ତି । ସରପଞ୍ଚଙ୍କ ସହିତ ଗ୍ରାମବାସୀ କେଉଁଠି କେତେ କ ରାସ୍ତା ଅଛି ବାରମ୍ବାର ପଚାରିଥିଲେ ମଧ୍ୟ ତହସିଲଦାର କିମ୍ବା ରାଜସ୍ୱ ନିରୀକ୍ଷକ ସାନ୍ତନା ଜନକ ଉତ୍ତର ଦେଇନଥିଲେ । ସାଧରଣ ଲୋକଙ୍କ ଅଭିଯୋଗକୁ ଖାତିର ନ କରି ପ୍ରଶାସନ କିଛି ଲୋକଙ୍କ ପ୍ରୋରଚନାରେ ପଡି ଏମିତି କରୁଥିବା କହିଛନ୍ତି ସରପଞ୍ଚ ସିଂ । ତେଣୁ ପୁନର୍ବାର ସମସ୍ତ ଜାଗାକୁ ସଠିକ ମାପ କରାଯାଉ ଏବଂ କରାନଗଲେ ଜନସାଧାରଣ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି । ସରପଞ୍ଚ ଲାଲମହନ ସିଂ ଓ୍ୱାର୍ଡ ସଦସ୍ୟା, ମୁନା ମାହାଲୀ, ପ୍ରକାଶ ଜେନା, ଚିତ୍ରେଶ୍ୱର ମହାନ୍ତି ପ୍ରମୁଖ ଗ୍ରାମବାସୀ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଏକଦିବସୀୟ କର୍ମଶାଳା

ଭଦ୍ରକ,(ସବ୍ୟୁ): ଜିଲ୍ଲା ଶିଶୁ ସୁରକ୍ଷାୟୁନିଟ,ଭଦ୍ରକଙ୍କ ଆନୁକୂଲ୍ୟରେ ଶିଶୁ ଯନି ଅନୁଷ୍ଠାନର କର୍ମଚାରୀମାନଙ୍କ ପାଇଁ ଶିଶୁମାନଙ୍କ ନିମନ୍ତେ ଆବଶ୍ୟକତା ଚିହ୍ନଟ ପ୍ରକ୍ରିୟା ମାଧ୍ୟମରେ ବ୍ୟକ୍ତିଗତ ଯନି ପ୍ରଣାଳୀ ପ୍ରସ୍ତୁତି ବିଷୟରେ ଏକ ଏକଦିବସୀୟ କର୍ମଶାଳା ପୁରାତନ ଜିଲ୍ଲା ଶିଶୁ ସୁରକ୍ଷାୟୁନିଟ କାର୍ଯ୍ୟାଳୟ,ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତି,ଭଦ୍ରକଙ୍କ ଅଧକ୍ଷ ସୁବ୍ରତ କୁମାର ବିଶ୍ୱାଳ , ସମ୍ମାନିତଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ପ୍ରଦୀପ୍ତ କୁମାର କର ଓ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ମଧୁସ୍ମିତା ମହାପାତ୍ର ଯୋଗଦେଇ ଶିଶୁମାନଙ୍କ ଭବିଷ୍ୟତ ଗଠନରେ ସଠିକ ଯୋଜନା ପ୍ରସ୍ତୁତିର ଗୁରୁତ୍ୱ ଉଲ୍ଲେଖ କରିଥିଲେ । ଜିଲ୍ଲା ଶିଶୁ ମଙ୍ଗଳ ସମିତିର ପୂର୍ବତନ ସଦସ୍ୟ ସତ୍ୟସୁନ୍ଦର ପୁହାଣ ଶିଶୁମାନଙ୍କ ନିମନ୍ତେ ଆବଶ୍ୟକତା ଚିହ୍ନଟ ପ୍ରକ୍ରିୟାର ବିଭିନ୍ନ ପାର୍ଶ୍ୱ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷାୟୁନିଟର ସଂସ୍ଥାନିକ ସୁରକ୍ଷା ଅଧିକାରୀ ବିଶ୍ୱନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗୁରୁତ୍ୱ ବିଷୟରେ ମତ ପ୍ରକାଶ କରିଥିଲେ । ଏହି କର୍ମଶାଳାରେ ଜିଲ୍ଲାର ୭ଟି ଶିଶୁ ଯନି ଅନୁଷ୍ଠାନର ସମ୍ପାଦକ, ଅଧିକ୍ଷକ, ପରାମର୍ଶଦାତା/ଦାତ୍ରୀ,ଶିଶୁ ମଙ୍ଗଳ ଅଧିକାରୀ ଓ ଗୃହ ପିତା/ମାତାମାନେ ଯୋଗଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷାୟୁନିଟର ସ୍ୱାଗତିକା ବାରିକ,ସୁବାସିଶ ମିଶ୍ର,ଲକ୍ଷ୍ମୀପ୍ରିୟା ମଲ୍ଲିକ ଓ କୁଳଦୀପ ଜେନା ଉପସ୍ଥିତ ଥିଲେ । ଶିଶୁ ସୁରକ୍ଷାୟୁନିଟର ମହେଶଚନ୍ଦ୍ର ଦାଶ କାର୍ଯ୍ୟକ୍ରମଟି ପରିଚାଳନା କରିଥିବାବେଳେ ଶେଷରେ ସୁବ୍ରତ କୁମାର ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ ।

**ଭାରତୀୟ କଣ୍ଟେନର ନିଗମ ଲିମିଟେଡ**
(ଭାରତ ସରକାରଙ୍କ ଏକ ନବରତ୍ନ ଉଦ୍ୟୋଗ)

**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**

[illegible] www.tenderwizard.com/CCIL [illegible]

[illegible]

www.tenderwizard.com, www.tenderwizard.com/CCIL [illegible]

**AFFIDAVIT**

I, Satya Narayan Pramanik, S/o. Late Pitabasa Pramanik, Resident of Ulidihi, PO.: Badapalsa PS.: Tiring, Dist.:- Mayurbhanj- 757053, Odisha declare that, by this Affidavit No.18 Dt.25.02.2026, now onwards I shall be known as **SATYA NARAYAN PARAMANIK** for all purposes.

**SALE DEED LOST**

I, Ramakanta Swain, S/o-Pratap Kumar Swain, R/o- At/Po/Ps-Kakatpur, Dist-Puri, Pin-752108, Odisha declare That, I have lost four(4) Original of my property link ROR Pata vide Khata No.-272/287, 272/288, 272/289 & 272/290 of Mouza-Sri Rampur, Tahasil-Kakatpur, Ps-Kakatpur, Ps-31, Dist-Puri somewhere, While I was travelling from Airport Road Bhubaneswar to my house by my Activa on 06.10.2025 around 11.00 AM. In spite of my best efforts, I could not trace the above said documents. If anybody found it, please inform to Ps-Kakatpur. This affidavit is required to be produced before the competent authority for necessary action.
**Ramakanta Swain- 9437769179**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated 21.01.2026 I Manasi Patra, W/o. Siba Sahoo, D/o. Pramod Patra, Permanent resident of Village - Golapur, P.O. Nagapur, P.S. Gop, Dist. Puri, Odisha - 752110 declare that I have changed my name from Manasi Sahoo to Manasi Patra. Henceforth, I shall be known as Manasi Patra for all purposes.
**(Manasi Patra)**

**PUBLIC NOTICE**
**NOTICE FOR LOSS OF DOCUMENTS**

**Notice is hereby given that Ms. Smitarani Tripathy has lost the following original property documents:**
**1. Sale Deed No. 11081402699 dated 01/03/2014.**
**2. Original Mutation ROR of Khata No. 80/427.**
**These documents were in her custody; however, despite her best efforts, they could not be traced.**
**Therefore, the General Public is hereby informed that if any person has any right, title, interest or objection regarding the property related to the aforesaid documents, they must notify LIC HFL, Bhubaneswar Branch within 15 (fifteen) days from the date of publication of this notice.**
**If no objections are received within the stipulated period, it shall be presumed that no claim exists, and the issuer shall not be held responsible for any future disputes or litigation in this regard.**
**LIC HFL, Bhubaneswar Branch**
**Bhubaneswar**
**B.K. Pattnaik, Advocate**
**Mobile: 7978880377.**

**OFFICE OF THE PRINCIPAL**
**MALKANGIRI DEGREE COLLEGE, MALKANGIRI**
**AT : Gondiaguda, P.O.: Dnk, PIN-764048,**
**DIST-Malkangiri (Odisha)**
**Email:pplmkgc@gmail.com**
11001/36/2526

**Tender No: MKGC/RUSA/01(A)/2026** **Date: 26/02/2026**

**TENDER CALL NOTICE**

Sealed tenders are invited from intending registered manufacturers/firms/suppliers/publishers/authorized dealers having PAN/GST Registration number with IT clearance for the supply of **NEP syllabus based books. Reference books. Competitive books**, by Registered post/Speed post on or before 12/03/2026 by 05.00 PM. The items shall be purchased from IDG funds under RUSA.

The details of the requirements with specifications, terms & conditions are available in the Tender & Advt. link of website: www.malkangiri.odisha.gov.in. Any Corrigendum(s) shall be communicated only through the website.The undersigned reserves the right to cancel part or whole of tenders without specifying any reason thereof.

OIPR : 11001/11065/1/25-26/0001 **Sd/- Principal**

32001/143/2526
**GOVERNMENT OF ODISHA**
**DEPARTMENT OF WATER RESOURCES (MINOR IRRIGATION)**
**'e' Procurement Notice No. 08 (BGR) / 2025-26**

| | | |
|---|---|---|
| 1 | Name of work | Construction of Check Dams and Improvement To Check Dams |
| 2 | Total No. of work | 15 (Fifteen) |
| 3 | Estimated cost | Rs. 5.49 Lakhs to 99.64 Lakhs |
| 4 | Period of completion | (01)One to (03) Three calendar months |
| 5 | Date & time of availability of Bid Document in the portal | 10.00 hours of 26.02.2026 to 17.00 hours 07.03.2026 |
| 6 | Last date/ Time for receipt of Bids in the Portal | 07.03.2026 up to 17.00 hours |
| 7 | Date and place of opening of Technical Bid | Dt. 09.03.2026 at 10.00 Hours in the office of the Superintending Engineer, Minor Irrigation Division, Balangir |
| 8 | Date and place of opening of Financial Bid | 12.03.2026 |
| 9 | Date of lottery scheduled to be held (If required) | 17.03.2026 |
| 10 | Name and address of the O.I.T (Officer Inviting Tender) | Superintending Engineer Minor Irrigation Division, Balangir. |

Further details can be seen from the e-Procurement Portal **"https://tendersodisha.gov.in"**

**Sd/- Superintending Engineer**
**Minor Irrigation Division, Balangir**
OIPR : 32001/32550/1/25-26/0001

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**GANJAM (R&B) DIVISION NO.I BERHAMPUR**
**Phone/Fax (0680) 2233683, e-mail : sernb1.ganjam@yahoo.com**
34001/125/2526 **"e" Procurement Notice**
**Bid Identification No. SE R&B Divn. No.I Bam 65/2025-26**
**Lr. No. 3090 dtd. 23.2.2026**

| | |
|---|---|
| Name of work | : Civil & EI Works. |
| No of works | : 10 (Ten) No's |
| Estimated Cost | : Approximately Rs. 08.97 to 22.45 Lakh |
| Period of Completion | : One Calendar Month. |
| Date and time of Availability of bid document in the portal | : From 10.00 hours of 27.02.2026 to 16.00 hours of 06.03.2026. |
| Last date / time for receipt of bids in the portal | : Upto 16.00 hours of 06.03.2026 |
| Name & Address of the Officer Inviting Bid | : Superintending Engineer, Ganjam (R&B) Division, No.I, Berhampur |

Further details can be seen from the e-Procurement portal **https://tendersodisha.gov.in**

**Sd/- Superintending Engineer**
**Ganjam (R&B) Division No.I**
**Berhampur**
OIPR : 34001/34109/1/25-26/0028

**GOVERNMENT OF ODISHA : DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**RENGALI LEFT BANK CANAL DIVISION, AT/P.O. Kamakhyanagar**
**Dist: Dhenkanal, Odisha, PIN-759018**
**Ph. : 06769-270771 Email ID - eerlbcdivision@gmail.com**
32001/145/2526
**e-PROCUREMENT NOTICE No. RLBCD-P1-13/2025-26**

| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | 03 (Three) Nos of work. |
| 3 | Estimated Cost | Varies From Rs.14.51 Lakhs to Rs.9.05 Lakhs |
| 4 | Period of Completion | 30 Days |
| 5 | Class of Contractor | "C" Class & "D" Class (Odisha P.W.D) or equivalent Class of other licensing authority |
| 6 | Cost of Bid Document / Mode of Payment | Varies from Rs. 6,000/- to Rs. 4,000/- (Non-Refundable) Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | **Varies From Rs. 14,510/- to Rs.9,050/-** Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding | 26.02.2026 from 10.00 Hours to 07.03.2026 up to 17.00 Hours. |
| | (iii).Date, time & venue of Bid Opening (Online) | On Dt.09.03.2026 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On Dt.18.03.2026 at 11.00 Hours (Tentative Date) in the O/o the Superintending Engineer, Rengali Left Bank Canal Division, Kamakhyanagar. |

Further details can be seen from the Government of Odisha website https://tendersodjsha.gov.in

**Sd/- Superintending Engineer**
**R.L.B. Canal Division, Kamakhyanagar**
OIPR : 32001/32023/1/25-26/0001

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଅପରେସନ ସାଇବର କବଚ

## ୧୧,୧୫୫ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ : ୨୩୮ ଗିରଫ, ୩୦୫୯ ଜଣଙ୍କୁ ନୋଟିସ୍

ଭୁବନେଶ୍ୱର, (ସବ୍ୟୁ) : ଅପରେସନ ସାଇବର କବଚ ଆଧାରରେ ରାଜ୍ୟବ୍ୟାପୀ ଚଢାଉ ଜୋର୍‌ଦାର ହେଉଛି । ୧୨ଦିନ ମଧ୍ୟରେ ୧୧୧୫୫ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ପୋଲିସ ଯାଞ୍ଚ କରିବା ସହ ୨୩୮ ଜଣଙ୍କୁ ଗିରଫ କରିସାରିଲାଣି । ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ ସାଇବର କବଚ ଜାରି ରହିଛି । ଡିଜିପି ଯୋଗେଶ ବାହାଦୂର ଖୁରାନିଆଙ୍କ ନିର୍ଦ୍ଦେଶରେ ଜିଲ୍ଲା ଏସ୍‌ପି, ଡିସିପିମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍‌ୟୁନିଟ୍‌ମାନଙ୍କ ଦ୍ୱାରା ଏହି ଚଢାଉ କରାଯାଉଛି । ସାଇବର ଠକେଇରେ ବ୍ୟବହୃତ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଏବଂ ଏଥିରେ ସମ୍ପୃକ୍ତ ସହାୟକମାନଙ୍କୁ ଚିହ୍ନଟ କରାଯାଇ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏପର୍ଯ୍ୟନ୍ତ ଅପରେସନ ସାଇବର କବଚ ଅନ୍ତର୍ଗତ ସମଗ୍ର ରାଜ୍ୟରେ ମୋଟ ୧୧,୧୫୫ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିବା ବେଳେ ୪୮୦ଟି ମ୍ୟୁଲ୍ ବ୍ୟାଙ୍କ ସମ୍ପର୍କିତ ସାଇବର ମାମଲା, ୧୧ଟି ଏଟିଏମ୍ ଟଙ୍କା ଉଠାଣ ସମ୍ପର୍କିତ, ୧୮ଟି ଚେକ୍ ଟଙ୍କା ଉଠାଣ ସମ୍ପର୍କିତ ଏବଂ ୯ଟି ନକଲି ସିମ୍/ପିଓଏସ୍ ସମ୍ପର୍କିତ ମାମଲା ରୁଜୁ କରାଯାଇଛି । ଏହାସହ ୨୩୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ନୂଆ ଓ ପୁରୁଣା ୧୨୧ଟି ଏଫ୍‌ଆଇଆର୍ ସହ ସମ୍ପୃକ୍ତ ୩୦୫୯ ଜଣ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ନୋଟିସ୍ କରାଯାଇଛି । କଟକ ଜିଲ୍ଲା ପୋଲିସ ୫୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ଦୁଇଟି ମାମଲା ରୁଜୁ କରି ୧୦ଜଣଙ୍କୁ ନୋଟିସ୍ କରିଛି । ସେହିପରି ଜଗତସିଂହପୁରରେ ୧୦୭ଟି ଆକାଉଣ୍ଟ ଯାଞ୍ଚ କରାଯାଇ ଜଣଙ୍କୁ ଗିରଫ କରାଯିବା ସହ ୧୦ଜଣଙ୍କୁ ନୋଟିସ୍ କରାଯାଇଛି । ଯାଜପୁରରେ ୫୮ଟି, କେନ୍ଦ୍ରାପଡାରେ ୧୭୫ଟି, ଖୋର୍ଦ୍ଧାରେ ୧୧୮, ପୁରୀରେ ୪୪, ବଲାଙ୍ଗୀରରେ ୩୪, ଝାରସୁଗୁଡାରେ ୧୮୮, ସୁବର୍ଣ୍ଣପୁରରେ ୬, କେନ୍ଦୁଝରରେ ୫୨, ରାଉରକେଲାରେ ୧୧୩, ସୁନ୍ଦରଗଡରେ ୧୫, ବାଲେଶ୍ୱରରେ ୩୧୦, କଟକରେ ୨, ଗଞ୍ଜାମରେ ୮୫, କନ୍ଧମାଳରେ ୧୧ଟି, ଦେବଗଡରେ ୧୦୫, ନୂଆପଡାରେ ୨୨ ଏବଂ ରାୟଗଡାରେ ଗୋଟିଏ ବେନାମୀ ଆକାଉଣ୍ଟ ଯାଞ୍ଚ କରାଯାଇ ମାମଲା ରୁଜୁ କରାଯିବା ସହ ଗିରଫଦାରୀ ଓ ନୋଟିସ୍ କରାଯାଇଛି । ସେହିପରି ନୟାଗଡ, ସମ୍ବଲପୁର, ଭଦ୍ରକ, ମୟୂରଭଞ୍ଜ, ବ୍ରହ୍ମପୁର, ବୌଦ୍ଧ, ଢେଙ୍କାନାଳ, କଳାହାଣ୍ଡି, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲା ପୋଲିସ ପୁରୁଣା ଏଫ୍‌ଆଇଆର୍ ସହ ସମ୍ପୃକ୍ତ ବେନାମୀ ଆକାଉଣ୍ଟ ଯାଞ୍ଚ କରି ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇଛି । ରାଜ୍ୟବାସୀଙ୍କ ଡିଜିଟାଲ କାରବାର ସୁରକ୍ଷା ପାଇଁ ଓଡ଼ିଶା ପୋଲିସ ସର୍ବଦା ପ୍ରତିଶ୍ରୁତିବଦ୍ଧ । ସାଇବର ଅପରାଧ ମୁକ୍ତ ଓଡ଼ିଶା ଗଠନ ପାଇଁ ଏହି ଅଭିଯାନ ଆଗାମୀ ଦିନରେ ଆହୁରି କଡାକଡି ହେବ ବୋଲି ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି ।

## ଦେଶୀ ମଦ ଜବତ, ବେପାରୀ ଗିରଫ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ପୁଲିସ ସନ୍ଧ୍ୟା ପାଟ୍ରୋଲିଂ ସମୟରେ ଜଣେ ଦେଶୀ ମଦ ବେପାରୀକୁ ଧରିବା ସହ ତା ନିକଟରୁ ମଦ ଜବତ କରି ତାକୁ ଗିରଫ କରିଛି। ଶଙ୍ଖଚିଲା ଫାଣ୍ଡି ପକ୍ଷରୁ ସନ୍ଧ୍ୟା ପାଟ୍ରୋଲିଂ ସମୟରେ ନାଉଡପୁର ଛକ ଠାରେ ଦେଶୀ ମଦ ବେପାର ହେବାର ଖବର ବିଶେଷ ସୂତ୍ରରୁ ପାଇ ସେଠାରେ ଚଢାଉ କରିଥିଲେ। ସେହି ସମୟରେ ନାଉଡପୁର ଗ୍ରାମର ମୁରଲୀଧର ସାହୁ(୭୦) ସନ୍ଦେହ ଜନକ ଭାବେ ଅଟକାଇ ପଚାରିବାରୁ ତା ନିକଟରୁ ଆସ୍କାଫର୍ଟି (୭ଲିଟର ୨୦୦ମିଲିଗ୍ରାମ) ମିଳିଥିଲା। ଯାହାକୁ ବେଆଇନ ଭାବେ ସେ ବିକ୍ରି କରୁଥିବା ସ୍ୱୀକାର କରିଥିଲା। ତାକୁ ଥାନାକୁ ଆଣିବା ପରେ ଏକ ମାମଲା ୫୯/୨୬ରୁଜୁ କରାଯିବା ସହ ୫୨(ଏ) ଓଡିଶା ଏକ୍ସାଇଜ ଆକ୍ଟରେ ଗିରଫ କରାଯାଇଛି।

## ନାଲ୍‌କୋ ପକ୍ଷରୁ ଆଇଏ ୯୧ ଗ୍ରେଡ଼ ଆଲୁମିନିୟମ ଆଲୟ ଇଙ୍ଗଟରର ବଜାର ପ୍ରବେଶ



ଭୁବନେଶ୍ୱର, (ସବ୍ୟୁ) : ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରନି ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲକୋ)ଏକ ସ୍ୱତନ୍ତ୍ର ଆଲୁମିନିୟମ ଆଲୟ ଇଙ୍ଗଟ ଆଇଏ ୯୧ ର ବଜାରପ୍ରବେଶ କରାଇଛି । ଆଇଏ ୯୧ ହେଉଛି ଏକ ଉଚ୍ଚ-କାର୍ଯ୍ୟଦକ୍ଷତା ତଥା ସିଲିକନ୍-ଆଧାରିତ କାଷ୍ଟିଂ ଆଲୟ ଯାହାକୁ କାଷ୍ଟେବିଲିଟିର ସର୍ବୋତ୍ତମ ସନ୍ତୁଳନ, ଯାନ୍ତ୍ରିକ କ୍ଷମତା ଏବଂ କ୍ଷୟ ପ୍ରତିରୋଧି ଭଳି ବୈଶିଷ୍ଟ୍ୟ ସହ ତିଆରି କରାଯାଇଛି । ଗତକାଲି କମ୍ପାନୀର କୋଲକାତା ଷ୍ଟକୟାର୍ଡରେ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ନିର୍ଦ୍ଦେଶକ (ବାଣିଜ୍ୟିକ)ଅନିଲ କୁମାର ସିଂହ ଆନୁଷ୍ଠାନିକ ଭାବରେ ଏହି ଉତ୍ପାଦର ଶୁଭାରମ୍ଭ କରିଥିଲେ । ଏହି ଇଙ୍ଗଟ ଉନ୍ନତ କାଷ୍ଟିଂ ପ୍ରୟୋଗ ପାଇଁ ଡିଜାଇନ୍ ହୋଇଥିବା ବେଳେ, ଗ୍ରାଭିଟି ଡାଏ କାଷ୍ଟିଂ ତଥା ନିମ୍ନ-ଚାପ ଡାଏ କାଷ୍ଟିଂ ପାଇଁ ଉପଯୁକ୍ତ ଅଟେ। ଏହା ମୁଖ୍ୟତଃ ଅଟୋମୋଟିଭ୍, ବୈଦ୍ୟୁତିକ ଏବଂ ଶକ୍ତି ଉପକରଣ, ଶିଳ୍ପ କ୍ଷେତ୍ର ତଥା ଫାଉଣ୍ଡ୍ରିରେ ବ୍ୟବହୃତ ହୋଇଥାଏ । ଉତ୍ପାଦନ ଏବଂ ବିପଣନ ବିଭାଗକୁ ଅଭିନନ୍ଦନ ଜଣାଇବା ସହ, ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, କମ୍ପାନୀର ପରିବର୍ଦ୍ଧିତ ଉତ୍ପାଦ ପୋର୍ଟଫୋଲିଓ ଏହାର ଉଚ୍ଚମାନ ତଥା ମୂଲ୍ୟଯୁକ୍ତ ଉତ୍ପାଦ ଯୋଗାଣ ନିମନ୍ତେ ନାଲକୋର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଅଛି ।

## ସାମୁଦ୍ରିକ ଶିକ୍ଷା କ୍ଷେତ୍ରରେ ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟର

## ଐତିହାସିକ ସଫଳତା: ଦକ୍ଷିଣ-ପୂର୍ବ ଏସିଆର ପ୍ରଥମ ଗ୍ଲୋବାଲ୍ ସେଣ୍ଟର ଅଫ୍ ଏକ୍ସଲେନ୍ସ ମାନ୍ୟତା

ଭୁବନେଶ୍ୱର,(ସବ୍ୟୁ) : ଭାରତୀୟ ସାମୁଦ୍ରିକ ଶିକ୍ଷା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରି ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ମେରିଟାଇମ୍ ଷ୍ଟଡିଜ୍ ବିଶ୍ୱସ୍ତରୀୟ ଗ୍ଲୋବାଲ୍ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ସ୍ୱୀକୃତି ଲାଭ କରିଛି । ବିଶ୍ୱର ଦୁଇଟି ଶୀର୍ଷ ସାମୁଦ୍ରିକ ସଂସ୍ଥା - ନଟିକାଲ୍ ଇନଷ୍ଟିଚ୍ୟୁଟ୍ ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ ମେରିନ୍ ଇଞ୍ଜିନିୟରିଂ, ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ ମିଳିତ ଭାବେ ଏହି ସମ୍ମାନଜନକ ମାନ୍ୟତା ପ୍ରଦାନ କରାଯାଇଛି । ଏହି ସଫଳତା ସହ ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟ ଦକ୍ଷିଣ-ପୂର୍ବ ଏସିଆର ପ୍ରଥମ ଏବଂ ବିଶ୍ୱର ମାତ୍ର ଦ୍ୱିତୀୟ ଶିକ୍ଷାନୁଷ୍ଠାନ ଭାବେ ଏହି ବିରଳ ଗୌରବ ଅର୍ଜନ କରିଛି । ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ରାଷ୍ଟ୍ରମନ୍ତ୍ରୀ



ଶାନ୍ତନୁ ଠାକୁର ଏହି ସ୍ୱୀକୃତିର ଶୁଭାରମ୍ଭ କରିଛନ୍ତି । ଏହି ମାନ୍ୟତାର ଗୁରୁତ୍ୱ: ଏହି ମାନ୍ୟତା କେବଳ ଏକ ପ୍ରମାଣପତ୍ର ନୁହେଁ, ବରଂ ସାମୁଦ୍ରିକ ଶିକ୍ଷା ଏବଂ ପ୍ରଶିକ୍ଷଣ କ୍ଷେତ୍ରରେ ସର୍ବୋଚ୍ଚ ବିଶ୍ୱସ୍ତରୀୟ ମାନକର ପ୍ରମାଣଛ ଏହା ଓଡ଼ିଶା ତଥା ଭାରତକୁ ବିଶ୍ୱ ସାମୁଦ୍ରିକ ମାନଚିତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ସ୍ଥାପିତ କରିଛି । ଡକ୍ଟର ସୁପ୍ରିୟା ପଟ୍ଟନାୟକ (କୁଳପତି, ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟ) କହିଛନ୍ତି, ବିଦ୍ୟାଳୟର ୧୭ଟି ବିଭାଗ ମଧ୍ୟରୁ ସ୍କୁଲ୍ ଅଫ୍ ମେରିଟାଇମ୍ ଷ୍ଟଡିଜ୍ ଏହି ଗ୍ଲୋବାଲ୍ ଗୋଲ୍ଡ ଷ୍ଟାଣ୍ଡାର୍ଡ ହାସଲ କରିବାରେ ପ୍ରଥମ ହୋଇଥିବାରୁ ଆମେ ଗର୍ବିତ । ଏହି ମାନ୍ୟତା ଫଳରେ ଏଠାରୁ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀମାନେ ଆନ୍ତର୍ଜାତୀୟ ଜାହାଜ ଚଳାଚଳ କ୍ଷେତ୍ରରେ ଅଧିକ ଅଗ୍ରାଧିକାର ପାଇବେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମୁକ୍ତି ମିଶ୍ର, ସ୍କୁଲ୍ ଅଫ୍ ମେରିଟାଇମ୍ ଷ୍ଟଡିଜର ନିର୍ଦ୍ଦେଶକ କ୍ୟାପଟେନ ବିକାଶ ପାତ୍ର, ପ୍ରୋ-ଭାଇସ୍ ଚାନ୍ସେଲର ପ୍ରଫେସର (ଡକ୍ଟର) ଅଜୟ କୁମାର ନାୟକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

## ବିଏସ୍‌ଏନ୍‌ଏଲ୍, ଟିଡବ୍ଲ୍ୟୁଡବ୍ଲ୍ୟୁଓ ପକ୍ଷରୁ ରକ୍ତଦାନ ଶିବିର

## ୩୩ ୟୁନିଟ୍ ରକ୍ତ ସଂଗ୍ରହ

ଭୁବନେଶ୍ୱର(ସବ୍ୟୁ): ରେଡକ୍ରସ ସହାୟତାରେ ତଥା ଦୂରସଞ୍ଚାର ମହିଳା କଲ୍ୟାଣ ସଂଗଠନ (ଟିଡବ୍ଲୁଡବ୍ଲ୍ୟୁଓ)ର ମିଳିତ ଆନୁକୂଲ୍ୟରେ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ) ଓଡ଼ିଶା ପରିମଣ୍ଡଳ ପକ୍ଷରୁ ଏକ ରକ୍ତଦାନ ଶିବିର ଭୁବନେଶ୍ୱର ଅଶୋକ ନଗରସ୍ଥିତ ବିଏସ୍‌ଏନ୍‌ଏଲ ଭବନଠାରେ ଆୟୋଜିତ ହୋଇଯାଇଛି । ବିଏସଏନଏଲ ଓଡ଼ିଶା ପରିମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଦୁଷ୍ମନ୍ତ କୁମାର ବେହେରା ଏହି ଶିବିରକୁ



ଉ ଦ ଘା ଟ ନ କରିଥିଲେ । ଏହି ଅ ବ ସ ର ରେ (ଟିଡବ୍ଲ୍ୟୁଡବ୍ଲ୍ୟୁଓ) ଓଡ଼ିଶାର ସଭାପତି ମମତା ବେହେରା ଉପସ୍ଥିତ ଥିଲେ । ଶ୍ରୀ ବେହେରା ସମସ୍ତଙ୍କୁ ଏହି ମହାନ ଉଦ୍ଦେଶ୍ୟ ପାଇଁ ରକ୍ତଦାନ କରିବାକୁ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀମାନେ ଉତ୍ସାହର ସହ ଭାଗ ନେଇଥିଲେ । କଟକ ରେଡକ୍ରସ୍ ରକ୍ତଭଣ୍ଡାର ଦ୍ୱାରା ସଫଳତାର ସହିତ ୩୩ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ (ମାନବ ସମ୍ବଳ ଓ ପ୍ରଶାସନ) ଗଜେନ୍ଦ୍ର କୁମାର ଯାଦବ, ୩୩ୟୁନିଟ୍ ରକ୍ତ ସଂଗ୍ରହ ସଚିବ ଗାୟତ୍ରୀ ମଲ୍ଲିକ ଏବଂ ଟିଡବ୍ଲ୍ୟୁଡବ୍ଲ୍ୟୁଓର ସକ୍ରିୟ ଅଂଶଗ୍ରହଣକାରୀ ଲିଲି ଜେନାମଣିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।

## ରାଜା ମଧୁସୂଦନ ଦେବ ଡ଼ିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ "ବ୍ଲସମ୍ ଆଇ - ୨୦୨୬" ଅନୁଷ୍ଠିତ

ଭୁବନେଶ୍ୱର, (ସବ୍ୟୁ) : ପଟିଆ ସ୍ଥିତ ରାଜା ମଧୁସୂଦନ ଦେବ ଡ଼ିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ "ବ୍ଲସମ୍ ଆଇ - ୨୦୨୬" ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ପ୍ରଥମରେ ମହାବିଦ୍ୟାଳୟ ପରିସରରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସର ଶିଳାନ୍ୟାସ କରିଥିଲେ। ପରେ ବାର୍ଷିକ ଉତ୍ସବର ସଭାକାର୍ଯ୍ୟକୁ ଉଦଘାଟନ କରି କହିଥିଲେ ମହାବିଦ୍ୟାଳୟର ଢାଞ୍ଚାଗତ ବିକାଶ କେବଳ ଶରୀର ଅଟେ, ଏହାର ବିଦ୍ୟାର୍ଥୀମାନଙ୍କ ସୃଜନଶୀଳତା, ଧ୍ୟେୟମଗ୍ନ ସଫଳତା ହେଉଛି ଆତ୍ମା। ଆତ୍ମା ବିନା ଶରୀର ଯେମିତି ସ୍ପନ୍ଦନହୀନ, ସେହିପରି ଶିକ୍ଷାନୁଷ୍ଠାନ କୃତୀ ଛାତ୍ରଛାତ୍ରୀ ବିନା କେବଳ ବସ୍ତୁଶୀଳ ସ୍ୱରୂପ ଅଟେ। ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ପ୍ରଶାନ୍ତ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜେପି ରାଜ୍ୟ



ଉପାଧକ୍ଷ ଗୋଲକ ପ୍ରସାଦ ମହାପାତ୍ର, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ର ରାଜ୍ୟ ସଭାପତି ଡଃ ଦେବେଶ ଶଙ୍କର ହୋତା ଓ ସ୍ଥାନୀୟ କର୍ପୋରେଟର ଲକ୍ଷ୍ମୀପ୍ରିୟା ପରିଡ଼ା ଯୋଗ ଦେଇଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ମହାବିଦ୍ୟାଳୟର ବିଦ୍ୟାର୍ଥୀ ଓ ଅଧାପକ, ଅଧାପିକା ମାନଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ଶେଷରେ ଅଧାପକ ଡଃ ପ୍ରବୀଣ କୁମାର ସାହୁ ଧନ୍ୟବାଦ ଦେଇଥିବା ବେଳେ ଅଧାପିକା ଅମିତା ରଥ ମଞ୍ଚ ସଞ୍ଚାଳନ କରିଥିଲେ। ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଶେଷ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଓଏଫ୍‌ଡିସି ଅବସରପ୍ରାପ୍ତ କର୍ମଚାରୀଙ୍କୁ ଦିଅ ସଂଶୋଧିତ ପେନସନ:ହାଇକୋର୍ଟ

କଟକ, (ସବ୍ୟୁ) : ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫଡିସି)ର ଅବସରପ୍ରାପ୍ତ କର୍ମଚାରୀଙ୍କ ସପକ୍ଷରେ ଓଡ଼ିଶା ହାଇକୋର୍ଟ ରାୟ ଦେଇଛନ୍ତି। ଆସନ୍ତା ଚାରି ମାସ ମଧ୍ୟରେ ଆବେଦନକାରୀଙ୍କ ପେନସନ ସଂଶୋଧନ କରିବା ସହ ବକେୟା ଅର୍ଥ ପ୍ରଦାନ କରିବାକୁ ଓଏଫଡିସିକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ନିଗମ ପକ୍ଷରୁ ଜାରି କରାଯାଇଥିବା ୨୦୧୨ ଏପ୍ରିଲ ୯ ଆଦେଶକୁ ଅଦାଲତ ରଦ୍ଦ କରିଛନ୍ତି। ଗଗନ ବିହାରୀ ମହାପାତ୍ର ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏହି ଆଦେଶ ଦେଇଛନ୍ତି। ଆବେଦନକାରୀମାନେ ଅଭିଯୋଗ କରିଥିଲେ ଯେ ସରକାର ୨୦୦୬ ଜାନୁଆରୀ ୧ରୁ ନୂତନ ଦରମା ହାର ଲାଗୁ କରିଥିଲେ ମଧ୍ୟ ନିଗମ କେବଳ ୨୦୧୧ ଜାନୁଆରୀ ୧ ସୁଦ୍ଧା କାର୍ଯ୍ୟରତ ଥିବା କର୍ମଚାରୀଙ୍କୁ ଏହି ସୁବିଧା ପ୍ରଦାନ କରିଥିଲା। ଏହା ଦ୍ୱାରା ୨୦୦୬ରୁ ୨୦୧୦ ମଧ୍ୟରେ ଅବସର ନେଇଥିବା କର୍ମଚାରୀମାନେ ଏହି ସୁବିଧାରୁ ବଞ୍ଚିତ ହୋଇଥିଲେ। ଆବେଦନକାରୀମାନେ ଅଦାଲତଙ୍କୁ ଦର୍ଶାଇଥିଲେ ଯେ ୨୦୦୬ ଜାନୁଆରୀ ୧ରେ ସେମାନେ କର୍ପୋରେସନର ପେ-ରୋଲରେ ଥିଲେ। ତେଣୁ ସେମାନେ ମଧ୍ୟ ସଂଶୋଧିତ ବେତନ ଓ ପେନସନ ସୁବିଧା ପାଇବାକୁ ଯୋଗ୍ୟ। ଅଦାଲତ କହିଛନ୍ତି ଯେ ଆବେଦନକାରୀଙ୍କ ବେତନକୁ ୨୦୦୬ ଜାନୁଆରୀ ୧ଠାରୁ ଓଆରଏସପି ରୁଲ ୨୦୦୮ ଅନୁସାରେ ନୋସନାଲ ବେସିସରେ ସଂଶୋଧନ କରିବା ସହ ପେନସନ ଓ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ଆଦିକୁ ପୁନଃନିର୍ଦ୍ଧାରଣ କରିବା ଏବଂ ବକେୟା ପେନସନ ଓ ଅନ୍ୟାନ୍ୟ ଅର୍ଥ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୪ ମାସ ମଧ୍ୟରେ ଏହି ପ୍ରକ୍ରିୟା ଶେଷ କରିବାକୁ ଅଦାଲତ ଆଦେଶ ଦେଇଛନ୍ତି।

## ସନାତନ ସନ୍ଥ ସମାଜର ୧୪ ତମ ବାର୍ଷିକୋତ୍ସବ

ଭୁବନେଶ୍ୱର(ସବ୍ୟୁ): ଭାରତ ସେବା ଶ୍ରମ ସଂଘରେ ଓଡିଶା ସନାତନ ସନ୍ଥ ସମାଜର ୧୪ ତମ ବାର୍ଷିକ ଉତ୍ସବ ଆଶ୍ରମ ଭୁବନେଶ୍ୱର ଶାଖାର ଅଧକ୍ଷ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସାରା ଓଡିଶାର ବିଭିନ୍ନ ସମ୍ପ୍ରଦାୟର ସାଧୁ, ସନ୍ଥ, ସନ୍ନ୍ୟାସୀମାନେ ଯୋଗ ଦେଇଥିଲେ । ସର୍ବସମ୍ମତିକ୍ରମେ ରାଜ୍ୟ ସଂଯୋଜକ ଭାବେ ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ଏବଂ ପୁରୁଷୋତ୍ତମାନନ୍ଦ ସ୍ୱାମୀଜୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଉକ୍ତ ବୈଠକରେ ଏହି ବର୍ଷର ଆସନ୍ତା ମାସିକ ବୈଠକର ସୂଚୀ ନିର୍ଦ୍ଧାରିତ ହୋଇଥିଲା । ଶିକ୍ଷାବ୍ୟବସ୍ଥାରେ ସଂସ୍କାର ଆସିବାକୁ ସାଧୁ ସମାଜ ଚିନ୍ତା ପ୍ରକଟ କରିଥିଲେ । ଶେଷରେ



ଓଡ଼ିଶା ଉତ୍ଥାନ ମହାସଭାର ସଭ୍ୟମାନଙ୍କୁ ନେଇ ବୈଠକ କରାଯାଇଥିଲା । ଖୁବଶୀଘ୍ର ଓମର ବୈଠକ ଡକାଇବାକୁ ବିଶ୍ୱରଂଜନ ରଥଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଉକ୍ତ ସଭାରେ ଓଡିଶାର ବରିଷ୍ଠ ସନ୍ଥ ସ୍ୱାମୀ ଭାଗବତାନନ୍ଦ ସରସ୍ୱତୀ, ମହନ୍ତ ରାମକୃଷ୍ଣ ଦାସ, ସ୍ୱାମୀ ପୁରୁଷୋତ୍ତମାନନ୍ଦ, ସ୍ୱାମୀ ଭୁମାନନ୍ଦ, ସ୍ୱାମୀ ଓମାନନ୍ଦ ପ୍ରମୁଖ ସାଧୁ ସନ୍ଥମାନେ ଯୋଗଦେଇଥିଲେ ।

## ସ୍ୱଦେଶୀ ମେଳା -୨୦୨୬

## ଫ୍ରିଡମ ତେଲର ଓଡିଶା ମୁଖ୍ୟ ଅମୀୟ ଧଳ ସମ୍ବର୍ଦ୍ଧିତ

କଟକ, (ସ୍ୱପ୍ର) : ଭୁବନେଶ୍ୱର ସ୍ଥିତ ଜନତା ମଇଦାନରେ ୨୦ତମ ତୋଶାଳୀ ସ୍ୱଦେଶୀ ଭବ୍ୟ ମେଳା ଚାଲିଛି । ଏହା ଚଳିତ ୧୪ ଫେବୃଆରୀରୁ ୨୬ ପର୍ଯ୍ୟନ୍ତ ଜାରି ରହିବ । ଏହି ସ୍ୱଦେଶୀ ମେଳାରେ ସମବାୟ, ହସ୍ତତନ୍ତ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଭାରତ ବର୍ଷର ବିଭିନ୍ନ ସଫଳ ଉଦ୍ୟୋଗୀଙ୍କୁ ଏହି ସ୍ୱଦେଶୀ ମେଳାରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେଥିମଧ୍ୟରେ ଭାରତ ବର୍ଷର ଏକନମ୍ବର ମାନ୍ୟତାପ୍ରାପ୍ତ



ଖାଇବା ତେଲ ଫ୍ରିଡମ ହେଉଛି ଅନ୍ୟତମ । ଦୂରଦର୍ଶୀ ସମ୍ପନ୍ନ କାର୍ଯ୍ୟଧାରା ପାଇଁ ସଫଳ ଉଦ୍ୟୋଗ ଫ୍ରିଡମର ଓଡିଶା ମୁଖ୍ୟ ଅମୀୟ କୁମାର ଧଳଙ୍କୁ ସ୍ୱଦେଶୀ ମେଳାରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହିତ ଓଡିଶାରେ ନୂତନ କରି ଫ୍ରିଡମ ତେଲର ପ୍ଲାଣ୍ଟ ସ୍ଥାପନା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେଇସାରିଛନ୍ତି । ଏହାଦ୍ୱାରା ବହୁ ସଂଖ୍ୟାରେ ଯୁବକ ମାନେ ଏଥିରେ ନିଯୁକ୍ତି ପାଇପାରିବେ । ଯାହାଦ୍ୱାରା ରାଜ୍ୟରେ ନୂତନ ନିଯୁକ୍ତି ସୃଷ୍ଟି ହୋଇପାରିବ ବୋଲି ଫ୍ରିଡମର ଓଡିଶା ହେଡ ଅମୀୟ କୁମାର ଧଳ ସୂଚନା ଦେଇଛନ୍ତି ।

## ସମାଜସେବା କ୍ଷେତ୍ରରେ ଅରୁନ୍ଧତୀ ଫାଉଣ୍ଡେସନର ଅନନ୍ୟ ପଦକ୍ଷେପ

## ରାଜ୍ୟବ୍ୟାପୀ ୧୫ ଶହ ୟୁନିଟ୍ ରକ୍ତ ସଂଗ୍ରହ, ରାମ ମନ୍ଦିରରେ ଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ

ଭୁବନେଶ୍ୱର, (ସବ୍ୟୁ) : ଅରୁନ୍ଧତୀ ଫାଉଣ୍ଡେସନ ସଦାସର୍ବଦା ନିଜର ସାମାଜିକ ଦାୟିତ୍ୱବୋଧ ତୁଲାଇବା ସହ ଅନେକ ସମାଜକଲ୍ୟାଣ କାର୍ଯ୍ୟକଳାପ ମାଧ୍ୟମରେ ସବୁବେଳେ ନିଜର ଦୃଢ ଉପସ୍ଥିତି ଜାହିର କରି ଆସିଛି । ସେବା ଓ ପରୋପକାରର ଏହି ମହତ୍ତ୍ୱାକାଂକ୍ଷାକୁ ଆଉ ପାଦେ ଆଗକୁ ନେବା ପାଇଁ ଅରୁନ୍ଧତି ପକ୍ଷରୁ ବୁଧବାର ଦୁଇଟି ପ୍ରମୁଖ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ସାମାଜିକ ପ୍ରତିବଦ୍ଧତା ଓ ମାନବିକତାର ଏକ ନିଦର୍ଶନ ସ୍ୱରୂପ, ଓଡିଶାର ୧୦ ଟି ପ୍ରମୁଖ ସହର - ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ବଲାଙ୍ଗିର, ବରଗଡ, ଭବାନୀପାଟଣା ଏବଂ ଅନୁଗୁଳଠାରେ ଏକ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରରେ ଆୟୋଜିତ ଏହି ମହତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥିଭାବେ ଯୋଗ




ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଗତବର୍ଷ ଅରୁନ୍ଧତୀ ଦ୍ୱାରା ଆୟୋଜିତ ଶିବିରରେ ୧ ହଜାର ରକ୍ତ ସଂଗୃହିତ ହୋଇଥିବା ବେଳେ ଚଳିତ ବର୍ଷ ୧୫ ଶହ ୟୁନିଟ୍ ରକ୍ତ ସଂଗ୍ରହ କରି ଅରୁନ୍ଧତୀ ଫାଉଣ୍ଡେସନ୍ ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛି। ରକ୍ତର କୌଣସି ବିକଳ୍ପ ନାହିଁ। ରକ୍ତର ପ୍ରତିଟି ବିନ୍ଦୁ ମଧ୍ୟରେ ଏକ ଅମୂଲ୍ୟ ଜୀବନ ବଞ୍ଚାଇବାର ଶକ୍ତି ନିହିତ ଥାଏ। ଏହି ମହତଦାନ କେବଳ ଏକ ସାମାଜିକ ସେବା ନୁହେଁ, ବରଂ ମାନବିକତାର ସର୍ବଶ୍ରେଷ୍ଠ ପରିଚୟ ଅଟେ।

ଏହା ସହିତ ଭୁବନେଶ୍ୱର ସ୍ଥିତ ରାମ ମନ୍ଦିର ପ୍ରାଙ୍ଗଣରେ ଅରୁନ୍ଧତୀ ଫାଉଣ୍ଡେସନ ପକ୍ଷରୁ ଏକ ଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି । ମନ୍ଦିରକୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ଏବଂ ଜନପଥରେ ଯାତାୟତ କରୁଥିବା ସାଧାରଣ ଜନତାଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ଏହି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏହି ପ୍ରକଳ୍ପକୁ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଅତିଥି ଭାବେ ଯୋଗ ଦେଇ ଲୋକାର୍ପିତ କରିଥିଲେ। ଏହି ମହାଅଭିଯାନକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଅରୁନ୍ଧତୀ ପରିବାର ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିଲା। ଅରୁନ୍ଧତୀର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ନିଜେ ଉପସ୍ଥିତ ରହି ଏହି ଅଭିଯାନର ନେତୃତ୍ୱ ନେବା ସହ ସମସ୍ତ ରକ୍ତଦାତା ଓ କର୍ମକର୍ତ୍ତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସେ ନିଜର ମତ ବ୍ୟକ୍ତ କରି କହିଥିଲେ ରକ୍ତଦାନ ହେଉ କିମ୍ବା ପାନୀୟ ଜଳ ପ୍ରକଳ୍ପ ଅରୁନ୍ଧତୀ ଫାଉଣ୍ଡେସନ ସବୁବେଳେ ସମାଜ କଲ୍ୟାଣର ବିଭିନ୍ନ ଦିଗରେ ସକ୍ରିୟ ଯୋଗଦାନ ଦେଇଆସିଛି। ନିଜର ସାମାଜିକ ଦାୟିତ୍ୱବୋଧକୁ ହୃଦୟଙ୍ଗମ କରି ଅରୁନ୍ଧତୀ ଆଗାମୀ ଦିନରେ ମଧ୍ୟ ସାମାଜିକ ହିତ ସାଧନ ପାଇଁ ଏହି ପରି ନିରନ୍ତର ପ୍ରୟାସ ଜାରି ରଖିବା ଏହି ଅଭିବ୍ୟକ୍ତି ସହ ସେ ସମଗ୍ର ଓଡିଶାର ସ୍ୱେଚ୍ଛାକୃତ ରକ୍ତଦାତା ଏବଂ ଶୁଭେଚ୍ଛୁମାନଙ୍କୁ ଆନ୍ତରିକ କୃତଜ୍ଞତା ସହ ଧନ୍ୟବାଦ ଜଣାଇଛନ୍ତି।

## ଉଚ୍ଚମାନର ଏନ୍‌ବିଏଫ୍‌ସି ପ୍ଲାଟଫର୍ମ ନିର୍ମାଣ ପାଇଁ ଯୋଜନା କରୁଛି ଏୟାରଟେଲ୍

ଭୁବନେଶ୍ୱର, (ସବ୍ୟୁ) : ଭାରତୀ ଏୟାରଟେଲ୍ ଏହାର ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ (ଏନବିଏଫସି), ଏୟାରଟେଲ୍ ମନି ଲିମିଟେଡ୍ ପାଇଁ ପ୍ରମୁଖ ଯୋଜନା ଘୋଷଣା କରିଛି, ଯାହା ଭାରତରେ କ୍ରେଡିଟ୍ ବ୍ୟବଧାନକୁ ଦୂର କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି । ଆଗାମୀ କିଛି ବର୍ଷ ମଧ୍ୟରେ ଏନବିଏଫସି ସହାୟକ କମ୍ପାନୀକୁ ୨୦,୦୦୦ କୋଟି ଟଙ୍କା ପୁଞ୍ଜି ସୁବିଧା ପ୍ରଦାନ କରାଯିବ। ଏୟାରଟେଲ୍ ଭାରତୀ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ ମାଧ୍ୟମରେ ପ୍ରମୋଟର ଗୋଷ୍ଠୀ ସହିତ ୭୦% ଯୋଗଦାନ କରିବ ଏବଂ ବାକି ୩୦% ସଂଗ୍ରହ କରାଯିବ । ଶକ୍ତିଶାଳୀ ଡିଜିଟାଲ୍ ସମ୍ପତ୍ତି, ୫୦୦ ଯୁକ୍ତ ଡାଟା ବୈଜ୍ଞାନିକଙ୍କ ଦ୍ୱାରା ପରିଚାଳିତ ଏକ ବୃହତ ଡାଟା ଏବଂ ବିଶ୍ଳେଷଣ ଇଞ୍ଜିନ୍ ଏବଂ ଗଭୀର କାର୍ଯ୍ୟକ୍ଷମ ବିଶେଷଜ୍ଞତା ସହିତ, ଏୟାରଟେଲ୍ ସମଗ୍ର ଭାରତରେ ସରଳ, ସୁରକ୍ଷିତ ଏବଂ ଅଭିନବ ଡିଜିଟାଲ୍ ଆର୍ଥିକ ସେବାଗୁଡ଼ିକର ପ୍ରବେଶକୁ ଦ୍ରୁତ ଗତିରେ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି।

## ଉର୍ଜ୍ଜା ଓ ପରିବେଶ

# ଏଆଇ ଯୁଗରେ ସ୍ଥାୟୀ ପରିବେଶ ଦିଗରେ ଭାରତ

**ନୂଆଦିଲ୍ଲୀ:** ଜଳବାୟୁ ପରିବର୍ତ୍ତନ ଆଧୁନିକ ଯୁଗର ଏକ ବଡ଼ ବାସ୍ତବତା। ଆଜି ଏହା ଜୀବନ ଏବଂ ଜୀବିକାର ପ୍ରାୟ ପ୍ରତ୍ୟେକ ଦିଗକୁ ପ୍ରଭାବିତ କରୁଛି। ଜଳବାୟୁ ପରିବର୍ତ୍ତନର ବିପଦ ବୃଦ୍ଧି ପାଉଥିବାରୁ, ଅନୁକୂଳନ ଏବଂ ପ୍ରଶମନ ପାଇଁ ସକ୍ରିୟ ସମାଧାନ ଅତ୍ୟାବଶ୍ୟକ ହୋଇଯାଇଛି। ନିଜର ଜଙ୍ଗଲ ଆଚ୍ଛାଦନ ବୃଦ୍ଧି କରି, ନବୀକରଣୀୟ ଶକ୍ତି ବ୍ୟବହାର କରି, ନିର୍ଗମନ ହ୍ରାସ କରି ଏବଂ ପ୍ରତିକୂଳ ପାଣିପାଗର ଆହ୍ୱାନର ସମାଧାନ କରି ଭାରତ ଏହି ଦିଗରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି। ସାମ୍ପ୍ରତିକ ବର୍ଷଗୁଡ଼ିକରେ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏକ ଶକ୍ତିଶାଳୀ ଉପକରଣ ଭାବରେ ଉଭା ହୋଇଛି ଯାହା ଜଳବାୟୁ ପରିବର୍ତ୍ତନ ବିରୁଦ୍ଧରେ ଲଢ଼ିବାରେ ସାହାଯ୍ୟ କରେ। ଏଆଇ କମ୍ପ୍ୟୁଟରଗୁଡ଼ିକୁ ତଥ୍ୟରୁ ଶିଖିବାକୁ ଏବଂ ନିଷ୍ପତ୍ତି କିମ୍ବା ଭବିଷ୍ୟବାଣୀ କରିବାକୁ ସକ୍ଷମ କରେ। ଏଆଇରେ ଡିପ୍ ଲର୍ଣ୍ଣିଂ ହେଉଛି ଏପରି ଏକ ପଦ୍ଧତି ଯାହା କମ୍ପ୍ୟୁଟରଗୁଡ଼ିକୁ ବହୁ ପରିମାଣର ସୂଚନା ବିଶ୍ଳେଷଣ କରି ଭଲ ଭାବରେ ଶିଖିବାକୁ ସାହାଯ୍ୟ କରେ। ଜଳବାୟୁ ଅଧ୍ୟୟନରେ ଏଆଇ ସିଷ୍ଟମର ବ୍ୟବହାର ଜଳବାୟୁ ସମ୍ବନ୍ଧୀୟ ତଥ୍ୟ ବିଶ୍ଳେଷଣ କରି ସମାଧାନ ପ୍ରଦାନ କରେ, ଯେପରିକି ଉନ୍ନତ ଜଳବାୟୁ ମଡେଲିଂ, ନବୀକରଣୀୟ ଶକ୍ତି ଉତ୍ପାଦନର ଉନ୍ନତ ପରିଚାଳନା, ସ୍ଥାୟୀ କୃଷି ପାଇଁ ସମାଧାନ ଏବଂ ବିପର୍ଯ୍ୟୟ ପ୍ରତି ବର୍ଦ୍ଧିତ ସ୍ଥିରତା।

# ୧୮ ମାସ ପରେ ଭାରତ-ବାଂଲାଦେଶ ବସ୍ ସେବା ଆରମ୍ଭ

**ନୂଆଦିଲ୍ଲୀ:** ପ୍ରାୟ ୧୮ ମାସର ବିରତି ପରେ ଅଗରତାଲା–ଢାକା–କୋଲକାତା ଓ କୋଲକାତା(Kolkata)–ଢାକା(Dhaka)–ଅଗରତାଲା ରୁଟ୍‌ରେ ଚାଲୁଥିବା ଅନ୍ତର୍ଜାତୀୟ 'ମୈତ୍ରୀ' ବସ୍ ସେବା ପୁନର୍ବାର ଆରମ୍ଭ ହୋଇଛି। ଏହାକୁ ଭାରତ ଓ ବାଂଲାଦେଶ ମଧ୍ୟରେ ସୀମାପାର ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିଚାର କରାଯାଉଛି।

ପ୍ରଥମ ଦିନରେ 'ମୈତ୍ରୀ' ବସ୍ କୋଲକାତାରୁ ଯାତ୍ରା ଆରମ୍ଭ କରି ଢାକା ହୋଇ ଆଗରତାଲାର ଅଖୌରା ଇଣ୍ଟିଗ୍ରେଟେଡ୍ ଚେକ୍ ପୋଷ୍ଟରେ ପହଞ୍ଚିଥିଲା। ବାଂଲାଦେଶରେ ତାରିକ୍ ରହମାନଙ୍କ ନୂଆ ବିଏନପି ସରକାର ଗଠନ ହେବାପରେ, ଏହି ଦୀର୍ଘ ଦୂରତା ବିଶିଷ୍ଟ ଅନ୍ତର୍ଜାତୀୟ ବସ୍ ସେବାର



ପୁନରୁଦ୍ଧାର, ଦୁଇ ଦେଶର ଦ୍ୱିପକ୍ଷିକ ସମ୍ପର୍କ ଓ ସହଯୋଗ ବୃଦ୍ଧି ଦିଗରେ ଏକ ସକାରାତ୍ମକ ପଦକ୍ଷେପ ବୋଲି କୁହାଯାଇ ପାରେ। ବସ୍ ସେବା ଆରମ୍ଭ ଅବସରରେ ଉପସ୍ଥିତ ଗଣମାଧ୍ୟମ ସମ୍ମୁଖରେ ପଶ୍ଚିମବଙ୍ଗ ପର୍ଯ୍ୟଟନ ମନ୍ତ୍ରୀ ସୁଶାନ୍ତ ଚୌଧୁରୀ କହିଛନ୍ତି ଯେ, ଏହି ରୁଟ୍ ପୁଣି ଥରେ ଖୋଲା ଯାଇଥିବାରୁ ପର୍ଯ୍ୟଟନ, ବ୍ୟବସାୟ ଓ ସାଂସ୍କୃତିକ ଆଦାନ-ପ୍ରଦାନ ଗତିଶୀଳ ହେବ। ସୁରକ୍ଷା ଓ ସଂଯୋଗ ବ୍ୟବସ୍ଥାରେ ସୁଧାର ଆସିବ, ତା ସହିତ ଦୁଇ ଦେଶର ଲୋକ-ସମ୍ପର୍କ ଆହୁରି ମଜବୁତ ହେବ ବୋଲି ମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

## ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ

# ଭାଗୀଦାର ଭାବେ ଭାରତକୁ ବିଶ୍ୱର ସମର୍ଥନ

**ନୂଆଦିଲ୍ଲୀ:** ଭାରତ ଆଜି ସେହି ଭୂମି, ଯାହାକୁ ସାରା ବିଶ୍ୱ ନିଜର ଭବିଷ୍ୟତ ଓ ଆକାଂକ୍ଷାର କେନ୍ଦ୍ରବିନ୍ଦୁ ଭାବେ ଦେଖୁଛି। ଯୁବଶକ୍ତିର ସୃଜନଶୀଳତା, ଟେକ୍ନୋଲୋଜିର ଦ୍ରୁତ ଅଭ୍ୟୁଦୟ ଏବଂ ମାନବ କଲ୍ୟାଣକୁ ପ୍ରାଥମିକତା ଦେବାର ଦୃଢ଼ ସଙ୍କଳ୍ପ ଭାରତକୁ ବିଶ୍ୱ ମଞ୍ଚରେ ନେତୃତ୍ୱ ଦେଇଛି। ସେହି ପରିପ୍ରେକ୍ଷିରେ ଫେବୃଆରୀର ଶେଷ ସପ୍ତାହରେ ଭାରତ ମଣ୍ଡପମ୍, ନୂଆଦିଲ୍ଲୀରେ ଆୟୋଜିତ ଇଣ୍ଡିଆ ଏଆଇ ସମିଟ୍ ୨୦୨୬କୁ ଅନୁଭବ କରିବା ପାଇଁ ବିଶ୍ୱର ନେତା, ନୀତିନିର୍ମାତା ଓ ପ୍ରଯୁକ୍ତି ବିଶେଷଜ୍ଞମାନେ ଏକତ୍ରିତ ହୋଇଥିଲେ। ସେମାନଙ୍କର




କେବଳ ଉପସ୍ଥିତି ନୁହେଁ, ସକ୍ରିୟ ଭାଗିଦାରୀ ଏହା ପ୍ରମାଣ କରିଛି ଯେ ଭବିଷ୍ୟତ ଗଢ଼ିବାରେ ସେମାନେ ଭାରତକୁ ସହଭାଗୀ କରିବାକୁ ଆଗ୍ରହୀ ଏବଂ ସମ୍ଭାବନାକୁ ବାସ୍ତବତାରେ ପରିଣତ କରିବାରେ ପ୍ରତିବଦ୍ଧ।

ସେଥିପାଇଁତ ଭାରତ ମଣ୍ଡପମ୍‌ର ସମ୍ମୁଖରେ ପଡୁଥିବା ସୁନେଲ୍ ସୂର୍ଯ୍ୟ କିରଣର ପ୍ରଚ୍ଛଦପଟରେ ବିଶ୍ୱର ୧୩ ଦେଶ ସେମାନଙ୍କ ପାଖରେ ଥିବା ସୁଯୋଗକୁ ଉନ୍ମୋଚିତ କରିବାକୁ କୁଣ୍ଠାବୋଧ କରିନାହାନ୍ତି। ପ୍ରତ୍ୟେକ ଦେଶର ପାଭିଲିୟନ୍ ଛିଡ଼ା ହୋଇ ଏକ ସ୍ୱଷ୍ଟ ଲକ୍ଷ୍ୟର ପରିପ୍ରକାଶ କରିଛନ୍ତି। ଅଷ୍ଟ୍ରେଲିଆ, ଜାପାନ, ରୁଷ, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ନେଦରଲ୍ୟାଣ୍ଡ, ସ୍ୱିଜରଲ୍ୟାଣ୍ଡ, ସର୍ବିଆ, ଏଷ୍ଟୋନିଆ, ତାଜିକିସ୍ତାନ ଏବଂ ଏକ ମିଳିତ ଆଫ୍ରିକୀୟ ପାଭିଲିୟନ୍ - ସମସ୍ତେ ନୂତନ ଚିନ୍ତାଧାରା, ନିବେଶ ଏବଂ ଏକ ଶାନ୍ତ ଅଭିଳାଷା ସହିତ ଏଠାରେ ପହଞ୍ଚିଥିଲେ।

ଫେବୃଆରୀ ୧୬ ରୁ ୨୧, ୨୦୨୬ ପର୍ଯ୍ୟନ୍ତ, ସମ୍ମିଳନୀ ସହିତ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ଏକ୍ସପୋ' ଅନୁଷ୍ଠିତ ହୋଇଯାଇଛି। ଦଶଟି ଆରେନା ଏବଂ ୭୦,୦୦୦ ବର୍ଗ ମିଟରରୁ ଅଧିକ ଅଞ୍ଚଳରେ ପରିବ୍ୟାପ୍ତ ଏହି ବିଶ୍ୱସ୍ତରୀୟ ସମ୍ମିଳନୀରେ ବିଭିନ୍ନ ଦେଶର ପ୍ରତିନିଧି, ପ୍ରଯୁକ୍ତିବିଦ୍ୟା ନେତୃବୃନ୍ଦ, ଗବେଷକ ଏବଂ ଛାତ୍ରଛାତ୍ରୀମାନେ ଆଲୋଚନାକରିବା ସହ ପ୍ରଦର୍ଶନ ପାଇଁ ନିର୍ମିତ ବିଶାଳ ହଲ୍‌ଗୁଡ଼ିକ ମଧ୍ୟରେ ନିଜର ଅଭିଜ୍ଞତା ସାଉଁଟିଛନ୍ତି। ଅତ୍ୟଧିକ ଆଗ୍ରହକୁ ଦୃଷ୍ଟିରେ ରଖି ଭାରତ ସରକାର ଏହି ପ୍ରଦର୍ଶନୀକୁ ଆଉ ଏକ ଅତିରିକ୍ତ ଦିନ ପାଇଁ ବୃଦ୍ଧି କରିଥିଲେ। ଯାହା ଶନିବାର, ୨୧ ଫେବୃଆରୀରେ ସର୍ବସାଧାରଣଙ୍କ ପାଇଁ ଖୋଲା ରହିଥିଲା। ଫଳରେ ଆଗନ୍ତୁକମାନେ ଏକ ଅଧିକ ଆରାମଦାୟକ ଅନୁଭୂତି ନେବାରେ ସକ୍ଷମ ହୋଇପାରିଥିଲେ। ଏହି ପଦକ୍ଷେପଟି ସରଳ କିନ୍ତୁ ଅନେକ କିଛି ସୂଚାଉଛି। ଏହା କହୁଛି ଯେ, ଏ ସୁଯୋଗ କେବଳ ଏକ ବନ୍ଦ କୋଠରୀ ମଧ୍ୟରେ ସୀମିତ ଆଲୋଚନା ନୁହେଁ, ଏହା ଏକ ସର୍ବସାଧାରଣ ମୁହୂର୍ତ୍ତ।

ଏହି ସମସ୍ତ ବିଷୟର କେନ୍ଦ୍ରବିନ୍ଦୁରେ ରହିଛି ସଭ୍ୟତାଗତ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ଏକ ବିଷୟବସ୍ତୁ - 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' - ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କ ଖୁସି। ନିଜର ଉଦ୍ଘାଟନୀ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ, ଏହା ହେଉଛି କୃତ୍ରିମ ବୁଦ୍ଧିମତା (ଏଆଇ) ପାଇଁ ଭାରତର ମାନଦଣ୍ଡ। ସେ ବିବିଧତା, ଜନସଂଖ୍ୟା ଏବଂ ଗଣତନ୍ତ୍ରକୁ ଭାରତର ଚିରସ୍ଥାୟୀ ଶକ୍ତି ଭାବରେ ବର୍ଣ୍ଣନା କରିଛନ୍ତି। ଯେକୌଣସି ଏଆଇ ମଡେଲ ଯାହା ଭାରତରେ ସଫଳ ହୁଏ, ତାହା ବିଶ୍ୱସ୍ତରରେ ମୁତୟନ କରାଯାଇପାରିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଏହାପରେ ସେ ନିମନ୍ତ୍ରଣ ଜଣାଇଛନ୍ତି - ଭାରତରେ ଡିଜାଇନ୍ ଏବଂ ବିକାଶ କରନ୍ତୁ। ବିଶ୍ୱକୁ ପ୍ରଦାନ କରନ୍ତୁ। ମାନବିକତାକୁ ପ୍ରଦାନ କରନ୍ତୁ। ଏହି ଶବ୍ଦଗୁଡ଼ିକ ହଲ୍‌ର ସୀମା ଅତିକ୍ରମ କରି ବହୁ ଦୂର ପର୍ଯ୍ୟନ୍ତ ବ୍ୟାପିଯାଇଛି।

୧୩ଟି ଦେଶର ପାଭିଲିୟନ୍ ଏହି ଶବ୍ଦଗୁଡ଼ିକୁ ବାସ୍ତବ ରୂପ ଦେଉଛି। ଫ୍ରାନ୍ସ ପାଭିଲିୟନ୍‌ରେ, ଯାହାକୁ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ପରିଦର୍ଶନ କରିଥିଲେ, ୨୯ଟି କମ୍ପାନୀ ଫ୍ରାନ୍ସର ପ୍ରଯୁକ୍ତିବିଦ୍ୟାର ଶ୍ରେଷ୍ଠତା ପ୍ରଦର୍ଶନ କରୁଛନ୍ତି। ଏହି ଗସ୍ତ 'ଭାରତ ଫ୍ରାନ୍ସ ନବସୃଜନ ବର୍ଷ'ର ଏକ ଉତ୍ସାହଜନକ ଆରମ୍ଭକୁ ଚିହ୍ନିତ କରୁଛି। ରାଷ୍ଟ୍ରପତି ମାକ୍ରୋନ୍ ସ୍ପଷ୍ଟ ଭାବରେ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଭାରତ ଯାହା ନିର୍ମାଣ କରିଛି ତାହା ଅନ୍ୟ କୌଣସି ଦେଶ କରିନାହିଁ। ୧୪୦ କୋଟି ଲୋକଙ୍କ ପାଇଁ ଏକ ଡିଜିଟାଲ୍ ପରିଚୟ। ପ୍ରତି ମାସରେ ୨,୦୦୦ କୋଟି କାରବାର ସମ୍ପାଦନ କରୁଥିବା ଏକ ପେମେଣ୍ଟ ସିଷ୍ଟମ୍। ଏକ ସ୍ୱାସ୍ଥ୍ୟ ଭିତ୍ତିଭୂମି ଯାହା ୫୦ କୋଟି ଡିଜିଟାଲ୍ ହେଲ୍ଥ ଆଇଡି ଜାରି କରିଛି। ସେ ଶ୍ରୋତାମାନଙ୍କୁ ମନେ ପକାଇ ଦେଇଛନ୍ତି ଯେ, ଏହା ହେଉଛି 'ଇଣ୍ଡିଆ ଷ୍ଟାକ୍' (India Stack)। ଉନ୍ମୁକ୍ତ, ପରସ୍ପର ସହ କାର୍ଯ୍ୟକ୍ଷମ ଏବଂ ସାର୍ବଭୌମ। ଆମେ ଏକ ବିରାଟ ତ୍ୱରାନ୍ୱିତ ପ୍ରକ୍ରିୟାର ପ୍ରାରମ୍ଭରେ ଅଛୁ ବୋଲି ସେ କହିଛନ୍ତି।

# ହେମନ୍ତ ସୋରେନଙ୍କୁ ବଡ଼ ଆଶ୍ୱସ୍ତି

**ରାଞ୍ଚି:** ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ସୁପ୍ରିମକୋର୍ଟ ଏକ ବଡ଼ ଆଶ୍ୱସ୍ତି ଦେଇଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନି ଲଣ୍ଡରିଂ ମାମଲାରେ ସୋରେନଙ୍କ ବିରୋଧରେ ଟ୍ରାଏଲ୍ କୋର୍ଟରେ ଚଳାଇଥିବା କାର୍ଯ୍ୟଧାରାକୁ ସ୍ଥଗିତ ରଖିଛନ୍ତି। ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଓ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଇଡି ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କୋର୍ଟ ଇଡିକୁ ଏକ ନୋଟିସ ଜାରି କରିବା ସହ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି, ଆପଣ ଅନେକ ବଡ଼ ମାମଲା ଦାୟର କରିଛନ୍ତି। ସେଗୁଡ଼ିକ ଉପରେ ଧ୍ୟାନ ଦେଲେ ଭଲ ହେବ।

ହାଇକୋର୍ଟଙ୍କ ଆଦେଶ ଉପରେ ସ୍ଥଗିତାଦେଶ ଦେବା ସମୟରେ, ସିଜେଆଇ ସୂର୍ଯ୍ୟକାନ୍ତ ବ୍ୟାଙ୍ଗାତ୍ମକ ଭାବେ ମନ୍ତବ୍ୟ ଦେଇ କହିଛନ୍ତି, ଗତକାଲି ଆମେ ଖବରକାଗଜରେ ପଢ଼ିଥିଲୁ ଯେ ଇଡି ଅନେକ ମାମଲା ରୁଜୁ କରିଛି। ସେଗୁଡ଼ିକ ଉପରେ ଧ୍ୟାନ ଦିଅନ୍ତୁ ଏବଂ ବଡ଼ ମାମଲାଗୁଡ଼ିକ ଉପରେ ଆପଣଙ୍କର ଶକ୍ତି କେନ୍ଦ୍ରିତ କରନ୍ତୁ, ଯାହା ସକାରାତ୍ମକ ଫଳାଫଳ ଦେବ। ଇଡି ଓକିଲ କୋର୍ଟରେ କହିଥିଲେ ଯେ ହେମନ୍ତ ସୋରେନଙ୍କୁ ସାତ ଥର ସମନ କରାଯାଇଥିଲା, କିନ୍ତୁ ସେ ହାଜର ହୋଇନଥିଲେ। ଇଡିର ଏହି ଅଭିଯୋଗ ପରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଓକିଲ ମୁକୁଲ ରୋହତଗି ଜବାବ ଦେଇଥିଲେ ଯେ ହେମନ୍ତ ସୋରେନ ତିନି ଥର ହାଜର ହୋଇଥିଲେ କିନ୍ତୁ ତାଙ୍କୁ ଗିରଫ କରାଯାଇଥିଲା।

# ଅନିଲ ଅମ୍ବାନୀଙ୍କ ୧୭ ମହଲା ଘର ଜବତ

**ମୁମ୍ବାଇ:** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅମ୍ବାନୀଙ୍କ ମୁମ୍ବାଇର ପାଲି ହିଲ୍‌ରେ ଥିବା ୧୭ ମହଲା ଘର 'ଆଡୋବ୍'କୁ ଜବତ କରାଯାଇଛି। ଘରର ମୂଲ୍ୟ ୩୭୧୬ କୋଟି ଟଙ୍କା ଆକଳନ କରାଯାଇଛି। ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ଅନୁଯାୟୀ ଘରକୁ ଜବତ କରାଯାଇଛି। ଅନିଲଙ୍କ ୬୬ ମିଟର ଉଚ୍ଚତା ବିଶିଷ୍ଟ ଏହି ଘର ହେଉଛି ଦେଶର ଅନ୍ୟତମ ମହଙ୍ଗା ଘର। ଅନିଲଙ୍କ ବିରୋଧରେ ୪୦ହଜାର କୋଟି ଟଙ୍କାର ବ୍ୟାଙ୍କ ଠକେଇ ଅଭିଯୋଗ ରହିଛି। ଇଡି ତାହାର ତଦନ୍ତ କରୁଛି। ଇଡି ଦ୍ୱାରା ଘରକୁ ଜବତ ନିର୍ଦ୍ଦେଶ ଦିଆଯିବାର ଅର୍ଥ ହେଉଛି ଉକ୍ତ ଘରକୁ ଅନିଲ ବିକ୍ରି କରିପାରିବେ ନାହିଁ। ତାହାକୁ ଅନ୍ୟ କାହା ନାଁରେ ବି କରିପାରିବେ ନାହିଁ।

ଯଦି ମନି ଲଣ୍ଡରିଂ କୋର୍ଟରେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ପ୍ରମାଣିତ ହେବ ତେବେ ଜବତ ଘରକୁ ନିଲାମ କରି ସେହି ଟଙ୍କା ବ୍ୟାଙ୍କଗୁଡ଼ିକୁ ଫେରାଯିବ। ତେବେ ଅନିଲ ଉକ୍ତ ରାୟ ବିରୋଧରେ ଟ୍ରିବ୍ୟୁନାଲ ଓ ସୁପ୍ରିମକୋର୍ଟରେ ଆବେଦନ କରିପାରିବେ। ଅନିଲଙ୍କ ବନ୍ଦ ହୋଇଯାଇଥିବା ଟେଲିକମ୍ କମ୍ପାନି ରିଲାଏନ୍ସ କମ୍ୟୁନିକେସନ ସହ ଜଡ଼ିତ ମାମଲାରେ ଏହି ଘର ଜବତ କରାଯାଇଛି। ଅଭିଯୋଗ ରହିଛି ଯେ ଏହି କମ୍ପାନି ନାଁରେ ନିଆଯାଇଥିବା ଋଣକୁ ଅନ୍ୟ ଉଦ୍ଦେଶ୍ୟରେ ଅପବ୍ୟବହାର କରାଯାଇଥିଲା। ଇଡି ବହୁ ଦିନ ଧରି ଅନିଲଙ୍କ ନେତୃତ୍ୱାଧୀନ ରିଲାଏନ୍ସ ଗ୍ରୁପ୍‌ର ତଦନ୍ତ କରୁଛି। ଏହି ମାମଲାରେ ଅନିଲଙ୍କୁ ପଚରାଉଚୁରା ମଧ୍ୟ କରାଯାଇଥିଲା। ବ୍ୟାଙ୍କ ଠକେଇ ମାମଲାରେ ଅନିଲଙ୍କ ଅନେକ ସମ୍ପତ୍ତି ପୂର୍ବରୁ ଜବତ କରାଯାଇଛି।

# ୫ ଓଟିଟି ପ୍ଲାଟଫର୍ମକୁ ବନ୍ଦ କଲେ ସରକାର

**ନୂଆଦିଲ୍ଲୀ**: କେନ୍ଦ୍ର ସରକାର ପୁଣି ଥରେ ଅନଲାଇନ୍ ଷ୍ଟ୍ରିମିଂ ପ୍ଲାଟଫର୍ମ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଶ୍ଳୀଳ, ଆପତ୍ତିଜନକ ଏବଂ ଅଶ୍ଳୀଳ ବିଷୟବସ୍ତୁ ପ୍ରଦର୍ଶନ କରୁଥିବା ପାଞ୍ଚଟି ଓଟିଟି ପ୍ଲାଟଫର୍ମକୁ ସମ୍ପୂର୍ଣ୍ଣ ଭାବରେ ଅବରୋଧ କରିଛି। ଡିଜିଟାଲ୍ ପ୍ଲାଟଫର୍ମରେ ନୈତିକ ଏବଂ ଆଇନଗତ ମାନଦଣ୍ଡ ଲାଗୁ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଅଧିକାରୀମାନେ କହିଛନ୍ତି ଯେ, ଯଦି ନିୟମ ଉଲ୍ଲଂଘନ ଜାରି ରହେ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।ମନ୍ତ୍ରଣାଳୟ ଅଧିକାରୀଙ୍କ ଅନୁଯାୟୀ, ଏହି ପ୍ଲାଟଫର୍ମ ଗୁଡ଼ିକ ଫିଲ୍ମ ଏବଂ ୱେବ୍ ସିରିଜ୍ ଷ୍ଟ୍ରିମିଂ କରୁଥିଲେ ଯେଉଁଥିରେ ସମ୍ପୂର୍ଣ୍ଣ ନଗ୍ନତା, ସ୍ପଷ୍ଟ ଯୌନ ଦୃଶ୍ୟ ଏବଂ କୌଣସି କାହାଣୀ କିମ୍ବା ସାମାଜିକ ବାର୍ତ୍ତା ବିନା ସମ୍ପୂର୍ଣ୍ଣ ଅଶ୍ଳୀଳ ବିଷୟବସ୍ତୁ ଥିଲା। ସୂଚନା ପ୍ରଯୁକ୍ତିବିଦ୍ୟା ଆଇନ ୨୦୦୦ର ଧାରା 69A ଅଧୀନରେ ଏହି ପ୍ରତିବନ୍ଧକ ଲଗାଯାଇଥିଲା। ଏହି ଧାରା ସରକାରଙ୍କୁ ଇଣ୍ଟରନେଟରେ ଯେକୌଣସି ବିଷୟବସ୍ତୁକୁ ଅବରୋଧ କରିବାକୁ କ୍ଷମତା ପ୍ରଦାନ କରେ।

## ◈ ଶେଗାଓଁରେ ଜାତୀୟ ଆରୋଗ୍ୟ ମେଳା

# ଉଦଘାଟନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

**ନୂଆଦିଲ୍ଲୀ:** ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ମହାରାଷ୍ଟ୍ରର ବୁଲଧାନା ଜିଲ୍ଲାର ଶେଗାଓଁରେ ଜାତୀୟ ଆରୋଗ୍ୟ ମେଳା ୨୦୨୬ କୁ ଉଦଘାଟନ କରିଛନ୍ତି । ଏହି ଚାରି ଦିନିଆ ଜାତୀୟ କାର୍ଯ୍ୟକ୍ରମ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ଅଖିଳ ଭାରତୀୟ ଆୟୁର୍ବେଦିକ କଂଗ୍ରେସ ସହଯୋଗରେ ଆୟୋଜିତ ହେଉଛି। ଏହା ଭାରତର ପାରମ୍ପରିକ ଚିକିତ୍ସା ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ପାଇଁ ନୀତି ନିର୍ଦ୍ଧାରକ, ଗବେଷକ, ଅଭ୍ୟାସକାରୀ, କୃଷକ, ଶିଳ୍ପ ପ୍ରତିନିଧି ଏବଂ ନାଗରିକମାନଙ୍କୁ ଏକ ସାଧାରଣ ମଞ୍ଚରେ ଏକତ୍ରିତ କରୁଛି।

ସନ୍ଥ ଶ୍ରୀ ଗଜାନନ ମହାରାଜଙ୍କ ପବିତ୍ର ଭୂମିକୁ ଆସିବା ତାଙ୍କୁ ହୃଦୟରୁ ଖୁସି ଦେଇଛି ବୋଲି ରାଷ୍ଟ୍ରପତି କହିଥିଲେ। ସେ କାର୍ଯ୍ୟକ୍ରମକୁ ଆସିବା ପୂର୍ବରୁ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ସୁଯୋଗ ପାଇଥିଲେ। ସନ୍ଥ ଗଜାନନ ମହାରାଜ ତାଙ୍କର ଜୀବନ ଜନ କଲ୍ୟାଣ ପାଇଁ ଉତ୍ସର୍ଗ କରିବା ଏବଂ ସମସ୍ତ ଜୀବଜଗତଙ୍କ ପାଇଁ କରୁଣା ଏବଂ ସମାନତାର ବାର୍ତ୍ତା ଶିକ୍ଷା ଦେବା ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଏପରି ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନରେ ଲୋକଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଏକ କାର୍ଯ୍ୟକ୍ରମ ଉଦଘାଟନ କରିବା ଅତ୍ୟନ୍ତ ସନ୍ତୋଷର ବିଷୟ ବୋଲି ସେ କହିଥିଲେ।

ରାଷ୍ଟ୍ରପତି ଉଲ୍ଲେଖ କରିଥିଲେ, ଆମ ପରମ୍ପରାରେ କୁହାଯାଏ, "ଆରୋଗ୍ୟମ୍ "ପରମମ୍ ସୁଖମ୍," ଅର୍ଥାତ୍ ଭଲ ସ୍ୱାସ୍ଥ୍ୟ ହେଉଛି ସର୍ବୋତ୍ତମ ଖୁସି। ଏକ ସୁସ୍ଥ ଶରୀର ସମସ୍ତ କର୍ତ୍ତବ୍ୟ ପାଳନ ପାଇଁ ପ୍ରାଥମିକ ଉପକରଣ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ରାଷ୍ଟ୍ରକୁ ସୁଦୃଢ଼ କରିବାରେ, ସୁସ୍ଥ ନାଗରିକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆୟୁର୍ବେଦ, ଯୋଗ, ପ୍ରାକୃତିକ ଚିକିତ୍ସା, ୟୁନାନି, ସିଦ୍ଧ, ସୋୱା- ରିଗ୍ପା ଏବଂ ହୋମିଓପାଥି ପ୍ରତିରୋଧକ, ପ୍ରୋତ୍ସାହନମୂଳକ ଏବଂ ଚିକିତ୍ସାମୂଳକ ସ୍ୱାସ୍ଥ୍ୟସେବାରେ ଅମୂଲ୍ୟ ଅବଦାନ ଦେଇଛନ୍ତି ଏବଂ ସମାଜକୁ ସନ୍ତୁଳିତ ଜୀବନଯାପନ ପାଇଁ ମାର୍ଗଦର୍ଶନ କରିଆସୁଛନ୍ତି।

ମହାରାଷ୍ଟ୍ରର ରାଜ୍ୟପାଳ ଶ୍ରୀ ଆଚାର୍ଯ୍ୟ ଦେବବ୍ରତ ଆୟୁର୍ବେଦକୁ ଭାରତର ପ୍ରାଚୀନ ଋଷିମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ କାଳଜୟୀ ବୈଜ୍ଞାନିକ ପରମ୍ପରା ଭାବରେ ବର୍ଣ୍ଣନା କରିଥିଲେ। ସେମାନଙ୍କୁ ସେ ସର୍ବପ୍ରାଚୀନ ଗବେଷଣା କ୍ଷେତ୍ରର ବିଦ୍ୱାନ ବୋଲି କହିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ପଞ୍ଚତତ୍ତ୍ୱରେ ଗଠିତ ମାନବ ଶରୀର ପ୍ରକୃତି ସହିତ ସମନ୍ୱୟ ସ୍ଥାପନ କରି ସର୍ବୋତ୍ତମ ଭାବରେ ସୁସ୍ଥ ହୋଇପାରିବ। ଚିକିତ୍ସା ପଦ୍ଧତି ଅପେକ୍ଷା ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଉତ୍କୃଷ୍ଟ ବୋଲି ସେ କହିଥିଲେ। ରାଜ୍ୟପାଳ କହିଥିଲେ ଯେ ଭାରତର ପାରମ୍ପରିକ ବ୍ୟବସ୍ଥା ଗଭୀର ଭାବେ ବିଜ୍ଞାନସମ୍ମତ ଏବଂ ଶତାବ୍ଦୀର ଅଭିଜ୍ଞତାରୁ ଅର୍ଜିତ ଜ୍ଞାନ ଉପରେ ଆଧାରିତ। ସେ ଚିକିତ୍ସକମାନଙ୍କୁ ପ୍ରାମାଣିକତା ବଜାୟ ରଖିବାକୁ, ଔଷଧର ଗୁଣବତ୍ତା ସୁନିଶ୍ଚିତ କରିବାକୁ ଏବଂ ସେମାନଙ୍କର ପଦ୍ଧତି ଉପରେ ପୂର୍ଣ୍ଣ ବିଶ୍ୱାସ ରଖିବାକୁ ଅନୁରୋଧ କରିଥିଲେ। ଜାତୀୟ ଏବଂ ବିଶ୍ୱ ସ୍ତରରେ ଭାରତର ପାରମ୍ପରିକ ଜ୍ଞାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସେ ଆୟୁଷ ମନ୍ତ୍ରଣାଳୟକୁ ଅଭିନନ୍ଦନ ଜଣାଇଥିଲେ।

ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ, ମନ୍ତ୍ରଣାଳୟ ପ୍ରମାଣ-ଆଧାରିତ ଆୟୁଷ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ବୋଲି ମନ୍ତ୍ରୀ କହିଥିଲେ। ଆୟୁର୍ବେଦ ଏବଂ ଅନ୍ୟାନ୍ୟ ଆୟୁଷ ସମ୍ବନ୍ଧୀୟ ବିଷୟଗୁଡ଼ିକ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଅଧିକ ବିଶ୍ୱସନୀୟତା ହାସଲ କରିବା ପାଇଁ କେନ୍ଦ୍ରିତ ଗବେଷଣା, ବିଜ୍ଞାନସମ୍ମତ ବୈଧତା, ଗୁଣବତ୍ତାର ନିଶ୍ଚିତତା ଏବଂ ମାନକୀକରଣକୁ ସୁଦୃଢ଼ କରାଯାଉଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ ପାରମ୍ପରିକ ଜ୍ଞାନକୁ ଆଧୁନିକ ବୈଜ୍ଞାନିକ ମାନଦଣ୍ଡ ସହିତ ସମନ୍ୱିତ କରିବା ଦ୍ୱାରା ଆୟୁଷ ପ୍ରତି ବିଶ୍ୱବ୍ୟାପୀ ବିଶ୍ୱାସ ଆହୁରି ବୃଦ୍ଧି ପାଇବ।



ମହାରାଷ୍ଟ୍ର ସରକାରଙ୍କ ରିଲିଫ୍ ଏବଂ ପୁନର୍ବାସ ମନ୍ତ୍ରୀ ଶ୍ରୀ ମକରନ୍ଦ ଯାଦବ ପାଟିଲ କହିଥିଲେ ଯେ, ଶେଗାଓଁରେ ଜାତୀୟ ଆରୋଗ୍ୟ ମେଳା ଆୟୋଜନ ମହାରାଷ୍ଟ୍ର ପାଇଁ ଗର୍ବର ବିଷୟ। ଏହି ମେଳା ଔଷଧୀୟ ଉଦ୍ଭିଦ ଚାଷରେ ନିୟୋଜିତ ଚାଷୀମାନଙ୍କୁ ମାଗଣା ପରାମର୍ଶ, ଔଷଧ ବଣ୍ଟନ, ବିଶେଷଜ୍ଞ ମାନଙ୍କର ଭାଷଣ ଶୁଣିବା ଏବଂ ବିଭିନ୍ନ ସୁଯୋଗ ପ୍ରଦାନ କରିବ ବୋଲି ସେ ଉଲ୍ଲେଖ କରିଥିଲେ। ଆୟୁଷ ମନ୍ତ୍ରଣାଳୟର ସଚିବ ବୈଦ୍ୟ ରାଜେଶ କୋଟେଚା କହିଛନ୍ତି ଯେ , ଆରୋଗ୍ୟ ମେଳା ଜନସାଧାରଣଙ୍କ ସହଭାଗିତା, ସଚେତନତା ସୃଷ୍ଟି ଏବଂ ପ୍ରାମାଣିକ ଆୟୁଷ ଅଭ୍ୟାସ ପ୍ରଦର୍ଶନ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ। ଏହା ଗୁଣବତ୍ତା, ଗବେଷଣା କ୍ଷେତ୍ରରେ ପ୍ରଗତି ଏବଂ ବିଶ୍ୱବ୍ୟାପୀ ସହଯୋଗ ସୁନିଶ୍ଚିତ କରିବା ପାଇଁ ମନ୍ତ୍ରଣାଳୟର ପ୍ରତିବଦ୍ଧତାକୁ ପୁନଃଦୋହରାଇଥାଏ।

ଜାତୀୟ ଆରୋଗ୍ୟ ମେଳା ୨୦୨୬ରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ରକ୍ଷା ଖଡସେ, ଶ୍ରୀ ସଞ୍ଜୟ କୁଟେ, ବୈଦ୍ୟ ଦେବେନ୍ଦ୍ର ତ୍ରିଗୁଣା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଆୟୁଷ ବିଶେଷଜ୍ଞ, କୃଷକ, ଅଭ୍ୟାସକାରୀ ଏବଂ ସମୁଦାୟ ପ୍ରତିନିଧିଙ୍କ ସମେତ ବହୁ ବିଶିଷ୍ଟ ତଥା ସାଧାରଣ ବ୍ୟକ୍ତି ଯୋଗ ଦେଇଥିଲେ। ସମସ୍ତେ ସାମୂହିକ ଭାବରେ ଭାରତର ପାରମ୍ପରିକ ଔଷଧ ପ୍ରଣାଳୀ, କଲ୍ୟାଣ ପର୍ଯ୍ୟଟନ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟସେବା ପଦକ୍ଷେପକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ, ରାଷ୍ଟ୍ରପତି ଆୟୁର୍ବେଦରେ ସେମାନଙ୍କର ଅସାଧାରଣ ଅବଦାନ ପାଇଁ ବିଶିଷ୍ଟ ଚିକିତ୍ସକମାନଙ୍କୁ ଜୀବନବ୍ୟାପୀ ଆୟୁର୍ବେଦିକ ଗୌରବ ସମ୍ମାନରେ ସମ୍ମାନିତ କରିଥିଲେ। ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ ବୈଦ୍ୟ ଦେବେନ୍ଦ୍ର ତ୍ରିଗୁଣା, ବୈଦ୍ୟ ରାକେଶ ଶର୍ମା, ଡକ୍ଟର ଆଶୁତୋଷ ଗୁପ୍ତା, ଡକ୍ଟର ମନୀଷା କୋଟେକର, ପି.ଏମ୍. ଭାରିୟର ଏବଂ ଡକ୍ଟର ରାମଦାସ ଅଛନ୍ତି। ସେମାନଙ୍କ ଉତ୍ସର୍ଗୀକୃତ ସେବା ଏବଂ ଅଭିନବ କାର୍ଯ୍ୟ ଆୟୁଷ ବ୍ୟବସ୍ଥା ମାଧ୍ୟମରେ ପାରମ୍ପରିକ ଔଷଧ, ଜନସ୍ୱାସ୍ଥ୍ୟ ପଦକ୍ଷେପ ଏବଂ ସାମୁଦାୟିକ କଲ୍ୟାଣକୁ ଉଲ୍ଲେଖନୀୟ ଭାବରେ ବିକଶିତ କରିଛି। ରାଷ୍ଟ୍ରପତି ଜାତୀୟ ଆରୋଗ୍ୟ ମେଳା ମଧ୍ୟ ପରିଦର୍ଶନ କରିଥିଲେ।

# ୫ ଘଣ୍ଟା ଧରି ବିମାନରେ ଫସି ରହିଲେ ୨୦୦ରୁ ଅଧିକ ଯାତ୍ରୀ



**ଚେନ୍ନାଇ:** ଚେନ୍ନାଇରୁ ସିଙ୍ଗାପୁର ଯିବାକୁ ଥିବା ୨୦୦ରୁ ଅଧିକ ଇଣ୍ଡିଗୋ(Indigo) ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେମାନଙ୍କୁ ବିମାନ ମଧ୍ୟରେ ସେମାନଙ୍କ ପ୍ରକୃତ ଯାତ୍ରା ଠାରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିଛି। ସେମାନେ ବିମାନ ମଧ୍ୟରେ ୫ ଘଣ୍ଟାରୁ ଅଧିକ ସମୟ ଫସି ରହିବାରୁ ହଟ୍ଟଗୋଳ କରିଛନ୍ତି। ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଯାତ୍ରୀମାନେ ବିମାନର ବାହାରକୁ ଆସିବା ପାଇଁ କେମିତି ବିକଳ ହେଉଛନ୍ତି, ତା'ର ଦୃଶ୍ୟ ଭିଡିଓରେ ରହିଛି।

ତେବେ ଇଣ୍ଡିଗୋ କର୍ତ୍ତୃପକ୍ଷ କହିଛନ୍ତି ଯେ ବିମାନ ଉଡ଼ାଣ ପୂର୍ବରୁ ପାଇଲଟ ଏହାର କ୍ୟାବିନ ତାପମାତ୍ରା ଅଧିକ ଥିବା ଜାଣିବାକୁ ପାଇଥିଲେ। ଏଥିପାଇଁ ସେ ଇଞ୍ଜିନିୟରିଂ ଟିମକୁ ଖବର ଦେଇଥିଲେ। ସେହିପରି ନିୟମ ଅନୁସାରେ କକପିଟ କ୍ରୁଙ୍କ କାର୍ଯ୍ୟ କରିବା ସମୟ ମଧ୍ୟ ଫ୍ଲାଇଟ ଡ୍ୟୁଟି ଟାଇମ ଲିମିଟେସନ ଠାରୁ ଅଧିକ ହୋଇ ହୋଇ ଯାଇଥିଲା। ଏଥିପାଇଁ ବିକଳ୍ପ କ୍ରୁର ବ୍ୟବସ୍ଥା କରିବାରେ ସମୟ ଲାଗିଥିଲା ବୋଲି ଇଣ୍ଡିଗୋ ପକ୍ଷରୁ ସଫେଇ ଦିଆଯାଇଛି। ସୋଶାଲ ମିଡିଆରେ ଯାତ୍ରୀଙ୍କ ପକ୍ଷରୁ ଶେୟାର କରାଯାଇଥିବା ଭିଡିଓ ଅତ୍ୟନ୍ତ ବିଚଳିତ କରିବା ଭଳି। ଯାତ୍ରୀମାନେ ଦୀର୍ଘ ଘଣ୍ଟା ଧରି ବିମାନରେ ଫସି ରହିଥିବାରୁ ଅଣନିଃଶ୍ୱାସୀ ହୋଇ ଯାଉଥିବା କହୁଥିବା ଭିଡିଓରେ ଶୁଣିବାକୁ ମିଳୁଛି। ସେହିପରି ସେମାନେ ବିମାନ ବାହାରକୁ ଆସିବାକୁ ଚେଷ୍ଟା କରିବା ବେଳେ ସେମାନଙ୍କୁ ସିଆଇଏସଏଫ କର୍ମଚାରୀମାନେ ବିଳମ୍ବର କାରଣ ନ କହି କେବଳ ଧମକାଇଥିଲେ ବୋଲି ଅଭିଯୋଗ ହୋଇଛି।

ସିଙ୍ଗାପୁର ଯିବାକୁ ଥିବା ବିମାନ ୬ଇ୧୦୨୫ ମଙ୍ଗଳବାର ସକାଳ ୭.୩୦ରେ ଉଡ଼ାଣ ଭରିବା କଥା। ଏଥିପାଇଁ ସକାଳ ୬.୩୦ରେ ଯାତ୍ରୀମାନଙ୍କ ଚେକ ଇନ ହୋଇଥିଲା। କିନ୍ତୁ ବିମାନଟି ଠିକଣା ସମୟରେ ଉଡ଼ାଣ ନ ଭରିବାରୁ ଯାତ୍ରୀମାନଙ୍କୁ ବିମାନରେ ବନ୍ଦ ହୋଇ ରହିବାକୁ ପଡ଼ିଥିଲା। ଜଣେ ଯାତ୍ରୀ କହିଛନ୍ତି, "ବିଳମ୍ବର କାରଣ କୁହାଯାଉ ନାହିଁ ଓ କୌଣସି ପ୍ରକାରର ଯୋଗାଯୋଗ କରାଯାଉନି। କ୍ୟାବିନର ଏସିକୁ ବାରମ୍ବାର ଅନ ଅଫ କରାଯାଉଛି। ଛୋଟ ଛୁଆ, ବୟସ୍କ ଯାତ୍ରୀ ଓ ୱାର୍କିଂ ପ୍ରଫେସନାଲମାନେ ବିମାନରେ ରହିଛନ୍ତି। ଅଣନିଃଶ୍ୱାସୀ ହେବା ଯୋଗୁ ଯେଉଁମାନେ ବିମାନ ବାହାରକୁ ଯିବା ପାଇଁ ଅନୁରୋଧ କରୁଛନ୍ତି, ସେମାନଙ୍କୁ ଛଡ଼ା ଯାଉନାହିଁ।" ଯାତ୍ରୀଙ୍କ କହିବା କଥା ଯେ ବିମାନର ପାଇଲଟ ବିଳମ୍ବ ଯୋଗୁ ଡିଟ୍ୟୁ ଶେଷ କଥା କହି ଅଧାରୁ ଚାଲି ଯାଇଥିଲେ। ବିକଳ୍ପ ପାଇଲଟଙ୍କ ଡ୍ୟୁଟି ଦିନ ୧୧ଟା ବେଳକୁ ଥିଲା। ସେ ଆସିବା ପରେ ଦିନ ୧୨ଟାରେ ବିମାନ ଉଡ଼ାଣ ଭରିଥିଲା।

## ଖେଳିବେ ରିଙ୍କୁ ସିଂ !

ଜିମ୍ବାୱେ ବିପକ୍ଷ ସୁପର-୮ ମୁକାବିଲା ଖେଳିବା ପାଇଁ ରିଙ୍କୁ ସିଂ ଦଳ ସହ ଯୋଗଦେଇଛନ୍ତି । ଏନେଇ ସୂଚନା ଦେଇଛନ୍ତି ଭାରତୀୟ ଦଳର ବ୍ୟାଟିଂ କୋଚ ସୀତାଂଶୁ କୋଟାକ । ରିଙ୍କୁଙ୍କ ବାପାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନଥିଲା । ତେଣୁ ସେ ଘରକୁ ଯାଇଥିଲେ । ବାପାଙ୍କ ସ୍ୱାସ୍ଥ୍ୟବସ୍ଥା ଏବେ ବି ଭଲ ନାହିଁ । ତେଣୁ ସେ ପରିବାର ସହ କିଛି ସମୟ ବିତାଇଥିଲେ । ତେବେ ସ୍ଥିତି ସାମାନ୍ୟ ସୁଧୁରିଥିବାରୁ ସେ ଦେଶ ପାଇଁ ନିଜର ଦାୟିତ୍ୱ ସମ୍ପାଦନ କରିବାକୁ ଫେରିଛନ୍ତି । ରିଙ୍କୁଙ୍କ ସମସ୍ୟା ସହ କ୍ରିକେଟର କିଛି ସମସ୍ୟା ନାହିଁ । ସେ ବ୍ୟକ୍ତିଗତ ସମସ୍ୟା ପାଇଁ ବାହାରକୁ ଯାଇଥିଲେ । ତେଣୁ ଜିମ୍ବାୱେ ବିପକ୍ଷ ମୁକାବିଲା ଖେଳିବାରେ କିଛି ଅସୁବିଧା ନାହିଁ । ମଧ୍ୟମକ୍ରମରେ ରିଙ୍କୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଶେଷ ଓଭର ଗୁଡ଼ିକରେ ଦ୍ରୁତ ରନ ହାସଲ କରିବାରେ ସେ ସବୁଠୁ ଦକ୍ଷ ଖେଳାଳି ଅଟନ୍ତି । ଅନ୍ୟ ଦିଗରେ ଚଳିତ ଟି-୨୦ ବିଶ୍ୱକପରେ ରିଙ୍କୁ ସେତେ ଖାସ୍ କରିନାହାନ୍ତି । ଦ.ଆଫ୍ରିକା ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ସେ ବିନା ସ୍କୋରରେ ଆଉଟ୍ ହୋଇଥିଲେ ।

## ସବୁ ରୋଗ ପାଇଁ ଗୋଟିଏ ଔଷଧ

ଦ.ଆଫ୍ରିକା ଠାରୁ ସୁପର-୮ ମୁକାବିଲାରେ ହାରିବା ପରେ ଖେଳାଳି ଓ କୋଚଙ୍କୁ ତୀବ୍ର ସମାଲୋଚନାର ସରବ୍ୟ ହେବାକୁପଡିଛି । ଅକ୍ଷର ପଟେଲଙ୍କୁ କଣ ପାଇଁ ଚୂଡାନ୍ତ ଏକାଦଶରେ ସାମିଲ କରାଯାଇନଥିଲା । ସେ ନେଇ ଅନେକ ପ୍ରଶ୍ନ ଉଠିଛି । ଏହା ମଧ୍ୟରେ ପୂର୍ବତନ ଖେଳାଳି ସଞ୍ଜୟ ମଞ୍ଜରେକର କୋଚ ଗୌତମ ଗମ୍ଭୀରଙ୍କ ଉପରେ ବର୍ଷିଛନ୍ତି । ଗମ୍ଭୀର ନିଜକୁ ମହାନ ଭାବୁଛନ୍ତି । ସେ ଭାବୁଛନ୍ତି ଯେ, ତାଙ୍କ ପାଖରେ ସବୁ ସମସ୍ୟାର ସମାଧାନ ରହିଛି । ଅର୍ଥାତ୍ ସବୁ ରୋଗ ପାଇଁ ୱାଶିଂଟନ ସୁନ୍ଦରଙ୍କୁ ଏକମାତ୍ର ମେଡ଼ିସାନ ଭାବେ ବିବେଚନ କରୁଛନ୍ତି । ପୂର୍ବରୁ ଗୋଟିଏ ମେଡ଼ିସିନ ଆସୁଥିଲା ଯାହାର ନାଁ ଥିଲା କଲ୍ୟାଣ ଜୀବନ । ଏହାକୁ ମୁଣ୍ଡବ୍ୟଥା ଠୁ ଆରମ୍ଭ କରି ପେଟ ଯନ୍ତ୍ରଣା ସବୁଥି ପାଇଁ ବ୍ୟବହାର କରାଯାଉଥିଲା । ଏବେ ଗମ୍ଭୀର ୱାଶିଂଟନ ସୁନ୍ଦରଙ୍କୁ ସବୁ ସମସ୍ୟାର ସମାଧାରର ବାଟ ଭାବେ ବ୍ୟବହାର କଲେଣି । ବ୍ୟାଟିଂ ସମସ୍ୟା ଥିଲେ ୱାଶିଂଟନଙ୍କୁ ସୁଯୋଗ ମିଳୁଛି । ବୋଲର କିମ୍ବା ଅତିରିକ୍ତ ସ୍ପିନର ଆବଶ୍ୟକତା ଥିଲେ ୱାଶିଂଟନଙ୍କୁ ସନ୍ଦର ଆସିଯାଉଛନ୍ତି । ଦ.ଆଫ୍ରିକା ବିପକ୍ଷରେ ରିଙ୍କୁ ସିଂ ନଂ ୬ରେ ବ୍ୟାଟିଂ କରିବାକୁ ଆସିଥିଲେ । ରିଙ୍କୁ କିଛି କରିପାରିନଥିଲେ । ଏସମସ୍ତ ଖେଳାଳିଙ୍କ ଠୁ ଉପରେ ୱାଶିଂଟନଙ୍କୁ ବ୍ୟାଟିଂ ପାଇଁ ପଠାଯାଇଥିଲା । ଯାହା ସନ୍ତୁଳନ ବିଗାଡି ଦେଲା ବୋଲି ମଞ୍ଜରେକର କହିଛନ୍ତି ।

# ଆଜି ଭାରତ-ଜିମ୍ବାୱେ ଲଢ଼େଇ




ଚେନ୍ନାଇ,୨୫ା୨(ଏଜେନ୍ସି): ସୁପର-୮ ପର୍ଯ୍ୟାୟରେ ଭାରତ ପରାଜୟରୁ ଅଭିଯାନ ଆରମ୍ଭ କରିଥିଲା । ଦ.ଆଫ୍ରିକା ବିପକ୍ଷରେ ଭାରତ ମ୍ୟାଚ ହାରି ଥିବାରୁ ଚାପରେ ରହିଛି । ଏସବୁ ଭିତରେ ଗୁରୁବାର ଚେନ୍ନାଇରେ ଜିମ୍ବାୱେକୁ ଭେଟିବାକୁ ଯାଉଛି ଭାରତ । ଗ୍ରୁପ୍ ପର୍ଯ୍ୟାୟରେ ଜିମ୍ବାୱେ ୮ଟି ମ୍ୟାଚ ଜିତି ଅପରାଜେୟ ରହିଥିଲା । ତେଣୁ ସୁପର-୮ ଲଢ଼େଇରେ ମଧ୍ୟ ଭାରତ ପାଇଁ ଜିମ୍ବାୱେକୁ ପରାଜିତ କରିବା ଏତେଟା ସହଜ ହେବ ନାହିଁ । ଏସବୁ ଭିତରେ ଭାରତ ପାଇଁ ଜିମ୍ବାୱେ ବିପକ୍ଷ ମ୍ୟାଚ କର ବା ମର ଭଳି । କାରଣ ସେମିଫାଇନାଲ ଆଶା ଜୀବିତ ରଖିବାକୁ ହେଲେ ଭାରତକୁ ଏହି ମ୍ୟାଚରେ ବିଶାଳ ବ୍ୟବଧାନରେ ଜିତିବାକୁ ହେବ । ତେବେ ଟିମ୍ ଇଣ୍ଡିଆ ପାଇଁ ସବୁଠୁ ଚିନ୍ତାର କାରଣ ରହିଛି ବ୍ୟାଟିଂ ଲାଇନ ଅପ୍ । ଏହି ମ୍ୟାଚରେ ଅଭିଶେକ ଶର୍ମା ଓ ଇଶାନ କିଷାନଙ୍କ ଓପନିଂ ଯୋଡି ଭାଙ୍ଗିପାରେ । ଉଭୟ ବାମ ହାତି ବ୍ୟାଟର ହୋଇଥିବାରୁ ବିପକ୍ଷ ଦଳକୁ ବୋଲିଂ କରିବାରେ ସୁବିଧା ହେଉଛି । ତେଣୁ ବାମ ଓ ଡାହାଣ ହାତି କମ୍ବିନେସନ ସପକ୍ଷରେ ଭାରତୀୟ ଦଳ ରହିଛି । ଅଭିଶେକଙ୍କୁ ବାଦ ଦିଆଯାଇପାରେ, କିମ୍ବା ଇଶାନଙ୍କ ବ୍ୟାଟିଂ ପୋଜିସନ ବଦଳିବାର ସମ୍ଭାବନା ରହିଛି । ଚୂଡାନ୍ତ ଏକାଦଶରେ ସଞ୍ଜୁ ସାମସନଙ୍କୁ ସାମିଲ କରିବା ନେଇ ମଧ୍ୟ ଯଥେଷ୍ଟ ସମ୍ଭାବନା ଅଛି । ଅଭ୍ୟାସ ସେସନରେ ଅଭିଶେକ କଠିନ ଅଭ୍ୟାସ କରୁଥିବା ବେଳେ କୋଚ ଗୌତମ ଗମ୍ଭୀର ତାଙ୍କୁ ଟିପ୍ସ ଦେଉଥିବା ନଜର ଆସିଛି । ରିଙ୍କୁ ସିଂ ଏହି ମ୍ୟାଚରେ ଖେଳିବା ସମ୍ଭାବନା କମ ରହିଛି । ଦିନକ ଆଗରୁ ତାଙ୍କ ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯିବାରୁ ସେ ଘରକୁ ଫେରିଥିଲେ । କିନ୍ତୁ ବୁଧବାର ସେ ଚେନ୍ନାଇ ଫେରି ଦଳ ସହ ଯୋଗଦେଇଛନ୍ତି । ଯଦି ତାଙ୍କୁ ବିଶ୍ରାମ ଦିଆଯାଏ ତେବେ ଅଭିଶେକ, ସଞ୍ଜୁ ଓ ଇଶାନ ଏହି ମ୍ୟାଚରେ ଖେଳିବେ । ଅଲରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କ ସ୍ଥାନରେ ଅକ୍ଷର ପ୍ଲେ ଖେଳିବା ଏକ ପ୍ରକାର ନିଶ୍ଚିତ ବୋଲିଂ କୁହାଯାଉଛି ।

**ସମ୍ଭାବ୍ୟ ଭାରତୀୟ ଦଳ:** ଅଭିଶେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିଷାନ, ସୂର୍ଯ୍ୟ କୁମାର ଯାଦବ, ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମରା ଓ ଅର୍ଶଦୀପ ସିଂ ।

### ଆଜିର ମ୍ୟାଚ

- ଦ.ଆଫ୍ରିକା-ଇଣ୍ଡିଜ୍
- ସ୍ଥାନ - ଅହମ୍ମଦାବାଦ
- ସମୟ - ଅପରାହ୍ନ ୩ଟା
- ଭାରତ-ଜିମ୍ବାୱେ
- ସ୍ଥାନ- ଚେନ୍ନାଇ
- ସମୟ- ରାତି ୭ଟା
- ପ୍ରସାରଣ- ଷ୍ଟାର ନେଟ୍‌ୱର୍କ

# ଅଲ ଓଡ଼ିଶା ଚେସ୍ ଆସୋସିଏସନ୍ ସମ୍ପାଦକ ନିଲମ୍ବିତ


ଭୁବନେଶ୍ୱର,୨୫ା୨(ସବ୍ୟୁ): କ୍ରୀଡା ସଂଘ ଗୁଡିକ ମଧ୍ୟରେ କନ୍ଦଳ କ୍ରୀଡାବିତଙ୍କ କ୍ୟାରିୟରଙ୍କୁ ପ୍ରଭାବିତ କରୁଛି । କ୍ରୀଡାର ଗାରିମା ବି କ୍ଷୁର୍ଣ୍ଣ ହେଉଛି । ଏବେ ଏବେ ରାଜ୍ୟ କ୍ରିକେଟ ସଂଘରେ ବିବାଦ ଘନେଇଥିବା ବେଳେ ପୁଣି ଅଲଓଡ଼ିଶା ଚେସ ଆସୋସିଏସନରେ ଭୟଙ୍କର ଅନୀୟମିତତା ହାଟରେ ପଡି ଦାଣ୍ଡରେ ଗଡୁଛି । ତେଣୁ ଆମ ରାଜ୍ୟ କ୍ରୀଡା ଓ ଖେଳାଳିଙ୍କ ଭବିଷ୍ୟତ ଯେ, କଣ ହେବ ତାହା ଆକଳନ କରିବା ବଡ଼ କଷ୍ଟ କର ହୋଇପଡିଛି । କିଛି ଦିନ ପୂର୍ବରୁ ଅଲଓଡ଼ିଶା ଚେସ ଆସୋସିଏସନର ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ରାଜ୍ୟ ସଂଘର କାର୍ଯ୍ୟକଳାପକୁ ନେଇ ସୃଷ୍ଟି ହୋଇଥିବା ଅଚଳାବସ୍ଥା ନେଇ ବର୍ତ୍ତମାନର ସମ୍ପାଦକ ଦେବବ୍ରତ ଭଞ୍ଜଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇଥିଲେ । ଏହି ଆରପ ପ୍ରତ୍ୟାରୋପ ଏବେ ଆଉ ଦୁଇ ପାଦ ଆଗକୁ ବଢ଼ିଛି । ଏକ ବିଧିବଦ୍ଧ ନୋଟିସ ଜରିଆରେ ବର୍ତ୍ତମାନର ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜଙ୍କୁ ସସପେଣ୍ଡ କରାଯାଇଛି । ଖୁବ୍ ଶୀଘ୍ର ତାଙ୍କ ବିରୋଧରେ ଆସିଥିବା ଆର୍ଥିକ ଦୁର୍ନୀତି, ମିଛ ବାର୍ଷିକ ଅଡିଟ୍, ବ୍ୟାପକ ଆର୍ଥିକ ହେରଫେର, ବିନା ଅନୁମୋଦନରେ ସଂଘର ବାଇ ଲ'କୁ ଅଣଦେଖା କରିବା ଆଦି ଅଭିଯୋଗର ତଦନ୍ତ କରାଯିବ ।

ଅଲଓଡ଼ିଶା ଚେସ ଆସୋସିଏସନର କାର୍ଯ୍ୟ ନିର୍ବାହୀ କମିଟି ବୈଠକରେ କାର୍ଯ୍ୟରତ ସମ୍ପାଦକ ଦେବବ୍ରତ ଭଞ୍ଜଙ୍କୁ ସସପେଣ୍ଡ କରିବା ନେଇ ସର୍ବସମ୍ମତି ପ୍ରକାଶ ପାଇଥିଲା । ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ତଥା ତଦନ୍ତ ନିଷ୍ପତ୍ତି ହୋଇଛି । ତୃତୀୟ ଇସି ବୈଠକ ଗତ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଏହାପରେ ସମ୍ପାଦକ ଦେବବ୍ରତ ଭଞ୍ଜଙ୍କୁ ନୋଟିସ୍ କରାଯାଇଛି । ଏହି ନୋଟିସରେ ବ୍ୟାପକ ଅନିୟମିତତାର ତଦନ୍ତରେ ସହଯୋଗ କରିବାକୁ କୁହାଯାଇଛି । ସସପେଣ୍ଡ ସମୟରେ ସେ ସମ୍ପାଦକ ପଦ ଛାଡିବେ । ସେ ଅଲଓଡ଼ିଶା ଚେସ ଆସୋସିଏସନର ପ୍ରତିନିଧି ଭାବେ କାର୍ଯ୍ୟ କରିପାରିବେ ନାହିଁ । କୌଣସି ଅଫିସିଆଲ କିମ୍ବା ବ୍ୟାଙ୍କ ପରିଚାଳନା କରିପାରିବେ ନାହିଁ । ତଥା ୪୮ ଘଣ୍ଟା ମଧ୍ୟରେ ସମସ୍ତ ଦସ୍ତାବିଜ ହସ୍ତାନ୍ତର କରିବାକୁ କୁହାଯାଇଛି । ସମ୍ପାଦକ ସସପେଣ୍ଡ ସମୟରେ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ଦାୟିତ୍ୱ ସମ୍ପାଦନ କରିବେ । ସଂଘର ଦୈନନ୍ଦିନ କାର୍ଯ୍ୟ ତଥା ସମସ୍ତ ଅଫିସିଆଲ କାର୍ଯ୍ୟ ସମ୍ପାଦନ କରିବେ । କାର୍ଯ୍ୟ ନିର୍ବାହୀ କମିଟି ଓ ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂଘ ତଥା ଯୁଗ୍ମ ସମ୍ପାଦକ କାର୍ଯ୍ୟ କରିବେ । ଏହି ନୋଟିସର ୭ ଦିନ ମଧ୍ୟରେ ଲିଖିତ ପ୍ରତିକ୍ରିୟା ଦେବାକୁ ସମ୍ପାଦକ ଦେବବ୍ରତ ଭଞ୍ଜଙ୍କୁ କୁହାଯାଇଛି । ରାଜ୍ୟ ସଂଘରେ ଅନୀୟମିତତା ତଦନ୍ତ ପାଇଁ ଏକ ସ୍ୱାଧୀନ ତଦନ୍ତ କମିଟି ଗଠନ ହେବ । ଯଦି ସମ୍ପାଦକଙ୍କ ଲିଖିତ ସ୍ୱୀକାରୋକ୍ତି ଭୁଲ ପ୍ରମାଣିତ ହୁଏ ତେବେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏଥିରେ ଦର୍ଶା ଯାଇଛି ।

### ମୋ ବିରୋଧରେ ସବୁ ଅଭିଯୋଗ ମିଛ, ପ୍ରମାଣିତ ହେଲେ ସବୁ ଫେରାଇବି: ଦେବବ୍ରତ ଭଞ୍ଜ



ଅଲଓଡ଼ିଶା ଚେସ୍ ଆସୋସିଏସନର ସମ୍ପାଦକ ପଦରୁ ହଟାଇବା ପାଇଁ ମୋ ବିରୋଧରେ ବିଧିବଦ୍ଧ ଚକ୍ରାନ୍ତ ହୋଇଛି । ଯେଉଁ ସବୁ ଅନୀୟମିତତା ଅଭିଯୋଗ ଆସିଛି ସେ ସବୁ ମିଛ । କେବଳ ମୋ ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିବା ପାଇଁ ଚକ୍ରାନ୍ତ ହୋଇଛି । ମୁଁ ସମସ୍ତ ତଦନ୍ତରେ ସବୁ ବେଳେ ସହଯୋଗ କରିବା ପାଇଁ କହିଆସିଛି । ଆଗକୁ ତଦନ୍ତରେ ମଧ୍ୟ ମୁଁ ସହଯୋଗ କରିବି । ଯଦି ଅନୀୟ ମିତତା ତଥା ଆର୍ଥିକ ହେରଫେର ପ୍ରମାଣିତ ହୁଏ ତେବେ ମୁଁ ନିଜେ ସମ୍ପାଦକ ପଦରୁ ଇସ୍ତଫା ଦେବି । ଏତଦ୍ ବ୍ୟତୀତ ଯେତେ ପରିମାଣର ଅର୍ଥ ହେରଫେର ପ୍ରମାଣିତ ହେବ ସେ ସବୁ ଅର୍ଥ ମୁଁ ଫେରାଇ ଦେବା ପାଇଁ ପ୍ରସ୍ତୁତ ଅଛି । ରାଜ୍ୟରେ ଚେସକୁ ଆଗେଇ ନେବା ପାଇଁ ମୁଁ ପ୍ରୟାସ କରିଥିଲି । ଆଗକୁ ମଧ୍ୟ ଏହି ଧାରା ଜାରି ରହିବ ବୋଲି ଶ୍ରୀ ଭଞ୍ଜ କହିଛନ୍ତି ।



All Orissa Chess Association
Affiliated to : ALL INDIA CHESS FEDERATION (AICF)

President: Shri Satya Ranjan Patnaik
Vice President: Shri Shankar Prasad Mishra
Secretary: Shri Debabrata Bhanja
Joint Secretary: Shri Bhabesh Mohanty
Treasurer: Shri Bidhu Bhusan Mishra
Executive Committee Members: Shri Pradip Kumar Mohanty, Smt. Padmini Singh, Shri Abhisek Acharya, Shri Ritesh Rath

Letter No. 046 Date: 24.02.2026

[illegible]

(Satya Ranjan Patnaik)
President
All Odisha Chess Association

## ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ: ଜଟଣୀ ବିଜୟୀ

ଖଣ୍ଡପଡ଼ା,୨୫ା୨(ସବ୍ୟୁ): ଖଣ୍ଡପଡା ସହରାଞ୍ଚଳର ମଧୁବନ ମିନି ଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ ଫୁଟବଲ ଟୁର୍ଣ୍ଣାମେଣ୍ଟରୁଧାର ଅନୁଷ୍ଠିତ ୪ର୍ଥ ତଥା ଅନ୍ତିମ ଲିଗ ମ୍ୟାଚରେ ଫ୍ରେଣ୍ଡସ ପାରାଡାଇଜ କ୍ଲବ ଜଟଣୀ ୧-୦ ଗୋଲରେ ରକି ସ୍ପୋର୍ଟିଂ ବୌଦ୍ଧକୁ ପରାସ୍ତ କରି ବିଜୟୀ ହୋଇଥିବା ଜଣାଯାଇଛି । ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ସ୍ଥାନୀୟ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କ ସହ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ । ମୁଖ୍ୟ ରେଫରୀ ଭାବେ ବରିଷ୍ଠ କ୍ରୀଡାବିତ ରାଜୁ ମହାନ୍ତି ମ୍ୟାଚକୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ପ୍ରସନ୍ନ ନାୟକ ଓ ସଗିର ଅହମ୍ମଦ । ଚତୁର୍ଥ ରେଫରୀ ଭାବେ ସମୀର ଖୁଣ୍ଟିଆ ଦାୟିତ୍ୱ ତୁଲାଇଥିଲେ । ଅନ୍ୟତମ ଅତିଥି ଭାବେ ଖଣ୍ଡପଡ଼ା ତହସିଲଦାର ବିଶିଶୃତ ତ୍ରିପାଠୀ, ଭାପୁର ତହସିଲଦାର ଲୋପାମୁଦ୍ରା ରଥ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ମଦନମୋହନ ପ୍ରଧାନ, କଟକ ଲୋକସଭା ସାଂସଦଙ୍କ ନୟାଗଡ଼ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ଖଣ୍ଡପଡ଼ା ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ ପ୍ରମୁଖ ଯୋଗଦେଇ ଖେଳାଳୀ ଓ ଆୟୋଜକ ମାନଙ୍କୁ ଉତ୍ସାହିତ କରିଥିଲେ । ଖୁବଶୀଘ୍ର ମଧୁବନ କ୍ରୀଡାଙ୍ଗନର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ ଏହି ଅବସରରେ ଘୋଷଣା କରିଥିଲେ ।ଆସନ୍ତାକାଲି ଗୁରୁବାର କଟକ ବିଡାନାସୀ ଫୁଟବଲ ଏକାଡେମୀ ଓ ବାପୁଜୀ କ୍ଲବ କଟକ ମଧ୍ୟରେ ପ୍ରଥମ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଟୁର୍ଣ୍ଣାମେଣ୍ଟର ଆୟୋଜକ ତଥା ବରିଷ୍ଠ କ୍ରୀଡାବିତ ଭିକାରୀ ଖଣ୍ଡାୟତଙ୍କ ଠାରୁ ପ୍ରକାଶ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରେଣୀଗତ ବିଜ୍ଞାପନ ଦେବାକୁ ଚାହୁଁଥିବା ଗ୍ରାହକ ବାଣୀ ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୨୪ / ଇମେଲ୍;classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୨୪ରେ ଯୋଗାଯୋଗ କରନ୍ତୁ ।

# ଶିଖର ଧାୱନ ପାଇବେ ୫.୭ କୋଟି



ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ଼ମିଣ୍ଟନ ବିଶ୍ୱ ଚାମ୍ପିଅନ ପ୍ରମୋଦ ଭଗତ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ କରୁଛନ୍ତି ।

ନୂଆଦିଲ୍ଲୀ,୨୫ା୨(ଏଜେନ୍ସି): ପୂର୍ବତନ ଭାରତୀୟ ଓପନର ଶିଖର ଧାୱନ ସମ୍ପ୍ରତି ସୋଫିଆ ସାଇନଙ୍କୁ ଦ୍ୱିତୀୟ ବିବାହ କରିଛନ୍ତି । ରୋହିତ ଶର୍ମା, ରାହୁଲ ଦ୍ରାବିଡ, ଇର୍ଫାନ ପଠାନ ଏବଂ ସୁରେଶ ରାଇନାଙ୍କ ସମେତ ଅନେକ ଭାରତୀୟ କ୍ରିକେଟର ଏହି ବିବାହରେ ଉପସ୍ଥିତି ଥିଲେ । ବିବାହର ମାତ୍ର କିଛି ଦିନ ପରେ ଧାୱନଙ୍କୁ କିଛି ଆସ୍ୱସ୍ତି ମିଳିଛି । ଦିଲ୍ଲୀର ଏକ ପରିବାର କୋର୍ଟ ଧାୱନଙ୍କ ପୂର୍ବତନ ପତ୍ନୀ ଆୟେଶା ମୁଖାର୍ଜୀଙ୍କୁ ୫.୭୨ କୋଟି ଟଙ୍କା ହରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଧାୱନ ୨୦୨୩ରେ ଆୟେଶାଙ୍କୁ ଛାଡ଼ପତ୍ର ଦେଇଥିଲେ । ସେବେ ଠାରୁ ଆଇନଗତ ଲଢ଼େଇ ଲଢୁଥିଲେ । ଏହି ସମ୍ପୂର୍ଣ୍ଣ ମାମଲାଟି ଅଷ୍ଟ୍ରେଲିଆର ଏକ ପରିବାର ଅଦାଲତାର ଆଦେଶରେ ଆରମ୍ଭ ହୋଇଥିଲା । ଶିଖର ଧାୱନଙ୍କ ପୂର୍ବତନ ପତ୍ନୀ ଆୟେଶା ମୁଖାର୍ଜୀ ଜଣେ ଅଷ୍ଟ୍ରେଲିଆ ନାଗରିକ । ସେ ସମ୍ପତ୍ତି ସମାଧାନ ପାଇଁ ଅଷ୍ଟ୍ରେଲୀୟ ନ୍ୟାୟ ପାଳିକାର ଦ୍ୱାରସ୍ତ ହୋଇଥିଲେ । ଫଳ ସ୍ୱରୂପ ଧାୱନ ତାଙ୍କ ପୂର୍ବତନ ପତ୍ନୀଙ୍କୁ ୫.୭୨ କୋଟି ଟଙ୍କା ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଦିଲ୍ଲୀ ପରିବାର କୋର୍ଟ ଭାରତୀୟ ମାଟିରେ ଅଷ୍ଟ୍ରେଲୀୟ ଆଦେଶର



ବୈଧତାକୁ ଚ୍ୟାଲେଞ୍ଜ କରିଥିଲେ । ବିଚାରପତି ବିଶ୍ୱାସ କରିଥିଲେ ଯେ ଅଷ୍ଟ୍ରେଲିଆ ସାମାଧାନ ଧାରଣା ଭାରତୀୟ ଆଇନ ବ୍ୟବସ୍ଥା ପାଇଁ ଅପରିଚୟ, ଭାରତୀୟ ବୈବାହିକ ଆଇନ, ବିଶେଷକରି ହିନ୍ଦୁ ବିବାହ ଆଇନରେ ନିର୍ଦ୍ଦିଷ୍ଟ ସମ୍ପତ୍ତି କିମ୍ବା ପାଣ୍ଠି ହସ୍ତାନ୍ତର ପାଇଁ କୌଣସି ସିଧାସଳଖ ବ୍ୟବସ୍ଥା ନାହିଁ । ଯେପରି ଅଷ୍ଟ୍ରେଲିଆ କୋର୍ଟଙ୍କ ଆଦେଶକୁ ଅସିଦ୍ଧ ଘୋଷଣା କରିଥିଲେ । ଆୟେଶା ମୁଖାର୍ଜୀଙ୍କୁ ଧାୱନଙ୍କୁ ୫.୭୨ କୋଟି ଟଙ୍କା ଫେରାଇବାକୁ ନିର୍ଦ୍ଦେଶ ଦେଇଥିଲେ ।

## ନ୍ୟୁଜିଲାଣ୍ଡକୁ ଜିତାଇଲେ ରବୀନ୍ଦ୍ର

କଲମ୍ବୋ,୨୫ା୨(ଏଜେନ୍ସି): ଆଇସିସି ଟି-୨୦ ବିଶ୍ୱକପର ସୁପର-୮ ପର୍ଯ୍ୟାୟରେ ବୁଧବାର ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ଜିତାଇଛନ୍ତି ରଚିନ ରବିନ୍ଦ୍ର । ୨୨ ବଲରୁ ୩୨ ରନ ସାଙ୍ଗକୁ ୨୭ ରନ୍ ଦେଇ ୪ ୱିକେଟ୍ ଅକ୍ତିଆର କରି ରଚିନ ରବିନ୍ଦ୍ର ଶ୍ରୀଲଙ୍କାକୁ ଆତ୍ମସମର୍ପଣ କରିବାକୁ ବାଧ କରିଥିଲେ । ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ୨୦ ଓଭରରେ ୭ ୱିକେଟ୍ ହରାଇ ୧୬୮ ରନ୍ କରିଥିଲା । ଜବାବରେ ଶ୍ରୀଲଙ୍କା ୨୦ ଓଭରରେ ୮ ୱିକେଟ୍ ହରାଇ ୧୦୭ ରନ୍ କରିବାକୁ ସକ୍ଷମ ହୋଇଥିଲା । ଫଳରେ ନ୍ୟୁଜିଲାଣ୍ଡ ୬୧ ରନ୍ ବ୍ୟବଧାନରେ ବିଜୟ ଲାଭ କରିଛି । ଦୁଇଟି ମ୍ୟାଚରୁ ଗୋଟିଏ ବିଜୟ ସହ ୩ ପଏଣ୍ଟ ହାସଲ କରି ନ୍ୟୁଜିଲାଣ୍ଡ ସୁପର-୮ ଗ୍ରୁପ୍ ୨ର ଦ୍ୱିତୀୟ ସ୍ଥାନରେ ରହିଛି ।

## ମା ମାହେଶ୍ୱରୀ ଫୁଟବଲ: ଫାଇନାଲରେ କନ୍ଧମାଳ

ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକୟୁଥ ଆନୁକୂଲ୍ୟରେ ଅନୁଷ୍ଠିତ ମା ମାହେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହିମ୍ୟାଚ କନ୍ଧମାଳ ଏବଂ ବରଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କନ୍ଧମାଳ ୨ ଟି ଗୋଲ ଦେଇଥିବା ବେଳେ ବରଗଡ ୧ ଟି ଗୋଲ ପରିଶୋଧ କରିଥିଲେ। ଖେଳ ଶେଷ ସୁଦ୍ଧା ଆଉ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ କନ୍ଧମାଳ ୨- ୧ ଗୋଲ ରେ ବିଜୟୀ ହୋଇ ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ମ୍ୟାଚରେ ମୁଖ୍ୟ ରେଫରି ଭାବରେ ସାଗର ବେହେରା ଲାଇନ୍ସ ମ୍ୟାନ ଭାବେ ଶଶିକାନ୍ତ ଦାଶିଆ, ସଲିଲ ବେହେରା ଖେଳ କୁ ପରିଚାଳନା କରିଥିଲେ। ଏହି ମ୍ୟାଚ ଅବସରରେ ଅତିଥି ଭାବରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ବିଜୟାନନ୍ଦ ଚାଉଳିଆ, ନଗର କଂଗ୍ରେସ ସଭାପତି ଇଂ କମଳାକାନ୍ତ ପ୍ରଧାନ,ଆଠମଲ୍ଲିକ ବ୍ଲକ କଂଗ୍ରେସ ସଭାପତି ସୁରେନ୍ଦ୍ର କୁମାର ସାହୁ, କିଶୋର ନଗର ବ୍ଲକ କଂଗ୍ରେସ ସଭାପତି ଆଲୋକ କୁମାର ପ୍ରଧାନ ଉପସ୍ଥିତ ଥିଲେ। ପ୍ରଥମେ ଅତିଥି ମାନେ ଉଭୟ ଦଳର ଖେଳାଳିମାନଙ୍କ ସହ କରମର୍ଦନ କରି ପରିଚୟ ଆଦାନ ପ୍ରଦାନ କରିଥିଲେ। ଆଠମଲ୍ଲିକୟୁଥର ସଭାପତି ହୁସେନ ଖାଁ, ସମ୍ପାଦକ ଅବିନାଶ ଷଡ଼ଙ୍ଗୀ, ସଦସ୍ୟ ମହେନ୍ଦ୍ର ସାହୁ, ଅରବିନ୍ଦ ଜ୍ୟୋତିଷ ରାୟ, ପ୍ରଦୀପ ବାଘ, ଅନିଲ ମହାଲିକ,ନିରାକାର ଭୁକ୍ତା,ସିଦ୍ଧାର୍ଥ ଶଙ୍କର ମହାକୁଡ଼, ବିଶ୍ୱମ୍ବର ବେହେରାଙ୍କ ସମେତ ଆଠମଲ୍ଲିକୟୁଥ ର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ। ଗୁରୁବାର ଭୁବନେଶ୍ୱର ଏବଂ ସୁନ୍ଦରଗଡ଼ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆଠମଲ୍ଲିକୟୁଥ ତରଫରୁ ଜଣା ପଡିଛି ।

### ଜାତୀୟ ସବ୍ ଜୁନିୟର ଭଲିବଲ ଚାମ୍ପିଅନସିପ୍

## ଟିଏସ୍‌ଏଫ୍‌ର ୬ ଖେଳାଳି ସାମିଲ

ଢେଙ୍କାନାଳ,୨୫ା୨(ସବ୍ୟୁ): ଗ୍ରାମାଞ୍ଚଳରେ କ୍ରୀଡାବିତ୍ ସୃଷ୍ଟି କରିବା ଓ ଉତ୍ତମ ପ୍ରଶିକ୍ଷଣ ମାଧ୍ୟମରେ ଜାତୀୟ ସ୍ତରରେ ସେମାନଙ୍କ ପରିଚୟ ସୃଷ୍ଟି କରିବାରେ ଟାଟାଷ୍ଟିଲ ନେଇଛି ପଦକ୍ଷେପ । ପଶ୍ଚିମବଙ୍ଗରେ ଆୟୋଜିତ ଜାତୀୟ ସବ୍ ଜୁନିୟର ଭଲିବଲ୍ ଚାମ୍ପିଅନସିପ୍‌ରେ ଖେଳିବାପାଇଁ ଓଡିଶା ଟିମ୍‌ରେ ଟାଟା ଷ୍ଟିଲ୍ ପ୍ଲାଣ୍ଟ ଆଖପାଖ ଗ୍ରାମର ୬ଜଣ ଯୁବ ଭଲିବଲ୍ ଖେଳାଳି ସାମିଲ ହୋଇଛନ୍ତି । ୨୪ ଫେବୃୟାରୀରୁ ଆରମ୍ଭ ହୋଇଥିବା ଏହି ମ୍ୟାଚ୍ ଆସନ୍ତା ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡିଶା ଟିମ୍ ପାଇଁ ମନୋନୀତ ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ପାଇକ୍ ପୁରୁଣାକୋଟ୍ ଗ୍ରାମର ସୋମ୍ୟା ସନ୍ଦୀପା ଗଡନାୟକ, ସ୍ୱତୀ ଭୋଇ, ବାଦଲ ନାଏକ, ଗଛିଗାଡିଆର ଅରୁଷ ନାଏକ ଏବଂ ତାଳବାହାଳ ଗ୍ରାମର ରୋଜାଲିନ୍ ନାଏକ ଓ ମିକି ନାଏକ। ଏହି ଖେଳାଳିମାନେ ପୂର୍ବରୁ ୧୪ ବର୍ଷରୁ କମ୍ ବର୍ଗର ଟିମ୍‌ରେ ସାମିଲ ହୋଇ ଓଡିଶାକୁ ପ୍ରତିନିଧିତ୍ୱ କରିଥିଲେ । ତୃଣମୂଳ ସ୍ତରରେ କ୍ରୀଡାର ବିକାଶ ପାଇଁ ୨୦୧୯ରେ ମାତ୍ର ୧୧ଜଣ ଖେଳାଳୀଙ୍କୁ ନେଇ ଟିଏସ୍‌ଏଫ୍ ପକ୍ଷରୁ ଏହି ପ୍ରୟାସ ଆରମ୍ଭ ହୋଇଥିଲା। ବର୍ତ୍ତମାନ ପ୍ଲାଣ୍ଟ ପରିସରରୁ ୧୫ କିଲୋମିଟର ମଧ୍ୟରେ ଥିବା ବିଭିନ୍ନ ଗ୍ରାମର ୫୭୫ ପୁରୁଷ ଓ ୧୨୦ ମହିଳା ଖେଳାଳୀ ଏଠାରେ ପ୍ରଶିକ୍ଷଣ ନେଉଛନ୍ତି । ଗତ ଦୁଇ ବର୍ଷରେ ୧୩୫ଜଣ ଜିଲ୍ଲା ଓ ୮୪ ଜଣ ରାଜ୍ୟ ସ୍ତରୀୟ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିଥିବା ବେଳେ ୨୩ଜଣ ଜାତୀୟସ୍ତରରେ କ୍ରୀଡା ପ୍ରଦର୍ଶନ କରିଛନ୍ତି ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି